RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ISSUE-8 BHUBANESWAR WEDNESDAY 3 JULY 2024 PAGE-16 ₹ 6.00
ବର୍ଷ-୪୨ ସଂଖ୍ୟା-୮ ଭୁବନେଶ୍ୱର ବୁଧବାର ୩ ଜୁଲାଇ ୨୦୨୪ ପୃଷ୍ଠା-୧୬ ଟ.୬.୦୦




'ୱେଲ୍‌କମ୍ ଟୁ ଦ ଜଙ୍ଗଲ'

ପୃଷ୍ଠା ୧୪ ଦେଖନ୍ତୁ...

# ସତ୍‌ସଂଗରେ ମୃତ୍ୟୁର ତାଣ୍ଡବ

## ଦଳାଚକଟାରେ ଗଲା ୧୧୬ ଜୀବନ



**ମୃତକଙ୍କ ମଧ୍ୟରେ ୧୨ ଶିଶୁ, ୩୦ରୁ ଊର୍ଦ୍ଧ୍ୱ ମହିଳା**

**ଭୋଲେବାବାଙ୍କ ପ୍ରବଚନ ସଭାରେ ରୁଣ୍ଡ ହୋଇଥିଲେ ଲକ୍ଷାଧିକ ଅନୁଗାମୀ**

**ଦୁଃଖ ପ୍ରକାଶ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ**

**ମୃତକଙ୍କ ଆତ୍ମୀୟଙ୍କୁ ୪ ଲକ୍ଷ ଓ ଆହତଙ୍କୁ ୧ ଲକ୍ଷ ଲେଖାଏଁ ଅନୁକମ୍ପା**

■ **ଲକ୍ଷ୍ନୌ, ୨।୭ (ଏଜେନ୍ସି):** ଉତ୍ତରପ୍ରଦେଶର ହାଥରସ ଜିଲ୍ଲାର ସିକନ୍ଦରା ରାଓ ଅଞ୍ଚଳରେ ଏକ ସତ୍‌ସଂଗ ସ୍ଥଳରେ ଦଳାଚକଟା ହେବାରୁ ଅନ୍ୟୁନ ୧୧୬ ଜଣଙ୍କ ମୃତ୍ୟୁ ଘଟିବା ସହିତ ୧୫୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩୦ରୁ ଅଧିକ ମହିଳା ଏବଂ ୧୨ ଜଣ ଶିଶୁ ସାମିଲ ରହିଥିବା ଜଣାପଡ଼ିଛି। ଏଭଳି ଏକ ଦୁଃଖଦ ଘଟଣା ମଙ୍ଗଳବାର ଏଠାକାର ରତି ଭାନପୁର ଗ୍ରାମରେ ଘଟିଛି। ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଦୁର୍ଘଟଣାରେ ମୃତକଙ୍କ ଆତ୍ମୀୟଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ୪ଲକ୍ଷ ଏବଂ ଆହତଙ୍କୁ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି।

ସୂଚନା ଅନୁସାରେ, ହାଥ୍‌ରସ୍‌ର ରତି ଭାନପୁର ଗ୍ରାମରେ ଭୋଲେବାବା ନାମକ ଜଣେ ଧର୍ମାଧୀଶ ତାଙ୍କ ଅନୁଗାମୀମାନଙ୍କୁ ପ୍ରବଚନ ଶୁଣାଇବା ଉଦ୍ଦେଶ୍ୟରେ ଏକ ସତ୍‌ସଂଗ ଆୟୋଜନ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ଭାବେ ନିର୍ମିତ ତମ୍ବୁ ସ୍ଥଳରେ ଆଖପାଖ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କିନ୍ତୁ ତମ୍ବୁ ମଧ୍ୟରେ କିଛି ଘଣ୍ଟା ବିତାଇବା ପରେ ଲୋକମାନେ ଅସହ୍ୟ ଗରମ ଓ ଗୁଳୁଗୁଳି କାରଣରୁ ଅତିଷ୍ଠ ହେଇପଡ଼ିଥିଲେ। ସତସଂଗ ସରିବା ମାତ୍ରେ ଲୋକେ ତମ୍ବୁ ବାହାରକୁ ଚାଲିଯିବା ପାଇଁ ବ୍ୟଗ୍ର ହୋଇ ଦୌଡ଼ାଦୌଡ଼ି କରିଥିଲେ। ଫଳରେ ବାହାରକୁ ଯିବା ପାଇଁ ରାସ୍ତା ଅବରୁଦ୍ଧ ହୋଇପଡ଼ିଥିଲା। ତମ୍ବୁ ବାହାରେ ଧାଡ଼ିଧାଡ଼ି ମୋଟର ସାଇକେଲ ପାର୍କ ହୋଇଥିବାରୁ ଲୋକେ ବାହାରିବାକୁ ସକ୍ଷମ ହେଇନଥିଲେ। ଠେଲାପେଲାରେ କିଛି ଲୋକ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟମାନେ ତଳେ ପଡ଼ିଥିବା ଲୋକଙ୍କୁ ମାଡ଼ିମକଚି ଯଥା ସମ୍ଭବ ଶୀଘ୍ର ବାହାରକୁ ଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ସମୟରେ ରାସ୍ତା କଡ଼ରେ ଥିବା ଏକ ଡ୍ରେନରେ ଅନେକ ଲୋକ ପଡ଼ିଯାଇଥିଲେ। ସ୍ଥିତି ଏଭଳି ହୋଇଥିଲା ଯେ, ଡ୍ରେନରେ ପଡ଼ିଥିବା ଲୋକଙ୍କୁ ବାହାର କରିବା କଷ୍ଟସାଧ ହୋଇପଡ଼ିଥିଲା। କେବଳ ଡ୍ରେନରେ ପଡ଼ି ୩୦ରୁ ଅଧିକ ଲୋକଙ୍କ ପ୍ରାଣ ଯାଇଥିଲା ବେଳେ ଦଳାଚକଟାରେ ବାକି ଲୋକ ପ୍ରାଣ ହାରାଇଥିଲେ। ଏହି ଘଟଣାରେ ଆହତ ହୋଇଥିବା ୧୫୦ରୁ ଅଧିକ ଲୋକଙ୍କୁ ନିକଟସ୍ଥ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୯

### ରାହୁଲଙ୍କ 'ହିଂସ୍ରକ' ବୟାନ ଉପରେ ମୋଦୀଙ୍କ ଜବାବ

# ହିନ୍ଦୁ ହିଂସ୍ର ନୁହେଁ; ସହନଶୀଳ



**ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ**

**ଲୋକସଭା ଅନିର୍ଦ୍ଦିଷ୍ଟ କାଳ ମୁଲତବୀ**

■ **ନୂଆଦିଲ୍ଲୀ, ୨।୭ (ଏଜେନ୍ସି):** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା କରି ମଙ୍ଗଳବାର ଲୋକସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ହିଂସ୍ରକ' ବୟାନ ଉପରେ ଜବାବ ରଖିଛନ୍ତି। ଅଷ୍ଟାଦଶ ଲୋକସଭାର ସ୍ୱତନ୍ତ୍ର ଅଧିବେଶନର ସପ୍ତମ ଦିନରେ ରାହୁଲଙ୍କ ନାଁ ନ ନେଇ କଂଗ୍ରେସକୁ ନିଶାଣ କରି ପ୍ରଧାନମନ୍ତ୍ରୀ ମୋଦୀ ବର୍ଷିଥିଲା ବେଳେ ଏହି ଦଳ ସଂସଦ ଭଳି ପବିତ୍ର ଗୃହରେ କେବଳ ମିଥ୍ୟାରୋପ କରି ସଂସଦୀୟ ପରମ୍ପରା ପ୍ରତି କୁଠାରଘାତ କରିଛି ବୋଲି ସେ କହିଛନ୍ତି।

ବିଶେଷକରି ହିନ୍ଦୁମାନଙ୍କ ପ୍ରତି ରାହୁଲ ଗାନ୍ଧୀ ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହାକୁ ତୀବ୍ର ବିରୋଧ କରି ମୋଦୀ କହିଛନ୍ତି ଯେ ହିନ୍ଦୁଙ୍କୁ ହିଂସ୍ରକ କହିବା କଂଗ୍ରେସର ପରମ୍ପରା ହୋଇ ରହିଆସିଛି। ହିନ୍ଦୁମାନେ ହିଂସା ଏବଂ ଦଙ୍ଗାହଙ୍ଗାମା ସହିତ ଜଡ଼ିତ ବୋଲି ରାହୁଲ ଦେଇଥିବା ମନ୍ତବ୍ୟକୁ ଦେଶବାସୀ କ୍ଷମା ଦେବେନାହିଁ। ହିନ୍ଦୁତ୍ୱ ହିଂସାକୁ ପ୍ରଶ୍ରୟ ଦିଏ ନାହିଁ; ବରଂ ହିନ୍ଦୁଙ୍କ ସହନଶୀଳତା ପାଇଁ ଆଜି ଗଣତନ୍ତ୍ର ତିଷ୍ଠି ରହିଛି। କିନ୍ତୁ କଂଗ୍ରେସ ହିନ୍ଦୁ ସମାଜ ବିରୋଧରେ ଅପପ୍ରଚାର ପାଇଁ ଷଡ଼ଯନ୍ତ୍ର ଚଳାଇଛି ବୋଲି ମୋଦୀ କହିଛନ୍ତି। କେବଳ ହିନ୍ଦୁତ୍ୱ କଥା ନୁହେଁ; ଇଭିଏମ ଏବଂ ସମ୍ବିଧାନକୁ ନେଇ ମଧ୍ୟ କଂଗ୍ରେସ ମିଥ୍ୟାର ସୀମା ଟପିଛି। ମିଥ୍ୟାକୁ ଆଧାର କରି କଂଗ୍ରେସ ନେତାମାନେ ଯେଭଳି ନାରାବାଜି ଚଳାଇଛନ୍ତି ତାହା ସୋଲେ ଫିଲ୍ମକୁ ବି ପଛରେ ପକାଇ ଦେଇଛି। ଏହି ଦଳ ୧୬ଟି ରାଜ୍ୟରେ ଭୋଟରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଥିଲା ବେଳେ ଦଳର ଭୋଟ ଶେୟାର ସାରା ଦେଶରେ ୨୬ ପ୍ରତିଶତ ରହିଛି। କିନ୍ତୁ ବିରୋଧୀ ଭୂମିକା ନିଭାଇବା କଷ୍ଟକୁ କଂଗ୍ରେସ ହଜମ ନ କରିବା ଭୟରେ ଏଭଳି ମିଥ୍ୟାରୋପ କରୁଛି। ୨୦୨୪ ନିର୍ବାଚନରେ ଦେଶବାସୀ ବିଜେପି ପ୍ରତି ଦୃଢ଼ ସମର୍ଥନ ଜଣାଇ ଏହାର ସହଯୋଗୀ ଦଳମାନଙ୍କ ସହିତ ସରକାର ଗଢ଼ିବାକୁ ଶ୍ରେୟ ଦେଇଛନ୍ତି। ହେଲେ ପରାଜୟ ଗ୍ଲାନିକୁ ନେଇ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ମିଥ୍ୟାରୋପ କରି ନାରାବାଜି ଚଳାଇଛି। କିନ୍ତୁ ସଂସଦରେ ଜଣେ ବିରୋଧୀ ଦଳ ନେତାଙ୍କ ଆଚରଣକୁ ନେଇ ସମ୍ବିଧାନର ଗାରିମା ସହ ଖେଳ ହୋଇପାରିବ ନାହିଁ।

ଗତକାଲି ବିରୋଧୀ ନେତା ଭାବେ ଯେଭଳି ଢଙ୍ଗରେ ବିଭିନ୍ନ ପ୍ରସଙ୍ଗରେ ମିଥ୍ୟାରୋପ କରିଥିଲେ ତାହା ତାଙ୍କର ବାଳକ ବୁଦ୍ଧିକୁ ସୂଚାଉଛି। କିନ୍ତୁ ଏହାକୁ ମଧ୍ୟ କ୍ଷମା ଦିଆଯାଇପାରିବ ନାହିଁ। ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ ବୋଲି ମୋଦୀ କହିଛନ୍ତି। କଂଗ୍ରେସ କେବଳ ଦେଶରେ ତୁଷ୍ଟୀକରଣ ନୀତିରେ କାର୍ଯ୍ୟ କରୁଛି। କିନ୍ତୁ ତାଙ୍କ ସରକାର ସନ୍ତୁଷ୍ଟିକରଣ ନୀତିରେ କାର୍ଯ୍ୟ କରୁଛି। କଂଗ୍ରେସ ୨୦୨୪ରେ ଏକ ପରଜୀବୀ ଦଳ ଭାବେ ଉଭା ହୋଇଛି। ଚଳିତ ନିର୍ବାଚନରେ ଦଳକୁ ମାତ୍ର ୯୯ ଆସନ ମିଳିଥିଲା ବେଳେ ବାକି ଦଳଙ୍କ ଉପରେ କଂଗ୍ରେସ ନିର୍ଭରଶୀଳ ▶ପୃଷ୍ଠା-୯

**୫ରେ ଯାଞ୍ଚ କମିଟି ବୈଠକ**

# ୮ରେ ଖୋଲିବ ରତ୍ନଭଣ୍ଡାର

### ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରିଥିଲେ ନବୀନ ସରକାର

■ **ଭୁବନେଶ୍ୱର, ୨।୭ (ସମିସ):** ଆସନ୍ତା ୮ ତାରିଖରେ ଖୋଲିବ ଶ୍ରୀମନ୍ଦିର ରତ୍ନଭଣ୍ଡାର। ୮ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାରରେ ଶ୍ରୀଜୀଉଙ୍କ ରତ୍ନର ଗଣତି ହେବ। ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱାରା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏହି ଯାଞ୍ଚ କରିବେ। କମିଟିର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ଅରିଜିତ୍ ପଶାୟତ ଆସନ୍ତା ୪ ତାରିଖ ଦିନ ଓଡ଼ିଶାରେ ପହଞ୍ଚିବେ ଓ ୫ ତାରିଖରେ ଯାଞ୍ଚ କମିଟି ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୁଲାଇ ୮ରୁ ୨୭ ତାରିଖ ଯାଏଁ ୧୯ ଦିନ ଧରି ରତ୍ନଭଣ୍ଡାର ଯାଞ୍ଚ କରିବେ। ଏହି ସମୟରେ ଅଳଙ୍କାର ଗଣନା ହେବା ନେଇ ଯଥେଷ୍ଟ ସମ୍ଭାବନା ଥିବା କୁହାଯାଉଛି।

ରତ୍ନଭଣ୍ଡାର ଯାଞ୍ଚ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ ୧୨ ଜଣିଆ କମିଟି ଗଠନ କରିଥିଲେ। ଏହି କମିଟିରେ ବିଖ୍ୟାତ ହୃଦରୋଗ ବିଶେଷଜ୍ଞ ଡା. ରମାକାନ୍ତ ପଣ୍ଡା, ଆହ୍ଲାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ବିଧୂଭୂଷଣ ସାମଲ, ଚାଟାର୍ଡ ଆକାଉଣ୍ଟାଣ୍ଟ ଏ.କେ.ସାବତଙ୍କ ସହ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମନ୍ଦିର ପ୍ରଶାସନ କମିଟି, ଏଏସ୍‌ଆଇ ପ୍ରତିନିଧି ସଦସ୍ୟ ରହିଛନ୍ତି। ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଜେ କରିବା ସମୟରେ ଜୁଲାଇ ୮ ତାରିଖରେ ରତ୍ନଭଣ୍ଡାର ଖୋଲିବାକୁ ପୂର୍ବରୁ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ତଦନୁସାରେ ଆସନ୍ତା ୮ ତାରିଖରେ ରତ୍ନଭଣ୍ଡାର ଯାଞ୍ଚ ହେବ ବୋଲି କୁହାଯାଉଛି।

## ରଥଯାତ୍ରା ଛୁଟି ୨ ଦିନ

■ **ପୁରୀ, ୨।୭ (ସମିସ):** ଚଳିତବର୍ଷ ରଥଯାତ୍ରା ଦୁଇଦିନ ଧରି ଅନୁଷ୍ଠିତ ହେଉଥିବାରୁ ଏଥିପାଇଁ ଦୁଇଦିନ (ଜୁଲାଇ ୭ ଓ ୮ ତାରିଖ) ଛୁଟି ଘୋଷଣା ହୋଇଛି। ମଙ୍ଗଳବାର ରଥଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତରେ ଅନୁଷ୍ଠିତ ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଡ଼ ଘୋଷଣା କରିଛନ୍ତି। ଛୁଟି ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଦୀର୍ଘ ୫୩ବର୍ଷ ପୂର୍ବେ ଅର୍ଥାତ୍ ୧୯୭୧ ମସିହାରେ ଏଭଳି ଏକ ଭବ୍ୟ ଏବଂ ବିରଳ ରଥଯାତ୍ରା ହୋଇଥିଲା। ଏବେ ଏହାର ପୁନରାବୃତ୍ତି ▶ପୃଷ୍ଠା-୯

## ଆସୁଛି ୨ ଲଘୁଚାପ




■ **ଭୁବନେଶ୍ୱର, ୨।୭ (ସମିସ):** ଗୋଟିଏ ସପ୍ତାହରେ ମଧ୍ୟରେ ଦୁଇଟି ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୭ତାରିଖରେ ଗୋଟିଏ ଲଘୁଚାପ ସୃଷ୍ଟି ହେବାକୁ ଥିବା ବେଳେ ୧୫ କିମ୍ବା ୧୬ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ବିଭିନ୍ନ ମଡେଲରୁ ଜଣାପଡ଼ିଛି।

୭ ତାରିଖରେ ସୃଷ୍ଟି ହେବାକୁ ଥିବା ଲଘୁଚାପଟି ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ। ତେଣୁ ରାଜ୍ୟରେ ପୂର୍ବ ଲଘୁଚାପ ତୁଳନାରେ ଅଧିକ ବର୍ଷା ହୋଇବର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାୟ ୩-୪ଦିନ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ତେଣୁ ଜୁନ୍‌ରେ ଯେଉଁ ନିଅଣ୍ଟିଆ ବର୍ଷା ରହିଛି, ତାହା ଜୁଲାଇରେ ଭରଣା ହୋଇଯିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆଶା ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଁ ଭାଁ ବର୍ଷା ଆଶଙ୍କା ରହିଥିବା ବେଳେ ୬ ତାରିଖରୁ ରାଜ୍ୟରେ ବର୍ଷାର ପ୍ରକୋପ ବୃଦ୍ଧି ପାଇବ। ସେହିଦିନ ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ ଓ ରାୟଗଡ଼ାରେ ପ୍ରବଳ ବର୍ଷା ହୋଇପାରେ। ମଙ୍ଗଳବାର ରାଜ୍ୟରେ ବର୍ଷାର ପ୍ରକୋପ ହ୍ରାସ ହୋଇଛି। କାଁଭାଁ ଅଞ୍ଚଳକୁ ଛାଡ଼ିଦେଲେ, ସାରା ରାଜ୍ୟରେ ଶୁଖିଲା ପାଗ ରହିଥିଲା। ▶ପୃଷ୍ଠା-୯

## ଲୋକକଥା



ଶାସକ-ବିରୋଧୀ ମୁହାଁମୁହିଁ ହେଲେ
କମ୍ପିଲା ସଂସଦ ଭବନ,
ମନମୁଖୀ କାମ କରିଲେ ସର୍କାର
ବିରୋଧୀଏ ଦେବେ ଦାବନ !
ହଲଚଲ ହେବ ଶାସନ,
ପାଦେପାଦେ ଜଗି ବିରୋଧୀ ଚାଲିବେ
ଶାସକେ ଦେଖେଇ ଲଣ୍ଠନ !!

**ବିଜେପି-କଂଗ୍ରେସ ମୁହାଁମୁହିଁ**

# ମାଷ୍ଟରକ୍ୟାଣ୍ଟିନ୍‌ରେ ଖଣ୍ଡଯୁଦ୍ଧ

**ବୁଲିଲା ଠେଙ୍ଗା, ଉଡ଼ିଲା ପଥର**

**ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଲହୁଲୁହାଣ**

**କାଖରେ ଲାଠି ଜାକି ପୁଲିସ ନିରବ ଦର୍ଶକ**



■ **ଭୁବନେଶ୍ୱର, ୨।୭ (ସମିସ):** ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ଦେଇଥିବା ମନ୍ତବ୍ୟ ବିରୋଧରେ ବିଜେପି ଦେଶବ୍ୟାପୀ ପ୍ରତିବାଦ ଜାରି ରଖିଛି। ଏହାର ପ୍ରତିଫଳନ ଆଜି ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ବିଜେପି ଯୁବମୋର୍ଚ୍ଚାର କର୍ମୀମାନେ ମାଷ୍ଟରକ୍ୟାଣ୍ଟିନ୍‌ରେ ଥିବା କଂଗ୍ରେସ ଭବନ ଘେରାଉ କରିବା ସହ କଂଗ୍ରେସ ଭବନ ସମ୍ମୁଖରେ ଥିବା ରାହୁଲ ଗାନ୍ଧୀଙ୍କ ପୋଷ୍ଟରରେ ଗୋବର ଲେପିଥିଲେ। ଯାହାକୁ ନେଇ ଛାତ୍ର କଂଗ୍ରେସ କର୍ମୀମାନେ ଉତ୍‌କ୍ଷିପ୍ତ ହୋଇ ପ୍ରତିବାଦ କରିଥିଲେ। ଫଳରେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ଗୋଷ୍ଠୀ ପରସ୍ପର ଉପରକୁ ପଥର ମାଡ଼ କରିବା ସହ ବାଉଁଶ ଫାଳିଆରେ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ▶ପୃଷ୍ଠା-୯

### ବିଜେପିର ଅସଲ ଚରିତ୍ର ପଦାରେ ପଡ଼ିଛି: କଂଗ୍ରେସ

■ **ଭୁବନେଶ୍ୱର, ୨।୭ (ସମିସ):** ରାଜ୍ୟ କଂଗ୍ରେସ ଭବନ ଉପରେ ହୋଇଥିବା ଆକ୍ରମଣକୁ ରାଜ୍ୟ କଂଗ୍ରେସ ନିନ୍ଦା କରିଛି। ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ବିଜେପି କାର୍ଯ୍ୟକର୍ତ୍ତା ପ୍ରଦର୍ଶନ କରିଥିବା ବ୍ୟବହାର ଏବଂ ହିଂସାକାଣ୍ଡକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଦୃଢ଼ଭାବେ ନିନ୍ଦା କରିଛନ୍ତି। ଏହାସହ ସେ କହିଛନ୍ତି ଯେ ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ। ତେଣୁ ସେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବିଜେପିର ଗୁଣ୍ଡାଗର୍ଦ୍ଦି ଏହାର ଅସଲ ଚରିତ୍ରକୁ ପଦାରେ ପକାଇଛି। ରାଜ୍ୟ ରାଜଧାନୀରେ ପୋଲିସ ପ୍ରଶାସନର ଉପସ୍ଥିତିରେ ବିଜେପି ▶ପୃଷ୍ଠା-୯

**ଖୋଲିଲା ୫ ସାଇବର୍ ଅପରାଧୀଙ୍କ ଗୁମର**

# ୨୪ ରାଜ୍ୟରୁ ଠକିଛନ୍ତି କୋଟିକୋଟି

**ଡିଜିଟାଲ ଗିରଫ ମାମଲାରେ ଆସିଲା ଚାଞ୍ଚଲ୍ୟକର ତଥ୍ୟ**

**୮୦ଟି ବ୍ୟାଙ୍କରେ ଥିବା ୨୫ କୋଟି ଅଚଳ**

**ଜେରାକଲେ ୯ ରାଜ୍ୟର ୧୫ ତଦନ୍ତକାରୀ ସଂସ୍ଥା**

**ମହାରାଷ୍ଟ୍ରରେ ୫୧ ଓ କର୍ଣ୍ଣାଟକରେ ୪୯ ମାମଲା**

**ଚୀନ୍‌ରେ ଲୁଚିଛି ମୁଖିଆ**

■ **ଭୁବନେଶ୍ୱର, ୨।୭ (ସମିସ):** ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଡିଜିଟାଲ ଗିରଫ ଆଳରେ କେନ୍ଦ୍ର ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କଠାରୁ ୩୬ଲକ୍ଷ ଲୁଟ୍ ଘଟଣାର ତଦନ୍ତ କରୁକରୁ କମିସନରେଟ୍ ପୁଲିସ୍ ଏକ ବଡ଼ଧରଣର ଠକେଇର ସନ୍ଧାନ ପାଇଛି। ଏହି ଘଟଣାରେ ଗିରଫ ୫ ଅନ୍ତଃରାଜ୍ୟ ସାଇବର୍ ଅପରାଧୀ ଖାଲି ଓଡ଼ିଶା ନୁହେଁ, ପୂରା ଦେଶରେ ଚୂନ ଲଗାଇଛନ୍ତି। ପାଖାପାଖି ୨୪ଟି ରାଜ୍ୟରୁ ଏମାନେ କୋଟି କୋଟି ଟଙ୍କା ଲୁଟି ନେଇଛନ୍ତି। ଏମାନଙ୍କ ନାମରେ ଦେଶର ବିଭିନ୍ନ ରାଜ୍ୟରେ ୩୧୩ରୁ ଊର୍ଦ୍ଧ୍ୱ ଅଭିଯୋଗ ହୋଇଥିବା ବେଳେ ୧୦୦ଟି ମାମଲା ରୁଜୁ ହୋଇଥିବା ଜଣାଯାଇଛି। ସେହିପରି ଏମାନଙ୍କର ଦେଶବ୍ୟାପୀ ୮୦ଟି ବ୍ୟାଙ୍କର ୩୧୩ ଆକାଉଣ୍ଟରେ ୨୫କୋଟି ଟଙ୍କା ଜମା ରହିଛି। ଏହି ୨୫ କୋଟି ଟଙ୍କାକୁ ଫ୍ରିଜ୍ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି। ଧରାପଡ଼ିଥିବା ଗ୍ୟାଙ୍ଗ୍ ମୁଖିଆ ଲାଲେଙ୍ଗ୍ ଜୌଭା ▶ପୃଷ୍ଠା-୯




ସକାଳ
THE SAKALA
www.sakalaepaper.com

## ପୁଲିସ ଚାକିରି ଛାଡ଼ି ସାଜିଥିଲେ ପ୍ରବଚକ

# ସୁଟ୍, ଟାଇ, ଜୋତା ପିନ୍ଧି କରୁଥିଲେ ସତ୍‌ସଙ୍ଗ



- ଭୋଲେ ବାବାଙ୍କର ରହିଛି ଘରୋଇ ସେନା
- ରାଜନୀତି ସହ ରହିଛି ସମ୍ବନ୍ଧ
- ବଡ଼ ନେତାଙ୍କୁ ମଞ୍ଚରେ ଦେଖାଯାଇଛି
- ଚେଲାଙ୍କ ମଧ୍ୟରେ ଆଇଏଏସ-ଆଇପିଏସ୍

ହାଥରସ, ୨।୭ (ଏଜେନ୍ସି)

ଉତ୍ତର ପ୍ରଦେଶ (ୟୁପି) ର ହାଥରସ ପୁଣିଥରେ ନିନ୍ଦିତ ହୋଇଛି । ଚଳିତ ଥର ଦୁଷ୍କର୍ମ ପାଇଁ ନୁହେଁ, ବରଂ ଭୋଲେ ବାବା (ଛଦ୍ମ ନାମ) ଙ୍କ ସତ୍‌ସଙ୍ଗ ପାଇଁ ଦେଶବିଦେଶରେ ଅପକୀର୍ତ୍ତି ଅର୍ଜିଛି । ଏହି ସତ୍‌ସଙ୍ଗରେ ଦଳାଚକଟା ହୋଇଛି । ଏଥିରେ ମହିଳା ଏବଂ ଶିଶୁ ଫସି ଯାଇଛନ୍ତି । ୧୨୩ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ଶିଶୁ, ବୃଦ୍ଧ ଏବଂ ମହିଳା ସାମିଲ ଅଛନ୍ତି । ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାର ସମ୍ଭାବନା ରହିଛି । ଅନେକ ଲୋକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ଆମ୍ବୁଲାନ୍ସ ପରିବର୍ତ୍ତେ ଟ୍ରଲିରେ ଲୋକଙ୍କୁ ମେଡିକାଲ ନିଆଯାଇଛି । ଏହି ଅଘଟଣର କରୁଣ ଚିତ୍ର ଭାଇରାଲ ହେବାରେ ଲାଗିଛି । ଏହି ଅଘଟଣକୁ ନେଇ ଭୋଲେ ବାବା କିଏ ବୋଲି ପ୍ରଶ୍ନ ଉଠୁଛି । କେମିତି ତାଙ୍କୁ ଏତେ ବଡ଼ ଆୟୋଜନ କରିବାକୁ ଅନୁମତି ଦିଆଗଲା, ସୁରକ୍ଷା ବ୍ୟବସ୍ଥା କାହିଁକି ଯାଞ୍ଚ କରାଯାଇ ନ ଥିଲା, ଅବ୍ୟବସ୍ଥା କେମିତି ହେଲା, ପ୍ରଶାସନ କେମିତି ଆଖିବୁଜି ଦେଲା, ଏଥିପାଇଁ ଦାୟୀ କିଏ ଆଦି ଅନେକ ପ୍ରଶ୍ନ କରାଯାଉଛି ।

ଭୋଲେ ବାବାଙ୍କ ଅସଲ ନାମ ନାରାୟଣ ହରି । ସେ ଏଟାର ବାସିନ୍ଦା । ଅନେକ ସମୟରେ ୟୁପିର ବଡ଼ ବଡ଼ ନେତାଙ୍କୁ ତାଙ୍କ ମଞ୍ଚରେ ଦେଖାଯାଇଛି । ଏମାନଙ୍କ ମଧ୍ୟରେ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ସାମିଲ ଅଛନ୍ତି । ନାରାୟଣ ହରି ଏଟା ଜିଲ୍ଲା ବହାଦୁର ନଗରିର ପଟିୟାଲି ଗ୍ରାମର ବାସିନ୍ଦା । ସେ ପିଲାଦିନେ ବାପାଙ୍କ ସହ ଚାଷ କାମ କରୁଥିଲେ । ପରେ ପୁଲିସ ଚାକିରି କରିଥିଲେ । ୟୁପିର ୧୨ଟି ଥାନା ବ୍ୟତୀତ ଗୁଇନ୍ଦା ବିଭାଗରେ ସେ ମୁତୟନ ଥିଲେ । ୧୮ ବର୍ଷର ଚାକିରି ପରେ ସେ ୯୦ ଦଶକରେ ସ୍ୱେଚ୍ଛାକୃତ ଭାବେ ଅବସର (ଭିଆରଏସ) ନେଇଥିଲେ । ଏବେ ନିଜ ଗାଁରେ କୁଟିଆ ବନାଇ ରହୁଛନ୍ତି । ଆଧ୍ୟାତ୍ମ ଦିଗରେ ଚାଲିବାବେଳେ ସେ ନାମ ବଦଳେଇ 'ସାକାର ବିଶ୍ୱହରି' ରଖିଥିଲେ । ତାଙ୍କ ପତ୍ନୀ ମଧ୍ୟ ସତ୍‌ସଙ୍ଗରେ ଉପସ୍ଥିତ ରହୁଥିଲେ । ସାକାର ବିଶ୍ୱହରି ଅନ୍ୟମାନଙ୍କ ଭଳି ଗେରୁଆ ପୋଷାକ ପିନ୍ଧୁ ନ ଥିଲେ । ସେ ସତ୍‌ସଙ୍ଗରେ ଧଳା ସୁଟ୍, ଟାଇ ଏବଂ ଜୋତାରେ ନଜର ଆସୁଥିଲେ । ଅନେକ ଥର କୁର୍ତ୍ତା-ପାଇଜାମା ଏବଂ ମୁଣ୍ଡରେ ଧଳା ଟୋପି ଲଗାଇ ସତ୍‌ସଙ୍ଗ କରିବାକୁ ପହଞ୍ଚି ଯାଉଥିଲେ । ଏବେ ଅନେକ ଆଇଏଏସ, ଆଇପିଏସ ତାଙ୍କର ଚେଲା ଅଛନ୍ତି । ତାଙ୍କ କାର୍ଯ୍ୟକ୍ରମରେ ରାଜନେତା ଏବଂ ଅଧିକାରୀ ମଧ୍ୟ ପହଞ୍ଚୁ ଥିଲେ । ମଞ୍ଚରେ ବିବାହ ମଧ୍ୟ କରାଯାଉଥିଲା ।

ନାରାୟଣ ହରି ଜାଟବ ସମ୍ପ୍ରଦାୟର । ୟୁପି, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶରେ ତାଙ୍କ ଅନୁଗାମୀ ଅଛନ୍ତି । ଏସ୍‌ସି/ଏସ୍‌ଟି ଏବଂ ଓବିସି ବର୍ଗ ଉପରେ ତାଙ୍କ ଭଲ କର୍ତ୍ତୃତ୍ୱ ରହିଛି । ମୁସଲମାନମାନେ ମଧ୍ୟ ତାଙ୍କ ଅନୁଗାମୀ ପାଲଟିଛନ୍ତି । ତାଙ୍କର ୟୁଟ୍ୟୁବ୍ ଚ୍ୟାନେଲ ଏବଂ ଫେସବୁକ ପେଜ୍ ମଧ୍ୟ ରହିଛି । ୟୁଟ୍ୟୁବରେ ୩୧ ହଜାର ସବ୍‌ସ୍କ୍ରାଇବର (ଅନୁଗାମୀ) ଅଛନ୍ତି । ଫେସବୁକ ପେଜ୍‌ରେ ମଧ୍ୟ ଅନେକ ଲାଇକ ରହିଛି । ମାତ୍ର ତୃଣମୂଳସ୍ତରରେ ତାଙ୍କ ଲକ୍ଷାଧିକ ଅନୁଗାମୀ ରହିଛନ୍ତି । ସାକାର ବିଶ୍ୱହରି ୟୁପି ବ୍ୟତୀତ ଆଖପାଖ ରାଜ୍ୟର ଲୋକଙ୍କୁ ଭକ୍ତିର ପାଠ ପଢ଼ାଉଛନ୍ତି । ସେ ଅଧିକାଂଶ ସମୟରେ ନିଜ ସତ୍‌ସଙ୍ଗରେ କହୁଛନ୍ତି




ଯେ ସରକାରୀ ଚାକିରିରୁ ଆଧ୍ୟାତ୍ମ ଆଡକୁ କିଏ ଟାଣି ଆଣିଲା ତାଙ୍କୁ ଜଣାନାହିଁ । ଚାକିରି ଛାଡ଼ି ଭିଆରଏସ ନେବା ପରେ ଭଗବାନଙ୍କ ସହ ସାକ୍ଷାତକାର ହୋଇଥିଲା । ଭଗବାନଙ୍କ ପ୍ରେରଣାରେ ଏହି ଶରୀର ସେହି ପରମାତ୍ମାଙ୍କ ଅଂଶ ବୋଲି ଜଣାପଡ଼ିଥିଲା । ଏହା ପରଠାରୁ ସେ ମାନବ କଲ୍ୟାଣ ପାଇଁ ଲାଗି ପଡ଼ିଥିଲେ । ସେ ନିଜେ କୁଆଡ଼େ ଯାଉନାହାନ୍ତି, ବରଂ ଭକ୍ତ ଡାକୁଛନ୍ତି ବୋଲି କହିଛନ୍ତି ।

ଦେଶରେ କରୋନା ମହାମାରୀ କାୟା ବିସ୍ତାର କରିଥିବାବେଳେ ୨୦୨୨ ମେ'ରେ ଫରୁଖାବାଦରେ ଭୋଲେ ବାବାଙ୍କ ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା । ଜିଲ୍ଲା ପ୍ରଶାସନ କେବଳ ୫୦ ଲୋକଙ୍କୁ ସାମିଲ ହେବାକୁ ଅନୁମତି ଦେଇଥିବାବେଳେ ଆଇନ ଉଲ୍ଲଙ୍ଘନ କରି ୫୦ ହଜାରରୁ ଅଧିକ ଅନୁଗାମୀ ସତ୍‌ସଙ୍ଗରେ ସାମିଲ ହୋଇଥିଲେ । ପ୍ରବଳ ଭିଡ଼ ଯୋଗୁଁ ସହରରେ ଯାତାୟତ ବ୍ୟବସ୍ଥା ଧ୍ୱସ୍ତ ହୋଇଯାଇଥିଲା । ସେ ସମୟରେ ଜିଲ୍ଲା ପ୍ରଶାସନ ଆୟୋଜକଙ୍କ ବିରୋଧରେ ରିପୋର୍ଟ ରୁଜୁ କରିଥିଲା । ଚଳିତ ଥର ମଧ୍ୟ ଏପରି ହୋଇଥିଲା । ପ୍ରଶାସନକୁ ଯେତିକି ଲୋକ ଆସିବେ ବୋଲି କୁହାଯାଇଥିଲା, ତାଠାରୁ ଢେର ଗୁଣ ଅଧିକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସାକାର ବିଶ୍ୱହରିଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଆଗ୍ରାରେ ହେବାର ଥିଲା । ଏଥିପାଇଁ ଗ୍ୱାଲିୟର ରୋଡ୍‌ରେ ପ୍ରସ୍ତୁତି ମଧ୍ୟ ଚାଲିଥିଲା । ଏହାର ପୋଷ୍ଟର ମଧ୍ୟ ଲଗା ଯାଇଥିଲା ।

● ଚଳିତ ମାସରେ ହେବ ନିଟ୍-ପିଜି ପ୍ରବେଶିକା

## ପରୀକ୍ଷାର ଦୁଇ ଘଣ୍ଟା ପୂର୍ବରୁ ଆସିବ ପ୍ରଶ୍ନପତ୍ର

ନୂଆଦିଲ୍ଲୀ,୨।୭ (ଏଜେନ୍ସି): ଚଳିତ ମାସରେ ନିଟ୍-ପିଜି ପ୍ରବେଶିକା ପରୀକ୍ଷା ଆୟୋଜିତ ହେବ ବୋଲି ଏକ ଜାତୀୟ ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି । କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧିକାରୀମାନେ ସାଇବର ଅପରାଧ ସଂସ୍ଥାନ ସହ ଆଲୋଚନା କରିବା ପରେ ଚଳିତ ମାସରେ ଏହି ପରୀକ୍ଷା ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି । ସବୁଠାରୁ ବଡ଼ କଥା ହେଲା ପରୀକ୍ଷାର ମାତ୍ର ଦୁଇ ଘଣ୍ଟା ପୂର୍ବରୁ ପ୍ରଶ୍ନପତ୍ର ସାମ୍ନାକୁ ଆସିବା ନେଇ ନିଷ୍ପତ୍ତି ହୋଇଥିବା କୁହାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷର ନିଟ୍-ପିଜି ପ୍ରବେଶିକା ଗତ ଜୁନ ୨୩ ତାରିଖରେ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲା । କିନ୍ତୁ ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସାରା ଦେଶରେ ବିବାଦ ସୃଷ୍ଟି ହେବା ପରେ ଏହି ପରୀକ୍ଷାକୁ ବାତିଲ କରିଦିଆଯାଇଥିଲା । ପରେ ପରେ 'ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ ଫର୍ ମେଡିକାଲ ଷ୍ଟୁଡେଣ୍ଟସ୍ ' ଦ୍ୱାରା ପରିଚାଳିତ ହୋଇ ଆସୁଥିବା ଏହି ପରୀକ୍ଷାର ଆୟୋଜନ ପାଇଁ ବିଭିନ୍ନ ଦିଗରେ ତର୍ଜମା କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ ।

● କେଜ୍ରିୱାଲଙ୍କ ଜାମିନ ଆବେଦନ

## ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨।୭ (ଏଜେନ୍ସି): ଦିଲ୍ଲୀ ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ମାମଲାରେ ସିବିଆଇ ତାଙ୍କୁ ଗିରଫ କରିବା ଓ ଟ୍ରାଏଲ୍ କୋର୍ଟ ତାଙ୍କୁ ରିମାଣ୍ଡରେ ନେବା ପାଇଁ ସିବିଆଇକୁ ଅନୁମତି ଦେଇଥିବା-ଉଭୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗତକାଲି ଦିଲ୍ଲୀ ହାଇକୋର୍ଟରେ ପିଟିସନ୍ ଫାଇଲ୍ କରିଥିଲେ । ଆଜ ସେହି ପିଟିସନର ଶୁଣାଣି କରି ହାଇକୋର୍ଟ ଏନେଇ ସିବିଆଇକୁ ସ୍ୱପକ୍ଷ ରଖିବାକୁ ୭ଦିନ ସମୟ ଦେଇଛନ୍ତି । ଯଦି କିଛି ଅତିରିକ୍ତ ଦଲିଲ ଦାଖଲ କରିବାକୁ ଥିବ ତେବେ ସେଥିପାଇଁ ସିବିଆଇ ଆଉ ଦୁଇ ଦିନ ସମୟ ପାଇବ ।



ପରବର୍ତ୍ତୀ ଶୁଣାଣି ଜୁଲାଇ ୧୭ରେ ହେବାକୁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । କେଜ୍ରିୱାଲଙ୍କ ଓକିଲ ଅଭିଶେକ ମନୁ ସିଂଘଭି ଅଦାଲତଙ୍କୁ କହିଥିଲେ, କେଜ୍ରିୱାଲଙ୍କୁ ଗିରଫ କରାଯିବାର କିଛି ଆବଶ୍ୟତା ନଥିଲା । ସେ ତ ଇଡି ମାମଲାରେ ଆଗରୁ ଜେଲରେ ଅଛନ୍ତି ।

## ଖୁସୱାହ ଏନ୍‌ଡିଏର ରାଜ୍ୟସଭା ପ୍ରାର୍ଥୀ

ପାଟନା, ୨।୭(ଏଜେନ୍ସି): ବିହାରରେ ଉପେନ୍ଦ୍ର ଖୁସୱାହଙ୍କୁ ଏନ୍‌ଡିଏ ତା'ର ରାଜ୍ୟସଭା ପ୍ରାର୍ଥୀ ଭାବେ ମନୋନୀତ କରିଛି । ଉପେନ୍ଦ୍ର ହେଉଛନ୍ତି ଏନ୍‌ଡିଏ ଅଂଶୀଦାର ଦଳ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା(ଆର୍‌ଏଲ୍‌ଏମ୍)ର ସଭାପତି । ବିହାରରେଏନ୍‌ଡିଏ ଅଂଶୀଦାର ଦଳ ବିଜେପି, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଜେଡିୟୁ ଓ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି) ମିଳିତ ଭାବେ ଉପେନ୍ଦ୍ରଙ୍କୁ ଏନଡିଏ ରାଜ୍ୟସଭା ପ୍ରାର୍ଥୀ ଭାବେ ଚୟନ କରିଛନ୍ତି । ଉପେନ୍ଦ୍ର ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜୁନ୍ ଥିଲା ସବୁଠୁ ଉତ୍ତପ୍ତ ମାସ

ନୂଆଦିଲ୍ଲୀ, ୨।୭(ଏଜେନ୍ସି): ୧୯୦୧ ପରଠାରୁ ଗତ ଜୁନ୍ ଥିଲା ଉତ୍ତରପଶ୍ଚିମ ଭାରତର ସବୁଠୁ ଉତ୍ତପ୍ତ ଜୁନ୍ । ୧୯୦୧ରେ ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯିବା ଆରମ୍ଭ ହୋଇଥିଲା । ଗତ ଜୁନରେ ଦିଲ୍ଲୀ,ଉତ୍ତରପ୍ରଦେଶ ଓ ଉତ୍ତରପଶ୍ଚିମ ଭାରତର ଅନ୍ୟ ଅଞ୍ଚଳରେ ଘାତକ ଗ୍ରୀଷ୍ମ ପ୍ରବାହ ନେଇଥିଲା ଅନ୍ୟୂନ ୧୦୦ ଜଣଙ୍କ ଜୀବନ । ଉତ୍ତରପଶ୍ଚିମ ଭାରତରେ ଜୁନ୍ ମାସରେ ସାଧାରଣତଃ ୩ରୁ ୪ ଦିନ ଗ୍ରୀଷ୍ମ ପ୍ରବାହ ସହ୍ୟ କରିବାକୁ ପଡ଼ିଥାଏ । କିନ୍ତୁ ଗତ ଜୁନ୍'ରେ ଉତ୍ତରପଶ୍ଚିମ ଭାରତରେ ଗ୍ରୀଷ୍ମ ପ୍ରବାହ ୧୦ରୁ ୧୮ ଦିନ ଧରି ଜନଜୀବନକୁ ସନ୍ତାପିତ କରିଥିଲା । ଗତ ଜୁନରେ ଗ୍ରୀଷ୍ମ ପ୍ରବାହ ଉତ୍ତରପ୍ରଦେଶରେ ୧୮ ଦିନ, ଦିଲ୍ଲୀ ଓ ହରିୟାଣା ଅଞ୍ଚଳରେ ୧୪ ଦିନ, ବିହାରରେ ୧୩ ଦିନ, ପଞ୍ଜାବରେ ୧୧ ଦିନ ଓ ହିମାଚଳ ପ୍ରଦେଶରେ ୧୦ ଦିନ ଅନୁଭୂତ ହୋଇଥିଲା । ପୂର୍ବ, ଉତ୍ତର ଓ ମଧ୍ୟ ଭାରତର ରାଜସ୍ଥାନ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ,ପଶ୍ଚିମ ଓ ପୂର୍ବ ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ସୌରାଷ୍ଟ୍ର ଓ କଚ୍ଛରେ ଏପ୍ରିଲରୁ ଜୁନ୍ ମଧ୍ୟରେ ଗ୍ରୀଷ୍ମ ପ୍ରବାହ ୨୦ରୁ ୩୮ ଦିନ ଅନୁଭୂତ ହୋଇଥିଲା ।

## ବୁଦ୍ଧ ଅବତାରୀ ନେପାଳୀ ଯୁବକଙ୍କୁ ୧୦ ବର୍ଷ ଜେଲ୍

କାଠମାଣ୍ଡୁ,୨।୭(ଏଜେନ୍ସି): ଲୋକମୁଖରେ ଭଗବାନ ବୁଦ୍ଧଙ୍କ ଅବତାର ବୋଲି କୁହାଯାଉଥିବା ଜଣେ ନେପାଳୀ ଯୁବକଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ସେଠାକାର ଏକ ଅଦାଲତ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ କରିଛନ୍ତି । ନାବାଳିକା ଯୌନ ନିର୍ଯାତନା ଅଭିଯୋଗରେ ରାମ ବାହାଦୁର ବମଜାନ ନାମକ ଏହି ଯୁବକଙ୍କୁ ନେପାଳର ସରଲାହି ଜିଲ୍ଲା କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଅନ୍ୟପକ୍ଷରେ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୩,୭୫୦ ଆମେରିକୀୟ ଡଲାର ଦେବାକୁ ସଂପୃକ୍ତ କୋର୍ଟ ବମଜାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ଗତ ଜାନୁଆରୀ ମାସରେ କାଠମାଣ୍ଡୁ ଉପକଣ୍ଠସ୍ଥିତ ଏକ ଘରୁ ବମଜାନଙ୍କୁ ଗିରଫ କରାଯାଇଥିଲା । ଏହି ଘଟଣା ପରେ ବୁଦ୍ଧଙ୍କ ଅବତାରକୁ ନେଇ ୩୩ ବର୍ଷୀୟ ବମଜାନଙ୍କ ଉପରେ ଲୋକଙ୍କ ଯେଉଁ ଧାରଣା ରହିଥିଲା ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ଏହି ଦଣ୍ଡାଦେଶ ବିରୋଧରେ ବମଜାନ ହାଇକୋର୍ଟରେ ଆବେଦନ କରିବେ ବୋଲି ତାଙ୍କ ଓକିଲ ଦିଲ୍ଲୀପ କୁମାର ଝା କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୦୫ମସିହାରେ ବମଜାନ ଚର୍ଚ୍ଚାକୁ ଆସିଥିଲେ ଯେତେବେଳେ ଜଣେ ୧୫ ବର୍ଷର ବାଳକ ଭାବେ ସେ ୧୦ ମାସ ଧରି ଜଙ୍ଗଲରେ ଏକ ଗଛ ତଳେ ବସି ତପସ୍ୟା କରୁଛନ୍ତି ବୋଲି ଖବର ପ୍ରସାରିତ ହୋଇଥିଲା । ଏହାପରେ କିଛି ଲୋକ ତାଙ୍କୁ ବୁଦ୍ଧଙ୍କ ଅବତାର ବୋଲି ବିବେଚନା କରିବା ସହିତ ତାଙ୍କ ଅନୁଗାମୀ ହୋଇଯାଇଥିଲେ ।

**ସମର୍ଥନ ପ୍ରତ୍ୟାହାର କଲେ ଓଲି**

## ସଙ୍କଟରେ ନେପାଳର ପ୍ରଚଣ୍ଡ ସରକାର

କାଠମାଣ୍ଡୁ, ୨।୭ (ଏଜେନ୍ସି): ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ ଓରଫ ପ୍ରଚଣ୍ଡଙ୍କ ସରକାର ପାଇଁ ପୁଣି ସଙ୍କଟ ସୃଷ୍ଟି ହୋଇଛି । ଚୀନ୍ ସମର୍ଥକ କେପି ଶର୍ମା ଓଲିଙ୍କ ଦଳ ସିପିଏନ-ୟୁଏମଏଲ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ନେଇଛି । ସିପିଏନ-ୟୁଏମଏଲ ଏବେ ନେପାଳୀ କଂଗ୍ରେସ ସହ ମେଣ୍ଟ କରିବାକୁ ନିଷ୍ପତ୍ତି ନେଇଛି । ୪ ମାସ ତଳେ ଶେର ବାହାଦୂର ଦେଓବାଙ୍କ ନେପାଳୀ କଂଗ୍ରେସଠାରୁ ମେଣ୍ଟ ଭାଙ୍ଗି ଓଲି ପ୍ରଚଣ୍ଡଙ୍କୁ ସମର୍ଥନ ଦେଇଥିଲେ । ଏବେ ସରକାରଙ୍କ ପାଖରେ ବହୁମତ ନାହିଁ ବୋଲି ଓଲି କହିଛନ୍ତି । ସୂଚନାଯୋଗ୍ୟ ଯେ ଦେଓବାଙ୍କୁ ଭାରତର ସମର୍ଥକ ଧରାଯାଏ । ସେହିପରି ଓଲି ଚୀନ୍‌ର ଘନିଷ୍ଠ । ରବିବାର ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ପଦକୁ ନେଇ ଚର୍ଚ୍ଚା ହୋଇଥିଲା । ଏବେ ନେପାଳରେ ଦୁଇ ବର୍ଷରେ ତୃତୀୟ ଥର ପାଇଁ ସରକାର ବଦଳିବାକୁ ଯାଉଛି । ରିପୋର୍ଟ ଅନୁଯାୟୀ ନୂଆ ସରକାରରେ ଓଲି ଦେଢ଼ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ହେବେ । ଓଲି ଚୀନ୍ କଥାରେ ଏଭଳି କରୁଛନ୍ତି ବୋଲି ଅଭିଯୋଗ ଲାଗିଛି ।

## ରାହୁଲଙ୍କ ଭାଷଣର ଅନେକାଂଶ ରେକର୍ଡରୁ ହଟାଗଲା

ନୂଆଦିଲ୍ଲୀ,୨।୭(ଏଜେନ୍ସି): ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପାଇଁ ଧନ୍ୟବାଦ ପ୍ରସ୍ତାବ ବିତର୍କରେ ଭାଗନେଇ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ସଦନରେ ବିଜେପି, ଆର୍‌ଏସ୍‌ଏସ୍ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତାଙ୍କ ସରକାରକୁ ଟାର୍ଗେଟ୍ କରି ନିୟମ-ସଂଜମ-ସୀମା-ନିୟନ୍ତ୍ରଣ ବିବର୍ଜିତ ଯେଉଁ ତୁମୁଳ ଆକ୍ରମକ ଭାଷଣ ଦେଇଥିଲେ ତାହାର ଅନେକାଂଶକୁ ବାଚସ୍ପତି ଓମ୍ ବିର୍ଲାଙ୍କ ନିର୍ଦ୍ଦେଶ କ୍ରମେ ଗୃହ ବିବରଣୀରୁ ହଟାଇ ଦିଆଯାଇଛି । ଶାସକ ଦଳର ନେତାମାନେ ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରୁଥିବା ନେଇ ରାହୁଲଙ୍କ ବିବୃତିକୁ ଗୃହ ବିବରଣୀରୁ ହଟାଯାଇଛି । ରାହୁଲଙ୍କ ହିନ୍ଦୁ, ବିଜେପି-ଆର୍‌ଏସ୍‌ଏସ୍-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସଂଖ୍ୟାଲଘୁ, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ବିଭ୍ରାଟ, ଅଗ୍ନିବୀର ସ୍କିମ୍, ଶିଳ୍ପପତି ଆଦାନି-ଅମ୍ବାନି ଆଦି ନେଇ ବିବୃତି ଓ ମନ୍ତବ୍ୟଗୁଡ଼ିକୁ ମଧ୍ୟ ଗୃହ ବିବରଣୀରୁ ହଟାଯାଇଛି । ପ୍ରତିକ୍ରିୟାରେ ରାହୁଲ କହିଛନ୍ତି, ମୋଦୀଙ୍କ ଜଗତରେ ସତ୍ୟକୁ ହଟାଇ ଦିଆଯାଇଥାଏ । କିନ୍ତୁ ବାସ୍ତବତା ହେଉଛି ସତ୍ୟକୁ କେବେ ହଟାଯାଇ ନ ପାରେ । ଲୋକସଭାରେ ତାଙ୍କର ଯାହା କହିବାର ଥିଲା,ସେ କହିଛନ୍ତି ଓ ତାହା ସତ୍ୟ । ଗୃହ ବିବରଣୀରୁ ଯାହା ପାରୁଛନ୍ତି ହଟାନ୍ତୁ । ସତ୍ୟ ହିଁ ସତ୍ୟ । ରାହୁଲ ଗାନ୍ଧୀ ତାଙ୍କ ଭାଷଣର ହଟାଯାଇଥିବା ଅଂଶଗୁଡ଼ିକୁ ଗୃହ ବିବରଣୀରେ ଯୋଡ଼ିବା ନିମନ୍ତେ ଅନୁରୋଧ କରି ବାଚସ୍ପତି ବିର୍ଲାଙ୍କୁ ଆଜି ପତ୍ର ଲେଖିଛନ୍ତି । ଅଭିବ୍ୟକ୍ତି ପରିପ୍ରକାଶର ଅଧିକାର ସମ୍ବିଧାନ ସମସ୍ତ ନାଗରିକଙ୍କୁ ଦେଇଥିବା ଦର୍ଶାଇ ରାହୁଲ ବାଚସ୍ପତିଙ୍କୁ ଜଣାଇଛନ୍ତି ଯେ



ତାଙ୍କ ଭାଷଣର ଯାଉଁ ଅଂଶସବୁ କଟାଯାଇଛି ତାହା ରୁଲ ୩୮୦ ପରିସରଭୁକ୍ତ ହୋଇନଥିବାରୁ କଟାଯିବା କଥା ନୁହେଁ । ଆରଜେଡି ନେତା ମନୋଜ ଝା, ଆପ୍ ନେତା ସଞ୍ଜୟ ସିଂହ, ଶିବସେନା (ଉଦ୍ଧବ ଗୋଷ୍ଠୀ) ନେତା ସଞ୍ଜୟ ରାଉତ, କଂଗ୍ରେସ ନେତା ଶଶି ଥରୁର ପ୍ରମୁଖ କହିଛନ୍ତି, ରାହୁଲ ତାଙ୍କ ଭାଷଣରେ କିଛି ଭୁଲ କହିନାହାନ୍ତି ।

● ଧର୍ମାନ୍ତରଣକୁ ନେଇ ହାଇକୋର୍ଟଙ୍କ କଡ଼ା ଟିପ୍ପଣୀ

## ଗରିବଙ୍କୁ ଭୂଆଁ ବୁଲାଇ ଧର୍ମ ପରିବର୍ତ୍ତନ

ପ୍ରୟାଗରାଜ, ୨।୭(ଏଜେନ୍ସି): ଧର୍ମାନ୍ତରଣକୁ ନେଇ ଆହ୍ଲାବାଦ ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । କୋର୍ଟ କହିଛନ୍ତି ଯେ ଉତ୍ତର ପ୍ରଦେଶର ନିରୀହ ଗରିବଙ୍କୁ ଭୂଆଁ ବୁଲାଇ ଖ୍ରୀଷ୍ଟିଆନ କରାଯାଉଛି । ଯଦି ଏପରି ଧର୍ମାନ୍ତରଣ ଜାରି ରହିବ ତେବେ ଦିନେ ଭାରତର ସଂଖ୍ୟାଗରିଷ୍ଠ ହିନ୍ଦୁ ସଂଖ୍ୟାଲଘୁ ପାଲଟି ଯିବ । ଧର୍ମାନ୍ତରଣ ପାଇଁ କରାଯାଉଥିବା ସଭାଗୁଡିକ ଉପରେ ତୁରନ୍ତ କଟକଣା ଲଗାଯିବା ଉଚିତ । ଏଭଳି ଆୟୋଜନ ସମ୍ବିଧାନ ବିରୋଧୀ । ଏହା ଧାରା-୨୫ର ଉଲ୍ଲଙ୍ଘନ କରୁଛି । ଧର୍ମାନ୍ତରଣ ସଭା ଧାର୍ମିକ ସ୍ୱାଧୀନତା ଅଧିକାରର ବିରୋଧୀ ବୋଲି ଜଷ୍ଟିସ ରୋହିତ ରଞ୍ଜନ ଅଗ୍ରୱାଲ କହିଛନ୍ତି । ଏହା ସହିତ ହିନ୍ଦୁ ବ୍ୟକ୍ତିଙ୍କୁ ଖ୍ରୀଷ୍ଟିଆନ କରିଥିବା ଅଭିଯୁକ୍ତ ହମିରପୁରର କୈଳାସଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । କୋର୍ଟ କହିଛନ୍ତି ଯେ ଧାରା-୨୫ରେ ଧାର୍ମିକ ପ୍ରଚାରକୁ ଅନୁମତି ଦିଆଯାଇଛି, କିନ୍ତୁ ଧର୍ମ ପରିବର୍ତ୍ତନକୁ ଅନୁମତି ମିଳିନାହିଁ । ଏଭଳି ଧାର୍ମିକ ଆୟୋଜନ କରି ନିରୀହ ଗରିବ ଲୋକଙ୍କୁ ଭୂଆଁ ବୁଲାଇ ଖ୍ରୀଷ୍ଟିଆନ କରାଯାଉଛି । ସୂଚନା ଅନୁଯାୟୀ ହମିରପୁରର ରାମକଳି ପ୍ରଜାପତି ଏତଲା ରୁଜୁ କରି କହିଥିଲେ ଯେ ତାଙ୍କ ଭାଇ



ମାନସିକ ଭାବେ ଅସୁସ୍ଥ ଥିଲେ । ଏହି ସମୟରେ କୈଳାସ ଚିକିତ୍ସା କରାଇବାକୁ କହି ତାଙ୍କୁ ଦିଲ୍ଲୀ ନେଇ ଯାଇଥିଲା । କିନ୍ତୁ ଉଭୟେ ସପ୍ତାହେ ପର୍ଯ୍ୟନ୍ତ ଫେରି ନ ଥିଲେ । ଦୀର୍ଘ ଦିନ ପରେ ଗାଁକୁ ଆସି ପୁଣି କିଛି ଲୋକଙ୍କୁ କୈଳାସ ଦିଲ୍ଲୀ ନେଇ ଯାଇଥିଲା । ସେଠାରେ ଏକ କାର୍ଯ୍ୟକ୍ରମ କରି ସମସ୍ତଙ୍କୁ ହିନ୍ଦୁରୁ ଖ୍ରୀଷ୍ଟିଆନ କରିଦିଆଯାଇଥିଲା । ଏହା ବଦଳରେ ଟଙ୍କା ଦିଆଯାଇଥିଲା ।

## ସୁପ୍ରିମକୋର୍ଟ ଜଷ୍ଟିସ ଗଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ

# ବିଳମ୍ବରେ ହାଇକୋର୍ଟକୁ ଆସୁଛନ୍ତି ବିଚାରପତି

- ନିଜ ପଦୋନ୍ନତି ପାଇଁ ପ୍ରଚାର ବନ୍ଦ କରିବା ଉଚିତ
- ଓକିଲ-ବିଚାରପତି କେହି କାହାଠୁ ଅଧିକ କ୍ଷମତାଶାଳୀ ନୁହଁନ୍ତି
- ଅଧିକାରୀଙ୍କୁ କୋର୍ଟକୁ ଡକାଇବାର ପ୍ରଥା ବନ୍ଦ ହେବା ଉଚିତ
- କିଛି ବିଚାରପତି ବିନା ଭାବିଚିନ୍ତି ରାୟ ଦେଇଥାଆନ୍ତି

କୋଲକାତା, ୨।୭ (ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ବିଆର ଗଭାଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ହାଇକୋର୍ଟ ବିଚାରପତିଙ୍କୁ ସମାଲୋଚନା କରିଛନ୍ତି । ସେ ଚିନ୍ତା ପ୍ରକଟ କରି କହିଛନ୍ତି ଯେ ହାଇକୋର୍ଟ ବିଚାରପତି କୋର୍ଟ ରୁମ୍‌କୁ ବିଳମ୍ବରେ ଆସୁଛନ୍ତି । କୋର୍ଟର ସମୟ ୧୦ଟା ୩୦ରୁ ଆରମ୍ଭ ହେଉଛି; ମାତ୍ର କିଛି ବିଚାରପତି ୧୧ଟା ୩୦ରେ କୋର୍ଟକୁ ଆସୁଛନ୍ତି । ପରେ ୧୨ଟା ୩୦ରୁ କୋର୍ଟରୁ ଉଠି ପଳାଉଛନ୍ତି । କିନ୍ତୁ କୋର୍ଟ ସମୟ ୧ଟା ୩୦ ପର୍ଯ୍ୟନ୍ତ ଥାଏ । ଜଷ୍ଟିସ ଗଭାଇ କିଛି ବିଚାରପତିଙ୍କ କାର୍ଯ୍ୟ ଉପରେ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କିଛି ବିଚାରପତି ଦ୍ୱିତୀୟାର୍ଦ୍ଧରେ ଶୁଣାଣି କରୁନାହାନ୍ତି । କୋଲକାତାରେ ନ୍ୟାସନାଲ ଜୁଡିସିଆଲ ଏକାଡେମି ସମ୍ମିଳନୀରେ ସାମିଲ ହୋଇ ଜଷ୍ଟିସ ଗଭାଇ ଏହି ମନ୍ତବ୍ୟ ଦେଇଛନ୍ତି । ସେ ପଦୋନ୍ନତି ପାଇଁ ସୁପ୍ରିମକୋର୍ଟରେ ପ୍ରଚାର ନ କରିବାକୁ ବିଚାରପତିଙ୍କୁ ପରାମର୍ଶ ଦେଇଛନ୍ତି । ଏହା କୋର୍ଟର ସିଦ୍ଧାନ୍ତ ପାଇଁ କ୍ଷତିକାରକ ବୋଲି କହିଛନ୍ତି ।

ଜଷ୍ଟିସ ଗଭାଇ କଲେଜିୟମ ଉପରେ କହିଛନ୍ତି ଯେ ଏବେ ଡାଟାବେସ ଉପରେ କାର୍ଯ୍ୟ ଜାରି ରହିଛି । ଏଥିରେ ପଦୋନ୍ନତି ପାଇଁ ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହ କରାଯାଉଛି । ଏମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ ବିଚାରପତି ମଧ୍ୟ ସାମିଲ ଅଛନ୍ତି । ଏହି ବିଚାରପତି ଅନ୍ୟ ବିଚାରପତିଙ୍କ କାର୍ଯ୍ୟ ଉପରେ ନଜର ରଖିଛନ୍ତି । ସେ କୋର୍ଟରେ ଓକିଲଙ୍କୁ ସମ୍ମାନ ନ ମିଳିବା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ଓକିଲଙ୍କୁ କୋର୍ଟରେ ଯେତିକି ସମ୍ମାନ ମିଳିବା କଥା ଦିଆଯାଉନାହିଁ । ଅନେକ ସମୟରେ ବିଚାରପତି ଓକିଲଙ୍କୁ ଅପମାନିତ କରୁଥିବା ଦେଖାଯାଉଛି । ନ୍ୟାୟ ପାଇଁ ବିଚାରପତି ଏବଂ ଓକିଲଙ୍କ ସମାନ ଯୋଗଦାନ ରହିଛି । କେହି କାହାଠାରୁ ଅଧିକ କ୍ଷମତାଶାଳୀ ନୁହଁନ୍ତି । ଓକିଲଙ୍କ ସହ ଖରାପ ବ୍ୟବହାର କଲେ ସଂସ୍ଥାର ଗରିମା ବଢ଼େ ନାହିଁ, ବରଂ କ୍ଷତି ହୋଇଥାଏ ।

ସେହିପରି ବିଚାରବିମର୍ଶ ବିନା ବରିଷ୍ଠ ସରକାରୀ ଅଧିକାରୀଙ୍କୁ କୋର୍ଟକୁ ଡକାଇବାର ପ୍ରଥା ବନ୍ଦ ହେବା ଉଚିତ । କିଛି ବିଚାରପତି ବରିଷ୍ଠ ଅଧିକାରୀଙ୍କୁ କୋର୍ଟକୁ ଡକାଇ ଖୁସି ହେଉଛନ୍ତି । ଆଉ କିଛି ବିନା ଭାବିଚିନ୍ତି ରାୟ ଦେଇ ଦେଉଛନ୍ତି । ସରକାରୀ ଅଧିକାରୀଙ୍କୁ ନିଜ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିଥାଏ, ଏହା ବିଚାରପତି ବୁଝିବା ଉଚିତ । ଅଧିକାରୀଙ୍କ ଆଚରଣ ରୁକ୍ଷ ନ ହେବା ପର୍ଯ୍ୟନ୍ତ ଏଭଳି ନିର୍ଦ୍ଦେଶ ଦେବାରୁ ବିରତ ରହିବା ଆବଶ୍ୟକ । ସାମାଜିକ ଗଣମାଧ୍ୟମ ଯୁଗରେ ବିଚାରପତି ବାହ୍ୟ ଚାପ ଦ୍ୱାରା ପ୍ରଭାବିତ ନ ହେବା ଉଚିତ । ନ୍ୟାୟ ପ୍ରକ୍ରିୟା ଏବେ ଆଉ ଗଣିତ ସମାଧାନ ଭଳି ସରଳ ହୋଇ ନାହିଁ । କେବଳ ଲିଖିତ ତଥ୍ୟ ଆଧାରରେ ରାୟ ଦିଆଯାଉନାହିଁ, ବରଂ ସମ୍ବିଧାନ ବିରୋଧରେ ଯାଉଥିବା ଆଇନକୁ ମଧ୍ୟ ରଦ୍ଦ କରିବାକୁ ପଡ଼ିଥାଏ । ଆଇନର ରୂପରେଖ ଯାଞ୍ଚ କରି ବିଚାରପତି ବ୍ୟକ୍ତି ଏବଂ ସମାଜ ମଧ୍ୟରେ ସମନ୍ୱୟ ରଖିଥାନ୍ତି ।



ଜଷ୍ଟିସ ଗଭାଇ କେନ୍ଦ୍ର ଏବଂ ରାଜ୍ୟ ବିବାଦକୁ ନେଇ ମଧ୍ୟ ମତ ଦେଇଛନ୍ତି । ସେ କହିଛନ୍ତି ଯେ ଏପରି ବିବାଦ କ୍ଷେତ୍ରରେ ବିଚାରପତି ଉଭୟଙ୍କୁ ମିଳିଥିବା କ୍ଷମତାର ମୂଲ୍ୟାଙ୍କନ କରିବା ଉଚିତ । ବିବାଦ ସମାଧାନ କରିବା କୋର୍ଟଙ୍କ କାମ । କାହାର କେଉଁ ସାମ୍ବିଧାନିକ କ୍ଷମତା ରହିଛି ତାହା ବିଚାରପତି ଜଣାଇବା ଉଚିତ । ସେହିପରି ବିଚାରପତି ସରଳ ଭାଷାରେ ରାୟ ଦେବା ଉଚିତ । ଏହା ଦ୍ୱାରା ଅନ୍ତିମ ବ୍ୟକ୍ତି ପର୍ଯ୍ୟନ୍ତ ରାୟ ପହଞ୍ଚିବ ।

# ବଜେଟ୍ ପରେ ଭତ୍ତା ୩ ହଜାର!

- ଅର୍ଥ ବିଭାଗ ସହ ବିଚାରବିମର୍ଶ ପରେ ପଦକ୍ଷେପ: ମନ୍ତ୍ରୀ
- କେଉଁ ଭତ୍ତା କେତେ ହେବ ସରକାର ସ୍ପଷ୍ଟ କରନ୍ତୁ: ବିଜେଡି
- ରାଜ୍ୟରେ ଭତ୍ତା ହିତାଧିକାରୀଙ୍କ ସଂଖ୍ୟା ୫୬.୭୭ ଲକ୍ଷ

**ଭୁବନେଶ୍ୱର,୨।୭ (ସମିସ):** ରାଜ୍ୟର ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ। ନିର୍ବାଚନ ପୂର୍ବରୁ ବିଜେପି ଏହାକୁ ନିଜ ସଂକଳ୍ପ ପତ୍ରରେ ସ୍ଥାନ ଦେଇଥିଲା ଓ ଏବେ ତାହାକୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ଶ୍ରୀ ଗଣ୍ଡ କହିଛନ୍ତି ଯେ ସାମାଜିକ ସୁରକ୍ଷା ଭତ୍ତାକୁ ୩୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ଅର୍ଥ ବିଭାଗ ସହ ବିଚାରବିମର୍ଷ କରାଯିବ ଏବଂ ଆଗାମୀ ବଜେଟରେ ବିଭାଗକୁ କେତେ ଅନୁଦାନ ମିଳୁଛି ତାହା ଦେଖିବା ପରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ।

ସମ୍ପ୍ରତି ରାଜ୍ୟରେ ୫୬.୭୭ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବ୍ୟତିରେକ ଭିନ୍ନକ୍ଷମ, ଏଡ୍ସ ଆକ୍ରାନ୍ତ, କିନ୍ନରଙ୍କ ସମେତ ଅନ୍ୟାନ୍ୟ ବର୍ଗ ଏହି ଭତ୍ତାର ହିତାଧିକାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ କେବଳ ୩୭ ଲକ୍ଷ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଗତ ଫେବ୍ରୁଆରୀ ମାସରେ ତତ୍କାଳୀନ ବିଜେଡି ସରକାର ଭତ୍ତା ପରିମାଣ ୫୦୦ରୁ ୧୦୦୦ ଟଙ୍କାକୁ ବୃଦ୍ଧି କରିଥିଲେ। ସମ୍ପ୍ରତି ଏହାକୁ ୩ ହଜାର ଟଙ୍କା କରାଯିବାକୁ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି। ଯଦି ସମସ୍ତ ୫୬.୭୭ ଲକ୍ଷ ହିତାଧିକାରୀଙ୍କୁ ରାଜ୍ୟ ସରକାର ୩୦୦୦ ଟଙ୍କା ଭତ୍ତା ପ୍ରଦାନ କରିବେ ତେବେ ଏଥିପାଇଁ ରାଜକୋଷରୁ ପ୍ରାୟ ୧୭୦୦ କୋଟି ଟଙ୍କା ବ୍ୟୟ ହେବ।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ମନ୍ତବ୍ୟ ପରେ ବିଜେଡ଼ି ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ସରକାରଙ୍କୁ କେଉଁମାନଙ୍କୁ କେତେଟଙ୍କା ଭତ୍ତା ମିଳିବ ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି। ସେ କହିଛନ୍ତି ଯେ ଭତ୍ତା ୩ ହଜାର ଟଙ୍କା ହେବ ବୋଲି ଶୁଣିବାକୁ ଭଲ ଲାଗୁଛି। କେଉଁ ଭତ୍ତା କେତେ ଟଙ୍କା ଦିଆଯାଉଛି ଏବଂ ଆଗକୁ କେତେ ଟଙ୍କା ଦିଆଯିବ ତାହାର ସ୍ପଷ୍ଟ ସୂଚନା ସରକାର ଦେବା ଆବଶ୍ୟକ। ଆର୍ଥିକ ଅବସ୍ଥା ଓ ଯୋଜନା ସମ୍ପର୍କରେ ଲୋକଙ୍କ ପାଖରେ ସ୍ପଷ୍ଟ ଚିତ୍ର ପହଞ୍ଚିବା ଆବଶ୍ୟକ। ସରକାର ଏଣୁ ତେଣୁ ନ କରି ନିର୍ଦ୍ଦିଷ୍ଟ ସୂଚନା ଦିଅନ୍ତୁ ବୋଲି ଶ୍ରୀ ବେହେରା କହିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଫେବୃଆରୀ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ଭତ୍ତା ୫୦୦ ଟଙ୍କା ବୃଦ୍ଧି କରିଥିଲେ। ସେହି ମାସରୁ ହିତାଧିକାରୀଙ୍କୁ ସଂଶୋଧିତ ଭତ୍ତା ମିଳୁଛି। ହିତାଧିକାରୀଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଭତ୍ତା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଥିଲେ।

# ବସ୍‌ରୁ ହଟୁଛି 'ଲକ୍ଷ୍ମୀ' ନାମ

**ଭୁବନେଶ୍ୱର, ୨।୭(ସମିସ):** ରାଜ୍ୟରେ ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା 'ଲକ୍ଷ୍ମୀ' ଯୋଜନାରେ ଚଳପ୍ରଚଳ ହେଉଥିବା ବସ୍‌ର ରଙ୍ଗ ବଦଳାଇବା ଆରମ୍ଭ କରିଛି ବିଜେପି ସରକାର। ରଙ୍ଗ ସାଙ୍ଗକୁ ବସ୍‌ରେ ଥିବା 'ଲକ୍ଷ୍ମୀ' ନାମକୁ ମଧ୍ୟ ହଟାଇ ଦିଆଯାଇଛି। ଏବେ ଏହି ବସ୍‌କୁ ଗେରୁଆ ରଙ୍ଗ କରାଯିବା ସହ ଏଥିରେ 'ଲକ୍ଷ୍ମୀ' ବଦଳରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଲେଖାଯାଉଛି। ଢେଙ୍କାନାଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କାର୍ଯ୍ୟ ଆରମ୍ଭ ପରେ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ନୂଆ ସରକାର ଆରମ୍ଭ କରିଥିବା ରଙ୍ଗ ବଦଳା ରାଜନୀତି ଓ 'ଲକ୍ଷ୍ମୀ' ନାମ ପରିବର୍ତ୍ତନକୁ ବିରୋଧୀମାନେ ମଧ୍ୟ କଟୁ ସମାଲୋଚନା କରିଛନ୍ତି। ଏପରିକି ପ୍ରତ୍ୟେକ ହିନ୍ଦୁଙ୍କ ଆରାଧ୍ୟା ଓ ଧନର ଦେବୀ 'ଲକ୍ଷ୍ମୀ'ଙ୍କ ନାମକୁ ଲିଭାଇବା ଯୋଗୁଁ ରାଜ୍ୟ ସରକାର ଖୁବ୍ ଶୀଘ୍ର ଲକ୍ଷ୍ମୀଛଡ଼ା ହେବେ ବୋଲି ମଧ୍ୟ ସାମାଜିକ ଗଣମାଧ୍ୟମରେ ଅନେକ ଟିପ୍ପଣୀ କରୁଥିବା ଦେଖିବାକୁ ମିଳୁଛି।

ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଗମନାଗମନ ସୁବିଧା ସହ ମହିଳା, ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ରିଆତି ପ୍ରଦାନ କରି ବିଜେଡି ସରକାର ଗତ ବର୍ଷ ଅକ୍ଟୋବର ୨ ତାରିଖରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ। ଉପାନ୍ତ ମାଲକାନଗିରିରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିବା ପରେ ଏହା ସମଗ୍ର ରାଜ୍ୟକୁ ପ୍ରସାରିତ ହୋଇଥିଲା। ଏଥିରେ ପ୍ରତି ପଞ୍ଚାୟତରୁ ବ୍ଲକ ଓ ବ୍ଲକରୁ ଜିଲ୍ଲାକୁ ବସ୍ ସେବା ଆରମ୍ଭ ହୋଇଥିଲା ଓ ମହିଳାମାନଙ୍କୁ ମାତ୍ର ୫ ଟଙ୍କାରେ ଯାତ୍ରା କରିବାର ସୁଯୋଗ ମିଳୁଥିଲା।



- ଧଳା-ସବୁଜ ବଦଳରେ ରଙ୍ଗ ହେଉଛି ଗେରୁଆ
- ରଙ୍ଗ ବଦଳାଇବାକୁ ଖର୍ଚ୍ଚ ହେବ ୧୦କୋଟି ଟଙ୍କା
- ରଙ୍ଗ ବଦଳା ରାଜନୀତିକୁ ବିରୋଧୀଙ୍କ କଟାକ୍ଷ
- ଆବଶ୍ୟକତା ଦୃଷ୍ଟିରୁ ରଙ୍ଗ ବଦଳାଯାଉଛି: ମନ୍ତ୍ରୀ

ମାତ୍ର ସରକାର ବଦଳୁ ବଦଳୁ ଲକ୍ଷ୍ମୀ ବସ୍‌ର ନାମ ଓ ରଙ୍ଗ ପରିବର୍ତ୍ତନ ଆରମ୍ଭ ହୋଇ ଯାଇଛି। ଯାହାକୁ ସାଧାରଣ ଲୋକମାନେ ଗ୍ରହଣ କରିପାରୁ ନାହାନ୍ତି।

କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନପତି କହିଛନ୍ତି ଯେ ଲକ୍ଷ୍ମୀ ବସ୍ କେମିତି ଭଲରେ ଚାଲିବ ସେନେଇ ସରକାର ଯୋଜନା କରିବା ଆବଶ୍ୟକ। ବସ୍ ରଙ୍ଗ ବଦଳାଇଲେ କୌଣସି ଲାଭ ନାହିଁ; ଉଚ୍ଚମାନର ସେବା ଯୋଗାଇ ଦେବା ଆବଶ୍ୟକ ବୋଲି ଉଲ୍ଲେଖ କରି ରଙ୍ଗ ବଦଳାଇଲେ ଭୋଟ ମିଳେନି ବୋଲି ସେ କହିଛନ୍ତି। ପୂର୍ବତନ ପିସିସି ସଭାପତି ତଥା କଂଗ୍ରେସ ନେତା ଜୟଦେବ ଜେନା ମଧ୍ୟ ରାଜ୍ୟ ସରକାରଙ୍କ ଏହି ନୀତିକୁ ସମାଲୋଚନା କରିବା ସହ ଲକ୍ଷ୍ମୀ ବସକୁ ଗେରୁଆ ରଙ୍ଗ କରିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ରାଜ୍ୟ ରାଜକୋଷରୁ ରଙ୍ଗ ବଦଳାଇବା ବାବଦରେ ଅଯଥାରେ ଟଙ୍କା ଖର୍ଚ୍ଚ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। କଂଗ୍ରେସ ସହିତ ପୂର୍ବତନ ବିଜେଡି ବିଧାୟକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ ସରକାର ମୂଳ ଉଦ୍ଦେଶ୍ୟକୁ ନେଇ କାମ କରିବା ଦରକାର। ବାହ୍ୟ ଅଳଙ୍କାର କାର୍ଯ୍ୟରେ ରହିଲେ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପୂର୍ବରୁ ଏହି ବସ୍‌ର ନାମ ଓ ରଙ୍ଗ ବଦଳିବା ସଂକ୍ରାନ୍ତରେ ସ୍ପଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ବସ ସେବା ନାଁରେ ରାଜ୍ୟର ସବୁ ବ୍ଲକକୁ ବସ ଗଡ଼ିବ ବୋଲି ସେ କହିଥିଲେ। ଏହି ବସ୍ ସେବାରେ କୌଣସି ରାଜନୈତିକ ଗନ୍ଧ ରହିବ ନାହିଁ ବୋଲି କହିଥିଲେ। ହେଲେ ଏହି ବସକୁ ଗେରୁଆ ରଙ୍ଗ କରାଯିବା ପରେ ଆବଶ୍ୟକତା ଦୃଷ୍ଟିରୁ ବସ୍‌ର ରଙ୍ଗ କରାଯାଇଛି ବୋଲି ସେ ଆଜି ସଫେଇ ଦେଇଛନ୍ତି। ସୂଚନା ଥାଉ କି ଓଡ଼ିଶାର ୩୦ ଜିଲ୍ଲାରେ ଏବେ ୧୩୪୫ଟି ଲକ୍ଷ୍ମୀ ବସ ଚଳାଚଳ କରୁଛି। ଏହି ସବୁ ବସ୍‌ର ରଙ୍ଗ ପରିବର୍ତ୍ତନ ପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ସୂଚନା ମିଳିଛି। ରାଜ୍ୟ ରାଜକୋଷରୁ ଏତେ ଟଙ୍କା ନିରର୍ଥକ ଭାବେ ଖର୍ଚ୍ଚ କରାଯିବାକୁ ଥିବାରୁ ବିଭିନ୍ନ ମହଲରୁ ଏହାକୁ ନାପସନ୍ଦ କରାଯାଉଛି।

## ରଥଯାତ୍ରା ପ୍ରସ୍ତୁତିର ସ୍ୱତନ୍ତ୍ର ସମୀକ୍ଷା

# ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ପୁରୀ, ୨।୭ (ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ପରିଚୟ। ତାଙ୍କ ରଥଯାତ୍ରା ସାରା ବିଶ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଓ ଆଧ୍ୟାତ୍ମିକ ପର୍ବ। ଏହାର ସୁପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ। ତେଣୁ ଦାୟିତ୍ୱବାନ ହୋଇ ଏହାକୁ ଅତ୍ୟନ୍ତ ନିଷ୍ଠା ସହକାରେ ସୂଚାରୁରୂପେ ପାଳନ କରିବା ଲାଗି ସମସ୍ତଙ୍କର ସହଯୋଗ ଲୋଡ଼ା। ମଙ୍ଗଳବାର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରଥଯାତ୍ରାର ସ୍ୱତନ୍ତ୍ର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।




- 'ଜଗନ୍ନାଥଙ୍କର ମହିମା ବିଶ୍ୱପ୍ରେମର ବାର୍ତ୍ତା ବାଣ୍ଟିଚାଲିଛି'
- ନୂଆଦିଲ୍ଲୀରୁ ନ୍ୟୁୟର୍କ ରଥଯାତ୍ରା ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ

ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଜଗନ୍ନାଥଙ୍କର ମହିମା ବିଶ୍ୱପ୍ରେମର ବାର୍ତ୍ତା ବାଣ୍ଟି ଚାଲିଛି। ନୂଆଦିଲ୍ଲୀରୁ ନ୍ୟୁୟର୍କ ଯାଏ ଦେଶ ବିଦେଶରେ ରଥଯାତ୍ରା ପ୍ରବଳ ଉତ୍ସାହ ମଧ୍ୟରେ ପାଳିତ ହେବା ଆମ ପାଇଁ ଅତ୍ୟନ୍ତ ଗର୍ବ ଏବଂ ଗୌରବର ବିଷୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରଥମ ତଥା ମୂଳସେବକ ହେଉଛନ୍ତି ଆଦିବାସୀ। ଜଣେ ଆଦିବାସୀ ଭାବେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରୁଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଏଥର ରାଷ୍ଟ୍ରପତି ରଥଯାତ୍ରା ଦେଖିବା ଏବଂ ରଥ ଟାଣିବା ପାଇଁ ନିଜେ ଇଚ୍ଛା ପ୍ରକାଶ କରିଛନ୍ତି। ସେ ଆମ ସମସ୍ତଙ୍କ ସହିତ ରଥ ଟାଣିବେ। ଏହା ନିଶ୍ଚିତ ପାଇଁ ଖୁସି ଓ ଗୌରବର କଥା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରଥ ନିର୍ମାଣ ଅଗ୍ରଗତି, ନୀତିକାନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା, ସ୍ୱାସ୍ଥ୍ୟ, ପରିମଳ ଆଦି ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଦୁଇ ଉପମୁଖ୍ୟ ମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ, ଅଗ୍ନିଶମ ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ସେବାୟତ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରଥଯାତ୍ରା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଏସ୍‌ପି ପିନାକ ମିଶ୍ର ଧନ୍ୟବାଦ ଦେଇଥିଲେ।

## ■ ଜାଲ୍ ଶିକ୍ଷାଗତ ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

# ହାଇକୋର୍ଟରେ ସରକାରଙ୍କ ସତ୍ୟପାଠ

**କଟକ, ୨।୭(ସମିସ):** ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଜାଲ ଶିକ୍ଷାଗତ ପ୍ରମାଣପତ୍ର ବଳରେ ଶିକ୍ଷକଙ୍କ ନିଯୁକ୍ତି ଓ ଭୂତ(ବୋଗସ) ଛାତ୍ରଛାତ୍ରୀଙ୍କ ନାଁ ଗଡ଼ୁଥିବା ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠ ରେକର୍ଡଭୁକ୍ତ କରି ଏହାର ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାମଲାର ବିସ୍ତୃତ ଶୁଣାଣି ଆସନ୍ତା ଜୁଲାଇ ୮ରେ ହେବ ବୋଲି ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ମାମଲାରେ ଇଣ୍ଟରଭିନର ହେବା ପାଇଁ କେତେକ ଦୋଷୀ ତଥା ଗିରଫ ହୋଇଥିବା ଶିକ୍ଷକଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ବିଇଡି ପ୍ରମାଣପତ୍ରର କୌଣସି ଆବଶ୍ୟକତା କିମ୍ବା ନିର୍ଦ୍ଦେଶ ନଥିଲା। ଏହି ପ୍ରମାଣପତ୍ର ଜାଲ ହୋଇଥିବା ଆଳରେ ଶିକ୍ଷକଙ୍କୁ ଗିରଫଦାରୀ ବେଆଇନ ବୋଲି ଦର୍ଶାଇ ଦାଖଲ ଇଣ୍ଟଭିନର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।

ଏହି ମାମଲାରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଗତ ୨୦୨୩ ମେ' ୯ର ଚିଠି ଅନୁସାରେ ବିଭିନ୍ନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନକଲି ଶିକ୍ଷକଙ୍କୁ ଚିହ୍ନଟ ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଜାରି ରହିଥିବା ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏପରିକି ୨୦୨୩ ଜୁଲାଇ ୧୯ ସୁଦ୍ଧା ଚିହ୍ନଟ ହୋଇଥିବା ୨୩୩ ଜଣ ନକଲି ଶିକ୍ଷକଙ୍କୁ ବହିଷ୍କୃତ କରାଯାଇଥିଲା ବେଳେ ୨୦ଟି ମାମଲାରେ ଅଦାଲତଙ୍କ ରହିତାଦେଶ ସହ ମାମଲା ବିଚାରାଧୀନ ଥିବା କୁହାଯାଇଛି। ସେହିପରି ବୋଗସ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ମଧ୍ୟ ସତ୍ୟପାଠ ଦାଖଲ କରିଛନ୍ତି ସରକାର।

ମାମଲାରୁ ପ୍ରକାଶ ଯେ ଆନ୍ଧ୍ରପ୍ରଦେଶ, ଜାମୁକାଶ୍ମୀର ଓ ରାଜସ୍ଥାନ ଆଦି ରାଜ୍ୟରେ ନକଲି ତଥା ଜାଲ୍ ପ୍ରମାଣପତ୍ର ଆଣି ରାଜ୍ୟର କେତେକ ସରକାରୀ ପ୍ରାଥମିକ ସ୍କୁଲଗୁଡ଼ିକରେ ଅନେକ ଶିକ୍ଷକ ଚାକିରି ପାଇଛନ୍ତି। ଏପରିକି ଜାଲ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ଦର୍ଶାଇ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ବାର୍ଷିକ ବିପୁଳ ପରିମାଣର ଅର୍ଥ ହାସଲ କରୁଛନ୍ତି।

# ସରୋଗାସି ମା'ଙ୍କୁ ବି ମିଳିବ ପ୍ରସବ ଛୁଟି: ହାଇକୋର୍ଟ

**କଟକ, ୨।୭(ସମିସ):** ଜଣେ ମହିଳା କର୍ମଚାରୀ ଯଦି ସରୋଗାସି ମାଧ୍ୟମରେ ସନ୍ତାନ ଜନ୍ମ ଦିଅନ୍ତି, ତେବେ ବି ତାଙ୍କୁ ସାଧାରଣ ମହିଳା କର୍ମଚାରୀଙ୍କ ଭଳି ପ୍ରସବକାଳୀନ ଛୁଟି ମିଳିପାରିବ ବୋଲି ହାଇକୋର୍ଟ ଏକ ରାୟ ପ୍ରଦାନ କରିଛନ୍ତି। ଯଦି ସରକାର ପ୍ରାକୃତିକ ଉପାୟରେ ସନ୍ତାନ ପ୍ରସବ କରିଥିବା ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନ କରୁଛନ୍ତି, ତେବେ ସରୋଗାସି ପ୍ରକ୍ରିୟା ଦ୍ୱାରା ସନ୍ତାନ ପ୍ରାପ୍ତି କରିଥିବା ମହିଳାଙ୍କୁ ଏହି ସୁବିଧା ପ୍ରଦାନରୁ ବଞ୍ଚିତ କରାଯିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଜନୈକା ମହିଳା କର୍ମଚାରୀଙ୍କ ଆବେଦନର ଶୁଣାଣି କରି ଏପରି ରାୟ ଦେଇଛନ୍ତି।

ସରୋଗାସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ମହିଳା କର୍ମଚାରୀଙ୍କୁ ପ୍ରସବକାଳୀନ ଛୁଟି ପ୍ରଦାନରେ ପ୍ରତିବନ୍ଧକ ସାଜିଥିବା ଅର୍ଥ ବିଭାଗର ୨୦୧୯, ନଭେମ୍ବର ୧୫ର ଚିଠି ଓ ସାଧାରଣ ପ୍ରଶାସନ ବିଭାଗର ୨୦୨୦, ଜୁଲାଇ ୬ର ଚିଠିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସମ୍ବିଧାନର ଧାରା ୨୧ ମାତୃତ୍ୱ ଅଧିକାର ସହିତ ସବୁ ଶିଶୁଙ୍କ ପୂର୍ଣ୍ଣାଙ୍ଗ ବିକାଶ ସମ୍ପର୍କିତ ଅଧିକାର ପ୍ରଦାନ କରିଛି। ଶିଶୁ ଜନ୍ମ ପରେ ଯତ୍ନ ଓ ପାଳନପୋଷଣ ପାଇଁ ପ୍ରାରମ୍ଭିକ ଦିନଗୁଡ଼ିକ ମା' ପାଇଁ ବହୁତ ଜଟିଳ ହୋଇଥାଏ। ଶିଶୁର ବିକାଶ ପାଇଁ ଏହି ସମୟର ବହୁତ ଗୁରୁତ୍ୱ ରହିଛି। ଚିକିତ୍ସା ବିଜ୍ଞାନର ଅଗ୍ରଗତିକୁ ଦୃଷ୍ଟିରେ ରଖି ବଳବତ୍ତର ଥିବା ଏ ସଂପର୍କିତ ନିୟମ କାନୁନର ଅର୍ଥ ନିରୂପଣ କରାଯିବା ଉଚିତ। ଏଭଳି ସ୍ଥିତିରେ ସରୋଗାସି ମାଧ୍ୟମରେ ମାତୃତ୍ୱ ଲାଭ କରିଥିବା ଆବେଦନକାରୀଙ୍କୁ ୧୮୦ଦିନର ପ୍ରସବକାଳୀନ ଛୁଟି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ଅର୍ଥ ସେବା ଅଧିକାରୀ ଭାବେ ଚାକିରିରେ ଯୋଗ ଦେଇଥିଲେ। ଚିରାଚରିତ ପ୍ରକ୍ରିୟାରେ ମା ନ ହୋଇପାରି ଆବେଦନାକରୀ ସରୋଗାସି ମାଧ୍ୟମରେ ଜଣେ ମହିଳାଙ୍କ ସହ ଚୁକ୍ତି କରି ୨୦୧୮, ଅକ୍ଟୋବରରେ ସନ୍ତାନକୁ ଜନ୍ମ ଦେଇଥିଲେ। ଏହାପରେ ସେ ପ୍ରସବକାଳୀନ ଛୁଟି ପାଇଁ କରିଥିବା ଦରଖାସ୍ତକୁ ମଞ୍ଜୁର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସ୍ଥିତି ସ୍ପଷ୍ଟ ନଥିବାରୁ ଅନୁଧ୍ୟାନ ପାଇଁ ଅର୍ଥ ବିଭାଗ କହିଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ■ ଏନଏଚ୍‌ପିସି ଓ ଗ୍ରୀଡ୍‌କୋ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

# ଗଞ୍ଜାମରେ ସ୍ଥାପନ ହେବ ୪୦ ମେଗାୱାଟର ସୌର ପ୍ରକଳ୍ପ

**ଭୁବନେଶ୍ୱର, ୨।୭ (ସମିସ):** ରାଜ୍ୟରେ ଅଧିକରୁ ଅଧିକ ଅକ୍ଷୟ ଶକ୍ତି ଉତ୍ପାଦନ ଓ ବ୍ୟବହାର ପାଇଁ ରାଜ୍ୟ ସରକାର କ୍ରମାଗତ ଉଦ୍ୟମ କରି ଆସୁଛନ୍ତି। ବିଦାୟୀ ବିଜେଡି ସରକାର ଏନେଇ ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ନୂଆକରି ରାଜ୍ୟରେ ଗଠନ ହୋଇଥିବା ବିଜେପି ସରକାର ମଧ୍ୟ ଏ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ଏନଏଚ୍‌ପିସି(ଜାତୀୟ ଜଳବିଦ୍ୟୁତ୍ ଶକ୍ତି ନିଗମ) ଗ୍ରୀଡ୍‌କୋ ସହ ପାୱାର ପରଚେଜ୍ ଏଗ୍ରିମେଣ୍ଟ ସ୍ୱାକ୍ଷରିତ କରିଛି। ଏହି ବୁଝାମଣା ପତ୍ର ଅନୁଯାୟୀ ଏନଏଚପିସି ଗଞ୍ଜାମଠାରେ ୪୦ ମେଗାୱାଟ କ୍ଷମତା ବିଶିଷ୍ଟ ସୋଲାର ଫଟୋଭୋଲ୍ଟିକ(ପିଭି) ପ୍ରକଳ୍ପ ସ୍ଥାପନ କରିବ। ଏହି ପ୍ରକଳ୍ପ ସ୍ଥାପନ ପରେ ଗ୍ରୀଡ୍‌କୋ ଏଠାରୁ ଆସନ୍ତା ୨୫ ବର୍ଷ ପାଇଁ ବିଦ୍ୟୁତ୍ କ୍ରୟ କରିବାକୁ ଯାଉଛି।

> ■ ପୂର୍ବ ସରକାର ସମୟରେ ମିଳିଥିଲା ୩୭୨୩ କୋଟିର ନିବେଶ ପ୍ରସ୍ତାବ

ରାଜ୍ୟ ସରକାର ଅକ୍ଷୟ ଉର୍ଜା କ୍ଷେତ୍ରରେ ଜଳବିଦ୍ୟୁତ୍ ଏବଂ ସୌରଶକ୍ତି ଉପରେ ବିଶେଷ ଭାବରେ ଫୋକସ୍ କରୁଛନ୍ତି। ପୂର୍ବ ସରକାରରେ ଜଳବିଦ୍ୟୁତ୍ ଏବଂ ସୌର ଉର୍ଜା କ୍ଷେତ୍ରରେ ବର୍ତ୍ତମାନ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ନିକଟରେ ରାଜ୍ୟ ଶକ୍ତି ବିଭାଗର ଷଷ୍ଠ ସିଙ୍ଗଲ୍ ୱିଣ୍ଡୋ କମିଟି ବୈଠକରେ ମୋଟ ୧୦୨.୨୨ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୯୦୩ .୪୧ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଅନୁମୋଦିତ କରାଯାଇଥିଲା। ଏହି ପ୍ରକଳ୍ପ ମଧ୍ୟରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ସ୍ଥାପିତ ହେବାକୁ ଥିବା ୪୮ ମେଗାୱାଟ କ୍ଷମତା ସମ୍ପନ୍ନ ପବନଶକ୍ତି ପ୍ରକଳ୍ପ ଓ ଓଏନଜିସି ତ୍ରିପୁରା ପାୱାର୍ କମ୍ପାନୀ ଲିମିଟେଡ୍ ପକ୍ଷରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଠାରେ ସ୍ଥାପିତ ହେବାକୁ ଥିବା ୪୯.୫ ମେଗାୱାଟ କ୍ଷମତା ସମ୍ପନ୍ନ ପବନଶକ୍ତି ପ୍ରକଳ୍ପ ରହିଛି। ଏହି ଦୁଇଟି ପ୍ରକଳ୍ପ ନିମନ୍ତେ ମୋଟ ୮୮୧.୨୮ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ସୂଚନାଯୋଗ୍ୟ ଯେ ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨ ଅନୁଯାୟୀ ଆଜି ସୁଦ୍ଧା ୪୯୯.୪୮ ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୩୭୨୩ .୫୭ କୋଟି ଟଙ୍କା ବିନିଯୋଗ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

# ଆଦିତ୍ୟ ମହାପାତ୍ର ହେଲେ ନବୀନଙ୍କ ବ୍ୟକ୍ତିଗତ ସଚିବ

ଭୁବନେଶ୍ୱର, ୨।୭(ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ ବରିଷ୍ଠ ଓଏଏସ୍ ଆଦିତ୍ୟ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି। ଏନେଇ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅତିରିକ୍ତ ସଚିବ ଭାବେ ଶ୍ରୀ ମହାପାତ୍ର ଦାୟିତ୍ୱ ତୁଲାଇଛନ୍ତି।

## ■ ଲୋକପାଳ ନିଯୁକ୍ତି ବିଳମ୍ବିତ

# ୮ ବିଶ୍ୱବିଦ୍ୟାଳୟକୁ ୟୁଜିସିର ତାଗିଦ

**ଭୁବନେଶ୍ୱର,୨।୭(ସମିସ):** ବାରମ୍ବାର ତାଗିଦ କଲାପରେ ମଧ୍ୟ ଲୋକପାଳ ନିଯୁକ୍ତ କରୁନାହାନ୍ତି ବିଭିନ୍ନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଉଦ୍‌ବେଗ ପ୍ରକାଶ ସହ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛି। ଛାତ୍ରଛାତ୍ରୀଙ୍କ ଅଭିଯୋଗ ସମାଧାନ ନିୟମ ୨୦୨୩ ଅନୁଯାୟୀ ଲୋକପାଳ ନିଯୁକ୍ତ କରିବାରେ ବିଫଳ ହୋଇଥିବା ଦେଶର ୬୩ ଟି ବିଶ୍ୱବିଦ୍ୟାଳୟର ତାଲିକା ଜାରି କରିଛି। ତନ୍ମଧ୍ୟରେ ୪୬ଟି ସରକାରୀ ବିଶ୍ୱବିଦ୍ୟାଳୟ, ୬ଟି ଘରୋଇ ବିଶବିଦ୍ୟାଳୟ ଏବଂ ୧୧ଟି ଡିମ୍‌ଡ୍ ବିଶ୍ୱବିଦ୍ୟାଳୟ ରହିଛନ୍ତି। ଖିଲାପୀ ସରକାରୀ ବିଶ୍ୱବିଦ୍ୟାଳୟ ତାଲିକାରେ ଓଡ଼ିଶାର ୮ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଆଇଆଇଆଇଟି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରମୁଖ ଲୋକପାଳ ନିଯୁକ୍ତ କରିନାହାନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଅଭିଯୋଗ ସମାଧାନ ପାଇଁ ଏକ କମିଟି ଗଠନ କରିବାର ବ୍ୟବସ୍ଥା ରହିଛି। ଏଥିରେ ନାମଲେଖା, ପରୀକ୍ଷା ଦେୟ, ର୍‍ୟାଗିଂ ଆଦି ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅଭିଯୋଗ କରିପାରିବେ। ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଜଣେ ଲୋକପାଳ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗକୁ ଶିକ୍ଷାନୁଷ୍ଠାନର କମିଟି ନିର୍ଦ୍ଧାରିତ ସମୟରେ ସମାଧାନ କରି ନ ପାରିଲେ ଛାତ୍ରଛାତ୍ରୀମାନେ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବାର ନିୟମ ରହିଛି।

# ପ୍ରାଣନେଲା ଗୋଠଛଡ଼ା ଦନ୍ତା

**ବେତନଟୀ, ୨।୭(ସମିସ):** ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଦାନ୍ତିଆମୁହାଁ ନିକଟ ଦୁର୍ଗାପୁର ଗ୍ରାମର ଜନୈକ ବୃଦ୍ଧଙ୍କର ହାତୀ ଆକ୍ରମଣରେ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବୁଦ୍ଧିଆ ସିଂ(୬୨)। ଏକ ଗୋଠଛଡା ଦନ୍ତା ଦୁର୍ଗାପୁର ଗାଁକୁ ପଶି ଆସିଥିବା ବେଳେ ବୁଦ୍ଧିଆ ଜୀବନ ବଞ୍ଚାଇ ଦୌଡ଼ି ପଳାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ଦନ୍ତାଟି ବୁଦ୍ଧିଆଙ୍କୁ କଚାଡ଼ି ଦେଇଥିଲା।

> ଶବ ସଂସ୍କାର କରାଇ ଦେଉନାହାନ୍ତି ହାତୀପଲ

ଗୁରୁତର ବୁଦ୍ଧିଆଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଉଥିଲା। କିନ୍ତୁ ବାଟରେ ସେ ନିଶ୍ଚଳ ହୋଇଯିବାରୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ବୁଦ୍ଧିଆଙ୍କ ଶବ ଦୁର୍ଗାପୁର ଗାଁରେ ପହଞ୍ଚିଥିଲା। କିନ୍ତୁ ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ହାତୀପଲ ଦୁର୍ଗାପୁର ଗାଁକୁ ପଶି ଆସିଥିବାରୁ ଭୟରେ ଶ୍ମଶାନ ମୃତଦେହ ନିଆଯାଇ ପାରିନାହିଁ। ଅନ୍ତ୍ୟେଷ୍ଟିକ୍ରିୟା ଅଟକି ରହିଥିବା ବେଳେ ବୁଧବାର ସକାଳେ ହାତୀପଲ ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ କରିବା ପରେ ଶବ ସଂସ୍କାର କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

## ରାଜ୍ୟସଭାରେ ବିଜେଡି ସାଂସଦ ମମତା ମହାନ୍ତଙ୍କ ଦାବି

# ମୟୂରଭଞ୍ଜରେ ସ୍ଥାପନ ହେଉ ଏମ୍ସ ଶାଖା

**ଭୁବନେଶ୍ୱର, ୨।୭(ସମିସ):** ଓଡ଼ିଶାର ଉତ୍ତର ଭାଗରେ ଅବହେଳିତ ଭାବେ ଥିବା ମୟୂରଭଞ୍ଜ ଜିଲ୍ଲାରେ ଏମ୍ସର ଏକ ଶାଖା ସ୍ଥାପନ ପାଇଁ ରାଜ୍ୟସଭା ସାଂସଦ ମମତା ମହାନ୍ତ ଦାବି କରିଛନ୍ତି। ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ସାଂସଦ ମମତା ମହାନ୍ତ ଅଭିଭାଷଣ ରଖି ମୟୂରଭଞ୍ଜ ଜିଲ୍ଲା ପାଇଁ ଏକାଧିକ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ ଦାବି କରିଛନ୍ତି।

ସେ କହିଛନ୍ତି ଯେ ମୟୂରଭଞ୍ଜ ଜିଲ୍ଲାରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଦେବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ଉଦ୍ୟମ କରି ଏକ ମେଡିକାଲ୍ କଲେଜ ସ୍ଥାପନ କରିଛନ୍ତି। ଏହି ମେଡିକାଲ୍ କଲେଜକୁ ମହାପୁରୁଷ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାମରେ ନାମିତ କରାଯାଇଛି। ତେବେ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ଏହି ମେଡିକାଲ୍ କଲେଜର ବିକାଶ ପାଇଁ କୌଣସି ଉଦ୍ୟମ କରୁନାହାନ୍ତି। ଫଳରେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ପରିସ୍ଥିତିରେ ମୟୂରଭଞ୍ଜ ଜିଲ୍ଲାରେ ଏମ୍ସର ଏକ ଶାଖା ଖୋଲି କେନ୍ଦ୍ର ସରକାର ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରନ୍ତୁ। ଏହାଦ୍ୱାରା ଓଡ଼ିଶାର କେବଳ ଉତ୍ତରଭାଗର ଲୋକ ନୁହେଁ, ବରଂ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ଲୋକେ ମଧ୍ୟ ଉପକୃତ ହେବେ।



ସାଂସଦ ଶ୍ରୀମତୀ ମହାନ୍ତ ତାଙ୍କ ଟିପ୍ପଣୀରେ ଆହୁରି କହିଛନ୍ତି ଯେ ରାଷ୍ଟ୍ରପତି ନିଜେ ଏହି ଜିଲ୍ଲାର। କିନ୍ତୁ ଏହି ଜିଲ୍ଲାରେ ରେଳସେବାକୁ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ରାସଗୋବିନ୍ଦପୁରର ଅମର୍ଦ୍ଦା ଓ ରାଇରଙ୍ଗପୁରର ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ କାର୍ଯ୍ୟକ୍ଷମ କରାଯିବା ନେଇ ଦୀର୍ଘ ବର୍ଷ ଧରି ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଛି। ଜିଲ୍ଲାର ପ୍ରାୟ ଗ୍ରାମାଞ୍ଚଳକୁ ମୋବାଇଲ ନେଟୱର୍କ ପହଞ୍ଚି ପାରିନାହିଁ। ଏହାସହ ଜିଲ୍ଲାରେ ପ୍ରସ୍ତାବିତ ରେଳସେବା ଓ ଜାତୀୟ ରାଜପଥ ପୂର୍ଣ୍ଣାଙ୍ଗୀକରଣ ଦାବି, ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଏବଂ ବିଶୋଇଠାରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି କରିଛନ୍ତି।

## ଗଡ଼ା ଚାଲିଛି ତିନିରଥ...

# ପ୍ରଭାରେ ରୂପ ଖୋଦେଇ ଜାରି



**ପୁରୀ, ୨। ୭ (ସମିସ):** ମଙ୍ଗଳବାର ତିନିରଥର ୪ଟି ଲେଖାଏଁ ଦୁଆର ବେଢ଼ା ରଥ ଉପରକୁ ଉଠିଛି। ବୁଧବାର ଏହି ଦୁଆରବେଢ଼ା ଉପର ଭାଗ ଚନ୍ଦ୍ରଶାଳୀରେ ଧ୍ୱଜବତା ସଂଯୋଗ ହୋଇଛି। ଦୁଆରବେଢ଼ା ମଜଭୁତ ରହିବା ଲାଗି ମଝିଭୂଇଁ ଶେଣୀରେ କଣ୍ଟା ବସି ଫିଟିଙ୍ଗ କରାଯାଇଛି। ପ୍ରତ୍ୟେକ ରଥର କୋଣମାନଙ୍କରେ ମଣ୍ଡଣି ବତା ଫିଟିଙ୍ଗ ସହ ତିନିରଥରେ ହାତିଆଳ ବା ବତାଫାଳିଆ ୮ଟି ଲେଖାଏଁ ବଡ଼ଧରା ପୋଟଳଠାରୁ ଚନ୍ଦ୍ରଶାଳୀ (ଦୁଆରବେଢ଼ା ଉପର) ପର୍ଯ୍ୟନ୍ତ ଫିଟିଙ୍ଗ କରାଯାଇଛି। ରଥଗୁଡ଼ିକର କୋଣରେ ପଟାବାଡ଼ିଆ ସଂପୂର୍ଣ୍ଣ ହୋଇଛି। ରୂପକାରମାନେ ପ୍ରଭାରେ ଖୋଦେଇ କରୁଛନ୍ତି। ତିନିରଥ ପ୍ରଭା ଉପରେ ରାହୁ ମୁଖ ଦୁଇହାତରେ ଦୁଇଟି ଛୁରୀ ଧରିଥିବା ଚିତ୍ର, ବାଙ୍କରେ ଡାଳିଲତା ଏବଂ ତଳ ଭାଗ ଦୁଇପାର୍ଶ୍ୱରେ ମଗର ମୁଖ ରୂପ ଖୋଦେଇ କରାଯାଉଛି। ଖୋଦେଇ ସରିବା ପରେ ଏଥିରେ ଚିତ୍ରକାର ସେବକମାନେ ରଙ୍ଗ ଦେବେ। ସେହିପରି ଅନ୍ୟାନ୍ୟ କାମ ମଧ୍ୟରେ ଚିତ୍ରକାର ସେବକମାନେ ତିନିରଥ କଳସରେ ପଦ୍ମ ପାଖୁଡ଼ା ରଙ୍ଗ ଶେଷ କରିଛନ୍ତି। ରଥର ଘୋଡ଼ା, ସାରଥି, ରଥର ବାହ୍ୟ ଅଂଶ ସହ ହଂସପଟା, ପାର୍ଶ୍ୱ ଦେବଦେବୀ, କଳସ ଇତ୍ୟାଦିର ରଙ୍ଗ କରୁଛନ୍ତି। ଦରଜୀ ସେବକମାନେ ତିନି ରଥର ଘେର କନା ଏବଂ ପୋଟଳ କନା କଟିଙ୍ଗ ଶେଷ କରି ସେଥିରେ ଚିକଣ ଜରି ଲେସ୍ ଫିଟିଙ୍ଗ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପୋଟଳ କଣ୍ଟା ତିଆରି କରୁଛନ୍ତି।

## ରଥଯାତ୍ରା ପାଇଁ ପୁଲିସର ପ୍ରସ୍ତୁତି

# ସୁରକ୍ଷାବଳୟରେ ରହିବ ପୁରୀ

- ସମୁଦ୍ର ତଟରେ ପଇଁତରା ମାରିବେ ତଟରକ୍ଷୀ ବାହିନୀ
- ଭିଡ଼ ନିୟନ୍ତ୍ରଣ ପାଇଁ ୬ଟି ଜୋନ୍‌ରେ ବିଭକ୍ତ ହୋଇଛି ବଡ଼ଦାଣ୍ଡ

**ପୁରୀ,୨।୭ (ସମିସ):** ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଏଥର ବିରଳ ରଥଯାତ୍ରା ପଡ଼ିଥିବା ବେଳେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ସେହିପରି ଏଥର ରଥଯାତ୍ରା ଦେଖିବାକୁ ପୁରୀ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି। ତେଣୁ ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏ ସବୁକୁ ନଜରରେ ରଖି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ସେବାକୁ ଗୁରୁତ୍ୱ ଦେଇଛି ପୁଲିସ। ମଙ୍ଗଳବାର ଟାଉନ ହଲ୍ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରଥଯାତ୍ରା ପ୍ରସ୍ତୁତିକୁ ନେଇ ସ୍ୱତନ୍ତ୍ର ସମୀକ୍ଷା କରିଥିଲେ। ଏଥିରେ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ରଥଟଣା, ଶାନ୍ତିଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ପରିଚାଳନା, ଟ୍ରେନ ଯାତ୍ରୀଙ୍କ ସୁରକ୍ଷା, ପାର୍କିଂ ବ୍ୟବସ୍ଥା ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ନେଇ ପୁଲିସ ବ୍ୟବସ୍ଥା ହୋଇଛି ସମ୍ପର୍କରେ ଅବଗତ କରାଇଥିଲେ।

ପୁଲିସ ଡିଜି ଶ୍ରୀ ଷଡ଼ଙ୍ଗୀ କହିଥିଲେ, ପ୍ରତ୍ୟେକ ବ୍ୟବସ୍ଥାରେ ଜଣେ ଜଣେ ଅତିରିକ୍ତ ଡିଜି ଏବଂ ଆଇଜି ରାଙ୍କର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ରଥଯାତ୍ରା ପାଇଁ ବିଭାଗ ପକ୍ଷରୁ ଦୁଇଥର ସମୀକ୍ଷା ସରିଲାଣି। ଏଥର ୧୮୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ୪ଜଣ ଅତିରିକ୍ତ ଡିଜିଙ୍କ ନେତୃତ୍ୱରେ ୬ ଜଣ ଆଇଜି ଓ ଡିଆଇଜି ର୍‍ୟାଙ୍କର ଅଧିକାରୀ, ୨୦ ଜଣ ଏସ୍‌ପି ଓ କମାଣ୍ଡାଣ୍ଟ, ୩୩ ଜଣ ଅତିରିକ୍ତ ଏସ୍‌ପି ଓ ଡେପୁଟି କମାଣ୍ଡାଣ୍ଟ, ୭୫ ଜଣ ଡିଏସ୍‌ପି ଓ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୧୩୦ ଜଣ ଇନ୍ସପେକ୍ଟର, ୬୮୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୨, ୧୦୦ ହୋମ୍‌ଗାର୍ଡ, ୨୦୦ରୁ ଅଧିକ ଟ୍ରାଫିକ କର୍ମଚାରୀ, ୩ ପ୍ଲାଟୁନ ସ୍ୱେସାଲ ଷ୍ଟ୍ରାଇକିଂ ୟୁନିଟ୍, ଓଡ୍ରାଫ ୩ ୟୁନିଟ୍, ୩ ୟୁନିଟ୍ ଏସ୍‌ଓଜି, ୫ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ନିୟୋଜିତ ହେବେ। ଏଥିସହ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ଏବଂ ଟ୍ରାଫିକ କଣ୍ଟ୍ରୋଲ ରୁମ୍ ରହିବ। ୬୧ଟି ଜାଗାରେ ସିସିଟିଭି ଲଗାଯାଇଛି। ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଲୋକଙ୍କୁ ସୋସିଆଲ ମିଡିଆରେ ଟ୍ରାଫିକ ଏବଂ ପାର୍କିଂ ବିଷୟରେ ସୂଚନା ଦିଆଯିବ। ୧୮ଟି ପାର୍କିଂସ୍ଥଳ, ୧୮ଟି ଟ୍ରାଫିକ ଏଡ୍‌ପୋଷ୍ଟ, ୬ଟି ଅସ୍ଥାୟୀ ଆଉଟ୍‌ପୋଷ୍ଟ କାର୍ଯ୍ୟକାରୀ ହେବ। ମୋବାଇଲ ପାଟ୍ରୋଲିଂ କରାଯିବ। ଚୋରି, ତସ୍କରୀ, ଛିନ୍‌ତାଇ ଉପରେ ନଜର ରଖିବା ଲାଗି ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ଲାଗି ମଧ୍ୟ ସ୍କ୍ୱାଡ୍ ଗଠନ ହୋଇଛି। ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କୁ ସାହାଯ୍ୟ କରିବା ପାଇଁ ସ୍ୱତନ୍ତ୍ର ଟିମ୍ ଅଛନ୍ତି। ସେମାନେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସହିତ ଯୋଗସୂତ୍ର ରକ୍ଷା କରି କାର୍ଯ୍ୟ କରିବେ। ହେଲ୍ପ-ଡେସ୍କର ସୁବିଧା ରହିବ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ତଟରକ୍ଷୀ ବାହିନୀ ସମୁଦ୍ର କୂଳରେ ପାଟ୍ରୋଲିଂ କରିବେ। ତଟରକ୍ଷୀ ବାହିନୀର ହେଲିକପ୍ଟର ମଧ୍ୟ ଆକାଶମାର୍ଗରେ ଚକ୍କର କାଟିବ। ଭିଡ଼ ନିୟନ୍ତ୍ରଣ ପାଇଁ ବଡ଼ଦାଣ୍ଡକୁ ୬ଟି ଜୋନରେ ବିଭକ୍ତ କରାଯାଇଛି। ପହଣ୍ଡି, ରଥଟଣା, କର୍ତ୍ତନ ପାଇଁ ମଧ୍ୟ ପୁଲିସ ବନ୍ଦୋବସ୍ତ ହୋଇଥିବା ବୈଠକରେ ସୂଚନା ଦେଇଥିଲେ ଡିଜିପି।

ଏଥର ରଥଯାତ୍ରା ଦେଖିବାକୁ ରାଷ୍ଟ୍ରପତି ପୁରୀ ଆସିବେ। ରାଷ୍ଟ୍ରପତିଙ୍କ ହେଲିକପ୍ଟର ସମଙ୍ଗରେ ଅବତରଣ କରିବ। ସେଠାରୁ ସମୁଦ୍ର କୂଳ ରାସ୍ତା ଦେଇ ରାଜଭବନ ଯିବେ। ରାଜଭବନରୁ ରଥଯାତ୍ରା ଦେଖିବା ପାଇଁ ଆସିବେ। ଏଥିପାଇଁ ବି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ମଧ୍ୟ ସୁରକ୍ଷା ବ୍ୟବସ୍ଥା ହୋଇଛି। ରଥଯାତ୍ରାରେ କୌଣସି ସନ୍ଦିଗ୍ଧ କାର୍ଯ୍ୟକଳାପକୁ ଏଡ଼ାଇବା ପାଇଁ ତିନୋଟି ବମ୍-ସ୍କ୍ୱାଡ୍ ରଖାଯାଇଛି। ସ୍ନିପର ଡଗ୍ ମଧ୍ୟ ମୁତୟନ ହେବ। ପୁରୀକୁ ସମ୍ପୂର୍ଣ୍ଣ ସୁରକ୍ଷା ବଳୟରେ ରଖିବା ପାଇଁ ଆମେ ପ୍ରସ୍ତୁତ କରିଛୁ ବୋଲି କହିଛନ୍ତି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ।

# ଆଜିଠୁ ସିପିଇଟି ପରୀକ୍ଷା

- ଦିନକୁ ୩ଟି ପର୍ଯ୍ୟାୟରେ ହେବ ପରୀକ୍ଷା
- ୧୩ ତାରିଖ ଯାଏ ପରୀକ୍ଷା ଦେବେ ୬୨, ୫୪୪ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୨।୭ (ସମିସ):** ସ୍ନାତକୋତ୍ତର ପଢ଼ିବା ପାଇଁ ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ଆସନ୍ତାକାଲି (ବୁଧବାର) ଠାରୁ ଆରମ୍ଭ ହେଉଛି। ଅସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଦିନକୁ ୩ଟି ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବାକୁ ଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟା ୩୦ରୁ ୧ଟା ୩୦ ଏବଂ ତୃତୀୟ ପର୍ଯ୍ୟାୟରେ ଅପରାହ୍ଣ ୩ଟାରୁ ୪ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଚଳିତଥର ୬୨ ହଜାର ୫୪୪ଜଣ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ତନ୍ମଧ୍ୟରେ ୪୩ ହଜାର ୬୨୪ଜଣ ଛାତ୍ରୀ ଥିବା ବେଳେ ୨୧ ହଜାର ୩୬୦ ଜଣ ଛାତ୍ର ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ସମୁଦାୟ ୧୧୨ଟି ଶିକ୍ଷାନୁଷ୍ଠାନରେ ୨୮ ହଜାର ୯୦୬ଟି ସିଟ୍‌ରେ ନାମଲେଖା ପାଇଁ ରାଜ୍ୟ ପ୍ରବରଣ ମଣ୍ଡଳୀ(ଏସ୍‌ଏସ୍‌ବି) ପରୀକ୍ଷା ସଞ୍ଚାଳନ କରୁଛି। ପରୀକ୍ଷା ସରିବା ପରେ ଜୁଲାଇ ୧୨ ତାରିଖରୁ ୨୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିବେ। ତା'ପରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ମେରିଟ୍ ଲିଷ୍ଟ ପ୍ରକାଶ କରିବା ତାରିଖ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି କୁହାଯାଇଛି।

ଚଳିତବର୍ଷ ତିନୋଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରତିଟି ପର୍ଯ୍ୟାୟରେ ୪ଟି ରାଉଣ୍ଡରେ ନାମଲେଖା ହେବ। ଶେଷ ରାଉଣ୍ଡରେ ସ୍ପଟ୍ ଆଡମିସନ୍ କରାଯିବ। ଛାତ୍ରଛାତ୍ରୀମାନେ ଯେଉଁ ରାଉଣ୍ଡରେ ନାମ ଲେଖାଇବାକୁ ଚୟନ ହେବେ, ସେହି ପର୍ଯ୍ୟାୟରେ ନାମ ଲେଖାଇବେ। ଅନ୍ୟଥା ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଚାହୁଁଥିଲେ ସ୍ଲାଇଡ୍ ଅପସନ୍ ଦେଇପାରିବେ। ଚଳିତବର୍ଷ ଓଡ଼ିଆ ବିଶ୍ୱବିଦ୍ୟାଳୟର ଏମ୍‌ଏ ପାଠ୍ୟକ୍ରମ ଓ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ (ପିଜି) ପାଠ୍ୟକ୍ରମରେ ନାମଲେଖା ପାଇଁ ମଧ୍ୟ ସିପିଇଟି ପରୀକ୍ଷା କରାଯାଉଛି।

# ବିଜେପି ସରକାର ଘୋଷଣାସର୍ବସ୍ୱ : କଂଗ୍ରେସ

**ଭୁବନେଶ୍ୱର, ୨।୭ (ସମିସ):** ରାଜ୍ୟରେ ବିଜେପି ସରକାରଙ୍କୁ ଘୋଷଣା ସର୍ବସ୍ୱ ବୋଲି କଟାକ୍ଷ କରିଛି କଂଗ୍ରେସ। ଏହି ସରକାର ନିର୍ବାଚନ ସମୟରେ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ କେବଳ ଘୋଷଣାକୁ ଦୋହରାଉଛି ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ଜୟଦେବ ଜେନା। ସେ କହିଛନ୍ତି ଯେ ଅତୀତରେ ବିଜେଡି ସରକାର ଯେଉଁ ଘୋଷଣା ମାନ କରୁଥିଲା ସେ ସବୁକୁ କାର୍ଯ୍ୟକାରୀ କରୁଥିଲା; କିନ୍ତୁ ନୂଆ ସରକାର ଆସିବା ପରେ କେବଳ ଘୋଷଣାରେ ସୀମିତ ରହିଛି। ବିଜେପି ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ି କରିବା ପାଇଁ କହିଥିଲା; ଭତ୍ତା ପରିମାଣ ୩ ହଜାର ଟଙ୍କା କରିବ ବୋଲି କହିଥିଲା। କିନ୍ତୁ ଏମାନେ ଏହାକୁ ପୂରଣ କରିପାରିବେ ନାହିଁ। ବିଜେପି ସରକାର ନିକଟରେ ସମ୍ବଳ ନାହିଁ ଓ ଏମାନେ ସମ୍ବଳ ସୃଷ୍ଟି କରିପାରିବେ ନାହିଁ। କେବଳ ନିଜ ସାମଗ୍ରୀ ବିକ୍ରି କରିବା ପାଇଁ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ଭାଉଚର ଦିଆଯିବ ବୋଲି କୁହାଯାଉଛି। ହେଲେ ଏହାଦ୍ୱାରା ମହିଳାମାନେ କିପରି ସଶକ୍ତ ହେବେ ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି।

**ବିଜେଡି ଯାହା କହୁଥିଲା ତାହାକୁ କରି ଦେଖାଉଥିଲା**

ବିଜେପି କେବଳ ଯୋଜନାର ନାମ ପରିବର୍ତ୍ତନ କରୁଛି, ହେଲେ ନୂଆ ଯୋଜନା କରିବାର ବ୍ୟବସ୍ଥା ସରକାରଙ୍କ ନିକଟରେ ନାହିଁ। ରାଜ୍ୟ ସରକାର ଶ୍ରୀମନ୍ଦିର ୪ ଦ୍ୱାର ଖୋଲି ବାହାବା ନେବାକୁ ଯୋଜନା କରିଥିଲେ। ହେଲେ ଏହି ୪ ଦ୍ୱାର ଖୋଲିଦେବା ଦ୍ୱାରା କେତେ ବିଶୃଙ୍ଖଳା ହେଉଛି ତାହା ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ଦେଖାଯାଉଛି। ବହୁ ଲୋକ ଏହି ନିଷ୍ପତ୍ତିରେ କଷ୍ଟ ଭୋଗୁଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଭତ୍ତା ବୃଦ୍ଧି, ରାଜ୍ୟ ମଦ ବନ୍ଦ, ସୁଭଦ୍ରା ଯୋଜନାରେ ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ସହ ଅନ୍ୟ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ବୋଲି ଶ୍ରୀ ଜେନା କହିଛନ୍ତି।

# ରାହୁଲଙ୍କ ମନ୍ତବ୍ୟ ହିନ୍ଦୁବିରୋଧୀ: ମନମୋହନ

**ଭୁବନେଶ୍ୱର, ୨।୭ (ସମିସ):** ଲୋକସଭାରେ ରାହୁଲ ଗାନ୍ଧୀ ଯେଉଁ ଭଳି ମନ୍ତବ୍ୟ ଦେଇଛନ୍ତି ତାହା ହିନ୍ଦୁମାନଙ୍କ ପ୍ରତି ଘୋର ଅପମାନ। ସେ ହିନ୍ଦୁମାନଙ୍କୁ ହିଂସ୍ର, ମିଥ୍ୟାବାଦୀ ଓ ଆତଙ୍କବାଦୀ ବୋଲି କହିଛନ୍ତି। ହିନ୍ଦୁମାନଙ୍କ ସ୍ୱାଭିମାନ ଓ ଆତ୍ମସମ୍ମାନକୁ ଯେଉଁମାନେ ଆଘାତ ଦେଇଛନ୍ତି ସେମାନେ କେହି ରହିନାହାନ୍ତି। ଲୋକସଭାର ଗରିମାକୁ ନଷ୍ଟ କରିବାର ଅଧିକାର କାହାରି ନାହିଁ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ।

ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ସୁପ୍ରିମକୋର୍ଟ ବହୁବାର ହିନ୍ଦୁ ଶବ୍ଦର ସ୍ପଷ୍ଟ ବ୍ୟାଖ୍ୟା କରିଛନ୍ତି। ହିନ୍ଦୁ କେବଳ ଏକ ଧର୍ମ ନୁହେଁ ଏହା ବିଚାରଧାରା ଓ ଜୀବନଧାରା। ଅନ୍ୟ ଦେଶମାନଙ୍କରେ ଭାରତକୁ ହିନ୍ଦୁସ୍ଥାନ ଆଖ୍ୟା ଦିଆଯାଇଛି। ବିବେକାନନ୍ଦ, ଅରବିନ୍ଦ, ନେତାଜୀ ସୁବାଷ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଛନ୍ତି। ହିନ୍ଦୁମାନେ ଯଦି ହିଂସ୍ର ତା'ହାଲେ ରାହୁଲ ଗାନ୍ଧୀ ସେଥିରୁ ଅଲଗା କେମିତି? ସେ ନିଜକୁ କାଶ୍ମିରୀ ବ୍ରାହ୍ମଣ ଓ ଦତ୍ତାତ୍ରେୟ ଗୋତ୍ର ବୋଲି କହୁଥିଲେ କେମିତି? ହିନ୍ଦୁତ୍ୱ ପାଇଁ ଆଜି ଦେଶରେ ଗଣତାନ୍ତ୍ରିକ, ରାଜନୈତିକ ବ୍ୟବସ୍ଥା ଅଛି। ଅନେକ ଦେଶରେ ଏହି ବ୍ୟବସ୍ଥା ନାହିଁ, ସେଠାରେ ଲୋକଙ୍କୁ କଥା କହିବାର ସୁଯୋଗ ଦିଆଯାଏ ନାହିଁ। ଭାରତରେ ଗଣତାନ୍ତ୍ରିକ ଓ ରାଜନୈତିକ ବ୍ୟବସ୍ଥା ଅଛି ବୋଲି ରାହୁଲ ଗାନ୍ଧୀ ଲୋକସଭାରେ ଏଭଳି ହୀନ ମନ୍ତବ୍ୟ ଦେଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟ ୧୪୦କୋଟି ଜନତାଙ୍କ ହୃଦୟଙ୍କୁ କଠୋର ଆଘାତ ଦେଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ■ ରଥଯାତ୍ରା ବେଳେ ବଡ଼ଦାଣ୍ଡରେ ଅସ୍ଥାୟୀ ଷ୍ଟଲ ନିର୍ମାଣ ପ୍ରସଙ୍ଗ

# ହାଇକୋର୍ଟରେ ଶୁଣାଣି ଶେଷ

**କଟକ, ୨।୭ (ସମିସ):** ରଥଯାତ୍ରା ବେଳେ ପୁରୀ ବଡ଼ଦାଣ୍ଡରେ ପୁରୀ ପୌରପାଳିକା ତରଫରୁ ନିୟମ ଉଲ୍ଲଂଘନ ପୂର୍ବକ ଅସ୍ଥାୟୀ ଷ୍ଟଲ ନିର୍ମାଣ ଉଦ୍ୟମକୁ ବିରୋଧ କରି ଦାୟର ମାମଲାର ଶୁଣାଣି ଆଜି ଶେଷ କରିଛନ୍ତି ହାଇକୋର୍ଟ। ଆସନ୍ତାକାଲି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ରଜତ କୁମାର ସାହୁଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୁରୀ ପୌରପାଳିକା ତରଫରୁ ଉପରୋକ୍ତ ପ୍ରସଂଗରେ ସତ୍ୟପାଠ ଦାଖଲ କରାଯାଇଥିଲା। ରାଜସ୍ୱ ଆୟ ବୃଦ୍ଧି ପାଇଁ ପୌର ପାଳିକା ତରଫରୁ ଷ୍ଟଲ ନିର୍ମାଣ କରାଯାଇ ସରକାରୀ ସଂସ୍ଥା ସମେତ ଅନ୍ୟମାନଙ୍କୁ ଦିଆଯାଇଥାଏ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇ ଟେଣ୍ଡର ଆହ୍ୱାନ କରାଯାଇଛି ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରଥଯାତ୍ରା ବେଳେ ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ମଧ୍ୟରେ ପୁରୀ ପୌରପାଳିକା କେତେକ ଅସ୍ଥାୟୀ ଷ୍ଟଲ ନିର୍ମାଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ନିକଟରୁ ଅନୁମତି ଲୋଡ଼ିଛି। ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଙ୍ଘନ କରାଯାଉଛି ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ଦାୟର ହୋଇଥିଲା। ଏହି ଷ୍ଟଲଗୁଡ଼ିକ ମଧ୍ୟରୁ କେତେକ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବାର ସମ୍ଭାବନା ରହିଛି। ଜାତୀୟ ରାଜପଥ ଉପରେ କୌଣସି ପ୍ରକାର ସ୍ଥାୟୀ ଓ ଅସ୍ଥାୟୀ ନିର୍ମାଣ ପ୍ରସଂଗରେ କଂଟ୍ରୋଲ ଅଫ୍ ଏନଏଚ (ଲ୍ୟାଣ୍ଡ ଆଣ୍ଡ ଟ୍ରାଫିକ) ଆଇନ, ୨୦୦୨ର ଧାରା ୩୮ ଅନୁସାରେ କଟକଣା ରହିଛି। ଏଥିପାଇଁ ପ୍ରଦୂଷଣ ଓ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ ବୋଲି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଛି।

# ଆହାର ଯୋଜନା ବନ୍ଦ କଲେ ତୀବ୍ର ପ୍ରତିବାଦ ହେବ: ସୁର

**ଭୁବନେଶ୍ୱର, ୨।୭ (ସମିସ):** ଆହାର ଯୋଜନା ଯିଏ ବନ୍ଦ କରି ସିଏ ଶାନ୍ତିରେ ଶୋଇପାରିବ ନାହିଁ। ଏହା ଗରିବ ଲୋକଙ୍କ ଯୋଜନା। ଗରିବ ଲୋକଙ୍କ ପେଟକୁ ଦେଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ଗରିବ ଲୋକ ୫ଟଙ୍କାରେ ପେଟପୂରା ଖାଇବାକୁ ପାଉଛନ୍ତି। ଏହା ବହୁତ ଲୋକପ୍ରିୟ ଯୋଜନା ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ। ସେ କହିଛନ୍ତି, ବିଜେପି ସରକାର ଆସିବା ପରେ ବିଜେଡି ସରକାରଙ୍କର ଅନେକ ଯୋଜନା ସବୁ ବନ୍ଦ କରିଦେବେ ବୋଲି କହୁଛନ୍ତି। ଆହାର ଯୋଜନାକୁ ବି ବନ୍ଦ କରିଦେବେ ବୋଲି କହୁଛନ୍ତି। ଏହା ଠିକ୍ କଥା ନୁହେଁ। ଆହାର ଯୋଜନାକୁ ବନ୍ଦ କରିବା ବଦଳରେ ଏହା କିପରି ଆଗକୁ ଯିବ, ଆହୁରି ଭଲ ଖାଦ୍ୟ ଗରିବ ଲୋକଙ୍କୁ ମିଳିବ ତାହା ଉପରେ ନୂଆ ସରକାର ଗୁରୁତ୍ୱ ଦେବା କଥା। ପ୍ରତି ଦିନ ହଜାର ହଜାର ଗରିବ, ଖଟିଖିଆ ଲୋକ ଉପକୃତ ହେଉଛନ୍ତି। ସେଥିପାଇଁ ଆରମ୍ଭରୁ ହିଁ ଆହାର ଯୋଜନା ପ୍ରତି ଲୋକଙ୍କ ଆକର୍ଷଣ ବଢ଼ିଚାଲିଛି। ଏହାକୁ ବନ୍ଦ କରାଗଲେ ଓଡ଼ିଶାର ଲୋକେ ଚୁପ୍ ବସିବେ ନାହିଁ। ସମସ୍ତେ ମିଶି ଏହାର ତୀବ୍ର ପ୍ରତିବାଦ କରିବେ ବୋଲି ଶ୍ରୀ ରାଉତରାୟ କହିଛନ୍ତି।

## ■ ହାଇକୋର୍ଟରେ ଜେଲ ସଂସ୍କାର ମାମଲା

# ଜାମିନ ପାଇଥିବା କଏଦୀଙ୍କୁ ଖଲାସ ଦିଗରେ ପଦକ୍ଷେପ ନେବେ ଡିଏଲ୍‌ଏସ୍‌ଏ ସଚିବ

**ଜାମୁଝରି ମୁକ୍ତାକାଶ କାରାଗାର ଦୁରବସ୍ଥା ପ୍ରସଙ୍ଗରେ ଜବାବ ତଲବ**

**କଟକ, ୨।୭ (ସମିସ):** ଜାମିନ ପାଇବା ସତ୍ତ୍ୱେ ଜାମିନ ସର୍ତ୍ତ ପୂରଣ କରିନଥିବା କାରଣରୁ ଜେଲରେ ଥିବା ବିଚାରାଧୀନ ବନ୍ଦୀ ମୁକୁଳି ପାରୁନଥିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ଆଇନସେବା ପ୍ରାଧିକରଣ ସଚିବଙ୍କ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ଅଦାଲତରେ ଦାଖଲ କରାଯାଇଥିଲା। ବିଶେଷକରି ବିଭିନ୍ନ ଜେଲରେ ବିଭିନ୍ନ କାରଣରୁ ଜାମିନ ପାଇଥିବା ବନ୍ଦୀ ନ ମୁକୁଳିବା ସଂକ୍ରାନ୍ତରେ ବିବରଣୀ ଉପସ୍ଥାପନ ହୋଇଥିଲା। ଏହିପରି ୩୨୧ଜଣ ଗତ ଜୁନ୍ ୧୮ ସୁଦ୍ଧା ଜେଲରୁ ମୁକୁଳି ନଥିବା ଦର୍ଶାଯାଇଥିଲା। ସମ୍ପୃକ୍ତ ଡିଏଲଏସଏ (ଜିଲ୍ଲା ଆଇନ ସେବା ପ୍ରାଧିକରଣ) ସଚିବମାନେ ଏହି ବିଚାରାଧୀନ ବନ୍ଦୀଙ୍କ ଖଲାସ ଦିଗରେ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଭୁବନେଶ୍ୱର ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗାରର ଦୁରବସ୍ଥା ସମ୍ପର୍କରେ ଆମିକସକ୍ୟୁରୀ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜେଲରେ ଧାର୍ଯ୍ୟ କ୍ଷମତାଠାରୁ ଯଥେଷ୍ଟ କମ ତଥା ୧୨୫ ସ୍ଥଳେ ୪୯ ଜଣ ଅନ୍ତେବାସୀ ରହୁଥିଲେ ମଧ୍ୟ ଶୌଚାଳୟ ଦୁରବସ୍ଥା ସହ କଏଦୀଙ୍କୁ ଉପଯୁକ୍ତ ମାନର ଖାଦ୍ୟ ଦିଆଯାଉନାହିଁ। ଏନେଇ ଖୋର୍ଦ୍ଧା ଜିଲ୍ଲା ଆଇନ ସେବା ପ୍ରାଧିକରଣର ରହିଥିବା ରିପୋର୍ଟ ସମ୍ପର୍କରେ ଅଦାଲତଙ୍କୁ ଆମିକସକ୍ୟୁରୀ ଅବଗତ କରିଥିଲେ। ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ଜେଲ ବିଭାଗ ଆଇଜିଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ବନ୍ଦ ହୋଇଥିବା ସ୍କୁଲ୍ ପୁଣି ଖୋଲିପାରେ: ଗଣଶିକ୍ଷା ମନ୍ତ୍ରୀ

**ଲୋକଙ୍କ ଆବଶ୍ୟକତା ପୂରଣ ହେଉଥିଲେ ସ୍ୱାଗତଯୋଗ୍ୟ: ଶଶିଭୂଷଣ**

**ଭୁବନେଶ୍ୱର,୨।୭ (ସମିସ):** ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ୍ ପୁଣି ଖୋଲିପାରେ। ଏନେଇ ସରକାର ତର୍ଜମା କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଯେଉଁଠି ଆବଶ୍ୟକ ପିଲା ଅଛନ୍ତି ବା ବିଦ୍ୟାଳୟ ଦୂର ହେଉଛି, ସେ ସମ୍ପର୍କରେ ରିପୋର୍ଟ ଦେବାକୁ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ପାଇବା ପରେ ତର୍ଜମା କରି ବନ୍ଦ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ଅମର ପ୍ରସାଦ ସତପଥୀ କହିଛନ୍ତି, ଯେଉଁଠି ଆବଶ୍ୟକ ଅଛି, ସେହି ସ୍କୁଲଗୁଡ଼ିକ ଖୋଲିବାର ଆବଶ୍ୟକତା ରହିଛି। ସେହି ସମୟରେ ମଧ୍ୟ ବହୁ ବିଜେଡି ବିଧାୟକ ଏହି ପ୍ରସଙ୍ଗ ଉଠାଇଥିଲେ। ଶିକ୍ଷାକୁ ଅଗ୍ରାଧିକାର ଦେଇ ସରକାର ପଦକ୍ଷେପ ନେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ବନ୍ଦ ସ୍କୁଲ୍ ଖୋଲିବା ଦ୍ୱାରା ଲୋକଙ୍କ ଆବଶ୍ୟକତା ପୂରଣ ହେଉଥିଲେ, ତାହା ସ୍ୱାଗତଯୋଗ୍ୟ। କମ୍ ଉପସ୍ଥାନ ଏବଂ ବିଭିନ୍ନ କାରଣରୁ ସ୍କୁଲ୍ ବନ୍ଦ ହୋଇଥିଲା। ସେସବୁକୁ ଖୋଲିଲେ କୌଣସି ଆପତ୍ତି ନାହିଁ। କିନ୍ତୁ ସବୁ ସ୍କୁଲ୍ ଖୋଲିବ ବୋଲି କହିବା ଠିକ୍ ନୁହଁ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ସିଙ୍ଗିପୁର ସୈରାତରୁ ବେଆଇନ ପଥର ଖନନ

# ପୋତା ଚାଲିଛି 'କେଳେଙ୍କାରୀ'



- କେବେ ଭାଙ୍ଗିବ ପ୍ରଶାସନ ନିଦ
- ଖଣ୍ଡପଡ଼ାରେ ଖଣି, ନୂଆଗାଁରେ କ୍ରସର୍

**ନୟାଗଡ଼, ୨।୭ (ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ତହସିଲ କୋସକା ଆର୍‌ଆଇ ସର୍କଲ ସିଙ୍ଗିପୁର ମୌଜାରେ ରହିଥିବା ଖଣି ଏବଂ ନୂଆଗାଁ ତହସିଲ ଅନ୍ତର୍ଗତ ଅମେଇମୁହାଁ ମୌଜାରେ ରହିଥିବା କ୍ରସର୍‌ରେ ଚାଲିଥିବା କେଳେଙ୍କାରୀ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଛନକା ସୃଷ୍ଟି ହୋଇଛି। କେଳେଙ୍କାରୀକୁ ଲୁଚାଇବା ପାଇଁ ସେଥିରେ ମାଟି ଘୋଡ଼ା ଚାଲିଛି। ୨୦୨୦ ମସିହାରେ ସିଙ୍ଗିପୁର ସୈରାତ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୨୧ ମସିହା ଅଗଷ୍ଟରେ ପଥର ଖନନ ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ଏହି ସୈରାତ ନିରଞ୍ଜନ ନାୟକଙ୍କ ନାମରେ ନିଲାମ ଦିଆଯାଇଛି। ବିଜ୍ଞପ୍ତି ଅନୁସାରେ, ଉକ୍ତ ସ୍ଥାନରୁ ୨୫ ଶହ ସିଏମ୍ ପଥର ଖନନ କରାଯିବା କଥା। ଉକ୍ତ ସ୍ଥାନରୁ ଲକ୍ଷେ ସିଏମ୍‌ରୁ ଊର୍ଦ୍ଧ୍ୱ ପଥର ବ୍ଲାଷ୍ଟିଂ କରି ଲୁଟ୍ କରାଯାଇଛି। ଏହି ସୈରାତ ଜଙ୍ଗଲ କିସମ ଜମିରେ ଚାଲିଛି।

ଖଣ୍ଡପଡ଼ା ତହସିଲଦାରଙ୍କ ତଥ୍ୟ ଅନୁସାରେ, ଉକ୍ତ ସୈରାତ କୋସକା ଆରଆଇ ସର୍କଲ ଅଧୀନ ସିଙ୍ଗିପୁର ମୌଜା ଖାତା ନଂ ୬୩, ପ୍ଲଟ ନଂ ୫୧୨, ପ୍ଲଟ ନଂ ୫୧୩ ଏବଂ ପ୍ଲଟ ନଂ ୫୧୪ରେ ରହିଛି। ଯାହା ଶାବକ ପ୍ଲଟ ନଂ ୧୫୧ ବୋଲି ସୂଚନା ମିଳିଛି। ଏହି ପ୍ଲଟ ଶାବକରେ ବଡ଼ ଜଙ୍ଗଲ କିସମ ହୋଇଥିବା ବେଳେ ଜଙ୍ଗଲ ଜମିରେ କିଭଳି ପଥର ଖଣି ଚାଲିଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉକ୍ତ ଖଣି ପାହାଡ଼ ଉପରୁ ଯେତିକି ପଥର ଯାଇଛି, ମାଟି ତଳୁ ମଧ୍ୟ ସେତିକି ପରିମାଣର ପଥର ଖନନ କରାଯାଇ ଲୁଟ୍ କରାଯାଇଛି। ଅନେକ ପରିମାଣର ପଥର ଅମେଇମୁହାଁ ମୌଜାରେ ରହିଥିବା କ୍ରସର ନିକଟରେ ଗଚ୍ଛିତ କରାଯାଇଛି। ଏନେଇ ଖବର ପ୍ରକାଶ ପାଇବା ପରେ ଖଣିରେ ସୃଷ୍ଟି ହୋଇଥିବା ୪୦ ଫୁଟ ଗାତକୁ ମାଟି ପକାଇ ପୋତା ଯାଉଥିବା ବେଳେ ଗଦା ହୋଇ ରହିଥିବା ପଥର ଉପରେ ମାଟି ପକାଇ ଲୁଚାଯାଉଛି। ବାରମ୍ବାର ଖବର ପ୍ରକାଶ ପାଇବା ପରେ ବି ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷ, ନୂଆଗାଁ ତହସିଲ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଚୁପ୍ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନାହାନ୍ତି। ଖଣି ଅଧିକାରୀ କିଶୋର ଚନ୍ଦ୍ର ପ୍ରଧାନ ନୟାଗଡ଼ ଓ କନ୍ଧମାଳ ଉଭୟ ଜିଲ୍ଲା ଦାୟିତ୍ୱରେ ରହିଛନ୍ତି। ଏବେ ସେ କନ୍ଧମାଳରେ ଥିବାରୁ ନୟାଗଡ଼ ଆସିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ବେଆଇନ ଖଣି ଖନନ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇଛି। ସୋମବାର କୁସୁମଡ଼ା ଗ୍ରାମବାସୀ ଏନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ସିଙ୍ଗିପୁର ମୌଜାବାସୀ ମଧ୍ୟ ସମାନ କଥା କହିଛନ୍ତି। ଉକ୍ତ ଖଣିରେ ବେଆଇନ ବ୍ଲାଷ୍ଟିଂ ପାଇଁ ବ୍ୟାପକ କ୍ଷୟକ୍ଷତି ଘଟୁଥିବା ଅଭିଯୋଗ କରିଛନ୍ତି। ଏହି ଖଣିକୁ ସିଜ୍ କରାଯିବା ସହ ଲୁଟ୍‌ର ତଦନ୍ତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏହାଦ୍ୱାରା ସରକାରଙ୍କ ଖାତାକୁ ଅଧିକ ରାଜସ୍ୱ ଆସି ପାରିବ ବୋଲି ଅନୁମାନ କରାଯାଉଛି।

## ୪ ଏକର ସରକାରୀ ଜମି ଜବରଦଖଲ

**ନୟାଗଡ଼,୨।୭ (ସମିସ):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମହିତମା ଆରଆଇ ସେକ୍ସନ୍ ଅମେଇମୁହାଁ ମୌଜାରେ ରହିଥିବା କ୍ରସରକୁ ଲାଗି ୪ ଏକର ଜାଗା ଜବରଦଖଲ କରାଯାଇଛି। ଏନେଇ ନୂଆଗାଁ ତହସିଲ ଓ ମହିତମା ଆରଆଇଙ୍କ ପକ୍ଷରୁ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜବରଦଖଲ ଜମି ଉପରେ ବେଆଇନ ପଥର ଗଚ୍ଛିତ କରାଯାଇଥିବା ବେଳେ ନୂଆଗାଁ ତହସିଲ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ଲଘୁ ଖଣିଜ ଦ୍ରବ୍ୟର ହରିଲୁଟ ହେଉଥିବା ବେଳେ କାହିଁକି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପରିବହନ ଠିକା ପାଇଁ ଲକ୍ଷେ ଟଙ୍କା ଲାଞ୍ଚ

# ଏଫସିଆଇ ଜିଏମ୍‌ଙ୍କ ସମେତ ୪ ଗିରଫ

**ଭୁବନେଶ୍ୱର, ୨।୭ (ସମିସ):** କଲିକତାର ଏକ ଘରୋଇ ଫାର୍ମକୁ ଚାଉଳ ପରିବହନ ଠିକା ପ୍ରଦାନ ପାଇଁ ଲକ୍ଷେ ଟଙ୍କା ଲାଞ୍ଚ ମାମଲାରେ ସିବିଆଇ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ଜଣେ ମହାପ୍ରବନ୍ଧକ, ଆକାଉଣ୍ଟସ ମ୍ୟାନେଜରଙ୍କ ସହ ୪ ଜଣଙ୍କୁ ଗିରଫ କରିଛି ସିବିଆଇ। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରସ୍ଥିତ ଏଫସିଆଇର ଜିଏମ୍ ପ୍ରେମ ସିଂ ଭନୋତ୍, ଏକାଉଣ୍ଟସ୍ ମ୍ୟାନେଜର ସଞ୍ଜୟ ଦେ, କୋଲକାତାର ମେମର୍ସ ଏସ୍‌ପି ଟ୍ରେଡର୍ସ ଏଣ୍ଡ ସପ୍ଲାୟର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିନା ଦେ ଓରଫ ସୌମୀ ଭଟ୍ଟାଚାର୍ଜ ଏବଂ କୋଲକାତା ଜଣେ ମଧ୍ୟସ୍ଥ ସ୍ୱପନ କୁମାର ଘୋଷାଲ। ସିବିଆଇ ଏହି ୪ଜଣଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଅଭିଯୋଗ ଅନୁସାରେ ସମ୍ପୃକ୍ତ ଠିକା ସଂସ୍ଥା ଚାଉଳ ପରିବହନ ଠିକା ପାଇଁ ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲା। ଏଫସିଆଇ ମହାପ୍ରବନ୍ଧକ ପ୍ରେମ ସିଂ ଭନୋତ୍ ଆକାଉଣ୍ଟସ୍ ମ୍ୟାନେଜରଙ୍କ ସହାୟତାରେ ଅନୈତିକ ଉପାୟ ଅବଲମ୍ବନ କରି ସଂପୃକ୍ତ ସଂସ୍ଥାକୁ ପରିବହନ ଠିକା ଦେଇଥିଲେ। ସଂପୃକ୍ତ ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ଏଫ୍‌ସିଆଇ ମହାପ୍ରବନ୍ଧକ ୫ଲକ୍ଷ ଟଙ୍କାର ଲାଞ୍ଚ ଦାବି କରିଥିଲେ। କୌଣସି ସୂତ୍ରରୁ ଏ ସଂକ୍ରାନ୍ତରେ ଖବର ସିବିଆଇ ନିକଟରେ ପହଞ୍ଚିଥିଲା। ଆଜି ୧ଲକ୍ଷ ଟଙ୍କା ଲାଞ୍ଚ ପ୍ରଦାନ ବେଳେ ପୂର୍ବ ପ୍ରସ୍ତୁତ ରହିଥିବା ସିବିଆଇ ଅଧିକାରୀ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏଥିନେଇ ସିବିଆଇ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ମାମଲାରେ ସିବିଆଇ କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱରରେ ଚଢ଼ଉ କରିଛି । ଏହି ସ୍ଥାନରୁ ନଗଦ ୫ଲକ୍ଷ ଟଙ୍କା, ଲକର ଚାବି, ମୋବାଇଲ୍, ଲାପଟପ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇଥିବା ସୂଚନା ମିଳିଛି ।

# ଶ୍ରୀକ୍ଷେତ୍ର ସିଟି

୨/୭/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୧,୪୦,୧୦୮/- ସୁନା: ୦୦.୨୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



▶ ରଥଯାତ୍ରା ପ୍ରସ୍ତୁତିର ସୂଚନା ଦେଲେ ଜିଲ୍ଲାପାଳ

## ଶେଷ ପର୍ଯ୍ୟାୟରେ ସବୁ ବିଭାଗର ପ୍ରସ୍ତୁତି

**ପୁରୀ, ୨।୭ (ସମିସ)**

ଆସନ୍ତା ୭ ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଯେ ହେତୁ ଏଥର ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ପଡୁଛି ତେଣୁ ୮ ତାରିଖରେ ବି ବଡ଼ଦାଣ୍ଡରେ ଟଣାଯିବ ରଥ। ତେଣୁ ଏଥର ଦୁଇଦିନିଆ ରଥଯାତ୍ରା କୁହାଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା କ'ଣ କ'ଣ ସବୁ ପ୍ରସ୍ତୁତି କରାଯାଇଛି ତାହାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମଙ୍ଗଳବାର ଟାଉନ ହଲ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

ଜିଲ୍ଲାପାଳ କହିଥିଲେ, ପୂର୍ବରୁ ଅନୁଷ୍ଠିତ ସମନ୍ୱୟ ବୈଠକ ନିଷ୍ପତ୍ତି ଆଧାରରେ ବିଭିନ୍ନ ବିଭାଗର ପ୍ରସ୍ତୁତି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥ ନିର୍ମାଣ ପାଇଁ ନୟାଗଡ଼ ଏବଂ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ୮୬୫ ଖଣ୍ଡ କାଠ ଯୋଗାଇଦେଇଥିଲେ। ରଥ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତବର୍ଷ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଏବଂ ଗୁଣ୍ଡିଚା ଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଏହାକୁ ନଜରରେ ରଖି ନୀତିକାନ୍ତି ନିର୍ଘଣ୍ଟ ହୋଇଛି। ରଥଯାତ୍ରା ପାଇଁ ୧୪ଟି ରଥଟଣା ଦଉଡ଼ି ଏବଂ ୧୨ଟି ଘେର ଦଉଡ଼ି ଆସିଛି। ଚନ୍ଦନକାଠ, ଝୁଣା, ଲାଗିଲୁଗା, କସ୍ତୁରୀ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାର ବ୍ୟବସ୍ଥା କରାଯାଇଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱତନ୍ତ୍ର ଭାବେ ୧୦୦ ହିଟ୍ ଷ୍ଟ୍ରୋକ୍ ୟୁନିଟ୍ ବ୍ୟବସ୍ଥା ହୋଇଛି। ଅତିରିକ୍ତ ୧୭୯ ଡାକ୍ତରଙ୍କୁ ଅଣାଯାଉଛି। ସରକାରୀ ଭାବେ ୩୦ଟି ଆମ୍ବୁଲାନ୍ସ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଉ ୩୦ଟି ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ୨ଟି ଅତ୍ୟାଧୁନିକ ଏଏଲ୍ଏସ୍ ଆମ୍ବୁଲାନ୍ସ ମଧ୍ୟ ମହଜୁଦ ରହିବ। ସରକାରୀ ଭାବେ ୩୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର କରାଯାଉଥିବା ବେଳେ ଏନ୍‌ଜିଓ ତରଫରୁ ୨୫ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରସ୍ତୁତ ରହିବ। ହାଇଟେକ୍ ହସ୍ପିଟାଲ ପକ୍ଷରୁ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଅତ୍ୟାଧୁନିକ ୨୫ ଶଯ୍ୟା ବିଶିଷ୍ଟ ଏବଂ ମେଡିକାଲ ଛକ ମଧ୍ୟ ଏହି ସୁବିଧା ହେବ। ପୁରୀରେ ଏବେ ୭ଟି ଖାଦ୍ୟ ନିରାପତ୍ତା ଟିମ୍ ରହି ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି। ରକ୍ତ ଭଣ୍ଡାରରେ ୨୦୦ ୟୁନିଟ୍ ରକ୍ତ ମହଜୁଦ ରହିବ। ୪୨ଟି ପାଣି ଟ୍ୟାଙ୍କର ମହଜୁଦ ରହିବା ସହ ୨୦ ଲକ୍ଷ ପାଣି ବୋତଲ ଭକ୍ତଙ୍କୁ ବଣ୍ଟନ କରାଯିବ। ଏବେ ସୁଦ୍ଧା ୮ରୁ ୧୦ ଲକ୍ଷ ପାଣି ବୋତଲ ଆସିଗଲାଣି। ବିଭିନ୍ନ ସ୍ଥାନରେ ଥିବା ୧୬୫ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍‌କୁ ଫର୍ମେସନ କରିବା ପାଇଁ ନିଆଯାଇଛି ନିଷ୍ପତ୍ତି। ୩୦ଟି ହ୍ୟାଣ୍ଡ ସ୍ପ୍ରେ ମାଧ୍ୟମରେ ଭକ୍ତଙ୍କ ଉପରେ ଜଳ ସିଞ୍ଚନ କରାଯିବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହିତ ବଡଦାଣ୍ଡରେ କୌଣସି ଚାର୍ଜ ଲିକ୍ ନ ହେବା ପାଇଁ ଟିପିସିଓଡିଏଲ କୁହାଯାଇଛି। ହସ୍ପିଟାଲ, ରଥ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଅତିରିକ୍ତ ଲୋଡ୍ ଯୋଗାଇବାକୁ କୁହାଯାଇଛି। ରଥଯାତ୍ରା ପାଇଁ ଏଥର ସବୁ ବ୍ଲକରୁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା ହୋଇଛି। ସବୁ ବସ୍‌ରେ ରେଟ୍‌ଚାର୍ଟ, ପାନୀୟ ଜଳ ଏବଂ ଫାଷ୍ଟଏଡ୍ କିଟ୍ ରଖାଯିବା ଲାଗି କଡ଼ାକଡ଼ି କରାଯାଇଛି। ଆରଟିଓ ପକ୍ଷରୁ ୭ଟି ଇଣ୍ଟରସେପ୍ଟର ମହଜୁଦ୍ ରଖାଯାଇଛି। ୧୮ଟି ପାର୍କିଂ ସ୍ଥଳକୁ ଚିହ୍ନଟ କରାଯାଇ ସେଠାରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ରେଳ ବିଭାଗ ପକ୍ଷରୁ ୩୧୫ଟି ସ୍ୱତନ୍ତ୍ର ଟ୍ରେନ, ୩୫ଟି ଟିକେଟ କାଉଣ୍ଟର, ୫ଟି ସୂଚନା କେନ୍ଦ୍ର, ୬ଟି ଅଟୋମେଟିକ ଟିକେଟ ଭେଣ୍ଡି ମେଶିନର ବ୍ୟବସ୍ଥା ହେଉଛି। ଗୁଣ୍ଡିଚା ମନ୍ଦିର ନିକଟରେ ସ୍ୱତନ୍ତ୍ର ଭାବେ ସୂଚନା କେନ୍ଦ୍ର କରାଯାଉଛି। ଏଠାରେ ଭକ୍ତମାନେ ଟ୍ରେନ ବିଷୟରେ ସୂଚନା ପାଇପାରିବେ। ଟାଉନ ଥାନା ଉପରେ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ରହିଛି। ଏଥର ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ଲାଗି ଅତ୍ୟାଧୁନିକ ଡ୍ରୋନ ବ୍ୟବହାର ହେବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୧୩ଟି ସୂଚନା କେନ୍ଦ୍ର କରାଯିବ। ସେହିପରି ପର୍ଯ୍ୟଟକଙ୍କ ପାଇଁ ୬ଟି ସୂଚନା କେନ୍ଦ୍ର ଏବଂ ବେଳାଭୂମିରେ ୪୦୦ ଲାଇଫ୍‌ଗାର୍ଡ ମୁତୟନ ହେବେ। ଅଗ୍ନି ନିରାପତ୍ତା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ପୂର୍ଣ୍ଣ ପ୍ରସ୍ତୁତି କରାଯାଇଛି। ସେହିପରି ଆସନ୍ତା ୬ ତାରିଖରୁ ପଲ୍ଲିଶ୍ରୀ ମେଳା ଚାଲିବ।

ଏଥର ମହାମହିମ ରାଷ୍ଟ୍ରପତି ରଥଯାତ୍ରା ଦେଖିବାକୁ ଆସୁଛନ୍ତି। ଯାହା ବି କାର୍ଯ୍ୟସୂଚୀ ଆସିଛି ଏବଂ ରାଷ୍ଟ୍ରପତିଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ରହିଛି ତାହାକୁ ଅନୁପାଳନ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ।

ଶୃଙ୍ଖଳିତ ରଥଯାତ୍ରା ପାଇଁ ମୁଖ୍ୟ ପ୍ରଶାସକଙ୍କ ବୈଠକ

## 'ରାଷ୍ଟ୍ରପତି ଆସୁଥିବାରୁ ଅଧିକ ଯତ୍ନବାନ ହୁଅ'



**ପୁରୀ, ୨।୭ (ସମିସ):** ଆସନ୍ତା ୭ ତାରିଖରେ ରଥଯାତ୍ରା। ଏଥର ରଥଯାତ୍ରାକୁ ବିରଳ ବୋଲି କୁହାଯାଉଛି। କାରଣ ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଏବଂ ଗୁଣ୍ଡିଚା ଯାତ୍ରା ପଡ଼ିଛି। ୧୯୭୧ ମସିହାରେ ଏହିଭଳି ରଥଯାତ୍ରା ପଡ଼ିଥିଲା। ତେଣୁ ଏଥର ରଥଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ତା' ଉପରେ ବିଶେଷ ଫୋକସ ରଖାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥର ରଥଯାତ୍ରା ଦେଖିବେ ମହାମହିମ ରାଷ୍ଟ୍ରପତି। ଏଥିଲାଗି ରାଜ୍ୟ ସରକାର ଏବଂ ପ୍ରଶାସନ ଅଧିକ ତତ୍ପର ହୋଇପଡ଼ିଛନ୍ତି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିତରେ ରାଷ୍ଟ୍ରପତିଙ୍କୁ ମଧ୍ୟ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ପ୍ରଦାନ କରାଯିବ। ତେଣୁ ସବୁକିଛିକୁ ବ୍ୟବସ୍ଥିତ କରିବା ଲାଗି ଚାଲିଛି ବୈଠକ ପରେ ବୈଠକ। ଏହିକ୍ରମରେ ମଙ୍ଗଳବାର ନୀଳାଦ୍ରି ଭକ୍ତ ନିବାସରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ରଥ ନିର୍ମାଣକାରୀ ସେବକ, ପରିଚାଳନା କମିଟିର ସେବାୟତ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ସମସ୍ତଙ୍କୁ ଶୃଙ୍ଖଳିତ ରଥଯାତ୍ରା ପାଇଁ ପରାମର୍ଶ ଦିଆଯାଇଥିଲା। ବିଶେଷକରି ଏଥର ରଥଟଣା ଯେପରି ସୁରୁଖୁରରେ ହେବ ସେ ବିଷୟରେ ବି ଆଲୋଚନା ହୋଇଥିଲା। ରଥଟାଣିବା ବେଳେ ଦଉଡ଼ି ଯେପରି ନ ଛିଣ୍ଡିବ, କର୍ଡନ ଭିତରେ ରହୁଥିବା ରଥ ନିର୍ମାଣକାରୀ ସେବକଙ୍କୁ ଏଥର ସେମାନଙ୍କ ସଂଖ୍ୟା ସାମାନ୍ୟ ହ୍ରାସ କରିବା ପାଇଁ କୁହାଯାଇଛି। ଯେଉଁମାନେ ରଥଟଣାରେ ସମ୍ପୃକ୍ତ ସେମାନଙ୍କ ଛଡା ଅନ୍ୟ ଭୋଇ, ମହାରଣା ସେବକ ନ ରହିବାକୁ ପରାମର୍ଶ ଦିଆଯାଇଛି। ତେଣୁ କେଉଁମାନେ ରହିବେ ତାହାର ତାଲିକା ଦେବାକୁ ତିନିରଥର ମୁଖ୍ୟ ମହାରଣା ସେବକ, ଭୋଇ ସର୍ଦ୍ଦାରଙ୍କୁ କୁହାଯାଇଛି। ସେହିପରି ରଥ ଉପରେ ଯେଉଁମାନେ ପତାକା ଧରିଥାନ୍ତି ସେମାନେ ଯେପରି ଦର୍ଶନରେ କାହାର ବାଧା ନ ହେବ ସେଥିପ୍ରତି ଧ୍ୟାନ ଦେବେ ବୋଲି କୁହାଯାଇଛି। ଏମିତି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ



**ପୁରୀ, ୨।୭ (ସମିସ)**

ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଆଗକୁ ରଥଯାତ୍ରା। ହସ୍ପିଟାଲ ପକ୍ଷରୁ କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ତାହାର ସମୀକ୍ଷା କରିଥିଲେ। ଯେ ହେତୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବ ତେଣୁ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ମନ୍ତ୍ରୀ ଡ. ମହାଲିଙ୍ଗ। ରଥଯାତ୍ରା ସମୟରେ ଯଦି ଖରା ହୁଏ ତେବେ ବହୁ ଶ୍ରଦ୍ଧାଳୁ ଭିଡ଼ରେ ଅଚେତ ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ କିଛି ବି ଅଘଟଣ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ଚିକିତ୍ସା ସେବାକୁ ନେଇ ଯେପରି କୌଣସି ପ୍ରକାର ଅଭିଯୋଗ କିମ୍ବା ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକ ଚିକିତ୍ସା ଉପକରଣ ପ୍ରସ୍ତୁତ ରଖିବା ସହ ହିଟ୍ ଷ୍ଟ୍ରୋକ ମୁକାବିଲା ପାଇଁ ହେବାକୁ ଥିବା ୧୦୦ ଶଯ୍ୟା ବିଶିଷ୍ଟ ବ୍ୟବସ୍ଥାର ମଧ୍ୟ ତଦାରଖ କରିଥିଲେ ମନ୍ତ୍ରୀ। ତେବେ ମନ୍ତ୍ରୀଙ୍କ ଏହି ସମୀକ୍ଷା ସମୟରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଓ ମହିଳା ଶିଶୁ ବିକାଶ କାର୍ଯ୍ୟର ସମୀକ୍ଷା

**ପୁରୀ, ୨।୭ (ସମିସ):** ମଙ୍ଗଳବାର ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପୁରୀ ଜିଲ୍ଲାର ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦ ସଭା ଗୃହରେ ସମୀକ୍ଷା କରିଛନ୍ତି। ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଏଥିରେ ମହିଳା ଓ ଶିଶୁ ବିକାଶ ବିଭାଗର ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ବନଜାକାନ୍ତ ମାହାରୀ, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଆରତୀ ସାହୁଙ୍କ ସମେତ ପୁରୀ ଜିଲ୍ଲାର ସମସ୍ତ ବ୍ଲକ ପ୍ରକଳ୍ପ ପରିଚାଳକ (ଓଡ଼ିଶା ଜୀବିକା ମିଶନ), ବ୍ଲକ ପ୍ରକଳ୍ପ ସଂଯୋଜକ (ମିଶନ ଶକ୍ତି) ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ମାହାରୀ ଜିଲ୍ଲା ଜୀବିକା ମିଶନ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଜିଲ୍ଲାର ମିଶନ ଶକ୍ତି ଏବଂ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ପୁରୀ ଜିଲ୍ଲା ମହିଳା ଓ ଶିଶୁ ବିକାଶ କାର୍ଯ୍ୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ବିଭାଗର କାର୍ଯ୍ୟ ସମୀକ୍ଷା କରିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଜନସାଧାରଣଙ୍କ ପାଇଁ ସଠିକ ଭାବେ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ତିମ ପର୍ଯ୍ୟାୟରେ ତିନି ରଥ



କନ୍ୟା ପଟାକୁ ରଙ୍ଗ ଦିଆଯାଉଛି



ଅନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନସିପ୍

## ଭାରତର ପ୍ରତିନିଧିତ୍ୱ କରିବେ ସୁଦର୍ଶନ ପଟ୍ଟନାୟକ

**ପୁରୀ, ୨।୭ (ସମିସ)**

ଆସନ୍ତା ୪ରୁ ୧୨ ତାରିଖ ପର୍ଯ୍ୟନ୍ତ ଋଷିଆର ସେଣ୍ଟ ପିଟର୍ସବର୍ଗଠାରେ ଅନୁଷ୍ଠିତ ହେବ ଆନ୍ତର୍ଜାତୀୟ ବାଲୁକା କଳା ଚାମ୍ପିୟନସିପ୍। ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବା ଲାଗି ମନୋନୀତ ହୋଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଏହି ଚାମ୍ପିୟନସିପ୍‌ରେ ବିଶ୍ୱର ଶ୍ରେଷ୍ଠ ୨୦ ଜଣ ମାଷ୍ଟର ଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବେ। ସୁଦର୍ଶନ ଭାରତରୁ ଏକମାତ୍ର ଅଂଶଗ୍ରହଣକାରୀ ଭାବେ ଯୋଗଦେବେ। ପ୍ରତିଯୋଗିତାର ବିଷୟବସ୍ତୁ ରହିଛି ଇତିହାସ, ପୁରାଣ ଏବଂ କାହାଣୀ। ସୁଦର୍ଶନ ଏଥିରେ ବାଲିରଥ, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ତାଙ୍କର ପରମ ଭକ୍ତ କବି ବଳରାମ ଦାଶଙ୍କ କଥାକୁ ନେଇ ତାଙ୍କ କଳାକୃତି ନିର୍ମାଣ କରିବେ। ଚାମ୍ପିୟନସିପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିଟ୍ରୋଭା ଆଲେନଙ୍କଠାରୁ ନିମନ୍ତ୍ରଣ ପାଇ ବହୁତ ଖୁସି। ଥିମ୍ ଅନୁଯାୟୀ ମୁଁ ଜଗନ୍ନାଥ ସଂସ୍କୃତି ଉପରେ ଏକ ବାଲୁକା କଳା ନିର୍ମାଣ କରିବାକୁ ଯାଉଛି ବୋଲି କହିଛନ୍ତି ପଦ୍ମଶ୍ରୀ ସୁଦର୍ଶନ।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ

**ପୁରୀ, ୨।୭ (ସମିସ):** ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନର ଶୁଭାରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏ ନେଇ ଏକ କର୍ମଶାଳା ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ ଏବଂ ସହରାଞ୍ଚଳର ଆଶା କର୍ମୀ, ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ଏହି ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଜୁଲାଇ ୧ରୁ ଆରମ୍ଭ ହୋଇ ୩୧ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଯକ୍ଷ୍ମା, କୁଷ୍ଠ ଓ ସମ୍ପୂର୍ଣ୍ଣ ଟୀକାକରଣ ହୋଇ ନ ଥିବା ଶିଶୁ ଓ ହେପାଟାଇଟିସ୍-ବି ପରୀକ୍ଷା କରାଯାଇ ନ ଥିବା ଗର୍ଭବତୀ ମହିଳାଙ୍କର ଚିହ୍ନଟ ପାଇଁ ସମନ୍ୱିତ ସର୍ବେକ୍ଷଣ କରିବେ। ଆବଶ୍ୟକସ୍ଥଳେ ଟୀକାକରଣ ଓ ଚିକିତ୍ସା ମଧ୍ୟ ଯୋଗାଇଦେବେ। ଜିଲ୍ଲାର ମୋଟ ୧, ୭୦୦ ଆଶାକର୍ମୀ ପ୍ରତ୍ୟକ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ସହିତ ଓଆରଏସ୍ ବଣ୍ଟନ ମଧ୍ୟ କରିବେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ୧୬ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୪୪ଟି ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ୧୯୪ଟି ଉପସ୍ୱାସ୍ଥ୍ୟ ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ୫ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସଚେତନ ବାର୍ତ୍ତା ନିମନ୍ତେ ବିଶେଷ ପଦକ୍ଷପ ନିଆଯିବା ସହିତ ଏକ ସଚେତନତା ପ୍ରକୋଷ୍ଠ ସ୍ଥାପନ କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଜିଲ୍ଲାର ସବୁଠାରେ ୧ ଜୁଲାଇରୁ ୩୧ ଅଗଷ୍ଟ ପର୍ଯ୍ୟନ୍ତ ସଫଳତାର ସହିତ ରୂପାୟନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

● ଶ୍ରୀମନ୍ଦିରରେ ଖଳି ଲାଗି ଏକାଦଶୀ

## ଦାରୁଦିଅଁଙ୍କୁ ଲାଗିହେଲା ପୁଷ୍ପ, ତୁଳସୀ

**ପୁରୀ, ୨।୭ (ସମିସ)**

ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡିଆ ମଠରୁ ଆସିଥିବା ଫୁଲରୀ ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ସୋମବାର ଶ୍ରୀବିଗ୍ରହ ଚକା ବିଜେ କରିଛନ୍ତି। ମଙ୍ଗଳବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାଷିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ମହାପ୍ରଭୁ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ବୁଧବାର ଦ୍ୱାଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି। ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତବସ୍ତ୍ର ଲାଗି କରାଯାଇଥିଲ। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟ ବିଜୟ ଦ୍ୱାରା ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।



ଆଜି ରାଜପ୍ରସାଦ ବିଜେ

## ଷ୍ଟେସନ୍‌ରୁ ୨୫ କିଗ୍ରା ଗଞ୍ଜେଇ ଜବତ; ୨ ଗିରଫ

**ପୁରୀ, ୨।୭ (ସମିସ)**

ଟ୍ରେନରେ ଗଞ୍ଜେଇ ଚାଲାଣ ପାଇଁ ଷ୍ଟେଶନରେ ଅପେକ୍ଷା କରିଥିବା ବେଳେ ୨ ଜଣଙ୍କୁ ପୁରୀ ରେଳ ଷ୍ଟେଶନରୁ ଗିରଫ କରାଯାଇଛି। ଅଭିଯୁକ୍ତ ଦୁଇଜଣ ହେଲେ ମଧ୍ୟପ୍ରଦେଶର ମଙ୍ଗଳ ସିଂ ଆଦିବାସୀ ଓ ସାମ୍‌ସଙ୍ଗ ହୁକୁମ ସିଂ। ସୂଚନା ଅନୁଯାୟୀ, ଟ୍ରେନରେ ବିଭିନ୍ନ ସମୟରେ ନିଶାଦ୍ରବ୍ୟ ଚୋରାଚାଲାଣ ହେଉଥିବାରୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ୫୦ରେ ଆର୍‌ପିଏଫ ଏବଂ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ ଯାଞ୍ଚ କରୁଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ସେମାନେ ଲଳିତପୁର ଯିବା ପାଇଁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଧରାପଡ଼ିଥିଲେ। ଅଭ୍ୟୁକ୍ତ ଦ୍ୱୟଙ୍କଠାରୁ ଏକ ଅଖା ଭର୍ତ୍ତି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇ ୨୫ କିଗ୍ରା ୨୦୦ ଗ୍ରାମ୍ ଥିବାବେଳେ ଏହାର ମୂଲ୍ୟ ପ୍ରାୟ ୨ଲକ୍ଷ ୫୨ ହଜାର ଟଙ୍କା ହେବ। ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇ ମାମଲା ରୁଜୁ ହେବା ସହ କୋର୍ଟଚାଲାଣ କରାଯାଇଛି।

### ସାକ୍ଷୀଗୋପାଳ- ଅଲଗୁମ୍ ରାସ୍ତା କଡ଼ ସରକାରୀ ଜମି ଜବରଦଖଲ

# ପାଣି ନିଷ୍କାସନ ଜମିରେ ଘର ; ସ୍ଥାୟୀ ନାଳ ନିର୍ମାଣ ଦାବି





**ସାକ୍ଷୀଗୋପାଳ, ୨।୭ (ସମିସ):** ପୁରୀ ସାକ୍ଷୀଗୋପାଳ- ଅଲଗୁମ- ଶୁକଳ ରାସ୍ତାର ଉଭୟପାର୍ଶ୍ୱରେ ଗୋଚର, ଅନାବାଦୀ ଓ ସରକାରୀ ଜମି ଗୁଡିକ ଏବେ ଜମି ମାଫିଆଙ୍କ କବଜାରେ ରହିଛି। ଏପରିକି ସାକ୍ଷୀଗୋପାଳ ବକୁଳବନ ଠାରୁ ବନପୁର ଛକ ପର୍ଯ୍ୟନ୍ତ ରାସ୍ତାକଡରେ ଥିବା ଜମି ଗୁଡିକ ବିକାକିଣା ଚାଲିଛି। ଉକ୍ତ ଗହିର ଦଳଗହିର ଭାବେ ବେଶ ପରିଚିତ। ଉକ୍ତ ଗହିରରେ ନୂତନ ଭାବେ କୋଠାବାଡି ତିଆରି ହେଉଛି। ଏହି ଜମି ଗୁଡିକ କେତେକ ଜମି ମାଫିଆ କିଣି ପରେ ଉଚ୍ଚ ଦରରେ ଉକ୍ତ ଜମି ଗୁଡିକ ବିକ୍ରୟ କରୁଛନ୍ତି। କିଣିବା ସମୟରେ ଯଦି ୫୦ ଡିସିମିଲି ଜମି କିଣିଥିବା ରେକର୍ଡ ରହିଛି ମାତ୍ର ସେହି ଜମି ବିକିବା ସମୟରେ ତାହା ୬୦ ଡିସିମିଲି ହୋଇଯାଉଛି। ବଡ ଆଚାର୍ଯ୍ୟର କଥା ଯେ ଜମି କିଣିଥିବା ଲୋକମାନେ କିଛି ନଦେଖି ଜମି ମାଫିଆ ଯେଉଁ ଅନୁସାରେ ଜମି ଦେଖାଇଲା ସେହି ଅନୁସାରେ ଦଖଲ ନେବୋ ସହ ସହ ପଥର ବାଡ କରିଦେଲେ। ସେହିପରି ରାସ୍ତା କଡରେ ଥିବା ପ୍ଲଟ ଗୁଡିକ ଉଚ୍ଚ ରେଟ୍ ରହିଥିବା ବେଳେ ଲୋକମାନଙ୍କର ଏହି ପ୍ଲକଟ ଗୁଡିକ ମଧ୍ୟ ଅଧିକ ଡିମାଇଣ୍ଡ ରହୁଛି। ଜମି କିଣିଲେ ୨ଡିସିମିଲ ଦଖଲ କଲେ ଚାରି ଡିସିମିଲି। ଯାହାକି ସ୍ଥିତିବାନ ପ୍ଲଟକୁ ଲାଗି ରହିଥିବା ସରକାରୀ ଜମି ଗୁଡିକ ଏବେ କିଣାବିକା ଚାଲିଛି। ଏହା ଯଦି କାଗଜ ପତ୍ରରେ କରାଯାଉନାହିଁ ସତ ମାତ୍ର ତାହା ମୌଖିକ ଭାବେ କିଣା ବିକା କରାଯାଉଛି। ପ୍ରାୟ ଦୁଇ କିଲୋମିଟର ରାସ୍ତା କରରେ ଜମି ମାଲିକମାନେ ମାଟି ପୋତିବା ସହ ସ୍ଥାୟୀ କୋଠା ଘର ନିର୍ମାଣ କରିସାରିଲେଣି। ଏହି ରାସ୍ତାଟି ଏବେ ପୂର୍ତ୍ତ ବିଭାଗ ଅଧିନରେ ରହିଛି। ଲୋକସଂଖ୍ୟା ବଢିବା ସହ ଗାଡି ମଟର ଯିବା ଆସିବାରେ ଅସୁବିଧା ହେତୁ ଲୋକମାନଙ୍କର ଚାହିଦାକୁ ନଜର କରି ପୂର୍ତ୍ତ ବିଭାଗ ଆଗରୁ ଥିବା ସାଢେ ତିନିଫୁଟ ଓସାର ରାସ୍ତାକୁ ଏବେ ସାଢେପାଞ୍ଚଫୁଟ ରାସ୍ତା କରିଲେ। ରାସ୍ତା କଡରେ ଅନେକ ଯାଗାରେ ୫ରୁ ୧୦ ଫୁଟ ଓସାରରେ ସରକାରୀ ଜମି ରହିଥିବା ବେଳେ ଅନେକ ଯାଗାରେ ୨୦ରୁ ୨୫ ଫୁଟ ଜମି ରହିଛି। ସେହିପରି କେତକ ପ୍ଲଟ ମଧ୍ୟ ସରକାରୀ ରାସ୍ତାକୁ ସଂଯୋଗ ରହିଛି। ଏହାର ଫାଇଦା ଉଠାଉଛନ୍ତି କିଛି ଜମି ମାଲିକମାନେ। ପ୍ରଥମେ ସରକାରୀ ଜମି ଉପରେ ମାଟି ପକାଇ ଅପେକ୍ଷା କରୁଛନ୍ତି କେହି କିଛି ନ କହିବା ପରେ ବାଡ ବୁଲାଇ ରଖୁଛନ୍ତି। ପରେ ଉକ୍ତ ଜମିକୁ ନିଜ ପ୍ଲଟ ସହିତ ବିକ୍ରୟ କରିବା ସହ ଘର କରି ଭଡା ଲଗାଉଛନ୍ତି। ରାସ୍ତା କରରେ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଇଥିବା ଗାର୍ଡୱାଲକୁ ପୋତି ଦେଇ ଦଖଲ କରି ନେଉଛନ୍ତି। ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଯଦି ବନ୍ୟା ବା ବର୍ଷା ଲଗାଣ ହୁଏ ତା ହେଲେ ଏ ବର୍ଷ ସେଠାରେ ଗଢ଼ି ଉଠିଥିବା ବିଭିନ୍ନ କଲୋନି ଗୁଡିକ ପାଣିରେ ବୁଡିବା ସହ ଶହ ଶହ ଏକର ଧାନ ଫସଲ ନଷ୍ଟ ହେବ ବୋଲି ଚାଷୀ ମକରା ପ୍ରଧାନ, ରବି ମହାପାତ୍ର, ଗଣେଶ ମହାପାତ୍ର, ଦିବାକର ଭୋଇ, ଲକ୍ଷ୍ମଣ ପ୍ରଧାନ ପ୍ରମୁଖ କହନ୍ତି। ତୁରନ୍ତ ଜବରଦଖଲ କରିଥିବା ଜମି ଗୁଡିକ ଉଚ୍ଛେଦ କରାଯାଇ ସେଠାରେ ଏକ ସ୍ଥାୟୀ ପାଣି ନିଷ୍କାସନ ନାଳ ତିଆରି କରିବା ପାଇଁ ଦାବି କରିଛନ୍ତି। ଏସମ୍ପର୍କରେ ପୂର୍ତ୍ତ ବିଭାଗ ଜେଇ ମାନସ ରଞ୍ଜନ ମଲିକଙ୍କୁ ପଚାରିବାରୁ ସେ କହନ୍ତି ଅପଗତ ରହିଛି। ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଜଣାଇ ଦିଆଯାଇଛି। ଆରମ କାମ ହେଉଛି ରାସ୍ତା ତିଆରି କରିବା। ରାସ୍ତା କିଏ ଜବରଦଖଲ କଲା ତାହା ଆମ କାମ ନୁହେଁ। ଏଥିପାଇଁ ତହସିଲ, ପୁଲିସ ବିଭାଗ କହିଛି। ସେମାନେ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକତା ରହିଛି ବୋଲି କହନ୍ତି।

## ଆକ୍ରମଣ ଘଟଣାରେ ଜଣେ ଗିରଫ

**ଡେଲାଙ୍ଗ, ୨।୭ (ସମିସ):** ଡେଲାଙ୍ଗ ଥାନା ଅଧିନ ମଳିଗାଁ (ପଡ଼ାଜଟି ସାହି) ଗ୍ରାମରେ ଦୁଇଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ଜଣକୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଘଟଣା ମୁତାବକ ମଳିଗାଁ ଗ୍ରାମର ଦିବାକର ବସ୍ତିଆ(୩୭) ସେହି ଗ୍ରାମର ଜଣେ ମହିଳାଙ୍କୁ ଖରାପ ନଜର ରଖି ଆକ୍ରମଣ କରିବାକୁ ଗୋଡାଇ ଆସିବାରୁ ମହିଳା ଜଣକ ଘରେ ପଶି ଦୁଆର ଦେଇଦେଇ ଥିଲେ। ପରେ ସ୍ୱାମୀ ଘରକୁ ଆସିବାରୁ ମହିଳା ଜଣକ ସମସ୍ତ ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍ୱାମୀ ଓ ଦେଢଶୁର ଦିବାକରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ଏକ ଖଣ୍ଡାରେ ଦୁଜଣଙ୍କୁ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ୨ଜଣଙ୍କର ହାତରେ ଖଣ୍ଡା ଚୋଟ ବାଜି ଲହୁଲୁହାଣ ହୋଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟେ ମହିଳା ଜଣକ ସ୍ୱାମୀ ଓ ଦେଢଶୁରଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ କରିବା ପରେ ଡେଲାଙ୍ଗ ପୁଲିସ ମାମଲା ରୁଜୁ କରିବା ସହିତ ଦିବାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ସ୍କୁଲରୁ ଚୋରି ଇନ୍‌ଭର୍ଟର ଜବତ, ଚୋର ଗିରଫ

**ନିମାପଡ଼ା, ୨।୭ (ସମିସ):** ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗରୁ ଜଣାଯାଇଛି ଯେ ଗତ ୨୮ ତାରିଖ ରାତିରେ କେହି ଦୁର୍ବୃତ୍ତ ସ୍କୁଲ ଘରର କବାଟ ତାଲା ଭାଙ୍ଗି ଏକ ଇନଭର୍ଟର ଚୋରି କରିନେଇଯାଇଛି। ଯାହାର ଆନୁମାନିକମୂଲ୍ୟ ୨୫ହଜାର ଟଙ୍କା ହେବ। ତା ପରଦିନ ୨୯ ତାରିଖଦିନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ନାୟକ ଏନେଇ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାର ତଦନ୍ତ ଚାଲୁରଖିଥିଲା। ପରେ କୌଣସି ସୂତ୍ରରୁ ଖବର ପାଇଁ ଭିଲିଗ୍ରାମର ମୁକୁନ୍ଦ ଭୋଇକୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଇନଭର୍ଟର ଚୋରି କରିଥିବା ପୁଲିସ ଆଗରେ ମାନିଥିଲା। ଚୋରି ଯାଇଥିବା ଇନ୍‌ଭର୍ଟରଟିକୁ ପୁଲିସ ତାଠାରୁ ଜବତ କରିଥିବା ଜଣାପଡ଼ିଛି। ନିମାପଡ଼ା ପୁଲିସ ଅଭିଯୁକ୍ତ ମୁକୁନ୍ଦ ନାମରେ ମାମଲା ରୁଜୁ କରିବା ସହ କୋର୍ଟ ଚାଲଣ କରିଛି।

## ନୟାହାଟ ଅପରାଧୀଙ୍କ ଆଡ଼ାସ୍ଥଳୀ ପାଲଟିଛି

**ନୟାହାଟ, ୨।୭ (ସମିସ):** ନୟାହାଟ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏହା ଉପରେ ୫ଟି ବ୍ଲକର ଜନସାଧାରଣ କିଣାବିକା ପାଇଁ ନିର୍ଭର କରନ୍ତି। ମାତ୍ର ଜଗସିଂହପୁର, ନାଉଗାଁ ଅଞ୍ଚଳର କିଛି ଅପରାଧୀଙ୍କ ସହିତ ନୟାହାଟର କିଛି ଅପରାଧୀ ସୁସମ୍ପର୍କ ରଖି ନୟାହାଟ ଅଞ୍ଚଳରେ ଛୋଟ ବଡ ଚୋରି କରାଉଛନ୍ତି। ପ୍ରକାଶ ଯେ ଗତ ୧୦ଦିନ ତଳେ ନୟାହାଟ ବଜାରରେ ଭଡ଼ାରେ ରହୁଥିବା ନନ୍ଦିନୀ ବିଶ୍ୱାଳ ଘରେ ନଥିବା ବେଳେ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ଦୁଇଟି ଗ୍ୟାସ ସିଲିଣ୍ଡର, କୋଲର, ଗ୍ରାଉଣ୍ଡର, ସୁନା ଚେନ, ମୁଦି ଦୁଇଟା, କାନ ଫୁଲ ଏକ ହଳ, ପାଉଁଜି ଦୁଇ ହଳ ଓ ନଗଦ ୪ହଜାରେ ଟଙ୍କା ନେଇଥିବା ଚୋରର ଫଟୋ ସିସିଟିଭି କ୍ୟାମେରାରେ କ୍ୟଦ ହୋଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅଦ୍ୟାବଧି ପୁଲିସ ଉକ୍ତ ଚୋରର ପତ୍ତା ପାଇନି। ନୟାହାଟ ଅଞ୍ଚଳର ଜଣାଶୁଣା ଅପରାଧୀ ବାହାର ଜିଲ୍ଲାର ଅପରାଧୀଙ୍କ ସହିତ ସମ୍ପର୍କ ରଖି ସେମାନଙ୍କୁ ଡକାଇ ନୟାହାଟ ଅଞ୍ଚଳରୁ ଚୋରି କରାଉଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହୋଇଛି। ନୟାହାଟରେ ରାତି ପ୍ରାଟ୍ରୋଲିଂ ଢିଲା ହେବା ଫଳରେ ଚୋରି ବଢୁଛି। ଏଦିଗରେ ନିମାପଡ଼ା ଡିଏସ୍‌ପି ପ୍ରଭାତ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ନୟାହାଟ ଫାଣ୍ଡିରେ ଚାରିଚକିଆ ଗାଡି ନାହିଁ, ଯାହାଫଳରେ ବାଇକ୍‌ରେ ପ୍ରାଟ୍ରୋଲିଂ କରି ଅପରାଧ ନିୟନ୍ତ୍ରଣ କରିବା ଜଣେ ପୁଲିସ ପକ୍ଷେ ସମ୍ଭବ ନୁହଁ। ନୟାହାଟ ଅଞ୍ଚଳରେ ଘଟିଥିବା ୧୪ଟି ଚୋରି ଘଟଣାରେ ତଦନ୍ତ ଚାଲିଥିବା ବେଳେ କିଛି ଚୋରଙ୍କୁ ପୁଲିସ ଧରିବା ପାଇଁ ତା'ର ନିକଟତର ହୋଇଥିବା ଡିଏସପି ଶ୍ରୀ ମଲ୍ଲିକ ପ୍ରକାଶ କରିଛନ୍ତି।

## ଗଣ୍ଡଗୋଳରେ ଜଣେ ଗୁରୁତର

**ନୟାହାଟ, ୨।୭ (ସମିସ):** ସରକାରୀ ଜମି ଦଖଲକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ମଙ୍ଗଳବାର ଦିନ ଗଣ୍ଡଗୋଳ ହୋଇ ମିର୍ଜା ହବିବ ରେହେମାନ ବେଗ(୪୦) ଗୁରୁତର ହୋଇଥିବା ଜଣାପଡ଼ିଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ବିଶୁଲିପଡ଼ା ଗ୍ରାମର ମର୍ଦାସ ପଛପଟେ ଥିବା ସରକାରୀ ଜମିକୁ ନିଜ ଦଖଲରେ ମିର୍ଜା ହବିବ ରେହେମାନ ବେଗ୍ ରଖି ପାଉତି କାଟୁଥିଲେ। ସେଠାରେ ଏକ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ହେବା ପାଇଁ ଜମିକୁ ମାପଚୁପ୍ କରିବା ପରେ କୌଣସି କାରଣରୁ ସେଠାରେ ସ୍ୱାସ୍ଥ୍ୟ କେନ୍ଦ୍ର ହୋଇ ନପାରି ଅନ୍ୟତ୍ର ଶୁଭ ଦିଆଯାଇଥିଲା। କିନ୍ତୁ ଦଖଲରେ ରହୁଥିବା ଶ୍ରୀ ବେଗ୍ ବାଡ଼ ବୁଜିବା ସମୟରେ ତିନି ଜଣ ଲୋକ ମାଡ଼ ମାରିବା ଫଳରେ ତାଙ୍କର ଗୋଡ଼ ଓ ଅଣ୍ଟା ଭାଙ୍ଗି ଯାଇଥିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଓଲଟପୁର ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଭୁବନେଶ୍ୱରର ଏମ୍‌ସ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯଇଛି। ଖବର ପାଇ ନୟାହାଟ ଫାଣ୍ଡି ଏସଆଇ ସନ୍ତୋଷ ସାହୁ ଓ ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାର ତଦନ୍ତ କରୁଛନ୍ତି।

## ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ଶୋଷଣ ଅଭିଯୋଗ

**ଡେଲାଙ୍ଗ, ୨।୭ (ସମିସ):** ଡେଲାଙ୍ଗ ଥାନା ଅଧୀନ ଏକ ବିଦ୍ୟାଳୟରେ ଛାତ୍ରଙ୍କୁ ଯୌନ ଶୋଷଣ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ହେବା ପରେ ଡେଲାଙ୍ଗ ପୁଲିସ ଗୁରୁଜୀଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତର ମଉନିମଠ ବଜାର ଠାରୁ ଖୋର୍ଦ୍ଧା-ପଟ୍ଟନାଇକିଆ ରାସ୍ତାର ପଟ୍ଟନାଇକିଆ ଆଡକୁ ଅନତି ଦୂରରେ ଥିବା ବେଦ ବିଦ୍ୟାଳୟରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଛାତ୍ରମାନେ ଆସି ପାଠ ପଢ଼ିବା ସହିତ ଆଶ୍ରମରେ ରହୁଥିଲେ। ସନ୍ନିକଟ ବାଲିଉପର ଗ୍ରାମର ଗୁରିଜୀ ଦୁର୍ଗା ପ୍ରସାଦ ତ୍ରିପାଠୀ ଏକାକୀ ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ତେବେ ଆଶ୍ରମରେ ରହୁଥିବା ପିଲାମାନଙ୍କ ସହିତ ଗୁରୁଜୀ ପ୍ରତିଦିନ ଯୌନ ସମ୍ପର୍କ ରଖୁଥିବା ଖୋର୍ଦ୍ଧା ଅଞ୍ଚଳର ଜଣେ ଅଭିଭାବକ ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏହା ସହିତ ପରିବାର ଲୋକଙ୍କୁ ଏବିଷୟରେ ଜଣାଇଲେ ପରୀକ୍ଷାରେ ଫେଲ କରାଇଦେବେ ବୋଲି ମଧ୍ୟ ଗୁରୁଜୀ ଧମକ ଦେଉଥିଲେ। ଜଣେ ଶିକ୍ଷକଙ୍କ ନିଜ ଛାତ୍ରମାନଙ୍କ ପ୍ରତି ଏପରି ଅଶାଳୀନ ବ୍ୟବହାର ବିଷୟରେ ଅନ୍ୟ ଅଭିଭାବକମାନେ ଅବଗତ ହେବାପରେ ନିଜ ପିଲାମାନଙ୍କୁ ଆଶ୍ରମରୁ ନେଇଯାଇଛନ୍ତି। ଅଭିଯୋଗ ହେବାପରେ ଡେଲାଙ୍ଗ ଥାନା ପୁଲିସ ଦେବୀ ପ୍ରସାଦଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି।

### ବ୍ଲକଗ୍ରାଣ୍ଟ ହାଇସ୍କୁଲ ଶିକ୍ଷକଙ୍କ ଅବସର

# 'ଶିକ୍ଷାନୁଷ୍ଠାନ ପାଇଁ ବାଲୁଙ୍କି ସାରଙ୍କ ଅବଦାନ ଅତୁଳନୀୟ'



● ୫୦ହଜାର ଟଙ୍କା ସହଯୋଗ କଲେ ସହକର୍ମୀ

**କୋଣାର୍କ, ୨।୭ (ସମିସ):** କୋଣାର୍କ ନିକଟ ନୂଆଗାଁସ୍ଥିତ ବ୍ଲକଗ୍ରାଣ୍ଟ ହାଇସ୍କୁଲ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକଙ୍କୁ ନିଜ ବିଦ୍ୟାଳୟ ଓ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୧୯୯୭ ମସିହାରୁ ଏଯାବତ୍ ଦୀର୍ଘ ୨୬ ବର୍ଷଧରି ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ଭାବେ ସଫଳତାର ସହିତ ଦାୟିତ୍ୱ ନିର୍ବାହ ପରେ ଶତପ୍ରତିଶତ ବ୍ଲକଗ୍ରାଣ୍ଟ ବେତନ ପାଇବା ବେଳକୁ ବାଲୁଙ୍କି ସାର୍ ଶିକ୍ଷକତାରୁ ଅବସର ନେଇଛନ୍ତି। ବ୍ଲକଗ୍ରାଣ୍ଟ ଶିକ୍ଷକଙ୍କ ନିମନ୍ତେ ଅବସରକାଳୀନ ଭତ୍ତା ବ୍ୟବସ୍ଥା ନଥିବାରୁ ଅବସର ପରେ ତାଙ୍କର ଜୀବିକାନିର୍ବାହ କଷ୍ଟସାଧ ହେବ, ଏହା ନିଃସନ୍ଦେହ। ତେବେ ସହକର୍ମୀ ଶିକ୍ଷକଶିକ୍ଷୟିତ୍ରୀ ଓ ଅଣଶିକ୍ଷିକ କର୍ମଚାରୀମାନଙ୍କ ପକ୍ଷରୁ ଅବସର ସଭାରେ ୫୦ହଜାର ଟଙ୍କାର ଏକ ଚେକ୍ ବାଲୁଙ୍କି ସାରଙ୍କୁ ପ୍ରଦାନ କରାଯାଇଛି। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପରିଚାଳନା କମିଟି ସଭାପତି ନିରଞ୍ଜନ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମା ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ସିମିଳି ପଞ୍ଚାୟତ ସରପଞ୍ଚ ବିଶ୍ୱଜିତ ସ୍ୱାଇଁ, ସମିତିସଭ୍ୟା ମିନତି ସାହୁ, ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ଓଷ୍ଟାର ପୁରୀ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ, ଗୋପ ବ୍ଲକ ସଭାପତି ମହେନ୍ଦ୍ର କୁମାର ପାଢ଼ୀ, ଏ.କେ. ବିଦ୍ୟାପୀଠ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ସମାଜସେବୀ ରଘୁନାଥ ନାୟକ, ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ସଭାପତି ଶିବଦତ୍ତ ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ଶେଠ୍, ପ୍ରଧାନଶିକ୍ଷକ ପ୍ରସନ୍ନ କର ଓ ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଯୋଗଦେଇ ବାଲୁଙ୍କି ସାରଙ୍କର ଗୁଣଗାନ କରିଥିଲେ। ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ପକ୍ଷରୁ ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ସ୍ମରଜିତ ସେନ୍, ଗଙ୍ଗାଧର ରାଉତ ଓ ସୁଶାନ୍ତ ବେହେରା ମାନପତ୍ର, ଉତ୍ତରୀୟ ଓ ଓଡ଼ିଆ ଭାଗବତ ପୁସ୍ତକ ପ୍ରଦାନପୂର୍ବକ ପ୍ରଧାନଶିକ୍ଷକ ବାଲୁଙ୍କେଶ୍ୱର ବାରିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସହକାରୀ ଶିକ୍ଷକ ମାନସ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ, ଚିତ୍ରାଞ୍ଜଳି ନାୟକ, ନିହାରିକା ମହାନ୍ତି, କୃଷ୍ଣଚନ୍ଦ୍ର ଲେଙ୍କା ଓ ଦିଲ୍ଲୀପ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ସବୁଜ ବାହିନୀ ପକ୍ଷରୁ ବନ ମହୋତ୍ସବ



**କୋଣାର୍କ, ୨।୭ (ସମିସ):** କୋଣାର୍କ ନିକଟ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଜାତୀୟସବୁଜ ବାହିନୀ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ମିଳିତ ସହଯୋଗରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଉଛି। ମଙ୍ଗଳବାର ଏ.କେ. ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ମୁଖ୍ୟଅତିଥି ରୂପେ ଯୋଗଦେଇ ବୃକ୍ଷ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ବନପାଳ କୈଳାସ ଚନ୍ଦ୍ର ନାୟକ, ବନପାଳ ଯୋଗେନ୍ଦ୍ର ପ୍ରଧାନ, ଏନସିସି ଅଧିକାରୀ ଦିଲ୍ଲୀପ କୁମାର ନାୟକ, ସ୍କାଉଟମାଷ୍ଟର ମାନସ କୁମାର ମୁଦୁଲି, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା ପ୍ରମୁଖ ଉଦ୍‌ବୋଧନ ଦେଇ ପ୍ରତ୍ୟକ ଛାତ୍ରଛାତ୍ରୀ ନିଜ ନିଜର ମାଆଙ୍କ ନାମରେ ଗୋଟିଏ ଗୋଟିଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ନିମନ୍ତେ ମୁଖ୍ୟଅତିଥି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। କାର୍ଯ୍ୟେକ୍ରମକୁ ଶିକ୍ଷକ ରବୀନ୍ଦ୍ର ଦିବେଦୀ, ନିହାରିକା ମହାନ୍ତି, ଚିତ୍ରଷଞ୍ଜଳି ନାୟକ, କୃଷ୍ଣ ଚନ୍ଦ୍ର ଲେଙ୍କା, ଅଭୟ ଲେଙ୍କା, କାହ୍ନୁଚରଣ ବିଶ୍ୱାଳ, ଜ୍ୟୋତିର୍ମୟ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

## ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**ନିମାପଡ଼ା, ୨।୭ (ସମିସ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଦ୍ୱାରା ଆୟୋଜିତ ବନମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅସ୍ତରଙ୍ଗ ବନ ବିଭାଗ ଅଧିକାରୀ ମୋନାଲିସା ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅଁଳା, ବାହାଡା, ବିର୍ଲ୍ଲା, ଅଶୋକ, ଜାମୁ ଆଦି ବୃକ୍ଷର ଚାରାରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ବନବିଭାଗ ଅଧିକାରୀ ଶ୍ରୀମତୀ ମହାପାତ୍ର ଛାତ୍ରଛାତ୍ରୀଙ୍କୁ ଗଛଲତା କିଭଳି ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ସହ ବୃକ୍ଷର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଜଙ୍ଗଲ ଧ୍ୱଂସର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ପ୍ରଣତୀ ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ଶିକ୍ଷକ ବିଭୁପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ ଓ ଶିବବ୍ରତ ମଲ୍ଲ ପ୍ରମୁଖ ସହଯୋଗ କରିଥିଲେ।



# ମାଧବାନନ୍ଦଜୀଉ ମନ୍ଦିରରୁ ଅଣସର ଫଳ ଭାର ଗଲା ଶ୍ରୀକ୍ଷେତ୍ର



**ଚାରିଛକ, ୨।୭ (ସମିସ):** ପୁରୀ ଜିଲ୍ଲା ଚାରିଛକ ନିକଟସ୍ଥ ପ୍ରାଚୀକ୍ଷେତ୍ର ମାଧବର ଶ୍ରୀ ଜଗନ୍ନାଥଙ୍କ ମାମୁଁଘର ଭାବେ ପରିଚିତ ଶ୍ରୀ ମାଧବାନନ୍ଦ ଜୀଉମନ୍ଦିରରୁ ମଙ୍ଗଳବାର ଶ୍ରୀକ୍ଷେତ୍ରକୁ ଅଣସର ଭାର ପଠାଯାଇଛି। ଏକ ସୁସଜିତ ଗାଡିରେ ଭକ୍ତମାନଙ୍କ ବାରିରୁ ଆସିଥିବା ସୁସ୍ୱାଦୁ ଫଳ ଆମ୍ବ, ପଣସ, ସପୁରୀ, ନଡିଆ, କଦଳୀ, କ୍ଷୀର, ଲବଣୀ ଓ ତୁଳସୀ ଆଦି ପଠାଯାଇଛି। ଏହି ଭାର ଯିବା ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକିର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ନାମ ସଂକିର୍ତ୍ତନ ପରିବେଷଣ କରାଯାଇଥିଲା। ସକାଳୁ ମହାପ୍ରଭୂଙ୍କ ମାମୁଁ ମାଧବାନନ୍ଦଜୀଉଙ୍କ ସକାଳ ନୀତି ପୂଜା ସରିବା ପରେ ଭଣଜାଙ୍କ ପାଇଁ ପୂର୍ବ ପ୍ରସ୍ତୁତି ହୋଇଥିବା ଅଣସର ଭାରକୁ ପୂଜା କରାଯାଇ ଗୋପାଳ ଭାଇମାନଙ୍କ ଦ୍ୱାରା ମନ୍ଦିର ବେଢ଼ା ପରିକ୍ରମାକରି ସୁସଜିତ ଗାଡିରେ ଲଦାଯାଇ ପୁରୀ ଅଭିମୁଖେ ଯାତ୍ରା କରାଯାଇଥିଲା। ସ୍ନାନ ପୂର୍ଣ୍ଣିମା ଦିନ ମହାପ୍ରଭୁ ୧୦୮ କଳସରେ ସ୍ନାନ କରିବାରେ ଅଣସର ଘରେ ଜ୍ୱରରେ ପିଡିତ ଅଛନ୍ତି। ସେବକମାନଙ୍କ ଦ୍ୱାର ପ୍ରଭୁଙ୍କର ଚାଲିଛି ଅଣସର ଗୁପ୍ତସେବା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅଞ୍ଚଳରୁ ପ୍ରଭୂଙ୍କ ନିକଟକୁ ଆସୁଛି ସୁସ୍ୱାଦୁ ଫଳ ଭାର। ମହାପ୍ରଭୁଙ୍କ ଜ୍ୱର ଉପଚାର ପାଇଁ ଫୁଲୁରୀ ତେଲ ମାର୍ଜନା ସହ ବିଭିନ୍ନ ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ ସେବକଙ୍କ ସୂଚନା ମୁତାବକ ଦଶମୂଳ ହେଉଛି ମହାପ୍ରଭୂଙ୍କ ଔଷଧ। ମହାପ୍ରଭୁଙ୍କୁ ତୁଳସୀ ଲାଗି ଲାଗି ହେବା ସହ ଜ୍ୱରରୁ ଉପଶମ ପାଇଁ ଦାରୁ ବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ। ମାଧବରୁ ପଠାଯାଉଥିବା ଫଳ ସମ୍ଭାର ସହିତ ଭାସ୍କର ପୁଷ୍ପାଳକ, ତ୍ରିନାଥ ପୁଷ୍ପାଳକ, ନ୍ୟାୟବ୍ରତ ରାଉତ, ପିତାମ୍ବର ରାଉତ, ପ୍ରଶାନ୍ତ କୁମାର ଦେବ ଗୋସ୍ୱାମୀ, ପ୍ରସନ୍ନ କୁମାର ପାଢ଼ୀ, କେଦାରନାଥ ବେହେରାଙ୍କ ସମେତ ଶତାଧିକ ଭକ୍ତ ଶ୍ରୀକ୍ଷେତ୍ର ପୁରୀ ଯାତ୍ରା କରିଥିଲେ।



# ରଥରେ ଯାଆନ୍ତି ଗନ୍ଧର୍ବ, ଯକ୍ଷ ଓ ଅପ୍ସରା




**ପୁରୀ, ୨।୭(ସମିସ):** ବିଶ୍ୱବ୍ରହ୍ମାଣ୍ଡର ହିତ ନିମନ୍ତେ ଅନୁଷ୍ଠିତ ହୋଇଥାଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା। ଏଥିପାଇଁ ପ୍ରତିବର୍ଷ ତିନିଟି ରଥ ନିର୍ମିତ ହୋଇଥାଏ। ଏହି ରଥରେ ଚତୁର୍ଦ୍ଧାବିଗ୍ରହଙ୍କ ସହ ରାମ, କୃଷ୍ଣ ଓ ମଦନମୋହନ ଯାଇଥାନ୍ତି। ଏଥିସହ ଗନ୍ଧର୍ବ, ଯକ୍ଷ ଓ ଅପ୍ସରାମାନେ ମଧ୍ୟ ଯାତ୍ରା କରିଥାନ୍ତି। ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ପୁରାଣ ମତରେ ଗନ୍ଧର୍ବ ଅର୍ଥ ଦେବତାଙ୍କ ଶ୍ରେଣୀବିଶେଷ। ଏମାନେ ସ୍ୱର୍ଗରେ ରହନ୍ତି ଓ ଗାନ କରନ୍ତି। ଅଗ୍ନି ପୁରାଣରେ ଗନ୍ଧର୍ବଙ୍କର ୧୧ପ୍ରକାର ଭେଦ କଳ୍ପନା କରାଯାଇଛି। ବେଦରେ ଗନ୍ଧର୍ବଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରାଯାଇଛି ଯଥା ସ୍ୱର୍ଗବାସୀ ଓ ଅନ୍ତରୀକ୍ଷବାସୀ। ଗନ୍ଧର୍ବମାନଙ୍କର ସ୍ୱାମୀ ବରୁଣ ଓ ମତାନ୍ତରେ କୁବେର। ଗନ୍ଧର୍ବମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ ଭକ୍ତ। ତେଣୁ ରଥଯାତ୍ରା ସମୟରେ ରଥର ନିର୍ଦ୍ଦିଷ୍ଟ ସ୍ଥାନରେ ରହି ଏମାନେ ଯାତ୍ରା କରିଥାନ୍ତି।

ଶ୍ରୀବଳଭଦ୍ରଙ୍କ ରଥରେ ଥିବା ଗନ୍ଧର୍ବଙ୍କ ନାମ ହୁହୁ ଏବଂ ଦେବୀ ସୁଭଦ୍ରାଙ୍କ ରଥରେ ଥିବା ଗନ୍ଧର୍ବଙ୍କ ନାମ ହାହା। ସେହିପରି ଯକ୍ଷ ମଧ୍ୟ ରଥରେ ଅବସ୍ଥାନ କରି ଯାତ୍ରା କରିଥାନ୍ତି। ଯକ୍ଷ ହେଉଛନ୍ତି ଦେବଯୋନି ବିଶେଷ। କୁବେରଙ୍କ ଧନ ଓ ଉଦ୍ୟାନର ରକ୍ଷକ। ଏମାନଙ୍କର ସାଧନା କଲେ ସାଧକ ବହୁ ଧନଶାଳୀ ହୋଇଥାନ୍ତି। ଏମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରମ ଭକ୍ତ। ତେଣୁ ରଥଯାତ୍ରା ସମୟରେ ଯକ୍ଷ ମଧ୍ୟ ଯାତ୍ରାରେ ସାମିଲ ହୋଇଥାନ୍ତି। ଶ୍ରୀଜଗନ୍ନାଥଙ୍କ ରଥରେ ଥିବା ଯକ୍ଷଙ୍କ ନାମ ହର୍ଯ୍ୟକ୍ଷ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଯାତ୍ରା କରୁଥିବା ଯକ୍ଷଙ୍କ ନାମ କିଂକ୍ୱଳିକା। ଏଥିସହ ଅପ୍ସରାମାନେ ମଧ୍ୟ ରଥରେ ବସି ଠାକୁରଙ୍କ ସହିତ ଯାତ୍ରା କରିଥା'ନ୍ତି। ଅପ୍ସରାମାନେ ସ୍ୱର୍ଗର ନର୍ତ୍ତକୀ। ଏମାନେ ଇନ୍ଦ୍ରଙ୍କ ରାଜସଭା ସୁଧର୍ମାରେ ଗୀତ ଗାଇ ନାଚନ୍ତି। ଏମାନେ ଅତି ସୁନ୍ଦରୀ ଓ ନୃତ୍ୟଶିଳା। ଏ ସମସ୍ତେ ସମୁଦ୍ର ମନ୍ଥନରୁ ଜାତ। ଏମାନଙ୍କ ମଧ୍ୟରୁ ୨ ଜଣ ଅପ୍ସରା ପୁଲୋମୋଚା ଓ ଉର୍ବଶୀ ନନ୍ଦିଘୋଷ ରଥରେ ଯାତ୍ରା କରିଥାନ୍ତି। ଏହିପରି ଭାବେ ରଥରେ ଠାକୁରମାନଙ୍କ ସହିତ ଗନ୍ଧର୍ବ, ଯକ୍ଷ ଓ ଅପ୍ସରାମାନେ ଯାଇଥାନ୍ତି।

**ଯୌନାଙ୍ଗ କାଟି ଯୁବକଙ୍କୁ ହତ୍ୟା ଘଟଣା**

# କାଳହେଲା ଖୁଡ଼ୀ ଉପରେ ଖରାପ ନଜର

**ଜଗନ୍ନାଥପ୍ରସାଦ, ୨।୭ (ସମିସ):** ସୋମବାର ଯୋଡ଼ାବନ୍ଧ ଗ୍ରାମରେ ଘଟିଥିବା ବୀଭତ୍ସ ହତ୍ୟାର କାରଣ ଉଜାଗର କରିଛି ଜଗନ୍ନାଥପ୍ରସାଦ ପୁଲିସ୍। ଖୁଡ଼ୀ ଉପରେ ଖରାପ ନଜର ପକାଇବାରୁ ପୁତୁରା ଚିତ୍ତରଞ୍ଜନ ସାହୁ(୪୩)ର ଯୌନାଙ୍ଗ କାଟି ହତ୍ୟା କରିଛି ଅଭିଯୁକ୍ତ ଦାଦା ଗନ୍ଧର୍ବ ସାହୁ (୪୩)। ଥାନାରେ ଗନ୍ଧର୍ବଙ୍କୁ ପଚରାଉଚରା କରିବା ପରେ ପୁଲିସ୍‌କୁ ଏଭଳି ତଥ୍ୟ ମିଳିଛି। ଏନେଇ ପୁଲିସ୍ ନମ୍ବର ୨୬୭/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ଗନ୍ଧର୍ବଙ୍କୁ କୋର୍ଟଚାଲାଣ କରିଛି। ତେବେ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଭଞ୍ଜନଗର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଆଜି ଗନ୍ଧର୍ବଙ୍କୁ ନେଇ ପୁଲିସ୍ ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇଥିଲା। ଏଥିରେ ସେ ଚିତ୍ତରଞ୍ଜନଙ୍କୁ କିପରି ମାରିଥିଲା, ତାହାର ଡେମୋ ପୁଲିସ୍‌କୁ ଦେଖାଇଥିଲା।

ସୂଚନାନୁଯାୟୀ, ଗନ୍ଧର୍ବ ଓ ଚିତ୍ତରଞ୍ଜନ ସମ୍ପର୍କରେ ଦାଦା-ପୁତୁରା। କିନ୍ତୁ ଦୁହିଁଙ୍କ ବୟସରେ ବେଶି ତାରତମ୍ୟ ନଥିବାରୁ ସେମାନେ ପିଲା ଦିନରୁ ବନ୍ଧୁ। ଉଭୟଙ୍କ ମଧ୍ୟରେ ପାରିବାରିକ ସଂପର୍କ ମଧ୍ୟ ଅତି ନିବିଡ଼ ଥିଲା। ଗନ୍ଧର୍ବ ବିବାହିତ ଥିବା ବେଳେ ୪/୫ବର୍ଷ ହେବ ଭୁବନେଶ୍ୱରରେ ଏକୁଟିଆ



ରହି 'ଓଲା' ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଆବଶ୍ୟକସ୍ଥଳେ ଚିତ୍ତରଞ୍ଜନ ଗନ୍ଧର୍ବର ଘରକୁ ଯିବାଆସିବା କରୁଥିଲା। ଇତିମଧ୍ୟରେ ଚିତ୍ତରଞ୍ଜନର ଖରାପ ନଜର ଖୁଡ଼ୀ ଅର୍ଥାତ୍ ଗନ୍ଧର୍ବଙ୍କ ପତ୍ନୀଙ୍କ ଉପରେ ରହିଥିଲା। ଏପରିକି ଅନେକ ଥର ଖରାପ ଉଦ୍ଦେଶ୍ୟ ସାଧନ ପାଇଁ ବାଧ୍ୟ ମଧ୍ୟ କରୁଥିଲା। ଏ ସଂପର୍କରେ ପତ୍ନୀଙ୍କଠାରୁ ଗନ୍ଧର୍ବ ଜାଣିବାକୁ ପାଇଥିଲେ। ଗନ୍ଧର୍ବ ଗାଁକୁ ଆସି ଚିତ୍ତରଞ୍ଜନକୁ ଥରେ ଦୁଇଥର ଏନେଇ ତାଗିଦ କରିବା ପରେ ନିଜର ଭୁଲ ସ୍ୱୀକାର କରିବା ସହ ଭୁଲ ମାଗିଥିଲା ଚିତ୍ତରଞ୍ଜନ। କିନ୍ତୁ କିଛି ଦିନର ନିରବତା ପରେ ଚିତ୍ତରଞ୍ଜନ ପୁଣି ସେହି ଭୁଲ କରିଥିଲା। ଏ ସମ୍ପର୍କରେ ଗନ୍ଧର୍ବ ଜାଣିବା ପରେ ତାକୁ ହତ୍ୟା କରିବା ପାଇଁ ଯୋଜନା କରି ଗାଁକୁ ଆସିଥିଲା। ଗତ ରବିବାର ଯୋଡ଼ାବନ୍ଧରେ ଚିତ୍ତରଞ୍ଜନଙ୍କ ଜଣେ ବନ୍ଧୁ ନୂଆ ଫାଷ୍ଟଫୁଡ୍ ଦୋକାନ ଖୋଲୁଥିବାରୁ ଦିନସାରା ସେଠାରେ ଚିତ୍ତରଞ୍ଜନ ବ୍ୟସ୍ତ ଥିଲା। ଉକ୍ତ ଦିନ ଗନ୍ଧର୍ବଙ୍କୁ ମଦ୍ୟପାନ କରିବାକୁ ଚିତ୍ତରଞ୍ଜନ ନିମନ୍ତ୍ରଣ କରିଥିଲା। ପରେ ଗନ୍ଧର୍ବ ନିଜେ ମଦ କିଣି ନେଇ ସନ୍ଧ୍ୟାରେ ଚିତ୍ତକୁ ଡାକିଥିଲା। ପରେ ଉଭୟ ଗ୍ରାମ ନିକଟ କାଜୁତୋଟାକୁ ଯାଇଥିଲେ। ସେଠାରେ ଉଭୟେ ମଦ ପିଇବା ସମୟରେ

**● ବାରମ୍ବାର ତାଗିଦ୍ ପରେ ନଶୁଣିବାରୁ ପୁତୁରାକୁ ମାରିଦେଲା**
**● ସିନ୍-ରିକ୍ରିଏସନ୍ କରାଇଲା ପୁଲିସ୍**

ଚିତ୍ତରଞ୍ଜନକୁ ଏକ ଫୋନ କଲ ଆସିଥିଲା। ଫୋନରେ କଥା ହେବା ସମୟରେ ହିଁ ଗନ୍ଧର୍ବ ପଛପଟୁ ଚିତ୍ତରଞ୍ଜନର ତଣ୍ଟିକୁ ଚିପି ମାରିଥିଲା। ସେଠାରୁ ତାକୁ ଘୋଷାଡ଼ି ନେଇ ଗୁଡିଖାଲ ଚାଷଜମିରେ ପୁଣି ତଣ୍ଟିକୁ ଚିପି ଯୌନାଙ୍ଗକୁ କାଟି ଦେଇଥିଲା। ଏ ସଂପର୍କରେ ସେ ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି।

**ଘରୋଇ ସ୍କୁଲରେ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ସିଟ୍ ସଂରକ୍ଷଣ ପ୍ରସଙ୍ଗ**

# ବ୍ଲକ୍‌ସ୍ତରରେ ପଞ୍ଜୀକରଣ କେନ୍ଦ୍ର ପାଇଁ ନିଆଯିବ ପଦକ୍ଷେପ

**କଟକ, ୨।୭(ସମିସ):** ରାଜ୍ୟର ବିଭିନ୍ନ ଘରୋଇ ତଥା ଅଣ-ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ ଅନୁସାରେ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମାଗଣା ଶିକ୍ଷା ପାଇଁ ୨୫ ପ୍ରତିଶତ ସିଟ ଉପଲବ୍ଧ କରାଯାଉନଥିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ନାମଲେଖା ଆବେଦନ ପାଇଁ ଏଣିକି ବ୍ଲକ୍‌ସ୍ତରରେ ପଞ୍ଜୀକରଣ କେନ୍ଦ୍ର କରାଯିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଆଜି ହାଇକୋର୍ଟଙ୍କୁ ଭର୍ଚୁଆଲରେ ଉପସ୍ଥିତ ରହି ଅବଗତ କରିଛନ୍ତି ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ।

କେବଳ ୱେବସାଇଟର ବ୍ୟବସ୍ଥା ହୋଇଥିବା ବେଳେ ଏହା ଦ୍ୱାରା କେତେ ଦୂର ଉଦ୍ଦେଶ୍ୟ ସାଧନ ହୋଇପାରିବ, ସେନେଇ ପୂର୍ବରୁ ହାଇକୋର୍ଟ ପ୍ରଶ୍ନ କରିଥିଲେ। ଇଣ୍ଟରନେଟ ଅପହଞ୍ଚ ଅଞ୍ଚଳ ବା ଏହି ବ୍ୟବସ୍ଥା ସମ୍ପର୍କରେ ଅନେକ ଅଜ୍ଞ ରହୁଥିବାକୁ ଦୃଷ୍ଟିରେ ରଖି କ'ଣ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଗତ ଶୁଣାଣି ବେଳେ ହାଇକୋର୍ଟ ଜବାବ ତଲବ କରିଥିଲେ। ସେହିପରି ନାମଲେଖାରୁ ବଞ୍ଚିତ ହୋଇଥିବା ଭୁବନେଶ୍ୱରର ପ୍ରାୟ ୬୫ ଜଣ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଘରୋଇ ବିଦ୍ୟାଳୟରେ

**ହାଇକୋର୍ଟଙ୍କୁ ଜଣାଇଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ**

ଯଦି ସଂରକ୍ଷିତ ସିଟ ଉପଲବ୍ଧ ଥାଏ ତାହେଲେ ସେମାନଙ୍କ ନାମଲେଖା ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଏ ନେଇ ନିର୍ଦ୍ଦେଶକଙ୍କ ଦ୍ୱାରସ୍ଥ ହେବାକୁ ଅଦାଲତ କହିଛନ୍ତି। ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ରାଜ୍ୟର ବିଭିନ୍ନ ଘରୋଇ ବିଦ୍ୟାଳୟରେ ମୋଟ ୪୪ ହଜାର ସିଟ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ତେବେ ଗତ ମେ' ୧୪ ସୁଦ୍ଧା ୨୧ ହଜାର ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୩ହଜାର ସିଟ ଖାଲି ପଡ଼ିଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ଶିକ୍ଷା ଅଧିକାର ଆଇନର ଧାରା ୧୨(୧)(ସି)ଅନୁସାରେ ଆର୍ଥିକ ଦୁର୍ବଳ ଓ ଅନୁସୂଚୀତ ଜାତି ଏବଂ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଘରୋଇ ବିଦ୍ୟାଳୟର ୨୫ ପ୍ରତିଶତ ସିଟରେ ମାଗଣାରେ ଶିକ୍ଷା ଦାନର ବ୍ୟବସ୍ଥା ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଦିଶା ମହାନ୍ତି ମାମଲା ପରିଚାଳନା କରୁଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୪ ତାରିଖକୁ ଧାର୍ଯ୍ୟ ହୋଇଛି।

**ନିଟ୍ ପରୀକ୍ଷା ଦୁର୍ନୀତି**

# ରାଜଭବନ ସମ୍ମୁଖରେ ଗର୍ଜିଲା ଶିକ୍ଷା ବଞ୍ଚାଅ କମିଟି

**ଭୁବନେଶ୍ୱର, ୨।୭(ସମିସ):** ନିଟ୍ ପରୀକ୍ଷାରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି। ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ନ୍ୟାସନାଲ ଟେଷ୍ଟି ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ଏକାଧିକ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହେଉଛି। ଏହାର ବିରୋଧ କରି ଅଲ୍ ଇଣ୍ଡିଆ ସେଭ୍ ଏଜୁକେସନ୍ କମିଟି ପକ୍ଷରୁ ଦେଶବ୍ୟାପୀ ଜନ୍ ୨୮ରୁ ଜୁଲାଇ ୪

**ଶାସକ ଦଳ ନେତାଙ୍କ ସମ୍ପୃକ୍ତି ଅଭିଯୋଗ**

ତାରିଖ ପର୍ଯ୍ୟନ୍ତ ପ୍ରତିବାଦ ସପ୍ତାହ ପାଳନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ରାଜଭବନ ସମ୍ମୁଖରେ ଶିକ୍ଷା ବଞ୍ଚାଅ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ନାରାବାଜି କରିଥିଲେ। ଏହି ଅନିୟମିତତାରେ ଶାସକ ଦଳର ନେତାମାନଙ୍କର




ସମ୍ପୃକ୍ତି ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ। ସେହିପରି ଏହି ଜାଲିଆତିରେ ସଂପୃକ୍ତ ବହୁ ବ୍ୟକ୍ତି ଦେଶ ଛାଡ଼ି ଚାଲିଯାଇଛନ୍ତି ବୋଲି ସେମାନେ କହିଥିଲେ।

କମିଟିର ଅଭିଯୋଗ ହେଲା, ନିଟ୍ ପରୀକ୍ଷାରେ ଅନିୟମିତତା ସମ୍ପର୍କରେ ସମସ୍ତେ ଅବଗତ ଥିଲେ। ତେଣୁ ଏହାକୁ ଲୁଚାଇବା ପାଇଁ ନିର୍ଦ୍ଧାରିତ ସମୟର ୧୦ଦିନ ପୂର୍ବରୁ ଅର୍ଥାତ୍ ଦେଶରେ ନିର୍ବାଚନ ଫଳାଫଳ ଘୋଷଣା ଦିନ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା। ସେହିପରି ନିଟ୍, ନେଟ୍ ପରେ ସିଏସ୍‌ଆଇଆର୍ ନେଟ୍ ଓ ଏକାଧିକ ପରୀକ୍ଷାକୁ ବାତିଲ କରାଯିବା ଏନ୍‌ଟିଏର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିକ୍ଷୋଭରେ ରାଜ୍ୟ ସଭାପତି ପ୍ରଫେସର ବିରେନ୍ଦ୍ର ନାୟକ, ସମ୍ପାଦକ ସୁବାସ ନାୟକ, ଉପସଭାପତି ବିଶ୍ୱାବସୁ ଦାସ ଓ ରାଜେନ୍ଦ୍ର ବର୍ଷା, ସର୍ବଭାରତୀୟ ସଂଗଠକ ପ୍ରଦୀପ ମହାପାତ୍ର, ବବି ବଳବନ୍ତରାୟ, ଅକ୍ଷୟ ରାଉଳ ପ୍ରମୁଖ ନେତୃତ୍ୱ ନେଇଥିଲେ।

**■ ଓଏସ୍ଏସ୍ଏସ୍‌ସିର ବିଚିତ୍ର ନୀତି**

# ବାରମ୍ବାର ବଦଳାଉଛି ଆବେଦନ ତାରିଖ

**ଭୁବନେଶ୍ୱର, ୨।୭ (ସମିସ):** ଅନୁସୂଚିତ ଜାତି ଓ ଜନଜାତି ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗରେ ଶିକ୍ଷକ ପଦ ପାଇଁ ବାରମ୍ବାର ବଦଳୁଛି ଆବେଦନ ତାରିଖ। ଇତିମଧ୍ୟରେ ଆବେଦନ ଆରମ୍ଭ ତାରିଖକୁ ୪ଥର ପରିବର୍ତ୍ତନ କଲାଣି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍ଏସ୍ଏସ୍‌ସି)।

**■ କାରଣ ଦର୍ଶାଉନି; ଆଶଙ୍କାରେ ଆଶାୟୀ**
**■ ଏଯାଏ ୪ଥର ପରିବର୍ତ୍ତନ ହେଲାଣି ବିଜ୍ଞପ୍ତି**

ହେଲେ ଏଥିପାଇଁ କୌଣସି କାରଣ ଦର୍ଶାଉନାହିଁ। ଆବେଦନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଏକ ପୂର୍ବ ବିଜ୍ଞପ୍ତିରେ ସାମାନ୍ୟ ପରିବର୍ତ୍ତନ କରାଗଲା କହି ଆଉ ଏକ ବିଜ୍ଞପ୍ତି ଜାରି କରୁଛି। ଆବେଦନକାରୀଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ତୀବ୍ର ହେଲାଣି।

ସୂଚନା ଅନୁଯାୟୀ, ପ୍ରଥମେ ମାର୍ଚ୍ଚ ୧୧ତାରିଖରେ ୨୬୨୯ ଶିକ୍ଷକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ଏପ୍ରିଲ ୧ ତାରିଖରୁ ଆବେଦନ ଆରମ୍ଭ ହେବାର ଥିଲା। ହେଲେ ଆବେଦନ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଏହାକୁ ଘୁଞ୍ଚାଇ ଦିଆଗଲା। ଏପ୍ରିଲ ୩୦ ତାରିଖରେ ଆଉ ଏକ ବିଜ୍ଞପ୍ତି ବାହାର କରି ଜୁନ୍ ୧୨ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦର୍ଶାଗଲା। ହେଲେ ଆବେଦନ ପ୍ରକ୍ରିୟା ଆରମ୍ଭ ହେଲା ନାହିଁ। ଜୁନ୍ ୧୧ତାରିଖରେ ପୁଣି ଏକ ବିଜ୍ଞପ୍ତି ଜାରି କରି ଜୁଲାଇ ୧ ତାରିଖରୁ ଆବେଦନ ଆରମ୍ଭ ହେବ ବୋଲି ଦର୍ଶାଗଲା। ଏଥିରେ ମଧ୍ୟ ପୁଣିଥରେ ପରିବର୍ତ୍ତନ କରାଯାଇ ଜୁଲାଇ ୨୯ ତାରିଖରେ ଆଉ ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଆଗଷ୍ଟ ୧ତାରିଖରୁ ଆବେଦନ ଆରମ୍ଭ ହେବ। ୨୫ତାରିଖ ମଧ୍ୟରେ ଆଶାୟୀମାନେ ପଞ୍ଜୀକରଣ କରିପାରିବେ। ସେହିପରି ଅଗଷ୍ଟ ୩୧ ତାରିଖ ସୁଦ୍ଧା ଆବେଦନର ଶେଷ ତାରିଖ ରହିଥିବା ଦର୍ଶାଯାଇଛି। ହେଲେ ବାରମ୍ବାର ଆବେଦନ ତାରିଖରେ ପରିବର୍ତ୍ତନ କରୁଥିବାରୁ ଆଗକୁ ପୁଣି ପରିବର୍ତ୍ତନ କରିବାର ଆଶଙ୍କା କରୁଛନ୍ତି ଆଶାୟୀ। ତାରିଖ ପରେ ତାରିଖ ଦିଆଯାଉଥିବା ବେଳେ କାହିଁକି ଆବେଦନ ପ୍ରକ୍ରିୟା ଆରମ୍ଭ ହେଉନାହିଁ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ବିଜ୍ଞପ୍ତିରେ କୌଣସି କାରଣ ଦର୍ଶାଯାଉନଥିବାରୁ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।

# ୧୫ ଯାଏ ବଢ଼ିଲା ଇଗ୍ନୋ ଜୁଲାଇ ସତ୍ର ନାମଲେଖା

**ଭୁବନେଶ୍ୱର,୨।୭(ସମିସ):** ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ଚଳିତ ବର୍ଷର ଜୁଲାଇ ସତ୍ର ପାଇଁ ନାମଲେଖା ଅବଧି ବୃଦ୍ଧି ହୋଇଛି। ପୂର୍ବରୁ ଆବେଦନର ଶେଷ ତାରିଖ ଜୁନ୍ ୩୦ ତାରିଖ ଥିବା ବେଳେ ଏହାକୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ଆଶାୟୀମାନେ ଛାତ୍ରଛାତ୍ରୀମାନେ www.ignou.ac.in ଓ http// ignouadmission.samarth.edu.in ୱେବସାଇଟ୍‌ରେ ଆବେଦନ କରିପାରିବେ। ଅଧାରୁ ପାଠ ଛାଡ଼ିଥିବା ବା ଉଚ୍ଚଶିକ୍ଷାରୁ ବଞ୍ଚିତ ବ୍ୟକ୍ତି ସ୍ନାତକ, ସ୍ନାତକୋତ୍ତର, ସ୍ନାତକୋତ୍ତର ଡିପ୍ଲୋମା, ସାର୍ଟିଫିକେଟ୍ ପ୍ରୋଗ୍ରାମର ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇପାରିବେ। ଚଳିତବର୍ଷ ୫ଟି ଏମ୍ଏସ୍‌ସି ବିଭାଗ ଓ ଗୋଟିଏ ବିଏସ୍‌ସି ବିଭାଗ ଖୋଲାଯାଇଛି। ସ୍ନାତକ ପଢ଼ିବା ପାଇଁ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଫି' ଛାଡ଼ କରାଯାଇଛି। ଅନ୍ୟ ସୂତ୍ରରୁ ରିହାତି ପାଉନଥିବା ଛାତ୍ରଛାତ୍ରୀ ଏଥିପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ବାଲେଶ୍ୱର ସହରରୁ ହଟିଲା କର୍ଫ୍ୟୁ

**ବାଲେଶ୍ୱର, ୨।୭ (ସମିସ):** ଗୋଷ୍ଠୀ ସଂଘର୍ଷକୁ ନେଇ ବାଲେଶ୍ୱର ସହରରେ ୧୬ ଦିନ ଧରି ଲାଗି ରହିଥିବା କର୍ଫ୍ୟୁକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଛି। ପର୍ଯ୍ୟାୟକ୍ରମେ କର୍ଫ୍ୟୁ କୋହଳ ହେବା ପରେ ଗତ କିଛି ଦିନ ହେଲା ସହରରେ କେବଳ ରାତ୍ରିକାଳୀନ କର୍ଫ୍ୟୁ ଲାଗି ରହିଥିଲା। ତେବେ ମଙ୍ଗଳବାର ରାତି ୧୦ଟାରୁ ସମ୍ପୂର୍ଣ୍ଣ ଭାବେ କର୍ଫ୍ୟୁକୁ ହଟାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

କର୍ଫ୍ୟୁ ସମ୍ପୂର୍ଣ୍ଣ ଉଠିଥିଲେ ହେଁ ପୁଲିସ କର୍ମଚାରୀ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ରହିବେ। ବର୍ତ୍ତମାନ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରହିଛି। ପୂର୍ବରୁ ଶାନ୍ତି କମିଟି ବୈଠକ ପରେ ମାଇକ୍ରୋ ଶାନ୍ତି କମିଟି ବୈଠକ ଏବଂ ବିଭିନ୍ନ ଅନୁଷ୍ଠାନ ସହ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଏସ୍‌ପି ସାଗରିକା ନାଥ କହିଛନ୍ତି ଯେ ଘଟଣା ପରଠାରୁ ଆଜି ପର୍ଯ୍ୟନ୍ତ ୨୪ଟି ମାମଲା ରୁଜୁ ହୋଇଥିବା ବେଳେ ଏଥିରେ ମୋଟ ୯୪ଜଣ ଗିରଫ ହୋଇଛନ୍ତି। ଗୋଟିଏ ସାଇବର ମାମଲାରେ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଏଣୁ ଘଟଣା ଘଟିବାଠାରୁ ଆଜି ଦିନ ମଧ୍ୟରେ ବେଶ ଫରକ ରହିଛି। ଏବେ ସହରରେ ପୂର୍ବଭଳି ଶାନ୍ତି ଫେରିଛି। ଲୋକମାନେ ମଧ୍ୟ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଆଗକୁ ରଥଯାତ୍ରା ଏବଂ ମହରମ ପର୍ବ ମଧ୍ୟ ରହିଛି। ଏଣୁ କୌଣସି ପ୍ରକାର ବିଶୃଙ୍ଖଳା ହେବାର ସମ୍ଭାବନା ମଧ୍ୟ ନାହିଁ। ହେଲେ କିଛି ଫୋର୍ସଙ୍କୁ ପଠାଇ ଦିଆଯାଇଥିବା ବେଳେ କିଛି ଫୋର୍ସ ବର୍ତ୍ତମାନ ସୁଦ୍ଧା ରହିଛନ୍ତି। ସେମାନେ ରାତିରେ ଜଗିବେ। ଅନ୍ୟପଟେ ଲୋକେ କୌଣସି ପ୍ରକାର ଗୁଜବକୁ ଗ୍ରହଣ କରନ୍ତୁ ନାହିଁ ବୋଲି ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉପସ୍ଥିତ ଥିଲେ।

**ଲାଗୁ ହେଲା ନୂଆ ଆଇନ**

# ଦିନକରେ ୨୩୬ ମାମଲା ରୁଜୁ

**କଟକ, ୨।୭(ସମିସ):** ବ୍ରିଟିଶ ଅମଳର ଭାରତୀୟ ପିଙ୍ଗଳ କୋଡ (ଆଇପିସି)ଓ କ୍ରିମିନାଲ ପ୍ରୋସିଡୋର କୋଡ(ସିଆରପିସି) ଆଦି ଉଠି ନୂତନ ଭାବେ ଗତ ଜୁଲାଇ ୧ ତାରିଖରୁ ଲାଗୁ ହୋଇଛି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩। ରାଜ୍ୟରେ ଏହି ନୂଆ ଆଇନ ଲାଗୁ ହେବାର ଦିନକ ମଧ୍ୟରେ ମୋଟ ୨୩୬ଟି ମାମଲା ରୁଜୁ ହୋଇଛି। ସିସିଟିଏନଏସ ଜରିଆରେ ମୋଟ ୪୯୦ଟି ମାମଲା ରୁଜୁ ହୋଇଥିବା ବେଳେ ଏଥି ମଧ୍ୟରୁ ଭାରତୀୟ ନ୍ୟାୟ ସଂହିତା(ବିଏନଏସ) ଆଧାରରେ ୨୩୬ଟି ମାମଲା ରହିଥିବା ଜଣାପଡ଼ିଛି।

# ଦୁବାଇ ଗଲା କଳାହାଣ୍ଡି ଭେଣ୍ଡି, ପୋଟଳ

**ମ.ରାମପୁର, ୨।୭(ସମିସ):** କଳାହାଣ୍ଡିର ଆମ୍ବ ଦୁବାଇ ରପ୍ତାନୀ ହେବା ପରେ ଏବେ ପୁଣି କଳାହାଣ୍ଡି ଜିଲ୍ଲା ମ.ରାମପୁରରୁ ଭେଣ୍ଡି ଓ ପୋଟଳ ଦୁବାଇ ଯିବା ଜିଲ୍ଲାର କୃଷକମାନଙ୍କ ଆନନ୍ଦ ଆଣିଦେଇଛି। ନାବାର୍ଡ ସହାୟତାରେ ପରିଚାଳିତ ଉତ୍ତେଇଭ୍ୟାଲି କୃଷକ ଉତ୍ପାଦକ ସଂଘ ଦ୍ୱାରା ଉତ୍ପାଦିତ ୫.୫ କ୍ୱିଣ୍ଟାଲ ଭେଣ୍ଡି

**■ ଆଗରୁ ଯାଇଥିଲା ଆମ୍ବ**
**■ ଚାଷୀମହଲରେ ଆନନ୍ଦ**

ଓ ୧.୫କ୍ୱିଣ୍ଟାଲ ପୋଟଳ ଭୁବନେଶ୍ୱରରୁ ଦୁବାଇ ବିମାନ ଯୋଗେ ରପ୍ତାନି ହୋଇଛି।

ନାବାର୍ଡ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗର ସହଯୋଗୀ ପାଲାଡିଆମ କନସଲଟାନ୍ସି ଏଜେନ୍ସି ସହଯୋଗ କରିଛି। ଏହି ପନିପରିବା ରପ୍ତାନୀ ପରେ ଚାଷୀ ମହଲରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି।





ଆଗାମୀ ଦିନରେ ଅନ୍ୟ ସମସ୍ତ ପନିପରିବା ଚାଷ କରାଯାଇ ବିଦେଶକୁ ରପ୍ତାନୀ କରି ଚାଷୀଙ୍କୁ ଅଧିକ ରୋଜଗାରକ୍ଷମ କରାଯିବ ବୋଲି କୃଷକ ଉତ୍ପାଦ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀକାନ୍ତ ହୋତା ଏବଂ ନିର୍ଦ୍ଦେଶକ ସଦସ୍ୟ ପ୍ରକାଶ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

ଏହାସହ ଆଗାମୀ ଦିନଗୁଡ଼ିକରେ ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ ଉପରେ ବିଶେଷ ତାଲିମ ପ୍ରଦାନ କରାଯାଇ ତାଙ୍କୁ ସମ୍ପୂର୍ଣ୍ଣ ସକ୍ଷମ କରାଯିବ ବୋଲି ଉତ୍ତେଇଭ୍ୟାଲି କୃଷକ ଉତ୍ପାଦକ କମ୍ପାନୀର ସିଇଓ ମହାଶ୍ୱେତା ସାହୁ କହିଛନ୍ତି। ଏହି କୃଷକ ଉତ୍ପାଦକ କମ୍ପାନୀଟି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାଶକ୍ତି ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ। ଆଗାମୀ ଦିନରେ ଯଦି କଳାହାଣ୍ଡି ଅଞ୍ଚଳରେ କୃଷି ଉତ୍ପାଦନ ବିଦେଶକୁ ରପ୍ତାନୀ ବଢ଼େ, ଏହି ଅଞ୍ଚଳ ଚାଷ କ୍ଷେତ୍ରରେ ଆହୁରି ସମୃଦ୍ଧଶାଳୀ ହୋଇ ପାରିବ ବୋଲି ମହାଶକ୍ତି ଫାଉଣ୍ଡେସନ୍‌ର ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ ପ୍ରତିକ୍ରିୟାରେ କହିଛନ୍ତି।

# ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ, ଓଏସ୍‌ଡି ଭାବେ ନିଯୁକ୍ତି ପାଇଲେ ୭ ଓଏଏସ୍ ଅଧିକାରୀ

**ଭୁବନେଶ୍ୱର,୨।୭(ସମିସ):** ସାତ ଜଣ ଓଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, କୃଷି ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ପ୍ରଦୀପ କୁମାର ସାହୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ବିଡିଏ ଯୁଗ୍ମ କମିସନର୍ ବିଶ୍ୱରଞ୍ଜନ ରଥ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ୍ ଶକ୍ତି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ସେହିପରି ବିଡିଏ ଲ୍ୟାଣ୍ଡ ଅଫିସର୍ ମନୋଜ କୁମାର ବେହେରାଙ୍କୁ ଉପ-ମୁଖ୍ୟମନ୍ତ୍ରୀଙ୍କ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। ଭୁବନେଶ୍ୱର ଉପ-ଜିଲ୍ଲାପାଳ ଭାବେ କାର୍ଯ୍ୟରତ ମହେନ୍ଦ୍ର ପଣ୍ଡାଙ୍କୁ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ଥିବା ସମ୍ବିତ କୁମାର ଗଡ଼ନାୟକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିବେ। ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା, ଏସ୍‌ସି ଆଣ୍ଡ ଏସ୍‌ଟି, ଏସ୍ଏସ୍‌ଇପିଡି ବିଭାଗ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଥିବା ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ, ଏମ୍ଏସ୍ଏମ୍‌ଇ ବିଭାଗ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। ସେହିପରି ଓସ୍‌ଡମା ଜେନେରାଲ ମ୍ୟାନେଜର ସମ୍ପଦ କୁମାର ଦଳାଇ ଉଚ୍ଚଶିକ୍ଷା, କ୍ରୀଡ଼ା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ଓଏସ୍‌ଡି ନିଯୁକ୍ତ କରାଯାଇଛି।

ଆତ୍ମରକ୍ଷା ଅଧିକାର ପରି ଆଇନ ଅମାନ୍ୟ ମଧ୍ୟ ସମସ୍ତଙ୍କର ଅନ୍ତର୍ନିହିତ ଅଧିକାର। -ମହାତ୍ମା ଗାନ୍ଧୀ



ସକାଳ
THE SAKALA

# ବିଦାୟ ବାଇଡେନ୍?

ବିଶ୍ୱର ସବୁଠୁ ଉନ୍ନତ, ଧନାଢ୍ୟ ଏବଂ ପ୍ରଭାବଶାଳୀ ରାଷ୍ଟ୍ର ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଉପରେ ଏବେ ସମଗ୍ର ବିଶ୍ୱର ନଜର। ଏହା ସ୍ୱାଭାବିକ ଯେ ଆମେରିକା ଓ ତାହାର ନୂଆ ରାଷ୍ଟ୍ରପତିଙ୍କ ବିନା ବିଶ୍ୱର ଶାନ୍ତି, ସ୍ଥିରତା ଓ ସମୃଦ୍ଧି କଳ୍ପନା କରାଯାଇ ନ ପାରେ। ଚଳିତ ବର୍ଷ ନଭେମ୍ବର ମାସ ୫ ତାରିଖରେ ହେବାକୁ ଥିବା ଏହି ନିର୍ବାଚନ ନିମନ୍ତେ ଦୁଇ ପ୍ରମୁଖ ଦଳ ରିପବ୍ଲିକାନ ଓ ଡେମୋକ୍ରାଟିକ ପାର୍ଟିର ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ବିତର୍କ ବା ଡିବେଟ୍ ଆରମ୍ଭ ହୋଇଯାଇଛି। ବହୁଦଳୀୟ ବ୍ୟବସ୍ଥା ସତ୍ତ୍ୱେ ସେଠାରେ ରାଷ୍ଟ୍ରପତି ନିର୍ବାଚନ ପାରମ୍ପରିକ ଭାବେ ଏହି ଦୁଇଦଳ ମଧ୍ୟରେ ସୀମିତ ରହିଛି। ଉଭୟ ଦଳ ଦୁଇଜଣ ଅତି ବୟସ୍କ ନେତାଙ୍କୁ ରାଷ୍ଟ୍ରପତି ଭାବେ ପୁନର୍ବାର ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଥିଲେ ହେଁ ପ୍ରଥମ ପର୍ଯ୍ୟାୟ ଡିବେଟ୍‌ରେ ୮୧ ବର୍ଷ ବୟସର ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍ ଡେମୋକ୍ରାଟିକ୍ ଦଳର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ରିପବ୍ଲିକାନ୍ ପାର୍ଟିର ବର୍ଷିୟ ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ନିଷ୍ପ୍ରଭ ପ୍ରମାଣିତ ହୋଇଛନ୍ତି। ବୟସାଧିକ୍ୟ ଜନିତ କ୍ଷୀଣ ସ୍ୱର, ଦୁର୍ବଳ ସ୍ମରଣଶକ୍ତି ଯୋଗୁଁ ସେ ବଡ଼ପାଟିଆ ଓ କୁହାଳିଆ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କ ପାଖରେ ଏକ ପ୍ରକାର ହାର ମାନିଛନ୍ତି। ବୟସ ଦୃଷ୍ଟିରୁ ଟ୍ରମ୍ପ ମଧ୍ୟ ଯୁବକ ନୁହନ୍ତି; କିନ୍ତୁ ତାଙ୍କର କହିବାର ଓ ନିଜକୁ ଜାହିର କରିବାର ସାମର୍ଥ୍ୟ ସ୍ପଷ୍ଟ ପ୍ରମାଣିତ କରୁଛି ଯେ ସେ ଏଥର ଜିତିବା ସମ୍ଭାବନା ଅଧିକ। ତେବେ ତାଙ୍କ ବିରୋଧରେ ଥିବା ଅଦାଲତ ମାମଲାର ରାୟ ଏବଂ ତାଙ୍କର ଉଗ୍ର ରକ୍ଷଣଶୀଳ ଓ ବିସ୍ତାରବାଦୀ ନୀତି ଏବଂ ଭାବମୂର୍ତ୍ତିକୁ ନେଇ ରିପବ୍ଲିକାନ୍ ଦଳରେ ଯେଉଁ ବିରୋଧାଭାସ ରହିଛି, ତା' ଉପରେ ତାଙ୍କ ଭାଗ୍ୟ ନିର୍ଭର କରେ। ଅଠସ୍ତରୀ ବର୍ଷୀୟ ଟ୍ରମ୍ପଙ୍କ ଚାରିବର୍ଷର ଶାସନ ଆମେରିକା ଏବଂ ବିଶ୍ୱ ଦେଖିଛି ଏବଂ ସେ ନିଜର ଲଗାମହୀନ ଭାଷା ଓ କାମ ପାଇଁ ନିନ୍ଦିତ।

ଦୁଇ ବରିଷ୍ଠଙ୍କ ମଧ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଡିବେଟ୍ ପରେ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବିଶେଷଜ୍ଞମାନେ କହୁଛନ୍ତି ଯେ ଦୁଇ ବରିଷ୍ଠ ବିଶ୍ୱର ସବୁଠୁ ଶକ୍ତିଶାଳୀ ପଦ ପାଇଁ ନିଜ ନିଜର ପଥକୁ ବିଗାଡ଼ି ଦେଇଛନ୍ତି। ଏମାନେ ପ୍ରତିଦ୍ୱନ୍ଦ୍ୱିତାରେ ରହନ୍ତୁ ବା ନ ରହନ୍ତୁ, ଆମେରିକା କିନ୍ତୁ ଇତିମଧ୍ୟରେ ଏଥରର ରାଷ୍ଟ୍ରପତି ନିର୍ବାଚନ ହାରିଗଲାଣି। ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଓ ଅନ୍ୟତମ ପୁରୁଣା ଗଣତନ୍ତ୍ର ପାଇଁ ଏଭଳି ସମାଲୋଚନା ଅବଶ୍ୟ ଚିନ୍ତାଜନକ। ବାଇଡେନ୍‌ଙ୍କ ସପକ୍ଷରେ ବୟସ ଓ ତାଙ୍କର ମାନସିକ, ଶାରୀରିକ ସ୍ୱାସ୍ଥ୍ୟ ନାହିଁ। ଭାବମୂର୍ତ୍ତି ଦୃଷ୍ଟିରୁ ଟ୍ରମ୍ପ ମଧ୍ୟ ଗ୍ରହଣୀୟ ନୁହନ୍ତି ଓ ତାଙ୍କର ବୟସ ମଧ୍ୟ ଭୋଟରଙ୍କୁ ଉତ୍ସାହିତ କରୁନାହିଁ। ତେଣୁ ଦୁଇଦଳର କନ୍‌ଭେନସନ୍, ଯାହା ନିକଟରେ ବସିବାକୁ ଯାଉଛି, ସେଥିରେ ରାଷ୍ଟ୍ରପତି ପ୍ରାର୍ଥୀ ଉଭୟ ପକ୍ଷ ମନୋନୀତ କରିବେ। ଡେମୋକ୍ରାଟିକ୍ ଦଳ ଏବେ ବାଇଡେନ୍‌ଙ୍କ ସ୍ଥାନରେ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ପ୍ରାର୍ଥୀ କରିବାକୁ ବିଚାର କରୁଛି। କମଳା ହାରିସ୍‌ଙ୍କ ସପକ୍ଷରେ ତିନିଟି କଥା ଅଧିକ ଯାଉଛି। ସେ ମହିଳା ଏବଂ କୃଷ୍ଣକାୟ ବର୍ଗର। ଏ ଯାଏଁ ଆମେରିକାରେ କୌଣସି ମହିଳା ରାଷ୍ଟ୍ରପତି ହୋଇନାହାନ୍ତି। ତାଙ୍କର ବୟସ ଅପେକ୍ଷାକୃତ କମ୍ ଏବଂ ଓବାମାଙ୍କ ପରେ ସେ ଡେମୋକ୍ରାଟିକ୍ ଦଳର ଦ୍ୱିତୀୟ କୃଷ୍ଣକାୟ ରାଷ୍ଟ୍ରପତି ପ୍ରାର୍ଥୀ ହେବେ। ବଡ଼କଥା ହେଲା, ଆମେରିକା ରାଜନୀତିରେ ରକ୍ଷଣଶୀଳ ଗୋରାମାନଙ୍କର ଏକାଧିପତ୍ୟ ଆଉ ନାହିଁ। କୃଷ୍ଣକାୟ, ମିଶ୍ରିତ ବର୍ଣ୍ଣର ଲୋକ, ବିଦେଶରୁ ଆସି ସେଠାକାର ନାଗରିକତ୍ୱ ଗ୍ରହଣ କରିଥିବା ଭୋଟର ଜଣେ ଉଦାରବାଦୀ, ସମାବେଶୀ ଓ ଅପେକ୍ଷାକୃତ ଯୁବ ପ୍ରାର୍ଥୀ ଚାହାନ୍ତି। ତେଣୁ କମଳା ହାରିସ୍ ଯଦି ବାଇଡେନ୍‌ଙ୍କୁ ହଟାଇ ପ୍ରାର୍ଥୀ ହୁଅନ୍ତି, ତେବେ ଆମେରିକା ଭୋଟରଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡ଼ିବ। ସର୍ବଶେଷ ଖବର ଅନୁସାରେ ବାଇଡେନ୍ ଏଥର ନିର୍ବାଚନରୁ ଓହରିବା ଏକ ପ୍ରକାର ନିଶ୍ଚିତ ହୋଇଛି। ତେବେ ତାଙ୍କ ବଦଳରେ କମଳା ହାରିସ୍ ନା ଅନ୍ୟ କିଏ ତାଙ୍କ ଦଳରୁ ପ୍ରାର୍ଥୀ ହେବେ, ତାହା ଚୂଡ଼ାନ୍ତ ହୋଇନାହିଁ।

ବାଇଡେନ୍ ହେଉଛନ୍ତି ଆମେରିକୀୟ ରକ୍ଷଣଶୀଳତା, ଦକ୍ଷିଣପନ୍ଥୀ ଗୋରା ବିଚାରର ପ୍ରତିନିଧି। ସେ ଅତ୍ୟଧିକ ଜାତୀୟତାବାଦୀ ଏବଂ ଅଣଶ୍ୱେତାଙ୍ଗଙ୍କ କର୍ତ୍ତୃତ୍ୱ ବୃଦ୍ଧିକୁ ବିରୋଧ କରନ୍ତି। ରକ୍ଷଣବାଦୀ ଗୋରା ଧନିକ ଗୋଷ୍ଠୀ ତାଙ୍କୁ କେବଳ ସମର୍ଥନ କରୁନାହିଁ, ଆର୍ଥିକ ସହାୟତା ମଧ୍ୟ ଦେଉଛି। ଦ୍ୱିତୀୟତଃ, ଟ୍ରମ୍ପ ନିଜେ ପ୍ରକାଣ୍ଡ ଧନୀ ଓ ନିର୍ବାଚନ ଲଢ଼ିବାକୁ ତାଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ରହିଛି। ସମଗ୍ର ୟୁରୋପରେ ଏବେ ରକ୍ଷଣଶୀଳ ଓ ଶ୍ୱେତାଙ୍ଗ ଦକ୍ଷିଣପନ୍ଥୀ ଦଳଙ୍କର ବିଜୟ ଘଟୁଥିବା ବେଳେ ଆମେରିକାରେ ସେ ପ୍ରକ୍ରିୟାର ପୁନରାବୃତ୍ତି ସମ୍ଭାବନା ଅଧିକ। ବିଶ୍ୱରେ ଆମେରିକାର କର୍ତ୍ତୃତ୍ୱ ବୃଦ୍ଧିକୁ ଅଧିକାଂଶ ଗୋରା ରକ୍ଷଣଶୀଳ ଗୋଷ୍ଠୀ ଚାହୁଁଥିବାରୁ ସେମାନେ ଟ୍ରମ୍ପଙ୍କ ଭଳି ଜଣେ ଦଣ୍ଡା ଟାଣୁଆ ନେତା ଚାହୁଁଛନ୍ତି ଏବଂ ଏଥିରେ ଟ୍ରମ୍ପଙ୍କ ବୟସ ଏକ ପ୍ରସଙ୍ଗ ହେଉ ନାହିଁ। ଅପରପକ୍ଷରେ ବିଶ୍ୱର ସବୁ ଉଗ୍ରଜାତୀୟତାବାଦୀ ସରକାର ଥିବା ଦେଶ ଚାହୁଁଛନ୍ତି ଟ୍ରମ୍ପ ପୁନର୍ବାର ପ୍ରାର୍ଥୀ ହୋଇ ଜିତନ୍ତୁ। ଭାରତ ମଧ୍ୟ ଆପଣା ସ୍ୱାର୍ଥ ଦୃଷ୍ଟିରୁ ବାଇଡେନ୍‌ଙ୍କ ସ୍ଥାନରେ ଟ୍ରମ୍ପଙ୍କୁ ଚାହିଁବ। ତେଣୁ ଟ୍ରମ୍ପଙ୍କ ପାଇଁ ଯଦି ଅଦାଲତି ପ୍ରତିବନ୍ଧକ ନ ଥାଏ, ତେବେ ସେ ପ୍ରାର୍ଥୀ ହେବା ପ୍ରାୟ ନିଶ୍ଚିତ। ତାଙ୍କୁ ରିପବ୍ଲିକାନ ପାର୍ଟି ବଦଳାଇବାର ସମ୍ଭାବନା ପ୍ରାୟ ନାହିଁ କହିଲେ ଚଳେ। ଏକ ମ୍ଳାନ ଭାବମୂର୍ତ୍ତି ସମ୍ପନ୍ନ ଟ୍ରମ୍ପଙ୍କୁ ତାଙ୍କ ଦଳ ପୁନର୍ବାର ପ୍ରାର୍ଥୀ କରିବାକୁ ଯେଉଁ ବ୍ୟଗ୍ରତା ପ୍ରକାଶ କରୁଛି, ତା'ପଛରେ ଦେଶର ଭୋଟରଙ୍କ ମନୋଭାବର ଝଲକ ବୋଧହୁଏ ରହିଛି। ତେବେ ଆଉ ଅଳ୍ପ ଦିନ ପରେ ସବୁ କଥା ସ୍ପଷ୍ଟ ହୋଇଯିବ।

ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଏକ ସୁଦୀର୍ଘ ପରମ୍ପରା ରହିଛି। ଏଠାରେ ବୟସ୍କ ନେତାଙ୍କୁ ମୁଖ୍ୟତଃ ରାଜନୈତିକ ଦଳ ପ୍ରାର୍ଥୀ କରିଥା'ନ୍ତି। ସେଠାରେ ଶିକ୍ଷା, ଦୀକ୍ଷା, ଚରିତ୍ର, ସମ୍ଭ୍ରମତାର ସ୍ଥାନ ନଥାଏ। ସେ ଦେଶରେ ଏ ଯାଏଁ କେବଳ ମହିଳାଙ୍କୁ ଛାଡ଼ି ଆଉ ସବୁବର୍ଗର ପ୍ରତିନିଧି ରାଷ୍ଟ୍ରପତି ହୋଇ ସାରିଛନ୍ତି। ଏଥିରେ ଆନୁଷ୍ଠାନିକ ଶିକ୍ଷା ନଥିବା ବ୍ୟକ୍ତି, ଦୁର୍ନୀତି ଅଭିଯୋଗରେ ପଦଚ୍ୟୁତ, ଅବିବାହିତ, ପନ୍ଦର ସନ୍ତାନର ଜନକ, ରକ୍ଷିତାଙ୍କଠାରୁ ସନ୍ତାନ ଜନ୍ମ କରାଇଥିବା ବ୍ୟକ୍ତି, ଅନାଥ, ଦରିଦ୍ର, ଧନୀ, ମଧ୍ୟମବର୍ଗ, ବହୁ ପତ୍ନୀକ, ବେଶ୍ୟାସକ୍ତ ଓ ଯୌନାଚାରରେ ଲିପ୍ତ ବ୍ୟକ୍ତି ଅନ୍ତର୍ଭୁକ୍ତ। ତାହାର ତାଲିକା ମଧ୍ୟ ବେଶ ଲମ୍ବା। ଏହା ସେଠାକାର ସଂସ୍କୃତି ଓ ବ୍ୟବସ୍ଥାରେ ଏକ ନିନ୍ଦନୀୟ କାର୍ଯ୍ୟ ନୁହେଁ। ପୂର୍ବତନ ରାଷ୍ଟ୍ରପତି ଆଣ୍ଡ୍ରୁ ଜନସନଙ୍କ ଭାଷାରେ 'ଆମେରିକାରେ ସମସ୍ତେ ରାଷ୍ଟ୍ରପତି ପଦକୁ ଯାଇପାରିବେ, ସେ ନିଜେ ତ ନିରକ୍ଷର ପିତାମାତାଙ୍କଠାରୁ ଜନ୍ମ ନେଇଥିଲେ ଏକ କାଠ କ୍ୟାବିନ୍‌ରେ। ତାଙ୍କ ନିଜର କୌଣସି ଆନୁଷ୍ଠାନିକ ଶିକ୍ଷା ନଥିଲା। ବହୁ ଘାତ ପ୍ରତିଘାତ ମଧ୍ୟରେ ଜୀବନରେ ଉପରକୁ ଉଠି ସେ ହ୍ୱାଇଟ୍‌ହାଉସ୍‌କୁ ଯାଇଥିଲେ ରାଷ୍ଟ୍ରପତି ଭାବରେ।'

ଏସବୁ ଭିତରେ ଆମେରିକା ରାଷ୍ଟ୍ରପତି ପଦ ପାଇଁ ଅତି ବୟସ୍କ ନେତାଙ୍କୁ ବାଛିବାର ରହସ୍ୟ କ'ଣ? ବୋଧହୁଏ ଆମେରିକା ନୂଆ ବାସ୍ତବତା ସହିତ ବଦଳୁଛି ଏବଂ ବୟସ୍କ ଓ ଅନୁଭବୀ ନେତାଙ୍କ ଭିତରେ ଆମେରିକାର ଭାଗ୍ୟ ଓ ଭବିଷ୍ୟତକୁ ଗୁରୁତ୍ୱ ଦେଉଛି। ପ୍ରଥମ ପର୍ଯ୍ୟାୟ ବିତର୍କରେ ବାଇଡେନ୍ ନିଷ୍ପ୍ରଭ ହୋଇଯାଇଥିଲେ ମଧ୍ୟ ଟ୍ରମ୍ପଙ୍କୁ ବିଜୟୀ କୁହାଯାଇ ନପାରେ। ତାଙ୍କ ଭାବମୂର୍ତ୍ତି ଏବେ ମଧ୍ୟ ତାଙ୍କୁ ଭୂତ ପରି ଗୋଡ଼ାଉଛି। ଦୁଇନେତାଙ୍କ ମଧ୍ୟରେ ପ୍ରଥମ ବାକ୍ୟଯୁଦ୍ଧରେ ଯିଏ ଜିତୁ ପଛେ ଆମେରିକା କିନ୍ତୁ ବୟସ୍କଙ୍କୁ ନିର୍ବାଚନ ମୈଦାନକୁ ଠେଲି ଦେଇ ରାଷ୍ଟ୍ରପତି ନିର୍ବାଚନରେ ହାରିବାକୁ ଯାଉଛି। ଦୁଇଦଳର ପରବର୍ତ୍ତୀ ବିତର୍କ ସ୍ଥିର କରିବ ଏହା ବୟସ୍କଙ୍କ ଲଢ଼େଇ ହେବ ନା ନୂଆ ପିଢ଼ିର ନେତା ମଇଦାନକୁ ଆସିବେ।

# ନୂତନ ନ୍ୟାୟ ସଂହିତା ଓ ଦେଶଦ୍ରୋହ ପ୍ରସଙ୍ଗ



କିଶୋର ଜେନା
କଟକ, ମୋ: ୯୪୩୭୩୮୪୮୬୭

ଚଳିତ ଜୁଲାଇ ପହିଲାରୁ ଦେଶବ୍ୟାପୀ ତିନି ନୂଆ ଫୌଜଦାରୀ ଆଇନ ପ୍ରଚଳିତ ହେବାକୁ ଯାଉଛି। ଦେଶର ୩୭୦୦ରୁ ଅଧିକ ବୁଦ୍ଧିଜୀବୀ ଏହି ନୂତନ ଆଇନର ପ୍ରଚଳନକୁ ସ୍ଥଗିତ ରଖି ସଂସଦୀୟ ସମିତିରେ ପୁନର୍ବାର ଏହାର ବିଚାର ଆଲୋଚନା କରି ସଂଶୋଧିତ ଆକାରରେ ପ୍ରଚଳନ କରିବାକୁ ଦାବି କରିଛନ୍ତି। ଅଭିଯୋଗ ହେଉଛି ଯେ ଏହି ଆଇନ ମଧ୍ୟରେ ବ୍ରିଟିଶ ଅମଳର ଦେଶଦ୍ରୋହ ଆଇନର ଛାୟା ଆହୁରି କଠୋର ହୋଇଛି।

ପରାଧୀନ ଭାରତରେ ଦେଶଦ୍ରୋହ ଆଇନ (ସେଡିସନ ଆକ୍ଟ) ତିଆରି ହୋଇଥିଲା ବ୍ରିଟିଶ ଶାସକଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମ ଓ ଜନଆନ୍ଦୋଳନକୁ ଦମନ କରିବା ପାଇଁ। ୧୮୩୭ରେ ବ୍ରିଟିଶ ଐତିହାସିକ, ରାଜନୈତିକ ଓ ବ୍ରିଟିଶ-ଭାରତର ସୁପ୍ରିମ କାଉନସିଲ ସଦସ୍ୟ ଟମାସ ବାବିଂଟନ ମାକ୍‌ଲେ ଦଣ୍ଡବିଧିର ଖସଡ଼ା ରଚନା କରିବା ସମୟରେ ପ୍ରଥମେ ଦେଶଦ୍ରୋହ ବିଷୟଟିକୁ ସଂଯୁକ୍ତ କରିଥିଲେ। ତେବେ ୧୮୬୦ରେ ଆଇନ ପ୍ରଣୟନ ସମୟରେ ସେଥିରେ ଦେଶଦ୍ରୋହ ଦଫା ନ ଥିଲା। ପରବର୍ତ୍ତୀ ଦଶକରେ ସ୍ୱାଧୀନତାର ଲଢ଼େଇ ତୀବ୍ର ହୋଇ ଉଠିବାରୁ ବିଶେଷ ଆଇନ ମାଧ୍ୟମରେ ୧୮୭୦ରେ ଦେଶଦ୍ରୋହ ଆଇନକୁ ଦଣ୍ଡବିଧି ସଂହିତାର ଅନ୍ତର୍ଭୁକ୍ତ କରି ବ୍ରିଟିଶ ସାମ୍ରାଜ୍ୟବାଦୀମାନେ ସ୍ୱାଧୀନତା ଆନ୍ଦୋଳନକୁ ନିର୍ମମ ଭାବେ ଦମନ କରିବାକୁ ଆରମ୍ଭ କଲେ।

ଦେଶ ସ୍ୱାଧୀନ ହେବାପରେ ମଧ୍ୟ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରଣୀତ ଅନେକ ଆଇନ ସମ୍ବିଧାନରେ ରଖାଗଲା। କିଛି ଆଇନ ସଂଶୋଧିତ ହେଲା ଏବଂ ବାତିଲ କରାଗଲା। ସମ୍ବିଧାନ ରଚନା କାଳରେ ମୁଖ୍ୟତଃ କେ. ଏମ୍. ମୁନ୍‌ସୀଙ୍କ ଆଗତ ସଂଶୋଧନ ମାନ୍ୟତା ପାଇଥିଲା। ୧ ଡିସେମ୍ବର ୧୯୪୯ରେ ଭାରତୀୟ ଦଣ୍ଡ ବିଧି ସଂହିତାର ୧୨୪ ଏ ଧାରା ଅର୍ଥାତ୍ ଦେଶଦ୍ରୋହକୁ ବାଦ ଦିଆଗଲା। ଉଦ୍ଦେଶ୍ୟ ଥିଲା ଭାରତର ନାଗରିକମାନଙ୍କର ମତ ପ୍ରକାଶର ଅଧିକାରକୁ ସୁରକ୍ଷିତ ରଖିବା। ସରକାରଙ୍କ କାର୍ଯ୍ୟର ସମାଲୋଚନାକୁ ଗଣତନ୍ତ୍ରର ଅଙ୍ଗ ରୂପେ ମାନ୍ୟତା ଦେବା। ୧୯୫୧ରେ ସଂସଦରେ ପ୍ରଥମ ସମ୍ବିଧାନ ସଂଶୋଧନ ବିଲ୍ ଉପସ୍ଥାପନ କରିବା ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୨୪ଏ ଧାରା ସମ୍ପର୍କରେ ମତ ଦେଇ କହିଥିଲେ ଯେ 'ଏହି ନିର୍ଦ୍ଦିଷ୍ଟ ଅଂଶଟି ଖୁବ୍ ଆପତ୍ତିଜନକ ଓ ଜଘନ୍ୟ। ବ୍ୟାବହାରିକ ଓ ଐତିହାସିକ କୌଣସି କାରଣରୁ ଏହା ରହିବା ଉଚିତ ନୁହେଁ। ଯେତେ ଶୀଘ୍ର ଆମେ ଏଥିରୁ ଅବ୍ୟାହତି ପାଇବା ସେତେ ଭଲ।' ୧୯୫୧ରେ ପଞ୍ଜାବ ହାଇକୋର୍ଟ, ୧୯୫୯ରେ ଆହ୍ଲାବାଦ ହାଇକୋର୍ଟ ଦୁଇଟି ପୃଥକ୍ ମାମଲାରେ ଦେଶଦ୍ରୋହର ଅଭିଯୋଗ ସମ୍ବିଧାନ ସମ୍ମତ ନୁହେଁ ବୋଲି ରାୟ ଦେଇଥିଲେ। ୧୯୬୨ରେ କେଦାରନାଥ ସିଂହ ବନାମ ବିହାର ସରକାର ମାମଲାରେ ପାଞ୍ଚ ସଦସ୍ୟଙ୍କର ଖଣ୍ଡପୀଠଙ୍କ ରାୟ ଥିଲା, 'ସରକାରୀ କାର୍ଯ୍ୟର ସମାଲୋଚନା କରି କେହି ମତ ପ୍ରକାଶ କଲେ ତାଙ୍କୁ ଦେଶଦ୍ରୋହ କାର୍ଯ୍ୟ ବୋଲି ଚିହ୍ନିତ କରାଯାଇ ପାରିବ ନାହିଁ।'

ଦଣ୍ଡବିଧି ସଂହିତାର ୧୨୪-ଏ ଧାରାରେ ଥିବା ଦେଶଦ୍ରୋହ ସଂଜ୍ଞାରେ କୁହାଯାଇଛି, ଯେ କୌଣସି ବ୍ୟକ୍ତି ଲିଖିତ ଅଥବା ମୌଖିକ ଭାବେ ଅଥବା ଅନ୍ୟ କୌଣସି ଭାବେ ରାଷ୍ଟ୍ର ପ୍ରତି ବିଦ୍ୱେଷ ଅଥବା ଅବମାନନା ପ୍ରଦର୍ଶନ କଲେ ବା ସରକାରୀ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କଲେ ସେହି ବ୍ୟକ୍ତି ଦେଶଦ୍ରୋହ ଅପରାଧରେ ଦୋଷୀ ସାବ୍ୟସ୍ତ ହେବେ ଏବଂ ତାଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଓ ଜୋରିମାନା ବା ଜୋରିମାନା ବଦଳରେ ଆଉ ଅଧିକ ତିନିବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯିବ। ଭାରତୀୟ ଦଣ୍ଡବିଧି ସଂହିତାର ୧୨୦ ଅର୍ଥାତ୍ ଅପରାଧ ମୂଳକ ଷଡ଼ଯନ୍ତ୍ରର ଧାରା ଅନୁସାରେ ସରକାରଙ୍କୁ ସାକ୍ଷ୍ୟପ୍ରମାଣ ଦେବାକୁ ହେବ ଯେ ଚକ୍ରାନ୍ତରେ ଦୁଇ ବା ତତୋଧିକ ବ୍ୟକ୍ତି ଜଡ଼ିତ ଏବଂ ଯେଉଁମାନେ କୌଣସି ଆଇନ ବିରୁଦ୍ଧ କାର୍ଯ୍ୟ ସହ ସଂଯୁକ୍ତ ସେ କାର୍ଯ୍ୟ ସଂଘଟିତ ହେଲେ ଦଣ୍ଡବିଧି ଧାରାରେ ଅଭିଯୁକ୍ତ ହେବେ। ଦଣ୍ଡବିଧି ସଂହିତାର ୧୨୧ ଅର୍ଥାତ୍ ରାଷ୍ଟ୍ର ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ ବା ସେହି ଷଡ଼ଯନ୍ତ୍ରରେ ସହାୟତା କଲେ ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡ ଏପରିକି ମୃତ୍ୟୁଦଣ୍ଡ ଦିଆଯାଇପାରେ।

ସମ୍ବିଧାନରେ ରହିଛି ୧୪ ନମ୍ବର ଧାରା, ଯାହା ମାଧ୍ୟମରେ ଆମେ ସ୍ୱାଧୀନ ଭାରତରେ ସମତାର ଅଧିକାର ପାଇଛୁ। ସେହିପରି ସମ୍ବିଧାନର ୨୧ନମ୍ବର ଧାରାରେ ଜୀବନର ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରକୁ ସ୍ୱୀକୃତି ଦିଆଯାଇଛି। ସମ୍ବିଧାନରେ ବର୍ଣ୍ଣିତ ୧୯ ନମ୍ବର ଧାରା ଅନୁଯାୟୀ ବାକ୍‌ସ୍ୱାଧୀନତା, ମତ ପ୍ରକାଶ ପାଇଁ ନାଗରିକଙ୍କ ଅଧିକାର ରହିଛି। ଏହାକୁ ଭଙ୍ଗ କରି ସରକାର ଯଦି କୌଣସି ଆଇନ ତିଆରି କରିବାର ଚେଷ୍ଟା କରନ୍ତି ଅଥବା କୌଣସି ପଦକ୍ଷେପ ନିଅନ୍ତି, ତା'ହେଲେ ସମ୍ବିଧାନରେ ରଖାଯାଇଛି ୩୨ ଓ ୨୨୬ ନମ୍ବର ଧାରା, ଯେଉଁଥିରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟଗୁଡ଼ିକର ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ଅଧିକାର ଦିଆଯାଇଛି ସରକାରଙ୍କ ତିଆରି ସେହି ମୌଳିକ ଅଧିକାର ହରଣକାରୀ ଆଇନ ଓ ପଦକ୍ଷେପକୁ ସମ୍ବିଧାନ ବିରୋଧୀ ଘୋଷଣା କରି ସମ୍ପୂର୍ଣ୍ଣ ଭାବେ ରଦ୍ଦ କରିଦେବା ପାଇଁ।

୨୦୧୪ଠାରୁ କ୍ରମଶଃ ଉଦ୍‌ବେଗଜନକ ଭାବେ ବଢୁଥିବା ଦେଶଦ୍ରୋହ ମାମଲା ଓ ବେପରୁଆ ଗିରଫଦାରୀ ପରିପ୍ରେକ୍ଷୀରେ ଦଣ୍ଡବିଧି ସଂହିତାର ୧୨୪ ଏ ଧାରା ଅର୍ଥାତ୍ ରାଷ୍ଟ୍ରଦ୍ରୋହ ସମ୍ବିଧାନର ୧୪, ୧୯ ଓ ୨୧ ଏହି ତିନୋଟି ଧାରାର ପରିପନ୍ଥୀ। ଏହି ଅଭିଯୋଗ ଜଣାଇ ଏଡିଟର୍ସ ଗିଲ୍ଡ଼ସ୍ ଅଫ୍ ଇଣ୍ଡିଆ, ମାନବାଧିକାର ସଂସ୍ଥା, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ, ଅବସରପ୍ରାପ୍ତ ମେଜର ଜେନେରାଲ ଏସ ଜି ଭେଙ୍କଟକେରେ, ସାମ୍ବାଦିକା ପ୍ୟାଟ୍ରିସିଆ ମୁଖିମ୍, ଅନୁରାଧା ଭାସିନଙ୍କ ସହ ଆହୁରି ଅନେକଙ୍କ ପକ୍ଷରୁ ଏକାଧିକ ମାମଲା ସୁପ୍ରିମ କୋର୍ଟରେ ଦାଏର କରାଯାଇଥିଲା। ୨୦୨୨ମେ' ୧୧ରେ ଏହି ମାମଲାରେ ସୁପ୍ରିମ କୋର୍ଟ ଇତିହାସ ସୃଷ୍ଟିକାରୀ ରାୟ ଦେଇ ଉପନିବେଶ ଯୁଗରେ ପ୍ରଣୀତ ଦେଶଦ୍ରୋହ ଆଇନର ପୁନଃବିବେଚନା କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଆଇନ ପୁନଃବିବେଚନାର ପ୍ରକ୍ରିୟା ଚାଲିଥିବା ବେଳେ ୨୦୨୩ ଅଗଷ୍ଟ ୧୧ରେ ଲୋକସଭାର ସୂଚୀରେ ନ ଥିଲେ ମଧ୍ୟ ଅଧିବେଶନରେ ଅତିରିକ୍ତ କାର୍ଯ୍ୟ ତାଲିକାରେ ଯୋଗ କରି କେନ୍ଦ୍ର ସରକାର ତରବରିଆ ଭାବେ ତିନୋଟି ବିଲ୍ ଆଗତ କରିଥିଲେ। ସେତେବେଳେ ସଂସଦରେ କୌଣସି ବିରୋଧୀ ସଭ୍ୟ ଉପସ୍ଥିତ ନ ଥିଲେ। ଅନ୍ୟ ଦିଗରେ ଏହି ବିଲ୍ ନେଇ ଆଲୋଚନାରେ କୌଣସି ସୁଯୋଗ ନ ଥିଲା। କାରଣ ଏହି ଦିନଟି ଥିଲା ମୌସୁମୀ ଅଧିବେଶନର ଶେଷଦିନ। ବିଲ୍ ଉପସ୍ଥାପନ ପରେ ଧ୍ୱନି ମତରେ ଏହାକୁ ପାରିତ କରିନିଆଗଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଲୋକସଭାରେ ଘୋଷଣା କରିଥିଲେ ଯେ ଏହି ବିଲ୍ ସବୁ ଆଇନରେ ପରିଣତ ହେଲେ ଦେଶଦ୍ରୋହ ଆଇନର ଅବସାନ ଘଟିବ। ଅବଶେଷରେ ପାରିତ କରାଯାଇଥିବା ଏହି ତିନୋଟି ବିଲ୍‌ରେ ପାଞ୍ଚୋଟି ସଂଶୋଧନ ଆଣି ପୂର୍ବର ତିନୋଟି ବିଲ୍‌କୁ ଆକସ୍ମିକ ଭାବେ ପ୍ରତ୍ୟାହାର କରିନେଇ ନୂଆ ତିନୋଟି ଫୌଜଦାରୀ ବିଲ୍ ସମାନ ନାମରେ ୨୭ ଡିସେମ୍ବର ୨୦୨୩ରେ ସଂସଦରେ ଉପସ୍ଥାପନ କରିଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ। ବିରୋଧୀ ଦଳର ୧୪୬ଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଥିବା ସମୟରେ ବିଲ୍‌ଗୁଡ଼ିକୁ ସଂସଦରେ ପୁଣି ପାରିତ କରିନିଆଗଲା। ୨୫ ଡିସେମ୍ବର ୨୦୨୩ରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ତାହା ଆଇନରେ ପରିଣତ ହେଲା।



ତିନୋଟି ଆଇନ ହେଲା, (୧) ଭାରତୀୟ ନ୍ୟାୟ ସଂହିତା, (୨) ଭାରତୀୟ ନାଗରିକ ସୁରକ୍ଷା ସଂହିତା, (୩) ଭାରତୀୟ ସାକ୍ଷ୍ୟ ଅଧିନିୟମ, ୨୦୨୩। ଲକ୍ଷଣୀୟ ତିନୋଟି ଆଇନର ନାମକରଣର ଭାଷା ହିନ୍ଦୀ ଓ ମନୁସଂହିତାକୁ ଉପଲକ୍ଷ୍ୟ କରି ଏହି ସଂହିତା ନାମ ଦିଆଯାଇଛି। ଆମ ସମ୍ବିଧାନରେ କୁହାଯାଇଛି ଆଇନର ନାମକରଣ ହେବ କେବଳ ଇଂରାଜୀରେ। କିନ୍ତୁ ଏଥିରେ ଥିବା ଫାଙ୍କ୍‌କୁ ଖୋଜି କୌଶଳରେ ଇଂରାଜୀ ହରଫରେ ହିନ୍ଦୀ ଫନ୍ଦି କରାଯାଇଛି, ଯାହା ଆମ ସମ୍ବିଧାନର ବହୁତ୍ୱବାଦୀ ଧାରଣାର ଅବମାନନା ବୋଲି ଅଭିଯୋଗ ହେଉଛି।। ତୁଳନାତ୍ମକ ବିଚାର ବିଶ୍ଳେଷଣ ଓ ଆଇନଜ୍ଞମାନଙ୍କର ପର୍ଯ୍ୟବେକ୍ଷଣ ହେଲା ଏହି ତିନି ଆଇନ ଆମ ଦେଶର ପୂର୍ବରୁ ପ୍ରଚଳିତ ଇଣ୍ଡିଆନ ପେନାଲ କୋଡ୍ (୧୮୬୦) କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଡ୍ୟୁର (ସିଆରପିସି) (୧୮୯୮, ୧୯୭୦) ଏବଂ ଇଣ୍ଡିଆନ ଏଭିଡେନ୍ସ ଆକ୍ଟ (୧୮୯୨)ର ପରିବର୍ତ୍ତିତ ରୂପ।

ଭାରତୀୟ ନ୍ୟାୟ ସଂହିତାରେ ଆଇପିସିର ୨୨ ନମ୍ବର ଧାରାଟି ଉଚ୍ଛେଦ କରିଦିଆଯାଇଛି। ୧୫୭ଟି ଧାରାର ସଂଶୋଧନ ଓ ୮ଟି ନୂଆ ଧାରା ଯୁକ୍ତ କରାଯାଇଛି। ସମାନ ଭାବେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ସିଆରପିସିର ୯ଟି ଧାରାକୁ ଉଚ୍ଛେଦ, ୧୬୦ଟି ଧାରାର ସଂଶୋଧନ ଏବଂ ୯ଟି ନୂତନ ଧାରାକୁ ଯୁକ୍ତ କରାଯାଇଛି। ଭାରତୀୟ ସାକ୍ଷ୍ୟ ଅଧିନିୟମ ବିଲ୍‌ରେ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟର ୫ଟି ଧାରା ଉଚ୍ଛେଦ, ୨୩ଟି ଧାରାର ସଂଶୋଧନ ଏବଂ ଗୋଟିଏ ନୂଆ ଧାରାକୁ ସଂଯୁକ୍ତ କରାଯାଇଛି। ଏହି ଆଇନ ଦେଶଦ୍ରୋହ ଆଇନଠାରୁ ଆହୁରି କଠୋର ଏବଂ ଏଥିରେ ପୁଲିସକୁ ଅମାପ କ୍ଷମତା ଦିଆଯାଇଛି। ଭାରତୀୟ ନ୍ୟାୟ ସଂହିତା ବିଲ୍‌ର ୧୫୦ ନମ୍ବର ଧାରାରେ କୁହାଯାଇଛି: 'ଯେ କେହି ଭାରତର ଐକ୍ୟ, ସଂହତି, ସାର୍ବଭୌମତ୍ୱ, ନିରାପତ୍ତା ଅଥବା ଅର୍ଥନୈତିକ ନିରାପତ୍ତା ବିରୁଦ୍ଧରେ ଧମକ ଦେବାର ଇଚ୍ଛା ବା ଧମକ ସଦୃଶ କାର୍ଯ୍ୟ କଲେ ଅଥବା ଭାରତର ଜନଗଣ, ଜନଗଣର ଯେକୌଣସି ଅଂଶ ବିରୁଦ୍ଧରେ ଅଥବା ବିଦେଶରେ କେଉଁଠି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇଲେ ବା ସନ୍ତ୍ରାସ ସଦୃଶ କାର୍ଯ୍ୟ କଲେ ସାତବର୍ଷ କିମ୍ବା ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ହେବେ ଓ ଜରିମାନା ଦେବାକୁ ହେବ। ଅର୍ଥାତ୍ 'ଦେଶଦ୍ରୋହ ଆଇନ'ରେ ପୂର୍ବରୁ ଯାହା ଥିଲା, ତାହା ହିଁ ରହିଛି ଓ କେବଳ ଭାଷାର ଚାତୁରୀ ରଖାଯାଇଛି। ପୂର୍ବର ଦଣ୍ଡ ମିଆଦ ବଢ଼ାଇ ଦିଆଯାଇଛି।

ପୁରୁଣା ବ୍ରିଟିଶ ଅମଳ ଆଇନରେ ଗିରଫ ପରେ ଅଦାଲତର ଅନୁମତି ସାପେକ୍ଷ ସର୍ବୋଚ୍ଚ ୧୪ଦିନ ପର୍ଯ୍ୟନ୍ତ ଅଭିଯୁକ୍ତକୁ ହେପାଜତରେ ପୁଲିସ ରଖିପାରୁଥିଲା। ନୂଆ ଆଇନରେ ଏହି ଅବଧିକୁ ୬୦ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ମାନବାଧିକାର ଉଲ୍ଲଙ୍ଘନ ପରି ଅଭିଯୋଗ ଆସିବାର ଆଶଙ୍କା ରହିଛି। ସମ୍ପ୍ରତି ସୁପ୍ରିମ କୋର୍ଟ ଏକାଧିକ ମାମଲାରେ କହିଛନ୍ତି ଯେ ଗିରଫ କରି ହେପାଜତରେ ରଖିବା ପଦକ୍ଷେପ ବିରଳ କ୍ଷେତ୍ରରେ ପ୍ରୟୋଗ କରାଯାଇପାରେ। ଅଭିଯୋଗ ଦାଏର ହେବା ମାତ୍ରେ ଗିରଫ କରି ହାଜତରେ ରଖିବାର ସଂସ୍କୃତି ବ୍ରିଟିଶ ଅମଳର। ଅଥଚ ନୂଆ ଆଇନରେ ପୁଲିସକୁ ଏ କ୍ଷେତ୍ରରେ ଆହୁରି ଅଧିକ କ୍ଷମତା ଦିଆଯାଇଛି। ନୂଆ ଆଇନରେ କୁହାଯାଇଛି ଡାକ୍ତରଙ୍କ ମତାମତ ନିଆଯାଇ ଅଭିଯୁକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଇଡି ଆଇନରେ ଅଦାଲତର ଅନୁମତି ବିନା ଅଭିଯୁକ୍ତର ସମ୍ପତ୍ତି ବାଜ୍ୟାପ୍ତି କରିବାର ପ୍ରାବଧାନ ନେଇ ଦେଶରେ ବିତର୍କ ଜାରି ରହିଛି। ମାନବାଧିକାର ସଙ୍ଗଠନଗୁଡ଼ିକର ଅଭିଯୋଗ ନୂଆ ଆଇନରେ ସମାନ ଅଧିକାର ଦିଆଯାଇଛି ଅନୁସନ୍ଧାନକାରୀ ସଂସ୍ଥାଙ୍କୁ। କିଛି ଅଭିଯୋଗ କ୍ଷେତ୍ରରେ ପୁଲିସ ସିଧାସଳଖ ଏଫଆଇଆର ଦାଏର ନ କରି ପ୍ରଥମେ ଘଟଣାର ସତ୍ୟତା ପରୀକ୍ଷା କରିବ। ଏହାପରେ ପୁଲିସର ମନେହେଲେ ଏଫଆଇଆର ଦାଏର କରି ତଦନ୍ତ ଆରମ୍ଭ କରିପାରେ। ନୂଆ ଆଇନ ବଳବତ୍ତର ହେଲେ ମୃତ୍ୟୁଦଣ୍ଡର ବିଧାନ ଆହୁରି କଠୋର ହୋଇପାରେ। କାରଣ ଏହି ଆଇନ ଅନୁଯାୟୀ ମୃତ୍ୟୁଦଣ୍ଡ କୋହଳ ପାଇଁ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ପ୍ରାର୍ଥନା ଆବେଦନ ନାକଚ କରିଦେଲେ ଏହା ଆଉ ଅଦାଲତରେ ବିଚାର କରାଯିବ ନାହିଁ। ୟୁଏପିଏ ସହ ଦେଶଦ୍ରୋହ ଆଇନର କଠୋର ଧାରାଗୁଡ଼ିକ ପୂର୍ବପରି କାଏମ ରଖାଯାଇଛି।

୨୨ ସେପ୍ଟେମ୍ବର ୨୦୨୩ରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ଜେ ବି ପାରଡିୱାଲା ଓ ମନୋଜ ମିଶ୍ରଙ୍କ ଖଣ୍ଡପୀଠର ଏକ ନିର୍ଦ୍ଦେଶରେ କୁହାଯାଇଛି ଯେ, ନୂତନ ବିଧି ଭବିଷ୍ୟତ ମାମଲାରେ ପ୍ରଯୁଜ୍ୟ ହେବ। ପୂର୍ବରୁ ପଞ୍ଜିକୃତ ମାମଲାରେ ଏହାର କୌଣସି ଭୂମିକା ରହିବ ନାହିଁ। ସମାନ ନିର୍ଦ୍ଦେଶରେ କୁହାଯାଇଛି, ୧୯୬୨ର କେଦାରନାଥ ସିଂହ ବନାମ ବିହାର ସରକାର ମାମଲାରେ ସୁପ୍ରିମ କୋର୍ଟର ୫ ବିଚାରପତିଙ୍କ ଖଣ୍ଡପୀଠର ରାୟ ବଳରେ ଦେଶଦ୍ରୋହ ଆଇନ ବୈଧତା ପାଇଥିଲା, ତାହା ସଠିକ୍ କି ନୁହେଁ, ଅନୁଧ୍ୟାନ କରି ଦେଖାଯିବ। ଫଳରେ ଏବେ ୫ ବା ୭ ସଦସ୍ୟଙ୍କ ବୃହତ୍ତର ଖଣ୍ଡପୀଠରେ ଏହାର ବୈଧତାର ବିଚାର କରାଯିବ। ଅତଏବ ନୂତନ ନ୍ୟାୟ ସଂହିତା ଆଇନ ଦେଶରେ ଚାଲୁ ହେଲେ ମଧ୍ୟ ପୁରୁଣା ଦେଶଦ୍ରୋହ ଆଇନର ବୈଧତା ସଂକ୍ରାନ୍ତ ମାମଲା ଏବେ ସର୍ବୋଚ୍ଚ ଅଦାଲତରେ ବିଚାରାଧୀନ। ଏହି ପରିସ୍ଥିତିରେ ନୂତନ ଆଇନର ଭବିଷ୍ୟତ ନିରାପଦ ବୋଲି କୁହାଯାଇପାରିବ କି?

# ବଜ୍ର-କବଚ ତାଳଗଛ



ଅମୀୟ ଭୂଷଣ ନାୟକ
ମୋ: ୮୯୧୭୬୨୯୨୧୪

ତାଳ ଗଛ ସହିତ ଆମେ ଚିରପରିଚିତ। ତାଳ ଗଛ(ପାମ ଟ୍ରି)ର ଉତ୍ପତ୍ତି ଓ ବିକାଶ ନେଇ କିଛି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କିନ୍ତୁ ଏହା ଉଷ୍ଣ ଏବଂ ଉପଉଷ୍ଣ ଅଞ୍ଚଳରେ ବିଶେଷ ଭାବେ ବଢ଼ିପାରେ। ଏହା ଏକ ବୃହତ୍ ପ୍ରଜାତିର ଗଛ ଏବଂ ବିଭିନ୍ନ ପ୍ରଜାତିର ହୋଇଥାଏ। ସାଧାରଣତଃ ଏହାର ଉଚ୍ଚତା ପ୍ରଜାତି ଉପରେ ନିର୍ଭର କରେ। କିଛି ତାଳ ଗଛ ୭୦ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇପାରେ ଏବଂ ତାଳ ଗଛର ପତ୍ର ବିଶେଷ କ୍ଷମତାରେ ଦୀର୍ଘ ଓ ପଞ୍ଝା ଆକୃତିର ହୋଇଥାଏ। ତାଳ ଗଛରୁ ବାହାରୁ ଥିବା ରସରୁ ତାଡ଼ି ଏବଂ ଗୁଡ଼ ପ୍ରସ୍ତୁତ କରାଯାଏ। ଗଛର କଠିନ କାଣ୍ଡ ଦ୍ୱାରା ବ୍ୟବସାୟିକ ଏବଂ ଗୃହସାମଗ୍ରୀ ତିଆରି କରାଯାଏ। ତାଳ ଗଛର ଆର୍ଥିକ ଓ ସାମାଜିକ ମୂଲ୍ୟ ବିଶାଳ ଭାବେ ମାନ୍ୟ ହୋଇଥାଏ। ପ୍ରତ୍ୟେକ ତାଳ ପ୍ରଜାତି ତାଙ୍କ ନିଜସ୍ୱ ବୈଶିଷ୍ଟ୍ୟ ଓ ଉପଯୋଗରେ ବିଭିନ୍ନ ହୋଇଥାଏ। ଏହି କାରଣରୁ ମନୁଷ୍ୟ ଏହାକୁ ଆବଶ୍ୟକତା ଓ ସୁବିଧା ଅନୁଯାୟୀ ବ୍ୟବହାର କରିଥା'ନ୍ତି।

ତାଳ ଗଛ ପରିବେଶ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ବୈଜ୍ଞାନିକମାନଙ୍କ ମତରେ ତାଳ ଗଛ ବଜ୍ରପାତକୁ ରୋକିବାରେ ସାହାଯ୍ୟ କରିପାରିବ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳକୁ ଝଡ଼ ଏବଂ ଘୂର୍ଣ୍ଣିବଳୟରୁ ମଧ୍ୟ ରକ୍ଷା କରିପାରିବ।



ତାଳ ଗଛ ଅନ୍ୟ ଗଛଠାରୁ ଅଧିକ ଶକ୍ତିଶାଳୀ ଏବଂ ଘଣ୍ଟା ପ୍ରତି ୧୪୫ ମାଇଲ ପର୍ଯ୍ୟନ୍ତ ପବନକୁ ସହ୍ୟ କରିପାରିବ। ଏଥିରୁ ତେଲ, କାଠ, ବୁଣା ସାମଗ୍ରୀ, ଖାଦ୍ୟ, ପାନୀୟ ଏବଂ ଇନସୁଲିସନ୍ ମଧ୍ୟ ଉତ୍ପାଦନ କରିହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ବାତ୍ୟା ଓ ବଜ୍ରପାତ ପ୍ରବଣ ଜିଲ୍ଲାମାନଙ୍କରେ ତାଳ ଗଛ ସମେତ ଅନ୍ୟ ଲମ୍ବା ଗଛର ସଂଖ୍ୟା ହ୍ରାସ ପାଇବାରୁ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଅବଶ୍ୟ ଏହି ଗଛଗୁଡ଼ିକ ବଜ୍ରପାତକୁ ପ୍ରତିରୋଧ କରେ ନାହିଁ, କିନ୍ତୁ ଏହା ବଜ୍ରପାତର ପଥକୁ ନିୟନ୍ତ୍ରଣ କରିପାରିବ।

ପୂର୍ବରୁ ତାଳ ଗଛ ଲୋକମାନଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟା ସହିତ ଜଡ଼ିତ ଥିଲା। ଗ୍ରାମାଞ୍ଚଳରେ ଏହି ଗଛର ସଂଖ୍ୟା ଅଧିକ ଥିବାରୁ ଲୋକେ ବଜ୍ରପାତରୁ ରକ୍ଷା ପାଇ ପାରୁଥିଲେ। ତେବେ ସହରୀକରଣ ଏବଂ ଭିତ୍ତିଭୂମି ବିକାଶ ହେତୁ ଗ୍ରାମଗୁଡ଼ିକରେ ତାଳ ବୃକ୍ଷ ସଂଖ୍ୟା ହ୍ରାସ ପାଇବାରେ ଲାଗିଲା। ବଜ୍ରପାତରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ୨୦୧୭ ମସିହାରେ ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ତାଳ ମଞ୍ଜି ବୁଣିବାକୁ ଆହ୍ୱାନ ଦେଇଥିଲେ। ସେହିଭଳି ଏକ କାର୍ଯ୍ୟକ୍ରମ ଥାଇଲ୍ୟାଣ୍ଡରେ ମଧ୍ୟ ସଫଳ ହୋଇସାରିଛି। ବଜ୍ରପାତ ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ସରକାର ୨୦୧୮ ରେ ତାଳ ଚାରାରୋପଣକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଜଙ୍ଗଲ ସୀମା, ରାଜପଥ ଏବଂ ଉପକୂଳବର୍ତ୍ତୀ ଗ୍ରାମରେ ତାଳ ଗଛ ଲଗାଇବା ପାଇଁ 'ମିଶନ ତାଳ' ଆରମ୍ଭ କରିଥିଲେ। ଜିଲ୍ଲା ପ୍ରଶାସନ ଚାଷୀଙ୍କୁ ଚାଷ ଜମି ହୁଡ଼ାରେ ତାଳ ବିହନ ଲଗାଇବାକୁ ଯୋଜନା କରିଥିଲେ ଏବଂ ରାଜ୍ୟର ୨୫ଟି ଜିଲ୍ଲାରେ ବହୁମୁଖୀ ଆଶ୍ରୟସ୍ଥଳୀରେ ଓଡ଼ିଶା ସରକାର 'ବଜ୍ର ସୁରକ୍ଷା' ବ୍ୟବସ୍ଥା ମଧ୍ୟ ସ୍ଥାପନ କରିଛନ୍ତି। ରାଜ୍ୟ ସରକାର ଜଙ୍ଗଲ ଅଧିକାରୀମାନଙ୍କୁ ନିର୍ବନ୍ଧ ଜମି ଏବଂ ରାସ୍ତା କଡ଼ରେ ତାଳ ଗଛ ଲଗାଇବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି। ତାଳ ନର୍ସରୀ ସୃଷ୍ଟି କରିବାକୁ ସରକାର ଅନ୍ତର୍ଜାତୀୟ ସଂସ୍ଥା ଓ ଦେଶର ବେସରକାରୀ ସଂସ୍ଥାମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

ଚଳିତବର୍ଷ ୧୯ ଲକ୍ଷ ତାଳ ଚାରାରୋପଣ ପାଇଁ ନିକଟରେ ବନ ବିଭାଗ ନିଷ୍ପତ୍ତି ନେବା ସହିତ ଏହାର ଅବାଧ କଟା ଉପରେ ମଧ୍ୟ କଟକଣା ଜାରି କରିଛନ୍ତି, ଯାହା ଅତ୍ୟନ୍ତ ଖୁସିର କଥା। କିନ୍ତୁ ସରକାରଙ୍କୁ ଅନୁରୋଧ ଯେ କେବଳ ତାଳ ଚାରା ରୋପଣ କାର୍ଯ୍ୟକ୍ରମ ହାତକୁ ନେଲେ ହେବନାହିଁ, ବରଂ ଏହାର ରକ୍ଷଣାବେକ୍ଷଣ ଓ ସଠିକ୍ ଯତ୍ନ ନେବା ଉପରେ କିପରି କଡ଼ା ଯାଞ୍ଚ କରାଯାଇ ପାରିବ ସେଥିପ୍ରତି ବନ ବିଭାଗ ବିଶେଷ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ମଧ୍ୟ ଦିଅନ୍ତୁ। କାରଣ ତାଳ ଗଛ ସହିତ ପ୍ରତିଟି ଜୀବନର ସୁରକ୍ଷା ମଧ୍ୟ ଜଡ଼ିତ।

ସିମୁଳିଆ, ବାଲେଶ୍ୱର

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ହାଲୋ ଅର୍ବିଟର ପରିକ୍ରମା ଶେଷ କଲା ଆଦିତ୍ୟ-ଏଲ୍୧

**ବେଙ୍ଗାଲୁରୁ, ୨।୭ (ଏଜେନ୍ସି):** ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ ଆଦିତ୍ୟ-ଏଲ୍୧ ଆଉ ଏକ ସଫଳତା ହାସଲ କରିଛି। ଏହି ଯାନ ପୃଥିବୀ ଏବଂ ସୂର୍ଯ୍ୟଙ୍କ ମଧ୍ୟରେ ଥିବା ଏଲ୍-୧ (ଲାଗରାଜିଆନ) ପଏଣ୍ଟରୁ ହାଲୋ ଅର୍ବିଟର ପ୍ରଥମ ପରିକ୍ରମା ଶେଷ କରିଛି। ଏଥିପାଇଁ ଏଲ୍୧ କୁ ୧୭୮ ଦିନ ଲାଗିଛି। ଏବେ ଦ୍ୱିତୀୟ କକ୍ଷରେ ଯାନ ଏଲ୍୧କୁ ପରିକ୍ରମା କରୁଛି। ତେବେ ଏହି ସମୟରେ ଅନେକ ବାଧା ଆସିଥିଲା। ଏହା ସତ୍ତ୍ୱେ ଯାନ ପରିକ୍ରମା ଶେଷ କରିଥିଲା ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି। ସୂର୍ଯ୍ୟଙ୍କ ଉପରେ ପର୍ଯ୍ୟବେକ୍ଷଣ ପାଇଁ ୨୦୨୩ ସେପ୍ଟେମ୍ବର ୨ରେ ଭାରତ ଏହି ଅଭିଯାନ ଆରମ୍ଭ କରିଥିଲା। ଆଦିତ୍ୟ ଚଳିତ ବର୍ଷ ଜାନୁଆରୀ ୬ରେ ଏଲ୍୧ ପଏଣ୍ଟରେ ପହଞ୍ଚି ସୂର୍ଯ୍ୟଙ୍କ ଉପରେ ଅଧ୍ୟୟନ ଆରମ୍ଭ କରିଥିଲା।

## ସଲ୍ମାନଙ୍କ ହତ୍ୟା ପାଇଁ ଦିଆଯାଇଥିଲା ୨୫ ଲକ୍ଷର ସୁପାରି

**ମୁମ୍ବାଇ, ୨।୭ (ଏଜେନ୍ସି):** ଅଭିନେତା ସଲ୍ମାନ ଖାନଙ୍କ ଘର ଉପରେ ହୋଇଥିବା ଗୁଳିମାଡ଼ ଘଟଣାକୁ ନେଇ ନଭି ମୁମ୍ବାଇ ପୁଲିସ ନୂଆ ତଥ୍ୟ ଦେଇଛି। ସଲ୍ମାନଙ୍କୁ ମାରିବା ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ୨୫ ଲକ୍ଷ ଟଙ୍କାର ସୁପାରି ଦେଇଥିବା କୁହାଯାଇଛି। ପୁଲିସ ଏହି ମାମଲାରେ ଗିରଫ ହୋଇଥିବା ଲରେନ୍ସ ଗ୍ୟାଙ୍ଗର ୫ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଦାଖଲ କରିଛି। ଏହି ଅଭିଯୁକ୍ତମାନେ ସଲ୍ମାନଙ୍କ ଉପରେ ଆକ୍ରମଣ ପାଇଁ ପାକିସ୍ତାନରୁ ଏକେ-୪୭, ଏକେ-୯୨ ଏବଂ ଏମ୍-୧୬ ରାଇଫଲ୍ ମଗାଇବାକୁ ପ୍ରସ୍ତୁତି କରିଥିଲେ। ଏହା ବ୍ୟତୀତ ସେମାନେ ଜିଗାନା ପିସ୍ତଲ ମଧ୍ୟ ମଗାଇବାକୁ ଉଦ୍ୟମ କରିଥିଲେ। ଏହା ମାଧ୍ୟମରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରାଯାଇଥିଲା।

## କୁଢ଼କୁଢ଼ ଶବ ଦେଖି ହୃଦ୍‌ଘାତରେ ପ୍ରାଣ ହାରିଲେ ପୁଲିସ କର୍ମଚାରୀ

**ହାଥରସ୍(ୟୁପି),୨।୭(ଏଜେନ୍ସି):** ଉତ୍ତରପ୍ରଦେଶ ହାଥରସ୍ ଦଳାଚକଟା ଘଟଣାରେ ପୀଡ଼ିତମାନଙ୍କୁ ତୁରନ୍ତ ଚିକିତ୍ସା ନ ମିଳିବାରୁ ବହୁ ଜୀବନ ଦୀପ ଲିଭିଗଲା ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବହୁ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦଳଚକଟା ପରେ ବହୁ ଲୋକ ସଂଜ୍ଞାହୀନ ହୋଇପଡ଼ିଥିଲେ ହେଁ ସେମାନଙ୍କ ନିଶ୍ୱାସ ପ୍ରଶ୍ୱାସ ଚାଲୁଥିଲା। ସେମାନଙ୍କୁ ଟ୍ରାକ୍ଟର ଟ୍ରଲି, ଅଟୋ, ବାଇକରେ ନିକଟସ୍ଥ ସିକନ୍ଦରା ରାଓ ସିଏଚସିକୁ ନିଆଯାଇଥିଲା। ସବୁ ଷ୍ଟ୍ରେଚର ଏବଂ ବେଞ୍ଚ ଉପରେ ଆହତଙ୍କୁ ଶୁଆଇ ଦିଆଯାଇଥିଲା। ସ୍ଥାନାଭାବ ହେବାରୁ ହସ୍ପିଟାଲର ବାରଣ୍ଡାରେ ମଧ୍ୟ ଅନେକଙ୍କୁ ରଖା ଯାଇଥିଲା। ଏହାର ବିକଳ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କିନ୍ତୁ ଡାକ୍ତରଖାନାରେ ପର୍ଯ୍ୟାପ୍ତ ଡାକ୍ତର ନ ଥିଲେ କି ଅକ୍ସିଜେନ, ସାଲାଇନ ବ୍ୟବସ୍ଥା ନ ଥିଲା। ଜଣେ ଡାକ୍ତରରେ ଏତେ ଲୋକଙ୍କୁ ଚିକିତ୍ସା କରିବା ସମ୍ଭବ ହୋଇ ନ ଥିଲା। ଏପରି ସ୍ଥିତିରେ ଲୋକମାନେ ଡାକ୍ତରଙ୍କ ଅପେକ୍ଷାରେ ରହିଥିଲେ। ଶେଷରେ ନିଜ ହାତରେ ଆହତମାନଙ୍କ ଛାତିରେ ଚାପ ପକାଇ ନିଶ୍ୱାସପ୍ରଶ୍ୱାସ ସ୍ୱାଭାବିକ କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଅଧିକାଂଶ ଆହତଙ୍କ ଜୀବନ ରକ୍ଷା କରିବା ସମ୍ଭବ ହୋଇ ନ ଥିଲା। ଏଥିପାଇଁ ଅନେକ ଲୋକଙ୍କ ଜୀବନ ଚାଲି ଯାଇଥିଲା ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ ଗଣମାଧ୍ୟମ ଆଗରେ କହିଛନ୍ତି। ସେହିପରି ଟ୍ରକ୍, ଟେମ୍ପୁ ଏବଂ ବସ୍ ଯୋଗେ ଆସୁଥିବା କୁଢ଼ କୁଢ଼ ଶବ ଦେଖି ଘଟଣାସ୍ଥଳକୁ ଯାଇଥିବା ଜଣେ ପୁଲିସ କର୍ମଚାରୀ ହୃଦ୍‌ଘାତର ଶିକାର ହେବା ସହିତ ତାଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ଚଳନ୍ତା ଟ୍ରେନ୍‌ରୁ ଖସିଲା କଣ୍ଟେନର

**ଚଣ୍ଡିଗଡ଼, ୨।୭ (ଏଜେନ୍ସି):** ହରିୟାଣା କରନାଲରେ ମଙ୍ଗଳବାର ସକାଳେ ବଡ଼ ଅଘଟଣ ଘଟିଛି। ଷ୍ଟେସନ ନିକଟରେ ଚଳନ୍ତା ମାଲବାହୀ ଟ୍ରେନ୍‌ରୁ ପ୍ରାୟ ୮ଟି କଣ୍ଟେନର ଖସି ଯାଇଛି। ଏଥିଯୋଗୁଁ ବିଦ୍ୟୁତ ଲାଇନ୍ ଏବଂ ରେଳ ଟ୍ରାକ କ୍ଷତି ହୋଇଛି। ଅଳ୍ପକେ ବଡ଼ ଦୁର୍ଘଟଣା ଟଳି ଯାଇଛି। ଏହି ଘଟଣା ପରେ ତୁରନ୍ତ ଦିଲ୍ଲୀରୁ ଅମୃତସର ମଧ୍ୟରେ ଚାଲୁଥିବା ଟ୍ରେନ୍ ଚଳାଚଳକୁ ବନ୍ଦ କରିଦିଆଯାଇଥିଲା। ୧୪ ଯାତ୍ରୀବାହୀ ଏବଂ ଏକ୍ସପ୍ରେସ ଟ୍ରେନ୍ ବାତିଲ କରିଦିଆଯାଇଥିଲା। ୩୮ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତରେ ଜଣାପଡ଼ିଛି ଯେ ମାଲବାହୀ ଟ୍ରେନରେ ଏକ୍ସେଲ ଭାଙ୍ଗି ଯାଇଥିଲା। ଏଥିଯୋଗୁଁ ଝଟ୍‌କା ଲାଗି କଣ୍ଟେନର ଖସି ପଡ଼ିଥିଲା। ସେହିପରି ପଛ ଚକ ଲାଇନଚ୍ୟୁତ ହୋଇଥିବା ମଧ୍ୟ ଜଣାପଡ଼ିଛି। ୭.୫ ଘଣ୍ଟାର ମରାମତି ପରେ ଦିଲ୍ଲୀ-ଅମ୍ବାଲା ରେଳ ଲାଇନକୁ ଠିକ୍ କରିଦିଆଯାଇଥିଲା।

# ଅବଶିଷ୍ଟାଂଶ...

## ସତ୍‌ସଂଗରେ ମୃତ୍ୟୁର...

ମୃତକଙ୍କୁ ଚିହ୍ନଟ କରାଯାଉଛି। ଆଲିଗଡ଼ ରେଞ୍ଜ୍ ଆଇଜି ସାଲଭ ମାଥୁର କହିଛନ୍ତି, ସତସଂଗ ପାଇଁ ଆୟୋଜକଙ୍କୁ ଅସ୍ଥାୟୀ ଅନୁମତି ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଚଳାଇବାକୁ ସେ ହାଥରାସ ଓ ଇଟାହର ସରକାରୀ କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦଳାଚକଟା କାହିଁକି ଘଟିଲା ତାହାର ନିର୍ଦ୍ଦିଷ୍ଟ କାରଣ ଜାଣିବା ନିମନ୍ତେ ତଦନ୍ତ କରିବାକୁ ଏଡିଜି ଆଗ୍ରା ଓ ଆଲିଗଡ଼ କମିଶନରଙ୍କୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି।

## ହିନ୍ଦୁ ହିଂସ୍ର ନୁହେଁ...

ବୋଲି ମୋଦୀ କହିଛନ୍ତି। ଯେଉଁ ଦଳ ସବୁବେଳେ ସମ୍ବିଧାନର ସୁରକ୍ଷା ପାଇଁ ଡିଣ୍ଡିମ ପିଟି ଚାଲିଛିସ୍ତେ ଦଳ ଜମ୍ମୁ-କାଶ୍ମୀରରେ ସମ୍ବିଧାନର ସୁରକ୍ଷା ପାଇଁ କାହିଁକି ଭୟଭୀତ ରହିଥିଲା ବୋଲି ମୋଦୀ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ମଧ୍ୟ କଂଗ୍ରେସ ବିରୋଧରେ ବର୍ଷିଥିଲେ। ଯାହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ହଙ୍ଗାମା ଲାଗି ରହିଥିଲା। ତେବେ ହଙ୍ଗାମା ମଧ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ରଥଯାତ୍ରା ଛୁଟି...

ହେବାକୁ ଯାଉଛି। ନୂଆ ସରକାରରେ ଏଭଳି ସୁଯୋଗ ଆସିବା ଆମର ଭାଗ୍ୟ। ଚଳିତବର୍ଷ ଦୁଇଦିନ ଅର୍ଥାତ୍ ଜୁଲାଇ ୭ ଓ ୮ ତାରିଖ ରଥଯାତ୍ରା ସମାପନ ହେବ। ତେଣୁ ସରକାରୀ ସ୍ତରରେ ଯେଉଁ ଗୋଟିଏ ଦିନର ଛୁଟି ଥିଲା, ତାହାକୁ ଆଉ ଗୋଟିଏ ଦିନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛି।

ସୂଚନାଥାଉ କି, ଦୁଇ ଦିନିଆ ରଥଯାତ୍ରା ଯୋଗୁଁ ବରିଷ୍ଠ ଦଇତାପତି ସେବାୟତ ରାମଚନ୍ଦ୍ର ଦାସମହାପାତ୍ର ଜୁଲାଇ ୮ ତାରିଖ ଅର୍ଥାତ୍ ସୋମବାରକୁ ବି ସରକାରୀ ଭାବେ ଛୁଟି ଘୋଷଣା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ମାଷ୍ଟରକ୍ୟାଣ୍ଟିନ୍‌ରେ...

ପୁଲିସ ସମ୍ମୁଖରେ ଏହି ଘଟଣା ଘଟିଥିଲେ ମଧ୍ୟ ସେମାନଙ୍କୁ ରୋକିବା ବା ଘଟଣାକୁ ପ୍ରଶମିତ କରିବା ଦିଗରେ ପୁଲିସ କୌଣସି ପଦକ୍ଷେପ ନେଇ ନ ଥିବା ଦେଖଣାହାରୀମାନେ କହିଛନ୍ତି।

ପୂର୍ବରୁ କୌଣସି ରାଜନୈତିକ ଦଳ କାର୍ଯ୍ୟାଳୟ ଉପରେ ଶାସକ ଦଳ କର୍ମୀମାନେ ଏପରି ଆକ୍ରମଣ କରିବାର ଘଟଣା କେବେ ଦେଖା ଯାଇ ନ ଥିବାବେଳେ ପ୍ରଥମ ଥର ପାଇଁ ରାଜଧାନୀର ରାଜପଥରେ ସୃଷ୍ଟି ହୋଇଛି ଏପରି ଏକ ଅଭାବନୀୟ ଘଟଣା। ପ୍ରାୟ ଅଧ ଘଣ୍ଟା କାଳ ଉଭୟ ବିଜେପି ଯୁବମୋର୍ଚ୍ଚା ଓ ଛାତ୍ର-ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପଥର ଫିଙ୍ଗା, ଠେଙ୍ଗା ବୁଲା ଘଟଣା ଘଟିଥିବା ସତ୍ତ୍ୱେ ପୁଲିସ କର୍ମଚାରୀମାନେ କାଖରେ ଲାଠି ଜାକି ନିରବ ଦର୍ଶକ ସାଜିବା ପରିସ୍ଥିତିକୁ ଅଧିକ ଉତ୍ତେଜନପୂର୍ଣ୍ଣ କରିଦେଇଥିଲା।। ଏହି ଗଣ୍ଡଗୋଳରେ ୨ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ୧୦ରୁ ଊର୍ଦ୍ଧ୍ୱ ଲହୁଲୁହାଣ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ଥାନାରେ ଭର୍ତ୍ତି କରାଯାଇଛି।

ଛାତ୍ରକଂଗ୍ରେସ ନେତା ବିଶ୍ୱଭୂଷଣ ମହାପାତ୍ର କହିଛନ୍ତି ଯେ, ବିଜେପି ଯୁବମୋର୍ଚ୍ଚାର କର୍ମୀ ଓ କର୍ମକର୍ତ୍ତାମାନେ ଅତର୍କିତ ଭାବରେ କଂଗ୍ରେସ ଭବନ ଉପରେ ଆକ୍ରମଣ କରିଥିଲେ। ଢେଲା ପଥର ମାଡ଼ କରିବା ସହ କଂଗ୍ରେସ ଓ ଏହାର ନେତା ରାହୁଳ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ରାହୁଲଙ୍କ ପୋଷ୍ଟରରେ ଗୋବର ବୋଳିଥିଲେ। ବିଜେପି କର୍ମୀଙ୍କ ଆକ୍ରମଣରୁ କଂଗ୍ରେସ ଭବନକୁ ସୁରକ୍ଷା ଦେବା ପାଇଁ ଛାତ୍ର ଓ ଯୁବ କଂଗ୍ରେସ କର୍ମୀମାନେ ଉଦ୍ୟମ କରି ଆହତ ହୋଇଛନ୍ତି। ଏହି ଆକ୍ରମଣକୁ ନେଇ ଖୁବ୍‌ଶୀଘ୍ର ଥାନାରେ ଲିଖିତ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି। ସେହିପରି ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ ବିରୋଧରେ ସାରା ଦେଶରେ କଂଗ୍ରେସ କାର୍ଯ୍ୟାଳୟ ଆଗରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ କରିଛି। ଏହିକ୍ରମରେ ଆଜି କଂଗ୍ରେସ କାର୍ଯ୍ୟାଳୟ ଆଗରେ ବିଜେପି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ମାତ୍ର ଗଣତାନ୍ତ୍ରିକ ଉପାୟରେ ହେଉଥିବା ବିକ୍ଷୋଭକୁ ସେମାନେ ସହ୍ୟ କରିବା ସ୍ଥିତିରେ ନାହାନ୍ତି। କଂଗ୍ରେସ ଯେଉଁ ଆରୋପ ଲଗାଉଛି ସେଥିରେ ଯଥାର୍ଥତା ନାହିଁ। ସେମାନେ ବିକ୍ଷୋଭକୁ ଭଣ୍ଡୁର ଉଦ୍ୟମ କରିବା ସହ ଅମ ଉପରକୁ ଢ଼େଲାମାଡ଼ କରିଥିଲେ। ଏଥିରେ ଆମର ୭ ଜଣ କାର୍ଯ୍ୟକର୍ତ୍ତାଙ୍କର ମୁଣ୍ଡ ଫାଟିଛି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଘଟଣା ସମ୍ପର୍କରେ ଡିସିପି ପ୍ରତୀକ ସିଂ କହିଛନ୍ତି ଯେ, ଏନେଇ କ୍ୟାପିଟାଲ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଆମେ ଅଭିଯୋଗ ଆଧାରରେ ତଦନ୍ତ କରିବୁ। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଗଣ୍ଡଗୋଳକାରୀଙ୍କ ବିରୋଧରେ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବିଜେପିର ଅସଲ...

କାର୍ଯ୍ୟକର୍ତ୍ତାମାନଙ୍କ ଏଭଳି କାଣ୍ଡ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦର୍ଶାଉଛି। ଜଗନ୍ନାଥଙ୍କ ପବିତ୍ର ମାଟିରେ ସରକାରୀ ଦଳର ଆଚରଣ ଓ ଉଚ୍ଚାରଣକୁ ରାଜ୍ୟବାସୀ ଦେଖୁଛନ୍ତି ଏବଂ ଏହାର ଦୃଢ଼ ଜବାବ ଆଗାମୀ ଦିନରେ ଜନତା ଦେବେ ବୋଲି ଶରତ କହିଛନ୍ତି।

## ୨୪ ରାଜ୍ୟରୁ...

କାଇପେଙ୍ଗ ଓରଫ ଡେଞ୍ଜୋ(ବୋଷ୍), ଜିତେନ୍ କାଇପେଙ୍ଗ୍, ସେକ୍ ତାଜୁଦ୍ଦିନ, ମୁଟୁମାରୀ ଚିଟ୍ଟି ବାବୁ ଓ ଏଲ୍‌ଭିସ୍ ତାରା ଓରଫ ଜେମ୍ସଙ୍କୁ ୩ ଦିନିଆ ରିମାଣ୍ଡରେ ଆଣି ଜେରା କରିବା ପରେ କମିସନରେଟ ପୁଲିସ ହାତରେ ଏହି ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ଅପରପକ୍ଷେ, ବିଭିନ୍ନ ରାଜ୍ୟରେ ଏମାନଙ୍କ ନାମରେ ମାମଲା ଥିବାରୁ ଗତ ୩ ଦିନ ମଧ୍ୟରେ ୯ଟି ରାଜ୍ୟର ୧୫ଟି ତଦନ୍ତକାରୀ ସଂସ୍ଥା ସେମାନଙ୍କୁ ମାରାଥନ୍ ଜେରା କରିଛନ୍ତି। ସେମାନଙ୍କ ମଧ୍ୟରୁ କିଛି ଟିମ୍ ପ୍ରତ୍ୟକ୍ଷ ଭାବେ ଓଡ଼ିଶା ଆସିଥିବା ବେଳେ ଆଉ କିଛି ତଦନ୍ତକାରୀ ସଂସ୍ଥା ଭର୍ଚୁଆଲ୍‌ରେ ଜେରା କରିଥିବା ଜଣାଯାଇଛି। ଏଥିସହ ଏହି ସମସ୍ତ ରାଜ୍ୟ ପୁଲିସ ଅଭିଯୁକ୍ତଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ଲାଗି ଯୋଜନା ଚଳାଇଛନ୍ତି।

ଏହି ଠକମାନେ ମହାରାଷ୍ଟ୍ରରେ ଅଧିକ ଠକେଇ କରିଥିବା ଜଣାଯାଇଛି। ଏଠାରେ ସେମାନଙ୍କ ନାଁରେ ସର୍ବାଧିକ ୫୧ଟି ମାମଲା ରୁଜୁ ହୋଇଛି। ସେହିପରି କର୍ଣ୍ଣାଟକରେ ୪୯ଟି, ତେଲେଙ୍ଗାନାରେ ୩୮, ତାମିଲନାଡୁରେ ୩୨, ଗୁଜୁରାଟ ୧୮ଟି, ଆନ୍ଧ୍ରପ୍ରଦେଶରେ ୧୭ଟି, ପଶ୍ଚିମବଙ୍ଗରେ ୧୬ଟି, କେରଳରେ ୧୩ଟି, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ୧୦ଟି ଲେଖାଏଁ, ରାଜସ୍ଥାନ ୯ଟି, ବିହାର ଓ ଦିଲ୍ଲୀରେ ୮ଟି ଲେଖାଏଁ, ହରିୟାଣା ୭ଟି, ହିମାଚଳପ୍ରଦେଶ ୫ଟି, ପଞ୍ଜାବ ୪ଟି, ଆସାମ ଓ ଛତିଶଗଡ଼ ୩ଟି ଲେଖାଏଁ, ଝାଡଖଣ୍ଡ ଓ ଜାମ୍ମୁକାଶ୍ମୀର ୨ଟି, ଚଣ୍ଡିଗଡ଼, ଉତ୍ତରାଖଣ୍ଡ, ମିଜୋରାମ ଓ ମେଘାଳୟରେ ଗୋଟିଏ ଲେଖାଏଁ ମାମଲା ରହିଛି। ତେବେ ଅଭିଯୁକ୍ତମାନେ ଓଡ଼ିଶାରେ ଗୋଟିଏ ମାମଲାରେ ସମ୍ପୃକ୍ତି ରହିଛନ୍ତି। ସେଇ ଟଙ୍କାକୁ କର୍ପୋରେଟ୍ ଓ କରେଣ୍ଟ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥିଲା। ୫୦ଟି ମ୍ୟୁଲ ଆକାଉଣ୍ଟରେ ଥିବା ୨ କୋଟି ଟଙ୍କାରୁ ଅଧିକ ଫ୍ରିଜ କରାଯାଇଛି।

ଏହି ଠକମାନଙ୍କ ଚେର ଚୀନ୍‌କୁ ଲମ୍ବିଥିବା କମିସନରେଟ୍ ପୁଲିସ୍ ଜାଣିବାକୁ ପାଇଛି। ମ୍ୟୁଲ୍ ଆକାଉଣ୍ଟ ଜରିଆରେ ସେମାନେ ଟଙ୍କାକୁ ବିଦେଶରେ ଥିବା ଗ୍ୟାଙ୍ଗ୍ ମୁଖିଆକୁ କ୍ରିପ୍ଟୋ ଜରିଆରେ ପଠାଉଥିଲେ। ତେଣୁ କ୍ରିପ୍ଟୋବାଇନାନ୍ସ ଆକାଉଣ୍ଟର ସମ୍ପୂର୍ଣ୍ଣ ତଥ୍ୟ ସହ ଆକାଉଣ୍ଟଧାରୀଙ୍କୁ ବିଷୟରେ ଜାଣିବାକୁ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି। ସେହିଭଳି ବିଦେଶରେ ରହି ଅପରେଟ୍ କରୁଥିବା ମୁଖିଆ କମିସନ୍ ହିସାବରେ ଟଙ୍କାକୁ ୟୁଏସ୍‌ଏ ଡଲାରରେ ଦେଉଥିଲେ। ଧରାପଡ଼ିଥିବା ଅଭିଯୁକ୍ତମାନେ ୧୭୦୦ ଡଲାର ( ଭାରତୀୟ ମୁଦ୍ରାରେ ୧ ଲକ୍ଷ ୫୩ ହଜାର ଟଙ୍କା) କ୍ରିପ୍ଟୋରେ ନିବେଶ କରିଥିଲେ। ସେଇ ଟଙ୍କାକୁ ଫ୍ରିଜ କରାଯାଇଛି। ଚୀନ୍‌ରେ ରହି ଅପରେଟ୍ କରୁଥିବା ମୁଖିଆ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଓଡ଼ିଶା ପୁଲିସର କ୍ରାଇମ୍‌ବ୍ରାଞ୍ଚ ଓ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜେରା କରିଛି। ଆଉ କିଛି ରାଜ୍ୟର ପୁଲିସ୍ ତଦନ୍ତ କରିବା ପାଇଁ ଆସିବେ ବୋଲି ଜଣାଯାଇଛି।

ବର୍ତ୍ତମାନ ରିମାଣ୍ଡ ଅବଧି ସରିଥିବାରୁ ଅଭିଯୁକ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଛି। ସେମାନଙ୍କୁ ଜେଲ୍ ଭିତରେ କେମିତି ଜେରା କରାଯାଇପାରିବ, ସେନେଇ ବ୍ୟବସ୍ଥା କରାଯିବ ବୋଲି ପୁଲିସ୍ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ମେ' ୭ ତାରିଖରେ କେନ୍ଦ୍ର ସରକାରଙ୍କ ଜଣେ ଅଧିକାରୀଙ୍କୁ ଏମାନେ ଚୂନ ଲଗାଇଥିଲେ। ଠକମାନେ ନିଜକୁ ମୁମ୍ବାଇ ସାଇବର କ୍ରାଇମ୍‌ବ୍ରାଞ୍ଚର ଅଧିକାରର ପରିଚୟ ଦେଇ ତାଙ୍କର ଆଧାର କାର୍ଡ ଲିଙ୍କ୍ ରହିଥିବା ଏକ ପାର୍ସଲ ମୁମ୍ବାଇରୁ ତାଇୱାନ ଯାଉଥିଲା। ଯେଉଁଥିରେ ବିପୁଳ ପରିମାଣ ଡ୍ରଗ୍ସ ବାହାରିବା ଧମକ ଦେଇ ଡିଜିଟାଲ ଗିରଫଦାୟୀ ଭୟ ଦେଖାଇ ସମ୍ପୃକ୍ତ ଅଧିକାରୀଙ୍କଠାରୁ ୩୬ଲକ୍ଷ ୩୪ ହଜାର ୪୦୦ ଟଙ୍କା ନେଇଯାଇଥିଲେ। ଏନେଇ ସାଇବର ଥାନାରେ ଅଭିଯୋଗ ହେବା ପରେ ଜୁନ୍ ୧୮ ତାରିଖରେ ୫ ଅପରାଧୀଙ୍କୁ ଗିରଫ କରାଯାଇଥିଲା।

## ଆସୁଛି ୨...

ଏହି ସ୍ଥିତି ଆହୁରି ୩ ଦିନ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ମଙ୍ଗଳବାର ସନ୍ଧ୍ୟା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୬ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ମୟୂରଭଞ୍ଜରେ ସବୁଠୁ କମ୍ ଅର୍ଥାତ୍ ୬୫ପ୍ରତିଶିତ ନିଅଣ୍ଟିଆ ବର୍ଷା ହୋଇଛି। ବାକି ୧୨ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ଅନ୍ୟ ଜିଲ୍ଲାଗୁଡ଼ିକରେ ନିଅଣ୍ଟିଆ ବର୍ଷା ରହିଛି। ଅନ୍ୟପଟେ ଜୁଲାଇ ମାସ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଜୁଲାଇରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକ ରହିବ। ତେବେ ଉତ୍ତର ଓଡ଼ିଶାରେ ବର୍ଷାର ପ୍ରକୋପ ସ୍ୱାଭାବିକ ତୁଳନାରେ ଅଧିକ ରହିବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି।


OFFICE OF THE DIVISIONAL FOREST OFFICER: KEONJHAR DIVISION.
Ph. 06766-254315, e-mail- dfo.keonjhar@odisha.gov.in
Notice No. 4970 / Dated 26.06.2024 MM-61

**WALK IN INTERVIEW**

Divisional Forest Officer. Keonjhar Division, invites Applications from interested retired personnel for re- engagement of Retired Forest (Retired Forest Ranger/ Retired ACF) & Engineering (Retired A.E. / Retired A.E.E) Personnel for engagement in OMBADC Cell for Keonjhar Division. The Walk-in-interview is scheduled to be held on 08.07.2024 (Monday) at 11:00 AM in the conference hall of Keonjhar Forest Division. The application form along with detailed role and responsibilities shall be available on the website www.Keonjhar.nic.in / www.odishaforest.in.

Divisional Forest Officer
Keonjhar Division

OIPR-08042/11/0001/2425



**AFFIDAVIT**

By an affidavit vide no. 3786, dated 24.06.2024, before notary public Jeypore, Odisha, I Dinesh Kumar Agrawala,S/o- Siba Prasad Agrawala, resident of Patro Sahi, Main Road,Po- Papadahandi, DT- Nabarangapur has change my name to Dinesh Kumar Agrawal. Henceforth I shall be known as **Dinesh Kumar Agrawal** for all purposes.

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By an affidavit vide no. 3785, dated 24.06.2024, before notary public Jeypore, Odisha, I Rekha Agrawala, W/o- Dinesh Kumar Agrawal, resident of Patro Sahi, Main Road, Po- Papadahandi, DT- Nabarangapur has change my name to Rekha Agrawal. Henceforth I shall be known as **Rekha Agrawal** for all purposes.

**AFFIDAVIT**

I, Ashok Sundaray, S/o- Jayakrishna Sundaray, resident of AT: Jagasara, PO: Kaimatia, PS: Info Valley, Bhubaneswar Dist: Khurda, PIN: 752054, Odisha declare by this affidavit No.1106, Dated- 29/06/2024, that now onwards I shall be known as **ASHOK KUMAR SUNDARAY** for all future purposes.

**AFFIDAVIT**

I, Sushree Sangeeta, W/O-Badal Patnaik, Resident of At - 602, Sector-2,Niladri Vihar, Bhubaneswar Dist- Khurda, PIN-751021, Odisha declare by this affidavit No. 20360 Dtd.- 25/06/2024 that now onwards I shall be known as **Sushree Sangeeta Behera** for all future purposes

**AFFIDAVIT**

By an affidavit vide no. 3263, dated 27.05.2024, before notary public Jeypore, Odisha, I Kota Srinivas, S/o- Kota Atchuta Rao, resident of Bell Road, Near Hotel Square, Jeypore, Koraput has change my name to Kota Srinivas Rao. Henceforth I shall be known as Kota **Srinivas Rao** for all purposes.



A-93 e-mail: srgeologistbolangir@gmail.com

GOVERNMENT OF ODISHA
OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BOLANGIR
Jyotinagar, Laltikra, P.O : Rajendra College, Dist- Bolangir, PIN -767002

**NATIONAL COMPETITIVE BIDDING THROUGH e-Procurement**
**Identification No.01/GWBLGR/2024-25 of 2024-25 Dt. 29-06-24**
**e-Procurement Notice**

| | | |
|---|---|---|
| 01. | Name of the Work | : 10nos Work. |
| 02. | Type of Bid | : Single System |
| 03. | Estimated Cost | : Rs. 8.57 Lakh to 33.50 Lakhs |
| 04. | Period of Completion | : 02 Calendar Months |
| 05. | Date & Time of availability of bid document in the portal | : From 11.00 AM of dt.04.07.2024 to 5.00 PM of 15.07.2024 |
| 06. | Last date / time of receipt of bids in the portal | : 3.00 PM of 15.07.2024. |
| 07. | Date & Time of opening of technical bids | : At 4.00 PM of 15.07.2024. |
| 08. | Name and Address of the Officer Inviting Bid | : Deputy Director, Geology, Ground Water Development Division, , Jyotinagar, Laltikra, Po- Rajendra College 767002, Bolangir Dist- Bolangir |

Further details can be seen from the web site http://tenders.ori.nic.in or www.tendersorissa.gov.in

Deputy Director, Geology,
G.W.D. Division, Bolangir

OIPR-32471/11/0001/2425



C-135

OFFICE OF THE GENERAL MANAGER,
WATCO DIVISION, CUTTACK.
Telephone/e-mail/FAX: 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCO (W)-02/2024-25 Dtd.01.07.2024**

| | | |
|---|---|---|
| | Name of the work:- | 2 Nos. work. |
| 1. | Estimated cost | Rs.15.64 to Rs. 17.90 Lakhs (Approx.). |
| 2. | Period of completion | :- 1 (One) month. |
| 3. | Date & time of availability of bid document in the portal | :- From 11 A.M of dt.03.07.2024 to 5.00 P.M. of dt.11.07.2024. |
| 4. | Last date / time of receipt of bids in the portal | :- 11.07.2024 up to 05.00 P.M. |
| 5. | Date & time of opening of bids | :- 12.07.2024 at 12.30 P.M. |
| 6. | Name and address of the Officer Inviting Bid | :- The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com |
| 7. | The bidders have to participate in ONLINE bidding only. | |

Further details can be seen from the web site www.tendersodisha.gov.in

General Manager,
WATCO Division, Cuttack

OIPR-13170/11/0004/2425



OFFICE OF THE PRINCIPAL KK-31
BALIMELA COLLEGE OF SCIENCE AND TECHNOLOGY
BALIMELA- 764051, DIST: MALKANGIRI

No.: 01/BCST/OHEPEE/2024 Date: 28.06.2024

**TENDER CALL NOTICE**

Sealed tender are invited from intending registered manufacturers/firms/suppliers/authorized dealers having PAN/GST Registration number with IT clearance for the supply of Teachers' Chair, Demonstration Table, Laboratory Table (Botany, Chemistry, Physics, Zoology), Fume Hood, Inverter with Battery, Stool for Laboratory, Water Purifier-Cum-Cooler by Registered post/Speed post on or before 23.07.2024 by 05.00PM. The items shall be purchased from IDP fund under OHEPEE, Govt. of Odisha.

The details of the requirements with Request for Proposal (RfP), specification, terms & conditions are available in the College website http://balimelacollge.org. The undersigned reserves the right to cancel part or whole of tenders without specifying any reason thereof.

Sd/-Principal

OIPR-11137/11/0001/2425



MM-60

OFFICE OF THE DIVISIONAL FOREST OFFICER & WILDLIFE WARDEN
CHANDAKA WILDLIFE DIVISION
GAJA VIHAR, BARAMUNDA, BHUBANESWAR-751003
Ph. (0674) 2355400, Email-dfo.chandakaul@odisha.gov.in/ chandakadampara@gmail.com

Tender Notice No. 02 Dated 01st July 2024

**Tender Call Notice**

Sealed tenders are invited in two Bid systems from established/ reputed/ registered/ experienced and accredited manufactures/dealers/suppliers within the country of India for supply of Radio Collar as per specification of tender documents for use in Wildlife wing of Forest, Environment & Climate Change Department, Govt. of Odisha.

| Item | Quantity | Cost of tender paper |
|---|---|---|
| 1 | 2 | 3 |
| 1. Radio Collar for Gaur | 5 (Five) | Rs.10,000/- |
| 2. Radio Collar for Black Buck | 2 (Two) | |
| 3. VHF Antenna & Receiver | 7 (Seven) Sets | |

Non-transferable Tender Documents for supply of Radio Collar as stated above will be available from dt.04.07.2024 and can be downloaded through the website https://www.khordha.nic.in / https://www.wildlifeodisha.in / www.chandakawildlife.in . The Tender Document cost which is non- refundable, should be deposited along with Technical Bid in shape of crossed Demand Draft drawn at any Nationalized Bank in favour of Divisional Forest Officer, Chandaka Wildlife Division, Bhubaneswar payable at Bhubaneswar.

3. Tender papers will be received from dt.05/07/2024 to dt.12.07.2024 up to 05.00 PM in the office of the Divisional Forest Officer, Chandaka Wildlife Division, Gaja Vihar, Baramunda, Bhubaneswar.

4. Tender opening for Technical bid -11.30 AM of dt.15.07.2024.

Divisional Forest Officer
Chandaka Wildlife Division
Bhubaneswar

OIPR-08096/11/0002/2425



**AFFIDAVIT**

I, Pabitra Altia, S/o- Balaram Alatia, resident of Bhagabanpur, Takarada, Ganjam, Pin-761143, Odisha declare by this affidavit No.1114, Dated- 01/07/2024, that now onwards I shall be known as **PABITRA ALATIA** for all future purposes.

**AFFIDAVIT**

I, Kangna Agrawal, D/o - Anup Kumar Agrawal, resident of AT: Mungapada, PS/ Dist: Jharsuguda, PIN: 768201, Odisha declare by this affidavit No.1122, Dated- 01/07/2024, that now onwards I shall be known as **KANGANA SINGHANIA** for all future purposes.

**AFFIDAVIT**

I, Nakul Kumar Sahoo, S/o-Late Purna Chandra Sahoo, resident of Vill: Mangalajodi, Near Mukteswar Station, PO: Mangalajodi, PS: Tangi, Dist: Khordha, Odisha declare by this affidavit No. 1156, Dated- 01/07/2024, that now onwards I shall be known as **BULARAM SAHOO** for all future purposes.

**AFFIDAVIT**

I, Balaram Altia, S/o-Gopinath Alatia, resident of Bhagabanpur, Takarada, Ganjam, Pin-761143, Odisha declare by this affidavit No.1113, Dated- 01/07/2024, that now onwards I shall be known as **BALARAM ALATIA** for all future purposes.

**AFFIDAVIT**

I, Shaik Zahir, S/o-Bakar Shaikh, resident of Gorakabar-860, PO: Tulasipur, PS: Cuttack Sadar, Dist: Cuttack, PIN: 753008, Odisha, declare by this affidavit No. 394, Dated- 02/07/2024, that now onwards I shall be known as **SHAIK JAHIR** for all future purposes.

**AFFIDAVIT**

I, Prabhasini Altia, W/o-Balaram Alatia, resident of Bhagabanpur, Takarada, Ganjam, Pin-761143, Odisha declare by this affidavit No.1112, Dated- 01/07/2024, that now onwards I shall be known as **PRABHASINI ALATIA** for all future purposes.

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୫୭ • ପାଉଣ୍ଡ ୧୦୫.୩୯
- ୟୁରୋ ୮୯.୪୬ • ୟେନ୍ ୦.୫୧

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୭୦୦ (ନୂଆଦିଲ୍ଲୀ)
- ରୁପା : ୯୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୪୪୧.୦୦
- ନିଫ୍ଟି ୨୪,୧୩୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ବଜେଟ୍ ପୂର୍ବରୁ 'ସ୍ୱଳ୍ପ ସଞ୍ଚୟ ଯୋଜନା' ହିତାଧିକାରୀଙ୍କୁ ଝଟ୍‌କା



**ଜମା ସୁଧ ହାର ବୃଦ୍ଧି କରିବାକୁ ମନା କଲା କେନ୍ଦ୍ର**

ନୂଆଦିଲ୍ଲୀ,୨।୭ (ଏଜେନ୍ସି)

ବଜେଟ୍ ପୂର୍ବରୁ କେନ୍ଦ୍ର ସରକାରଙ୍କ ଏକ ନିଷ୍ପତ୍ତି ଦେଶର ଲକ୍ଷ ଲକ୍ଷ 'କ୍ଷୁଦ୍ର ସଞ୍ଚୟ ଯୋଜନାର ହିତାଧିକାରୀଙ୍କୁ ବଡ଼ ଝଟ୍‌କା ଦେଇଛି। ହିତାଧିକାରୀମାନେ ଆଶା କରୁଥିଲେ ଯେ ନୂତନ ସରକାର ବଜେଟ୍ ପୂର୍ବରୁ ସ୍ୱଳ୍ପ ସଞ୍ଚୟ ଯୋଜନାର ଜମା ଉପରେ ସୁଧ ହାର ବୃଦ୍ଧି କରିବେ। ହେଲେ କେନ୍ଦ୍ର ସରକାର 'ସ୍ୱଳ୍ପ ସଞ୍ଚୟ ଯୋଜନା'ଗୁଡିକର ସୁଧହାରରେ କୌଣସି ବୃଦ୍ଧି ଘଟାଇବେ ନାହିଁ ବୋଲି ସିଧା ସିଧା ମନା କରିଦେଇଛନ୍ତି। ଏହାଫଳରେ ଚଳିତବର୍ଷର ଜୁଲାଇ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ଏହି ସବୁ ସ୍ୱଳ୍ପ 'ସ୍ୱଳ୍ପ ସଞ୍ଚୟ ଯୋଜନା'ର ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଜୁଲାଇ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ 'ସ୍ୱଳ୍ପ ସଞ୍ଚୟ ଯୋଜନା'ରେ ଟଙ୍କା ଜମା କରୁଥିବା ଲୋକମାନେ କେତେ ସୁଧ ପାଇବେ ତାହା ସରକାର ଘୋଷଣା କରିଛନ୍ତି। ଏହି ଯୋଜନାଗୁଡିକରେ ପିପିଏଫ୍, ସୁକନ୍ୟା, ନ୍ୟାସନାଲ ସେଭିଂ ସାର୍ଟିଫିକେଟ୍ (ଏନ୍‌ଏସ୍‌ସି) ଏବଂ କିଷାନ୍ ବିକାଶ ପତ୍ର ଭଳି ଯୋଜନା ଅନ୍ତର୍ଭୁକ୍ତ। ପୂର୍ବପରି, ପବ୍ଲିକ୍ ପ୍ରୋଭିଡେଣ୍ଟ ପାଣ୍ଠି (ପିପିଏଫ୍) ଉପରେ ୭.୧ ପ୍ରତିଶତ ସୁଧ ପ୍ରଦାନ ଜାରି ରହିବ। ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ ଜମା ଉପରେ ଉପଲବ୍ଧ ସୁଧ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏଠାରେ ସୂଚନାଯୋଗ୍ୟ ଯେ, ସ୍ୱଳ୍ପ ସଞ୍ଚୟ ଯୋଜନା ଉପରେ ସୁଧ ହାର ଗତ ସପ୍ତାହରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଡାକଘର ସଞ୍ଚୟ ଯୋଜନାରେ ସୁଧ ହାର ଜୁଲାଇ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ୪.୦ ପ୍ରତିଶତ ରହିବ। ଯଦି ଏହି ରାଶି ଏକ ବର୍ଷ ପାଇଁ ଜମା ହୁଏ, ତେବେ ସୁଧ ହାର ୬.୯ ପ୍ରତିଶତ ହେବ। ଅପରପକ୍ଷେ ଯଦି ଏହି ରାଶି ଦୁଇ ବର୍ଷ ପାଇଁ ଜମା ହୁଏ, ତେବେ ସୁଧ ହାର ୭.୦ ପ୍ରତିଶତ ହେବ ଏବଂ ତିନି ବର୍ଷ ପାଇଁ ଜମା ଉପରେ ସୁଧ ହାର ୭.୧ ପ୍ରତିଶତ ହେବ। ଏତାଛଡା ପାଞ୍ଚ ବର୍ଷ ପାଇଁ ଜମା ଉପରେ ସୁଧ ହାର ୭.୫ ପ୍ରତିଶତ ହେବ।

ସେହିପରି ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାରେ ସୁଧ ହାର ୮.୨ ପ୍ରତିଶତ ରଖାଯାଇଛି। ସବୁଠାରୁ ଲୋକପ୍ରିୟ ସୁକନ୍ୟା ସମୃଦ୍ଧି ଯୋଜନା ଅଧୀନରେ ଜମା ରାଶି ଉପରେ ସୁଧ ୮.୨ ପ୍ରତିଶତ ହାରରେ ସୁଧ ଦିଆଯିବ। ପିପିଏଫ୍ ପାଇଁ ଜମା ରାଶି ଉପରେ ୭.୧ ପ୍ରତିଶତ ହାରରେ ସୁଧ ମିଳିବ। ଜାତୀୟ ସଞ୍ଚୟ ସାର୍ଟିଫିକେଟ୍‌ରେ ଜମା ରାଶି ଉପରେ ସୁଧ ୭.୭ ପ୍ରତିଶତ ହେବ। କିଷାନ ବିକାଶ ପତ୍ରରେ ସୁଧ ହାର ୭.୫ ପ୍ରତିଶତ ରହିଛି।

## ବେଦାନ୍ତ ଆଲୁମିନିୟମମ୍‌କୁ ପରିବେଶ ଓ ଶକ୍ତି ଉତ୍କର୍ଷ ପାଇଁ ଏକାଧିକ ପୁରସ୍କାର

**ଭୁବନେଶ୍ୱର,୨।୭ (ସମିସ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡରେ ଥିବା ଆଲୁମିନା ରିଫାଇନାରୀ ୟୁନିଟ୍ ପାଇଁ ସମ୍ମାନଜନକ କଳିଙ୍ଗ ଶକ୍ତି ଉତ୍କର୍ଷ ପୁରସ୍କାର ଏବଂ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଜିତିଛି। ଏହି ପୁରସ୍କାରଗୁଡିକ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହାୟତାରେ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭରମେଣ୍ଟ ମ୍ୟାନେଜମେଣ୍ଟ (ଆଇକ୍ୟୁଇଏମଏସ) ଏବଂ ହାଇଦ୍ରାବାଦର ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ୍ ପକ୍ଷରୁ ପ୍ରଦାନ କରାଯାଇଥିଲା। ସ୍ମେଲଟର-ଗ୍ରେଡ୍ ଆଲୁମିନାର ଭାରତର ପ୍ରମୁଖ ଉତ୍ପାଦକ ବେଦାନ୍ତର ଲାଞ୍ଜିଗଡ ୟୁନିଟ୍, ୨୦୫୦ ସୁଦ୍ଧା ନେଟ୍ ଜିରୋ କାର୍ବନ୍, ୨୦୩୦ ସୁଦ୍ଧା ନେଟ୍ ୱାଟର ପଜିଟିଭିଟି, ପ୍ରଭାବଶାଳୀ ବର୍ଜ୍ୟବସ୍ତୁ ପରିଚାଳନା, ଜୈବ ବିବିଧତା ପୁନରୁଦ୍ଧାର ଏବଂ ଶକ୍ତି ଗ୍ରହଣ ଭଳି ବେଦାନ୍ତ ଆଲୁମିନିୟମ୍ ସ୍ଥିରତା ଲକ୍ଷ୍ୟର ଅଂଶ ଭାବରେ ଏକାଧିକ ପଦକ୍ଷେପ ମାନ ଗ୍ରହଣ କରିଛି। କାର୍ଯ୍ୟପରିସର ମଧ୍ୟରେ ଦକ୍ଷ ଜ୍ଞାନକୌଶଳ କମ୍ପାନୀର ସ୍ଥିରତା ପଦକ୍ଷେପଗୁଡିକ ସର୍ବୋଚ୍ଚ ଫୋରମରେ ବେଦାନ୍ତ ଆଲୁମିନିୟମ୍ ସହିତ ଏସ ଏବଂ ପି କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଣ୍ଟ (ସିଏସଏ) ର୍‍ୟାଙ୍କିଙ୍ଗରେ ୨୦୨୩ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଫୋରମରେ ସ୍ୱୀକୃତିପ୍ରାପ୍ତ ହୋଇଛି।



## ବଲାଙ୍ଗିର ଅରୁନ୍ଧତୀ ଜୁଏଲର୍ସର ୨୪ତମ ବାର୍ଷିକୋତ୍ସବ



ବଲାଙ୍ଗିର, ୨।୭ (ସମିସ)

ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ବଲାଙ୍ଗିର ଶୋ'ରୁମ୍‌ର ୨୪ତମ ବାର୍ଷିକୋତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଅରୁନ୍ଧତୀ ର ବ୍ରାଣ୍ଡ ଆମ୍ବାସଡର ଓଲିଉଡ ନାୟିକା ଅର୍ଚ୍ଚିତା ଯୋଗଦେଇଥିଲେ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ ୨୪ ବର୍ଷ ପୂର୍ବରୁ ବଲାଙ୍ଗୀର ମାଟିରେ ଜନ୍ମ ହେଇଥିବା ଅରୁନ୍ଧତୀ, ବଲାଙ୍ଗୀର ମାଟିର, ପାଣି, ପବନ ଓ ସଂସ୍କୃତି ରେ ବଢିଥିବା ଅରୁନ୍ଧତୀ, ବଲାଙ୍ଗୀରବାସୀଙ୍କ ଆଶୀର୍ବାଦ, ସ୍ନେହ,ଶ୍ରଦ୍ଧା, ଭଲପାଇବା ଓ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସକୁ ପାଥେୟ କରି ଆଜି ଓଡିଶା ସର୍ବବୃହତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଭାବେ ମାନ୍ୟତା ପାଇପାରିଛି। ଆଜି ଏହି ୨୪ତମ ବାର୍ଷିକ ଉତ୍ସବ ଅବସରରେ ବଲାଙ୍ଗୀରବାସୀଙ୍କୁ ପ୍ରଣାମ ଜଣାଇବା ସହ ହୃଦୟର ଅନ୍ତରରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ଓ ଆସନ୍ତା ୭ ଦିନ ଧରି ଏହି ଉତ୍ସବ ପାଳନ କରାଯିବ। ଏହି ୨୪ ତମ ବାର୍ଷିକ ମହୋତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନର ସମ୍ପୂର୍ଣ୍ଣ ଏଚ୍‌ୟୁଆଇଡି ହଲମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣାର ସ୍ୱତନ୍ତ୍ର ପ୍ରଦର୍ଶନୀ ୨ଜୁଲାଇରୁ ୭ ଜୁଲାଇ ପର୍ଯ୍ୟନ୍ତ ଚାଲଇବ। ଏଥିରେ ଗଢା ମଜୁରୀ ଉପରେ ୨୫ ପ୍ରତିଶତ ରିଆତି ଏବଂ ହୀରାଗହଣାର କ୍ରୟ ଉପରେ ୨୫ ପ୍ରତିଶତ ଏବଂ ରୁପା ଗହଣାର ଗଢା ମଜୁରୀ ଉପରେ ୨୫ ପ୍ରତିଶତ ରିହାତି ଦିଆଯାଉଥିବା ସେ ସୂଚନା ଦେଇଛନ୍ତି।

## ମୁଣ୍ଡପିଛା ଆୟ ଭାରତରେ ୨ ଲକ୍ଷ, ଆମେରିକାରେ ୭୧ ଲକ୍ଷ

ନୂଆଦିଲ୍ଲୀ,୨।୭ (ଏଜେନ୍ସି)

ଭାରତ ବର୍ତ୍ତମାନ ବିଶ୍ୱର ୫ମ ବୃହତ ଅର୍ଥନୀତି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଆକାର ୩.୯୪ ଟ୍ରିଲିୟନ ଡଲାର। ଦେଶରେ ଲୋକଙ୍କ ମୁଣ୍ଡପିଛା ଆୟ ୨.୨୮ ଲକ୍ଷ (୧୩.୧୪ ହଜାର ଡଲାର )ଟଙ୍କା। ତେବେ ବିଶ୍ୱର ଶୀର୍ଷ-୧୦ ଜିଡିପି ରାଷ୍ଟ୍ର ମଧ୍ୟରେ ଭାରତର ମୁଣ୍ଡପିଛା ଆୟ ସର୍ବନିମ୍ନ। ଏଥିସହିତ ଆମେରିକାରେ ଲୋକଙ୍କ ମୁଣ୍ଡପିଛା ଆୟ ୮୫.୩୭ ହଜାର ଡଲାର ଅର୍ଥାତ୍ ପ୍ରାୟ ୭୧.୩୦ ଲକ୍ଷ ଟଙ୍କା। ଆମେରିକାର ଜିଡିପି ୨୮.୭୮ ଟ୍ରିଲିୟନ୍ ଡଲାର ରହିଥିବାବେଳେ ଦେଶ ତାଲିକାରେ ଆମେରିକା ପ୍ରଥମ ସ୍ଥାନରେ ରହିଛି। ତେବେ ବିଶ୍ୱର ୫ମ ବୃହତ ଅର୍ଥନୀତି ହେବା ସତ୍ତ୍ୱେ ଭାତରେ ଲୋକଙ୍କ ମୁଣ୍ଡ ପିଛା ଆୟ ଏତେ କମ୍ କାହିଁକି। କେନ୍ଦ୍ର ସରକାର ଦେଶର ଲୋକଙ୍କ ପ୍ରକୃତ ଆୟ ଲୁଚାଉଥିବା ଆଜି ସଂସଦରେ ଏମ୍‌ପି ଅଖିଳେଶ ସିଂହ ଯାଦବ କହିଛନ୍ତି।

- **ଭାରତ ବିଶ୍ୱର ୫ମ ବୃହତ୍ ଅର୍ଥନୀତି**
- **କେନ୍ଦ୍ର ସରକାର ପ୍ରକୃତ ଆୟ ଲୁଚାଉଛନ୍ତି: ଅଖିଳେଶ ଯାଦବ**



୧୯୬୦ ମସିହାଠାରୁ ଧନୀ ଦେଶ ତଥା ବିଶ୍ୱ ବୃହତ୍ତମ ଅର୍ଥନୀତି ଭାବରେ ଆମେରିକା ଏହି ତାଲିକାର ଶୀର୍ଷ ସ୍ଥାନରେ ରହିଆସିଛି। ଆମେରିକାର ଅର୍ଥନୀତି ଅନ୍ୟାନ୍ୟ କ୍ଷେତ୍ର ମଧ୍ୟରେ ସେବା, ଉତ୍ପାଦନ, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ସହିତ ବିବିଧ। ୧୯୬୦ରେ ଚାଇନାର ଅର୍ଥନୀତି ଚତୁର୍ଥ ସ୍ଥାନରେ ରହିଥିଲା, ଯାହା ୨୦୨୩ରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଯାଇଛି। ଚାଇନାର ଅର୍ଥନୀତି ମୁଖ୍ୟତଃ ବିନିର୍ମାଣ, ରପ୍ତାନି ଏବଂ ବିନିଯୋଗ ଉପରେ ନିର୍ଭରଶୀଳ। ଚାଇନାର ଏକ ବୃହତ କର୍ମଜୀବୀ, ଦ୍ରୁତ ଭାବେ ବଢୁଥିବା ବଜାର ଏବଂ ଉନ୍ନତ ଭିତ୍ତିଭୂମି ରହିଛି। ଜିଡିପି ଏକ ସମୟ ମଧ୍ୟରେ ଗୋଟିଏ ଦେଶରେ ଉତ୍ପାଦିତ ସାମଗ୍ରୀ ଏବଂ ସେବାଗୁଡିକର ମୋଟ ମୂଲ୍ୟ ମାପ କରିଥାଏ। ଏଥିରେ, ଦେଶର ସୀମା ମଧ୍ୟରେ ଉତ୍ପାଦନ କରୁଥିବା ବିଦେଶୀ କମ୍ପାନୀଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ। ଏହା ଅର୍ଥନୀତିର ସ୍ଥିତି ସମ୍ପର୍କରେ ସୂଚନା ଦେଇଥାଏ।

## ମୁକ୍ତେଶ୍ୱର ସରକାରୀ ପ୍ରାଥମିକ ସ୍କୁଲରେ ଶ୍ରେଣୀଗୃହଯୁକ୍ତ ବ୍ଲକ୍ ନିର୍ମାଣ କଲା ରାଉଣ୍ଡ ଟେବୁଲ ଇଣ୍ଡିଆ

**ଭୁବନେଶ୍ୱର,୨।୭ (ସମିସ):** ରାଉଣ୍ଡ ଟେବୁଲ ଇଣ୍ଡିଆ ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ ଏବଂ ଏନ୍‌ଏଟିଏସ୍ ରାଉଣ୍ଡ ଟେବୁଲ୍ ଇଣ୍ଡିଆ ୨୦୨୨ ସହଯୋଗରେ କଟକ ବାଲିସୋକ୍ରିସ୍ଥିତ ମୁକେଶ୍ୱର ସରକାରୀ ପ୍ରାଥମିକ ସ୍କୁଲରେ ଏକ ନୂଆ ଶ୍ରେଣୀଗୃହ ବ୍ଲକ୍ ନିର୍ମାଣ କରିଛି। ଏହି ନୂଆ ସ୍କୁଲ ବ୍ଲକ୍‌ରେ ୬ଟି ଶ୍ରେଣୀଗୃହ ଏବଂ ୨ଟି ଟଏଲେଟ୍ ରହିଛି। ଏହି ୬ଶ୍ରେଣୀଗୃହଯୁକ୍ତ ନୂଆ ବ୍ଲକ୍ ଦ୍ୱାରା ପ୍ରତିବର୍ଷ ନିକଟସ୍ଥ ଅଞ୍ଚଳଗୁଡ଼ିକର ପ୍ରାୟ ୪୦୦ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ ଉପକୃତ ହେବେ। ନୂଆ ସ୍କୁଲ ବ୍ଲକ୍‌ର ଉଦ୍‌ଘାଟନ ଅବସରରେ ବିଆର୍‌ଟି ୫୩ର ଅଧ୍ୟକ୍ଷ ପଙ୍କଜ ମୋତଓ୍ୱାନୀ କହିଲେ, ପ୍ରତିବର୍ଷ ଗୋଟିଏ ସ୍କୁଲ ନିର୍ମାଣ କରିବା ଭୁବନେଶ୍ୱର ରାଉଣ୍ଡ ଟେବୁଲ ୫୩ର ଲକ୍ଷ୍ୟ। ଏହା ମାଧ୍ୟମରେ ନିକଟସ୍ଥ ଅଞ୍ଚଳର ଶହ ଶହ ପିଲା ଉପକୃତ ହୋଇପାରିବେ। ସୂଚନାଯୋଗ୍ୟ, ଦେଶବ୍ୟାପୀ ରାଉଣ୍ଡ ଟେବୁଲ ଇଣ୍ଡିଆ ଦ୍ୱାରା ବିଭିନ୍ନ ସମାଜ ସେବା କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷା ଜରିଆରେ ସ୍ୱାଧୀନତା(ଏଫ୍‌ଟିଇ) ଅଭିଯାନ ଜରିଆରେ ରାଉଣ୍ଡ ଟେବୁଲ ଇଣ୍ଡିଆ ଦେଶବ୍ୟାପୀ ଆର୍ଥିକ ଅନଗ୍ରସର ପିଲାମାନଙ୍କ ପାଇଁ କ୍ଲାସ୍‌ରୁମ୍ ଏବଂ ଟଏଲେଟ୍ ନିର୍ମାଣ ସହିତ ସ୍କୁଲରେ ଅନ୍ୟାନ୍ୟ ଭିତ୍ତିଭୂମି ଯେପରି ପାନୀୟ ଜଳ ସୁବିଧା, ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍, ଖେଳପଡ଼ିଆ ଆଦି ସୁବିଧା ଯୋଗାଇ ଦେଉଛି। ୧୯୯୭ରୁ ଏହା ୩୧୪୯ ପ୍ରକଳ୍ପ ମାଧ୍ୟମରେ ୭୫୦୫ରୁ ଊର୍ଦ୍ଧ୍ୱ ଶ୍ରେଣୀଗୃହ ନିର୍ମାଣ କରିଛି। ଏହାର ଲାଭ ୭୯ ଲକ୍ଷ ପିଲାମାନଙ୍କୁ ମିଳିପାରିଛି।

## ଲଜିଷ୍ଟିକ୍ସ ଡ୍ରୋନ୍ ନିର୍ମାତା ବନ୍‌ଭି ଏରୋ ପୁରସ୍କୃତ



**ଭୁବନେଶ୍ୱର,୨।୭ (ସମିସ):** ଲଜିଷ୍ଟିକ୍ସ ଡ୍ରୋନ୍ ନିର୍ମାଣ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ବନ୍‌ଭି ଏରୋ ବିଶ୍ୱର ସର୍ବବୃହତ ପିଚ୍ ପ୍ରତିଯୋଗିତାରେ 'ମିଟ୍ ଦ ଡ୍ରେପର୍ସ- ସିଜନ୍ ୬'ର ନ୍ତର୍ଜାତୀୟ ବିଜେତା ହୋଇ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ବିଜୟ କେବଳ ପ୍ରତିରକ୍ଷା ଓ ଏରୋସ୍ପେଶ କ୍ଷେତ୍ରରେ ଡ୍ରୋନଗୁଡିକର ଏକ ଅଗ୍ରଣୀ ଡିପ୍-ଟେକ୍ ନିର୍ମାତା ଭାବେ ବନ୍‌ଭିର ସ୍ଥିତିକୁ ସୁଦୃଢ କରିନାହିଁ ବରଂ ଏକ ୟୁଏସ୍ ଟିଭି ଶୋ'ରେ ୧୪ କୋଟି ଟଙ୍କାର ପୁରସ୍କାର ଜିତିଥିବା ଏକ ଭାରତୀୟ କମ୍ପାନୀ ଭାବେ ପ୍ରଥମ ହୋଇଛି। ଏହି ସଫଳତା ଉପରେ ବନ୍‌ଭି ଏରୋର ସହ-ପ୍ରତିଷ୍ଠାତା ଓ ସିଇଓ ସତ୍ୟବ୍ରତ ଶତପଥୀ କହିଛନ୍ତି ଯେ, ଆମେ ମିଟ୍ ଦ ଡ୍ରେପର୍ସରେ ଶୀର୍ଷ ପୁରସ୍କାର ହାସଲ କରି ଉତ୍ସାହିତ ଅନୁଭବ କରୁଛୁ ଯାହା ପ୍ରତିରକ୍ଷା ଓ ଏରୋସ୍ପେଶ କ୍ଷେତ୍ରରେ ଉତ୍କର୍ଷତା ଓ ଉଦ୍ଭାବନ ପ୍ରତି ଆମର ଉତ୍ସର୍ଗୀକୃତତାକୁ ରେଖାଙ୍କିତ କରୁଛି। ଏହି ସଫଳତା ଆମ ଟିମ୍‌ର କଠିନ ପରିଶ୍ରମ ଓ ଲକ୍ଷ୍ୟ ପ୍ରତି ଏକ ପ୍ରମାଣ ଏବଂ ଏହା ଆନ୍ତର୍ଜାତୀୟ ଉଦ୍ୟୋଗିକ ମଞ୍ଚରେ ଓଡିଶାର ବର୍ଦ୍ଧିତ ପ୍ରାଧାନ୍ୟକୁ ସୁଦୃଢ କରିଛି। ମିଟ୍ ଦ ଡ୍ରେପର୍ସରେ ବିଚାରପତି ମଣ୍ଡଳୀରେ ଟେସ୍‌ଲା, ସ୍ପେଶ ଏକ୍ସ, ହଟ୍‌ମେଲ, ସ୍କାଇପ୍ ଭଳି ଅତ୍ୟାଧୁନିକ କମ୍ପାନୀ ଏବଂ ଓ ଅନ୍ୟ ୨୫ଟି ୟୁନିକର୍ଣ୍ଣରେ ନିଜର ପ୍ରାରମ୍ଭିକ ପର୍ଯ୍ୟାୟ ନିବେଶ ପାଇଁ ସୁପରିଚିତ ଭେଞ୍ଚର କ୍ୟାପିଟାଲିଷ୍ଟ ଟିମ୍ ଡ୍ରେପର୍ ଓ ତାଙ୍କ ପରିବାର ସାମିଲ ଥିଲେ। ଏ ସମ୍ପର୍କରେ ଶ୍ରୀ ଶ୍ରୀ ୟୁନିଭର୍ସିଟିର ଏସ୍‌ଏସ୍‌ୟୁ ଇନୋଭେଶନ ଫାଉଣ୍ଡେଶନର ସିଇଓ ଡଃ ବରଦା ପି. ପାଣିଗ୍ରାହୀ କହିଛନ୍ତି, ଆମର ଅଭିନବ ଆଭିମୁଖ୍ୟ ଓ ଦୃଷ୍ଟିକୋଣକୁ ଟିମ୍ ଡ୍ରେପର୍ସଙ୍କ ଅନୁମୋଦନ ଏକ ଅଭୁତପୂର୍ବ ସମ୍ମାନ।

## ଆଇସିଏଆଇରେ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ' ପାଳିତ




ଭୁବନେଶ୍ୱର,୨।୭ (ସମିସ)

ଇନଷ୍ଟିଚ୍ୟୁଟ୍‌ଅଫ୍‌ଚାର୍ଟାର୍‌ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ୭୬ ତମ 'ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଡେ' ପାଳିତ ହୋଇଯାଇଛି। ଏହି ଉତ୍ସବରେ ଆଇସିଏଆଇ ଭବନରୁ ଷ୍ଟୁଆର୍ଟ ସ୍କୁଲ୍ ଏକ ୱାକାଥନ୍‌ରୁ ଆରମ୍ଭ ହୋଇ ବୃକ୍ଷରୋପଣ ଏବଂ ସ୍ୱଚ୍ଛତା ଅଭିଯାନ ହୋଇଥିଲା। ପରେ ଆଇସିଏଆଇ ଭବନରେ ଶାଖା ଅଧ୍ୟକ୍ଷ ସିଏ ଜାହ୍ନବୀ ଦେଓ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଯଥା , ଚକ୍ଷୁ , ଡେଣ୍ଟାଲ୍ ପରୀକ୍ଷା ଓ ଡାଇବେଟିସ୍ ସ୍କ୍ରିନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏକ ରକ୍ତ ଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ଏହି ଦିନକୁ ସ୍ମରଣ କରିବା ପାଇଁ ସଦସ୍ୟ ଓ ଛାତ୍ରମାନଙ୍କ ପାଇଁ ଓର୍କ-ଲାଇଫ୍ ବାଲାନ୍ସ ବିଷୟରେ ସେମିନାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଏଡିଜି ସିଏ ଆର୍‌କେ ଶର୍ମା, ଶାଖାର ଛାତ୍ର ସଙ୍ଗଠନର ଅଧ୍ୟକ୍ଷ ତଥା ଶାଖା ଉପାଧ୍ୟକ୍ଷ ସିଏ ମହେନ୍ଦ୍ର ସାହୁ ଏବଂ ସଚିବ ସିଏ ଗୌତମ ଲେଙ୍କା ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରିଥିଲେ। ଉପରୋକ୍ତ କାର୍ଯ୍ୟକ୍ରମଗୁଡିକକୁ ସିଏ ଶାଶ୍ୱତ ତ୍ରିପାଠୀ, କୋଷାଧ୍ୟକ୍ଷ, ସିଏ ପ୍ରଦୀପ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ, ସିଏ ରଞ୍ଜନ କୁମାର ପୃଷ୍ଟି, ପୂର୍ବତନ ଅଧ୍ୟକ୍ଷ , ସିଏ ଗଗନ ବିହାରୀ ଦାସ, ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ।

## ପ୍ୟାରିସ୍ ଅଲିମ୍ପିକରେ ଟିମ୍ ଇଣ୍ଡିଆ ପାଇଁ ପୋଷାକ ପ୍ରସ୍ତୁତି କରିବ ତସଭା

**ମୁମ୍ବାଇ, ୨।୭:** ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡ଼ ତଥା ପଖ୍ୟାତ ଡ଼ିଜାଇନର ତରୁନ ତାହିଲିଆନିଙ୍କ ଦ୍ୱାରା ତସଭା, ଯାହାକି ପୁରୁଷ ମାନଙ୍କ ଭାରତୀୟ ପୋଷାକ ବ୍ରାଣ୍ଡ, ଆଗକୁ ଆସୁଥିବା ପ୍ୟାରିସ ଅଲିମ୍ପିକ ୨୦୨୪ର ଟିମ୍ ଇଣ୍ଡିଆ ପାଇଁ ଆନୁଷ୍ଠାନିକ ପୋଷାକ ପ୍ରସ୍ତୁତିର ଏକ ସମ୍ମାନଜନକ ଭାର କାନ୍ଧକୁ ନେଇଛନ୍ତି। ଡ଼ଃ ମନସୁଖ ମାଣ୍ଡଭିୟ, ମାନ୍ୟବର ମନ୍ତ୍ରୀ, ଯୁବ ବ୍ୟାପାର ଏବଂ ଖେଳକୁଦ ତଥା ଭାରତୀୟ ଅଲିମ୍ପିକ ଆସୋସିଏସନର ସଭାପତି ଡ଼ଃ ପି.ଟି. ଉଷାଙ୍କ ଉପସ୍ଥିତିରେ ଟିମ୍ ଇଣ୍ଡିଆ ପାଇଁ ଏହି ଆନୁଷ୍ଠାନିକ ପୋଷାକ ଶୁଭ ଅନାବରଣ କରିଛନ୍ତି। ପ୍ୟାରିସ ଯାହାକି ସମଗ୍ର ପୃଥିବୀର ଫ୍ୟାସନ ରାଜଧାନୀ ଭାବେ ପରିଚିତ ତସଭା ନିଜର ସମସ୍ତ ଭାରତୀୟ ସାଂସ୍କୃତିକ ପୋଷାକ ପରିପାଟୀର ନୂତନ ସ୍ୱାଦକୁ ପ୍ରଦର୍ଶିତ କରିବାର ଲକ୍ଷ୍ୟ ନେଇ ସେଠାରେ




ଉପସ୍ଥିତ ହୋଇଛି। ଏହି ଆନୁଷ୍ଠାନିକ ବେଶ ପରିପାଟୀ ଯେଉଁଥିରେ କି ଭାରତୀୟ ସାଂସ୍କୃତିକ କାରୁକାର୍ଯ୍ୟ ଭରପୂର ଭାବରେ ଶୋଭାବର୍ଦ୍ଧନ କରିଥାଏ ଏହା ସମସ୍ତଙ୍କର ଆକର୍ଷଣ କେନ୍ଦ୍ର ବିନ୍ଦୁ ହେବା ସହିତ କମଳା, ସବୁଜ ତଥା ଧଳା ରଙ୍ଗରେ କମକୁଟ ସଜ୍ଜିତ ଆମର ପବିତ୍ର ତ୍ରିରଙ୍ଗା ପତାକା ଦେଶାତ୍ମବୋଧତାର ସେଇ ଆବେଗତାକୁ ଧରି ରଖିବା ସହିତ ଏହାର ପ୍ରତିଫଳନ ହେବ।

# ଜିଏସ୍‌ଟିର ଢାଞ୍ଚା ବଦଳାଇବାକୁ ଲାଗିବ ଅଧିକ ସମୟ

**ତୃତୀୟ ଥର ପାଇଁ ବଦଳିଛି କମିଟିର ଢ଼ାଞ୍ଚା**

ନୂଆଦିଲ୍ଲୀ,୨।୭ (ଏଜେନ୍ସି)

ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାରର ସଂରଚନାକୁ ଯୁକ୍ତିସଙ୍ଗତ କରିବା ଏବେ ଆଶା କରାଯାଉଥିବା ସମୟଠାରୁ ଅଧିକ ସମୟ ଲାଗିପାରେ। ହାରର ଢ଼ାଞ୍ଚାରେ କରାଯିବାକୁ ଥିବା ପରିବର୍ତ୍ତନ ଉପରେ ପରାମର୍ଶ ଦେବା ପାଇଁ ଜିଏସ୍‌ଟି ପରିଷଦ ଦ୍ୱାରା ଗଠିତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ କମିଟିରେ ତୃତୀୟ ଥର ପାଇଁ ପରିବର୍ତ୍ତନ କରାଯାଇପାରେ, ଜିଏସ୍‌ଟି। ଏବେ କମିଟିର ସଂଯୋଜକଙ୍କ ସ୍ଥିତିକୁ ନେଇ ଆଲୋଚନା ଚାଲିଛି।

ସରକାରୀ ସୂତ୍ର ଅନୁଯାୟୀ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କୁ ୭ ଜଣିଆ କମିଟିରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯିଏକି ରାଜ୍ୟ ପରିବହନ ମନ୍ତ୍ରୀ ମୋଭିନ୍ ଗୋଡିନ୍‌ହୋଙ୍କ ସ୍ଥାନ ନେଇପାରନ୍ତି। ଗତ ଥର କମିଟି ପୁନର୍ଗଠନ ସମୟରେ ଅର୍ଥାତ୍ ଜୁନ୍ ୨୨ ରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦ ବୈଠକରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ କମିଟିର ସଂଯୋଜକ ନିଯୁକ୍ତି ଦିଆଯାଇଥିଲା। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ମନ୍ତ୍ରୀ ଗୋଷ୍ଠୀର ବୈଠକ ଆସନ୍ତା କିଛି ଦିନ ମଧ୍ୟରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏଥିରେ ଜିଏସ୍‌ଟି ହାରର ଢ଼ାଞ୍ଚା ପ୍ରସ୍ତୁତି ଉପରେ ପ୍ରସ୍ତାବ ଲୋଡାଯିବ। ଇତି ମଧ୍ୟରେ ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରିତାକୁ ୭ ବର୍ଷ ପୁରିଛି। ଏହି ୭ ବର୍ଷ ମଧ୍ୟରେ ସରକାରଙ୍କ ଜିଏସ୍‌ଟି ସଂଗ୍ରହରେ ଏହାଦ୍ୱାରା ସରକାରଙ୍କ ରାଜସ୍ୱ ସଂଗ୍ରହ ଢ଼େର ବଢ଼ିଛି। ଏହି ସାତ ବର୍ଷ ମଧ୍ୟରେ ଦ୍ରବ୍ୟ ଏବଂ ସେବା କର ବ୍ୟବସ୍ଥାର ଅନୁପାଳନକୁ ଢ଼େର ସରଳ ମଧ୍ୟ କରାଯାଇଛି।



‘ସକାଳ’ରେ ଖବର ପ୍ରସାରଣ ପରେ ବଦଳିଲା ନିଷ୍ପତ୍ତି

# ୨ ହଜାର ଗଛ ବଦଳରେ କଟାଯିବ ୬ ଶହ

ଖଣ୍ଡପଡ଼ା, ୨।୭(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା-ଫତେଗଡ଼ ପୂର୍ତ୍ତବିଭାଗ ରାସ୍ତା ଓସାରିଆ ହେବ। ଖଣ୍ଡପଡ଼ାରୁ ଫତେଗଡ଼ ପ୍ରାୟ ୨୦ କିଲୋମିଟର ବିଶିଷ୍ଟ ଏହି ରାସ୍ତା ପାଇଁ ଦୁଇଟି ପର୍ଯ୍ୟାୟରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପୂର୍ତ୍ତ ବିଭାଗ ଠାରୁ ସୂଚନା ମିଳିଛି। ଦୁଇ ଥାକିଆ ରାସ୍ତା କାମ ପାଇଁ ୨୦୨୩ ଡିସେମ୍ବର ମାସରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୨ ହଜାର ଗଛ କଟାଯିବା ପାଇଁ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କଟା ହେବାକୁ ଥିବା ଶତାଧିକ ଗଛ ବହୁ ବର୍ଷର ପୁରୁଣା। ଏଗୁଡିକ ରାଜାରାଜୁଡା ଅମଳରୁ ଲଗା ଯାଇଥିଲା। ଏନେଇ ‘ସକାଳ’ ପକ୍ଷରୁ ଖବର ପ୍ରସାରଣ କରାଯିବା ପରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ଓ ପରିବେଶବିତ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏତତ୍‌ବ୍ୟତୀତ ଜିଲ୍ଲା ପ୍ରଶାସନଙ୍କୁ ଦୃଷ୍ଟି ଆକର୍ଷଣ କରାଯିବା ସହିତ ଖଣ୍ଡପଡ଼ା ପୂର୍ତ୍ତବିଭାଗ ଅଧିକାରୀ ଏବଂ ବନାଞ୍ଚଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ପରିବେଶ ସୁରକ୍ଷା ଦୃଷ୍ଟିରୁ ନଃନିଷ୍ପତ୍ତି କରିବା ପାଇଁ ଦାବି କରାଯାଇଥିଲା। ତେବେ ବିଳମ୍ବରେ ହେଉ ପଛକେ ଏହାକୁ ଦୃଷ୍ଟିରେ ରଖି ପୂର୍ବ ନିଷ୍ପତ୍ତିକୁ ବଦଳାଇ ଡିଏଫଓ କ୍ଷମା ଷଡଙ୍ଗୀ ଖଣ୍ଡପଡ଼ା ପୂର୍ତ୍ତବିଭାଗକୁ ଏକ ଚିଠି କରିଥିବା ସୂଚନା ମିଳିଛି। ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱକୁ ଅତିରିକ୍ତ ୨.୫ ମିଟର ଲେଖାଏଁ ଚଉଡା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ପ୍ରାୟ ୨ ହଜାର ଗଛ କଟାଯିବ ଧାର୍ଯ୍ୟ ହୋଇଥିଲା। ବର୍ତ୍ତମାନ ଏହାକୁ କମାଇ ଦିଆଯାଇ ୧.୫ ମିଟର ରଖାଯାଇଥିବାରୁ ପ୍ରାୟ ୬ ଶହ ଗଛ କଟାଯିବ ବୋଲି ବିଭାଗ ପକ୍ଷରୁ ପୁନଃ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାସ୍ତା ପ୍ରଶସ୍ତିକରଣ ପାଇଁ ଖଣ୍ଡପଡ଼ା, ରାମଚନ୍ଦ୍ର ପ୍ରସାଦ, ବାହାଡ଼ା, ବାଇଗୁଣିଆ, ବସନ୍ତପୁର, କାଟରାସାହି, ଧଳାବନ୍ଧ, ଜାମୁସାହି, ମାଣିବନ୍ଧ, ଶାଳପଡ଼ା, ମନ୍ଦାରବେରଣୀ, ମାନପୁର, ଭାପୁର, ପିଠାଖାଇ ଏବଂ ଫତେଗଡ଼ ଆଦି ଅଞ୍ଚଳରୁ ବଡ ଗଛ କଟାଯିବ। ଉଭୟେ ପୂର୍ତ୍ତ ବିଭାଗ ଏବଂ ବନ ବିଭାଗର ଏଭଳି ଉତ୍ତମ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।



ଖଣ୍ଡପଡ଼ାରୁ ଫତେଗଡ଼ ରାସ୍ତା ପ୍ରଶସ୍ତିକରଣ

# ଏନ୍‌ଏସି ପକ୍ଷରୁ ରଥଯାତ୍ରା ପ୍ରସ୍ତୁତି ବୈଠକ



ଖଣ୍ଡପଡ଼ା, ୨।୭(ସମିସ): ଖଣ୍ଡପଡ଼ା ସହରାଞ୍ଚଳରେ ଅନୁଷ୍ଠିତ ହେବାକୁଥିବା ରଥଯାତ୍ରା ନିମନ୍ତେ ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ସଭା ଗୃହରେ ଆୟୋଜିତ ଉକ୍ତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ତହସିଲଦାର ଧୋବେଇ ନାୟକ, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସମେତ ଅଗ୍ନିଶମ ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ଆସନ୍ତା ୭ ତାରିଖରୁ ଆରମ୍ଭ ହେଉଥିବା ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟଲ ଖୋଲିବା, ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ସିଞ୍ଚନ କରିବା, ଏନଏସି ପକ୍ଷରୁ ପାନୀୟ ଜଳ ଏବଂ ଦହି ପଣା ବ୍ୟବସ୍ଥାକୁ ସୁଚାରୁରୂପେ ତୁଲାଇବା ପାଇଁ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଏନ୍‌ଏସି ସମସ୍ତ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା।

## ଜିଲ୍ଲାସ୍ତରୀୟ ‘ଜିଜ୍ଞାସା’ପ୍ରଶିକ୍ଷଣ ଶିବିର

ନୟାଗଡ଼, ୨।୭(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ମୋ’ସ୍କୁଲ ଅଭିଯାନ ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜିଜ୍ଞାସା ପ୍ରଶିକ୍ଷଣ ଶିବିର ନୟାଗଡ଼ ଏନ୍‌ଏସି ହାଇସ୍କୁଲଠାରେ ଉଦଘାଟିତ ହୋଇଯାଇଛି।ଏହି ପ୍ରଶିକ୍ଷିଣ ଶିବିରକୁ ଏନ୍‌ଏସି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ପରିଦର୍ଶନରେ ଆସିଥିବା ବେଳେ ରାଜ୍ୟ ସମ୍ବଳ ପ୍ରଶିକ୍ଷକ ମନୋଜ ଶତପଥି ଯୋଗଦାନ କରି ପ୍ରଶିକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ।ମାଷ୍ଟର ଟ୍ରେନର ଭାବେ ବରିଷ୍ଠ ବିଜ୍ଞାନ ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଏବଂ ଚନ୍ଦ୍ର ଶେଖର ସେନାପତି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବା ସହିତ ଉପସ୍ଥିତ ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରଶିକ୍ଷଣ ଶିବିରରେ ନୂଆଗାଁ ଏବଂ ନୟାଗଡ଼ ବ୍ଲକର ୫୯ ଟି ହାଇସ୍କୁଲର ବିଜ୍ଞାନ ଶିକ୍ଷକମାନେ ଅଂଶ ଗ୍ରହଣ କରିଥିଲେ।

## ନାବାଳିକା ଅପହରଣ ମାମଲାରେ ଦୁଇ ଗିରଫ

ଭାପୁର, ୨।୭(ସମିସ)ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନାରେ ଦୁଇଟି ନାବାଳିକା ଅପହରଣ ମାମଲା ରୁଜୁ ହୋଇ ଦୁଇ ଅପହରଣକାରି ଯୁବକ ଗିରଫ ହେବା ସହ ଦୁଇ ନାବାଳିକା ଉଦ୍ଧାର ହୋଇଛନ୍ତି।ଗତ ମେ ମାସ ୧୭ ତାରିଖରେ କଟକ ଜିଲ୍ଲା ବାଙ୍କୀ ଥାନା ପାଟପୁରଗ୍ରାମର ଦାଶରଥି ସାହୁଙ୍କ ପୁଅ ମାନସ କୁମାର ସାହୁ ରାକମା ପଞ୍ଚାୟତ ଆଡିପଡ଼ା ଗ୍ରାମର ଜଣେ +୨ ପଢୁଥିବା ନାବାଳିକାକୁ ଅପହରଣ କରି ନେଇଥିଲା। ଏନେଇ ନାବାଳିକାର ମାଆଙ୍କ ଅଭିଯୋଗକ୍ରମେ ଫତେଗଡ଼ ପୁଲିସ ମାମଲା ରୁଜୁ କରି ନାବାଳିକା ଓ ଅଭିଯୁକ୍ତ ଯୁବକକୁ ଭୁବନେଶ୍ୱର ଖଣ୍ଡଗିରି ନିକଟସ୍ଥ ତାରେଣୀ ବସ୍ତିରୁ ଗିରଫ ହୋଇଛନ୍ତି। ସେହିପରି ବନମାଳୀପୁର ପଞ୍ଚାୟତ ବାହାଡାଗ୍ରାମର ଜଣେ ଦଶମ ପଢୁଥିବା ଛାତ୍ରୀଙ୍କୁ ଖଣ୍ଡପଡ଼ା ଥାନା ପଥରଦ୍ୱାର ଗ୍ରାମର ରବୀନ୍ଦ୍ର ପରିଡ଼ାଙ୍କ ପୁଅ ମୃତ୍ୟୁଞ୍ଜୟ ପରିଡ଼ା ଗତ ଏପ୍ରିଲ ୪ ତାରିଖରେ ଅପହରଣ କରି ନେଇଥିଲେ।ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ ତା ଗାଁରୁ ଗିରଫ କରାଯାଇଛି।ଉଭୟ ମାମଲାରେ ଥାନା ଏଏସଆଇ ଅଶୋକ କୁମାର ଜେନା ପୋଲିସ ଫୋର୍ସ ସହ ଅଭିଯୁକ୍ତଙ୍କୁ ସୋମବାର ରାତିରେ ଗରିଫ କରିଥିଲେ। ମଙ୍ଗଳବାର ଦୁଇ ଅଭିଯୁକ୍ତ ଓ ଦୁଇ ନାବାଳିକାକୁ ଡାକ୍ତରୀମାଇନା ପରେ ସନ୍ଧ୍ୟା ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଇସି ଚୟନରେ ଅନିୟମିତତା ଅଭିଯୋଗ

ଭାପୁର, ୨।୭(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତରେ ମିଶନ ଶକ୍ତି ଇସି ଚୟନରେ ଅନିୟମିତତା ନେଇ ବିଡିଓଙ୍କୁ ଲିଖିତ ଅଭିଯୋଗ ହୋଇଛି। ଏନେଇ ତଦନ୍ତ ଆରମ୍ଭ ହୋଇଛି। କେନ୍ଦୁପଲ୍ଲୀ ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଇସି ଚୟନରେ ଏମବିକେ, ସିଆରପି, ମହିଳା ଗୋଷ୍ଠୀଙ୍କ ସଭାପତି ଓ ସମ୍ପାଦିକାମାନେ ଜଡିତ ଅଛନ୍ତି ବୋଲି ୫୦ରୁ ଊର୍ଦ୍ଧ୍ୱ ମହିଳା ସୋମବାର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ମିଶନ ଶକ୍ତିର ଓଏଲଏମ ରେଣୁବାଳା ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏହି ଅଭିଯୋଗ ପାଇବା ପରେ ରେଣୁବାଳା ସାହୁ ମଙ୍ଗଳବାର ଦିନ କେନ୍ଦୁପଲ୍ଲୀ ପଞ୍ଚାୟତ ଏମବିକେ, ସିଆରପିଙ୍କୁ ଡକାଇ ସେମାନଙ୍କ ରେକର୍ଡ ଯାଞ୍ଚ କରିଛନ୍ତି।ଏନେଇ ରେଣୁବାଳା ସାହୁଙ୍କୁ ଯୋଗଯୋଗ କରିବାରେ ସେ ସମସ୍ତ ରେକର୍ଡ ଯାଞ୍ଚ ସମୟରେ କିଛିଟା ତ୍ରୁଟି ଥିବା ଦେଖିବାକୁ ମିଳିଥିଲା ବୋଲି କହିଛନ୍ତି।ଏହାର କାରଣ ଏକ ସପ୍ତାହ ମଧ୍ୟରେ ଲିଖିତ ଭାବେ ପ୍ରଦାନ କରିବେ ବୋଲି ସେ କହିଛନ୍ତି।

## ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ ଶୁଭାରମ୍ଭ

ନୟାଗଡ଼, ୨।୭(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମ୍ୟାଲେରିଆ ଡେଙ୍ଗୁ ଓ ଡାଇରିଆ ଉପରେ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନ-୨୦୨୪ର ଶୁଭାରମ୍ଭ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛିଓ ଏହି ସର୍ବେକ୍ଷଣଙ୍କୁ ଗ୍ରାମାଞ୍ଚଳରେ କାର୍ଯ୍ୟକାରି କରିବା ନିମନ୍ତେ ଜିଲ୍ଲା ସ୍ତରରୁ ବ୍ଲକସ୍ତରରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ସହ ଆଶା ମାନଙ୍କୁ ଭିଡିଓ କନଫୋରେନ୍ସ ମାଧ୍ୟମରେ ଏହା କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉପସ୍ଥିତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀମାନେ କହିଥିଲେ ଓ ଗ୍ରାମାଞ୍ଚଳରେ ଆଶା କର୍ମୀ ମାନେ ଘର ଘରବୁଲି ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଉପରେ ସର୍ବେକ୍ଷଣ କରିବେ ଓ କେଉଁ ପରିବାରରେ କାହାକୁ କେବେ ଜ୍ୱର ହୋଇଥିଲା ସେ ବିଷୟରେ ତଥ୍ୟ ସଂଗ୍ରହ କରିବେ ଓ ହାତ ଧୋଇ ଖାଦ୍ୟ ଗ୍ରହଣ କରିବା, ମଶାରୀ ଟାଙ୍ଗି ଶୋଇବା, କୌଣସି ପ୍ରକାର ଜ୍ୱର ହେଲେ ଯଥାଶୀଘ୍ର ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀଙ୍କ ପରାମର୍ଶରେ ଔଷଧ ସେବନ କରିବାକୁ ଜନସାଧାରଣଙ୍କୁ ବୁଝାଇବେ। ସଚେତନତା ବୈଠକରେ ଜିଲ୍ଲା ମୁଖ୍ୟସ୍ୱାସ୍ଥ୍ୟ ଅଧିକାରୀ ଡା. ରମାକାନ୍ତ ପଣ୍ଡା, ଡା. ଅଜୟ କୁମାର ବାହିନୀପତି, ଡା. ପୁଷ୍ପା ନୀଳିମା ଲାକ୍ରା, ଡା. ବନମାଳୀ ପ୍ରଧାନ, ଡା. ନଉସତ ଅଲ୍ଲୀ ଖାଁ, ଡା. ଶରତ କୁମାର ଦାଶ, ଡା. ତାରକ ପ୍ରସନ୍ନ ତ୍ରିପାଠୀ, ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହାମାରୀ ବିଶେଷଜ୍ଞ ସୁଶାନ୍ତ କୁମାର ପଟ୍ଟନାୟକ ଓ ଅଶୋକ କୁମାର ସାହୁ ପରିଚାଳନା କରିଥିଲେ।

## ଭିଜିଲାନ୍ସ ଚଢ଼ଉ

ନୟାଗଡ଼, ୨।୭(ସମିସ): ନୟାଗଡ଼ ଜିଲ୍ଲାରେ ବେଆଇନ ଲଘୁ ଖଣିଜ ଦ୍ରବ୍ୟ କାରବାର ବୃଦ୍ଧି ପାଉଛି। ଆଜି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳରେ ଭିଜିଲାନ୍ସ ବଡ଼ ଧରଣର ରେଡ କରିଥିବା ସୂଚନା ମିଳିଛି। ବେଆଇନ ବାଲିଘାଟ କାରବାରକୁ ନେଇ ବିଳମ୍ବିତ ରାତିରେ ଚଢ଼ଉ ଚାଲିଛି। କିଛି ବଡ ଅଧିକାରୀ ଭିଜିଲାନ୍ସ ଜାଲରେ ଫସିବା ସମ୍ଭାବନା ରହିଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ରେଡ ହେଉଥିବା ନେଇ ସୂଚନା ମିଳିଥିବା ବେଳେ ସଠିକ ସୂଚନା ପ୍ରଦାନ କରାଯାଇନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଖଣ୍ଡପଡ଼ା ତହସିଲଦାର ଓ କିଛି ପୁଲିସ ଅଧିକାରୀଙ୍କ ଉପରେ ଭିଜିଲାନ୍ସ ନଜର ରହିଥିବା ଜଣାପଡ଼ିଛି।

## ୭୫ତମ ବନ ମହୋତ୍ସବ

ଓଡଗାଁ, ୨।୭(ସମିସ): ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ବାହାଡ଼ାଖୋଲା ଫରେଷ୍ଟ ସେକସନ୍ ଅଧିନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବନବିଭାଗର ମିଳିତ ସହଯୋଗରେ ସୋମବାର ସ୍କୁଲ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ସହିତ, ବନପାଳ ମନୋଜ କୁମାର ସେଠୀ, ବନରକ୍ଷୀ ବିଶ୍ୱଜିତ ସାମନ୍ତରାୟ, ସୁନିଲ କୁମାର ନାୟକ, ମିନତୀ ପାଲଟା ସିଂ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ, କମିଟି ସଭ୍ୟ ଏବଂ ସରପଞ୍ଚ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବନପାଳ ସରିତା ବରାଳଙ୍କ ତତ୍ତ୍ୱାବଧାନରେ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ ଏବଂ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ସୋମବାର ଅପରାହ୍ନରୁ ଚାରା ରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ସେହିଭଳି ଭାବେ ଓଡଗାଁ ଆଦର୍ଶ ବିଦ୍ୟାଳୟ ପରିସରରେ ବନମହୋତ୍ସବ ପାଳିତ ହୋଇଯାଇଛି। ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ମାନସ ରଞ୍ଜନ ରଥ, ବରିଷ୍ଠ ଦେଓ୍ୱାନୀ ଜଜ୍ ତଥା ସହକାରୀ ଦୌରାଜଜ୍ ଶିବାଶିଷ ଗିରି ଓଡ଼ଗାଁ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଦେଓ୍ୱାନୀ କନିଷ୍ଠ ଜଜ୍, ଫୌଜଦାରୀ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ହରମୋହନ ଦାଶ ଏବଂ ଗ୍ରାମ୍ୟ ନ୍ୟାୟାଧିକାରୀ ଦେବମାଳିନୀ ଐଶ୍ୱର୍ଯ୍ୟା, ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକ, ବନପାଳ ସନ୍ଧ୍ୟାରାଣୀ ନାୟକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଡ଼ଗାଁର ଭାରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଏବଂ ତାଙ୍କର ସହକର୍ମୀ ଓ ଛାତ୍ରଛାତ୍ରୀମାନେ ମିଳିମିଶି ଚାରା ରୋପଣ କରିଥିଲେ।



## ୨ ହଜାର ଚାରାରୋପଣ କଲା ବନବିଭାଗ



ଓଡ଼ଗାଁ, ୨।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଆନୁକୂଲ୍ୟରେ ଜୁଲାଇ ମାସ ପ୍ରଥମ ସପ୍ତାହ ବନମହୋତ୍ସବ ପାଳନର ଶୁଭ ଅବସରରେ ଓଡ଼ଗାଁ ଭାଲୁ ମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ସୀମାକୁ ଲାଗିରହିଥିବା ୪ ଏକର ପରିମିତ ସ୍ଥାନରେ ଓଡ଼ଗାଁ ବନବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ୨ ହଜାର ଚାରା ରୋପଣ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରକୃତିର ସନ୍ତୁଳନ ରକ୍ଷା ଲାଗି ବହୁ ପରିମାଣରେ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏପରିସ୍ଥଳେ ମଙ୍ଗଳବାର ଅନୁଷ୍ଠିତ ଚାରା ରୋପଣ କାର୍ଯ୍ୟକ୍ରମରେ ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ପ୍ରକୃତିବନ୍ଧୁ ପ୍ରଫୁଲ୍ଲ କୁମାର ମାଝୀ, ଓଡ଼ଗାଁ ସାମ୍ବାଦିକ ସଂଘର ସଭାପତି ଅଶୋକ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ସାରସ କୁମାର ମିଶ୍ର ଯୋଗ ଦେଇଥିବା ବେଳେ ବୃକ୍ଷ ପୂଜନ କାର୍ଯ୍ୟ ପରେ ଚାରା ରୋପଣ ଆରମ୍ଭ ହୋଇଥିଲା। ବନାଞ୍ଚଳ ଅଧିକାରୀ ନିଖିଲେସ ମଲିକ, ବନପାଳ ସରିତା ବରାଳଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କରାଯାଉଥିବା ବେଳେ ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଦିପ୍ତିମୟୀ ରାଉତ ଏବଂ ବନବିଭାଗର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ଆଦର୍ଶ ସମାଜ ଓଡ଼ଗାଁ ତରଫରୁ ସ୍ଥାନୀୟ ଯୁବକମାନେ ମିଳିତଭାବେ ଚାରା ଧରି ବଜାର ମଧ୍ୟରେ ସ୍ଲୋଗାନ ଦେବା ସହିତ ଓଡ଼ଗାଁ ମହୋତ୍ସବ ପଡ଼ିଆ ଚାରିପାଖରେ ଆମ୍ବ, ବଉଳ, ନିମ୍ବ ଇତ୍ୟାଦି ୩୦ରୁ ଊର୍ଦ୍ଧ୍ୱ ଚାରା ଲଗାଇଥିବା ବେଳେ ପଡ଼ିଆର ଚାରିପାଖରେ ସମ୍ପୂର୍ଣ୍ଣ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି।

## ସାପ କାମୁଡ଼ାରେ ଛାତ୍ରୀଙ୍କ ମୃତ୍ୟୁ

ଭାପୁର, ୨।୭(ସମିସ): କଟକ ଜିଲ୍ଲା ବାଙ୍କୀ ବ୍ଲକ କାଳିପୋଇ ପଞ୍ଚାୟତ କନ୍ତକାଇ ଗ୍ରାମର ଶତପ୍ରତିଶତ ଭିନ୍ନକ୍ଷମ ପ୍ରମୋଦ କୁମାର ଭଞ୍ଜଙ୍କ ଝିଅ ପ୍ରତୀକ୍ଷା ଭଞ୍ଜ ବାଙ୍କୀ ଖଜୁରୀପଦା ଜୋକିଡୋଳା ଆଦର୍ଶ ବିଦ୍ୟାଳୟରୁ ଚଳିତ ବର୍ଷ ମାଟ୍ରିକ ପାସ କରିଥିଲେ।ପ୍ରତୀକ୍ଷା ଗତ ୨୬ ତାରିଖରେ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ କାମୁଡାରେ ଗୁରୁତର ହୋଇ କଳାପଥର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ହେବାପରେ ଖୋର୍ଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଭିନ୍ନକ୍ଷମ ବାପାଙ୍କ ଆଖିର ତାରା ଥିବା ପ୍ରତୀକ୍ଷା ବାପାଙ୍କୁ ନେବା ଆଣିବା କରିଥାନ୍ତି।ଦାଦା ବିନୋଦ କୁମାର ଭଞ୍ଜଙ୍କ ଆର୍ଥିକ ସହାୟତା ଓ ଭଲପାଇବାକୁ ପାଥେୟ କରି +୨ ପାଠ ପଢ଼ି ବାପାମାଙ୍କ ଅନ୍ଧର ଲଉଡି ହୋଇ ପରିବାରର ଦୁଃଖ ଦୂର କରିବାର ସ୍ୱପ୍ନ ଦେଖୁଥିଲେ। ଝିଅ ପ୍ରତୀକ୍ଷାର ଅକାଳ ମୃତ୍ୟୁ ରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି।

## ଗୋଲଗୋଲା ସିରିଜ୍ ଲୁଟ; ଏସ୍‌ପିଙ୍କ ଛାନଭିନ୍

ନୟାଗଡ଼, ୨।୭(ସମିସ): ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ଗୋଲଗୋଲା ଗ୍ରାମରେ ହୋଇଥିବା ସିରିଜ ଲୁଟ ଘଟଣାରେ ଆଜି ନୟାଗଡ଼ ଏସ୍‌ପି ରାହୁଲ ଜୈନ ଉକ୍ତ ଗ୍ରାମରେ ପହଞ୍ଚି ଛାନଭିନ୍ କରିଛନ୍ତି। ଲୁଟର ଶୀକାର ହୋଇଥିବା ପରିବାର ସହ ଆଲୋଚନା କରିଛନ୍ତି। ଗୋଲଗୋଲା ଗାଁର ୪ଜଣଙ୍କ ଘରୁ ୨୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସହ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି। ବିଳମ୍ବିତ ରାତିରେ ଝରକା ଏବଂ କବାଟ ତାଡି ଲୁଟ୍ କରିଛନ୍ତି ଦୁର୍ବୃତ୍ତ। ଗାଁର ସନ୍ତୋଷ ପାଣି, ଚନ୍ଦ୍ରମଣି ଦାସ, ସୁଦାମ ଦାସଙ୍କ ଘରୁ ଚୋରି ହୋଇଛି। ଗାଁର ଏକ ରାସନ ଦୋକାନରୁ ମଧ୍ୟ ଚୋରମାନେ ଲକ୍ଷାଧିକ ଟଙ୍କାର ଜିନିଷ ଏବଂ ଟଙ୍କା ଲୁଟି ନେଇଛନ୍ତି। ଚୋରମାନେ ଲୋକ ନଥିବା ଘରକୁ ଟାର୍ଗେଟ୍ କରି ଚୋରି କରିଛନ୍ତି। ଏନେଇ ସଦରଥାନାରେ ମାମଲା ରୁଜୁ ପରେ ସାଇଣ୍ଟିଫିକ୍ ଟିମ୍ ଜରିଆରେ ଖୋଳତାଡ ଆରମ୍ଭ ହୋଇଥିଲା। ପୁଲିସ ଏ ପର୍ଯ୍ୟନ୍ତ ଚୋରି ଘଟଣାରେ କିଛି ସଫଳତା ପାଇନଥିବା ବେଳେ ଆଜି ଏସ୍‌ପି ନିଜେ ଘଟଣାସ୍ଥଳକୁ ଯାଇ ଛାନଭିନ କରିଛନ୍ତି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଥାନା ଅଧିକାରୀ ଅମିତା ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇଥିବା ସୂଚନା ମିଳିଛି।

## ୩ ବଖରା ଜଳିଗଲା

ଓଡ଼ଗାଁ, ୨।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣପୁର ପଞ୍ଚାୟତ ପୋଡ଼ା ସାହି ଗାଁରେ ସୋମବାର ବିଳମ୍ବିତ ରାତିରେ ନୂଆସାହିରେ ନିଆଁଲାଗି ୩ ଆଦିବାସୀ ପରିବାରଙ୍କ ୩ ବଖରା ଝଟିମାଟି ନିର୍ମିତ ଚାଳ ଛପର ଘର ପୋଡିଯାଇଛି। ନିଆଁ ଲାଗିବା ସମୟରେ ୩ ପରିବା ଶୋଇଥିଲେ। ନିଆଁ ଲାଗି ଯାଇଥିବା ଜଣାପଡ଼ିବା ପରେ ଘରେଥିବା ଆସବାବପତ୍ର ବାହାରକୁ କାଢ଼ିଆଣି ବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ପ୍ରକୋପରେ ଘର ମଧ୍ୟକୁ ପସି ପାରିନଥିଲେ। ଫଳରେ ଘରେଥିବା ଲୁଗାପଟା, ଧାନଚାଉଳ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବରପାଇ ଓଡ଼ଗାଁ ଦମକଳବାହିନୀ ପହଞ୍ଚି ନିଆଁକୁ ଲିଭାଇ ଥିଲେ। ପିଡିତ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ ବହୁ ବର୍ଷ ପୂର୍ବରୁ ଗ୍ରାମଟି ପୋଡିଯାଇଥିବା ବେଳେ ପୁଣିଥରେ ଗତ ତା. ୨୬.୪.୨୦୨୧ ରିଖରେ ନିଆଁ ଲାଗି ଗ୍ରାମର ୩୫ ବଖରା ପୋଡି ଯାଇଥିବା ବେଳେ ୨୨ ପରିବାର ଛାରଖାର ହୋଇଯାଇଥିଲେ। ବିପନ୍ନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇବା ସମ୍ଭବ ହୋଇନଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ପ୍ରଚେଷ୍ଟାରେ ୨୨ ପରିବାରକୁ ବାରଣ୍ଡା ସହିତ ୧ ବଖରା ଲେଖାଏଁ ଆଜବେଷ୍ଟ ଘର ଯୋଗାଇ ଦିଆଯାଇଥିଲା। ତେବେ ଓଡ଼ଗାଁ ବିଡ଼ିଓ ୨୦୨୧ ମସିହା ପୋଡାସାହି ବିପନ୍ନଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗାଇ ଦେବାର ବ୍ୟବସ୍ଥା କଲେ ହିତାଧିକାରୀ ଉପକୃତ ହୁଅନ୍ତେ ବୋଲି ସରପଞ୍ଚ ଦାବି କରିଛନ୍ତି।

## ପାର୍କ ପଛପାଖ ଜମି ଉପରେ କାହା ନଜର

# ପାଲଟିଛି ଡମ୍ପିଂୟାର୍ଡ, ପାର୍କିଂ ବ୍ୟବସ୍ଥା କେବେ ?

ନୟାଗଡ଼, ୨।୭(ସମିସ): ନୟାଗଡ଼ ଜିଲ୍ଲା ପୌର ପରିଷଦ ଅଧିନରେଥିବା ନାରାୟଣୀ ପାର୍କ ପଛପାଖରେ ରହିଥିବା ମୁଲ୍ୟବାନ ସରକାରୀ ଜମି ଉପରେ ଅନେକ ବ୍ୟକ୍ତିଙ୍କ ନଜର ରହିଛି।ଏହା ଜବରଦଖଲ ହୋଇ ରହିଥିଲା। କିଛିମାସ ତଳେ ପୌର ନିର୍ବାହୀ ଅଧିକାରୀ ସ୍ୱାତୀ ମିଶ୍ର ଏହାକୁ ଜବରଦଖଲ ମୁକ୍ତ କରିଥିଲେ। ଏବେ ଉକ୍ତ ସ୍ଥାନରେ ଆବର୍ଜନା ଗଦା କରାଇ ଜବରଦଖଲ ପାଇଁ ଉଦ୍ୟମ ଚାଲିଛି। ଉକ୍ତ ସ୍ଥାନକୁ ସଫା କରି ଭେଣ୍ଡିଂ ଜୋନ୍ ପାଇଁ ପ୍ରଥମେ ଯୋଜନା ରହିଥିଲା। ମାତ୍ର ଭେଣ୍ଡିଂ ଜୋନ୍ ନିର୍ମାଣ ନକରିବା ପାଇଁ ଉକ୍ତ ସମୟରେ ଷଡଯନ୍ତ୍ର କରାଯାଇ ପାର୍କିଂ ଜୋନ୍ କରିବାକୁ ଆଲୋଚନା ହୋଇଥିଲା। ଫେବର ବ୍ଲକ ବିଛାଇ ଉକ୍ତ ସ୍ଥାନରେ ପାର୍କିଂ ଜୋନ୍ କରିବାକୁ ପ୍ରସ୍ତାବ ନେଇ ପୌରପରିଷଦରେ ମଧ୍ୟ ଆଲୋଚନା ହୋଇଥିଲା। କିନ୍ତୁ ଉକ୍ତ ସ୍ଥାନକୁ ଏବେ ପୁଣି କିଛି ମାସ ହେବ ଜବରଦଖଲ ପାଇଁ ଯୋଜନା ଆରମ୍ଭ ହୋଇଛି। ଉକ୍ତ ସ୍ଥାନରେ ଅଳିଆ ଆବର୍ଜନା ପକାଇ ଏହାକୁ ଡମ୍ପିଂୟାଡରେ ପରିଣତ କରାଯାଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରରେ ସରକାରୀ ଜବରଦଖଲ ପାଇଁ ସବୁବେଳେ ଷଡଯନ୍ତ୍ର ଚାଲୁ ରହିଛି। ଫଳରେ ଅନେକ ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି। ନୟାଗଡ଼ ତହସିଲ କର୍ତ୍ତୃପକ୍ଷ ଏବଂ ପୌରପରିଷଦ ଏହା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।ଉକ୍ତ ସ୍ଥାନରୁ ସଫା କରାଯାଇ କୌଣସି ବିକାଶ ଓ ଉନ୍ନତୀମୂଳକ କାର୍ଯ୍ୟରେ ବ୍ୟବହାର କରିବାକୁ ଦାବି ହେଉଛି।



ଜନସୂଚନା ଅଧିକାର ଆଇନକୁ ଅଣଦେଖା

# ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ବନାଞ୍ଚଳ ଅଧିକାରୀ

ଗଣିଆ, ୨।୭(ସମିସ): ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ସହ ପ୍ରତ୍ୟେକ ନାଗରିକ ସରକାରୀ କାର୍ଯ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ସରକାର ଜନସୂଚନା ଅଧିକାର ଆଇନ ପ୍ରଣୟନ କରିଛନ୍ତି। ସୂଚନା ପାଇବା ପାଇଁ ଆବେଦନକାରୀଙ୍କୁ ୩୦ ଦିନ ମଧ୍ୟରେ ସୂଚନା ପ୍ରଦାନ କରିବାର ନିୟମ ରହିଥିବା ବେଳେ ଜଣେ ବିପିଏଲ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ତଥ୍ୟ ଯୋଗାଇଦେବା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳରେ ତଥ୍ୟକୁ ଲୁଚାଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଥିବା ଜଣାପଡ଼ିଛି। ଛାମୁଣ୍ଡିଆ ବନ୍ୟପ୍ରାଣୀ ବିଭାଗର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମଞ୍ଜୁର ହୋଇଥିବା ସରକାରୀ ଅର୍ଥ ସମ୍ପର୍କରେ ଜାଣିବା ପାଇଁ ଗତ ମଇ ମାସ ୧୬ ତାରିଖରେ ପବିତ୍ର କୁମାର ନାୟକ ଆବେଦନକାରୀ ଜନ ସୂଚନା ଅଧିକାର ଅଧିନିୟମ ଆଧାରରେ ତଥ୍ୟ ପାଇବା ପାଇଁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ଆବେଦନ କରିଥିଲେ। ବନଖଣ୍ଡ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଏହାର ତଥ୍ୟ ଯୋଗାଇ ଦେବା ପାଇଁ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ତଥା ଜନସୂଚନା ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ହେଲେ ୩୦ ଦିନ ପରେ ଗତ ଜୁନ୍ ମାସ ୧୮ ତାରିଖରେ ଡାକ ଯୋଗେ ଆବେଦନକାରୀଙ୍କୁ ବନାଞ୍ଚଳ ଅଧିକାରୀ ତଥ୍ୟ ପଠାଇଥିଲେ। ଯାହାକି, ଆବଶ୍ୟକୀୟ ଅନୁଯାୟୀ ତଥ୍ୟ ପ୍ରଦାନ କରାନଯାଇ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ଆବେଦନ ଫର୍ମରେ ଗତ ୨୦୨୩- ୨୦୨୪ ଆର୍ଥିକ ବର୍ଷରେ ଛାମୁଣ୍ଡିଆ ବନାଞ୍ଚଳକୁ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ କେତେ ସରକାରୀ ଅର୍ଥ ମଞ୍ଜୁର ହୋଇଛି, କେଉଁ ବାବଦରେ କେତେ ଖର୍ଚ୍ଚ ହୋଇଛି ସମସ୍ତ ସରକାରୀ ପତ୍ର, ଭାଉଚର ଓ ବନାଞ୍ଚଳରେ କେତେ ଆସ୍ଥାୟୀ ବନକର୍ମଚାରୀ ନିୟୋଜିତ ହୋଇଛନ୍ତି ସେ ସମ୍ପର୍କରେ ଜାଣିବା ପାଇଁ ତଥ୍ୟ ମାଗିଥିଲେ। କିନ୍ତୁ ବନାଞ୍ଚଳ ଅଧିକାରୀ କେବଳ ସରକାରୀ ମଞ୍ଜୁର ଅର୍ଥ ଓ ଅସ୍ଥାୟୀ ବନକର୍ମଚାରୀଙ୍କ ତାଲିକା ପ୍ରଦାନ କରିଛନ୍ତି। ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଭାଉଚର ଓ ଶ୍ରମିକଙ୍କର ମଷ୍ଟରରୋଲ ଆଦି ବିଭିନ୍ନ ତଥ୍ୟ ବନାଞ୍ଚଳ କାର୍ଯ୍ୟାଳରେ ଉପଲବ୍ଧ ନଥିବା ଉଲ୍ଲେଖ କରିଛନ୍ତି। ଆବେଦନକାରୀ ପବିତ୍ର କୁମାର ନାୟକ ସନ୍ତୋଷ ଜନକ ତଥ୍ୟ ପାଇନଥିବାରୁ ପ୍ରଥମ ଅପିଲେଟ ଅଧିକାରୀ ଓ ସୂଚନା ଅଧିକାର କମିଶନଙ୍କ ନିକଟରେ ଅପିଲ କରିବେ ବୋଲି ସୂଚନା ଦେଇଛନ୍ତି।

ସକାଳ THE SAKALA



www.sakalaepaper.com

## ଦୁଇ ହାତୀଙ୍କ ଉପଦ୍ରବ

# ନାକେଦମ୍ ବନ ବିଭାଗ



ନିରାକାରପୁର, ୨।୭(ସମିସ):ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନାଞ୍ଚଳରେ ଏବେ ଦୁଇଟି ଦନ୍ତାହାତୀ ଉପଦ୍ରବ କରୁଥିବା ବେଳେ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଅନ୍ୟପକ୍ଷରେ ହାତୀ ଘଉଡାଇବାକୁ ବନ ବିଭାଗ ନାକେଦମ ହୋଇ ସାରିଲେଣି। କିଛି ଦିନ ତଳେ ୧୭ ଟିକିଆ ହାତୀପଲ ନୟାଗଡ଼ ବନଖଣ୍ଡ ଅଞ୍ଚଳକୁ ପଳାଇ ପଳାଇ ଯାଉଛନ୍ତି।ଏବେ ଦୁଇଟି ଦନ୍ତା ଗୋଟିଏ ନାରଗୋଦା ଜଙ୍ଗଲରେ ଥିବା ବେଳେ ଆଉ ଗୋଟିଏ ରତାମାଟି ଓ ନାଲସିଂହ ପାହାଡ ନିକଟରେ ବୁଲୁଥିବା ଦେଖିବାକୁ ମିଳିଛି। ଅପରାହ୍ନରେ ବନ କର୍ମଚାରୀମାନେ ହାତୀଟିକୁ ଘେଉଡାଇ ନାଲସିଂହ ପାହାଡ ଆଡ଼କୁ ଛାଡି ଥିବା ଜଣାପଡ଼ିଛି।

## ସୋଲଫୁଲରେ ଝଲସିବ ତିନି ରଥ; ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି

# ରଥଯାତ୍ରାକୁ ଉତ୍କଣ୍ଠାର ସହ ଚାହିଁ ରହିଛନ୍ତି ରାଜକିଶୋରଙ୍କ ପରିବାର

ଖୋର୍ଦ୍ଧା, ୨।୭(ସମିସ)

ଏଥର ବି' ଖୋର୍ଦ୍ଧା ପୌରପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଭୋଇ ସାହିର ରାଜକିଶୋର ନାୟକଙ୍କ ପରିବାର ହାତରେ ତିଆରୀ ସୋଲଫୁଲ ଶ୍ରୀକ୍ଷେତ୍ରର ତିନି ରଥରେ ଝଲସିବ। ଏଥିପାଇଁ ରାଜକିଶୋରଙ୍କ ପରିବାର ତରଫରୁ ସୋଲ ଫୁଲ ତିଆରି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ମହାପ୍ରଭୁ ଜଗନ୍ନାଥ, ବଳଦେବ, ମା' ଶୁଭଦ୍ରାଙ୍କ

### ଆର୍ଥିକ ସହାୟତା ଯୋଗାଇବାକୁ ନିବେଦନ



ନନ୍ଦିଘୋଷ, ତାଳଧ୍ୱଜ, ଦେବଦଳନ ରଥରେ ସଜାଇହେବାକୁ ଅପେକ୍ଷା କରିଛି। ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ମଧ୍ୟରୁ ଘୋଷଯାତ୍ରାର ଏକ ସ୍ୱତନ୍ତ୍ରତା ରହିଛି। ମହାପ୍ରଭୁଙ୍କ ସେବା କରିବାରୁ ବୀର କିଶୋରଙ୍କ ପରିବାରକୁ ସୁଯୋଗ ମିଳିଥିବାରୁ ତାଙ୍କ ପରିବାର ନିଜକୁ ଧନ୍ୟମନେ କରିଛନ୍ତି।

ବିଗତ ୨୪ ବର୍ଷ ହେବ ନିଜର ପାରିଶ୍ରମରେ ତିଆରି ସୋଲଫୁଲ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥରେ ଲଗାଇ ଆସୁଛନ୍ତି। ରାଜକିଶୋରଙ୍କ କହିବା ଆନୁଯାୟୀ ବହୁ ଆଶା କରି ଦିର୍ଘ ୧୯୯୯ ମସିହାରେ ବନ୍ଧୁଙ୍କ ସହିତ ଘୋଷଯାତ୍ରା ଦେଖିବାକୁ ସେ ଶ୍ରୀକ୍ଷେତ୍ର ଯାଇଥିଲେ। ଆଶା କରିଥିଲେ ରଥ ବିଭିନ୍ନ ଫୁଲରେ ସୁସଜ୍ଜିତ ହୋଇଥିବ। ତିନି ଠାକୁର ରଥ ସୋଲ ଫୁଲ ବିନାରେ ଭଲ ଦେଖାଯାଉନଥିବା ଦୃଶ୍ୟ ସେ ଅନୁଭବ କଲେ। ଏହା ପରେ ରାଜକିଶୋର ନିଜ ହାତରେ ତିଆରି କରି ସୋଲ ଫୁଲ ତିନି ରଥରେ ସମର୍ପଣ କରିବାକୁ ଇଚ୍ଛା କରିଥିଲେ। ନିଜ ଗ୍ରାମକୁ ଫେରିବା ପରେ ତାର ପର ବର୍ଷ ଘୋଷଯାତ୍ରାକୁ ଅପେକ୍ଷା କରିଥାନ୍ତି। ହଠାତ୍ ମହାପ୍ରଭୁ ଜଗନ୍ନାଥ କୃପା ତାଙ୍କ ଉପରେ ପଡ଼ିଲା। ତାଙ୍କ ସ୍ୱପ୍ନାଦେଶ ହେଲା।ତା ପରେ ସୋଲ ଫୁଲ ତିଆରିରେ ସେ ପରିବାର ଲାଗପଡ଼ିଥିଲେ। ୨୦୦୦ ମସିହା ନେତ୍ର ଉତ୍ସବରେ ନିଜ ସପରିବାର ହାତରେ ତିଆରି ସୋଲଫୁଲକୁ ନେଇ ନିଜ ହାତରେ ରଥ ସଜାଇବାକୁ ବାହାରିଗଲେ।ସେହି ଦିନ ଠାରୁ ତାଙ୍କର ସୋଲ ଫୁଲ ତିନି ରଥର ଶୋଭା ମଣ୍ଡନ କରୁଛି। ତେବେ ଏଥିପାଇଁ ଆବଶ୍ୟକ ସୋଲ ଗଛ (କଞ୍ଚାମାଲ) ସେ ନଭେମ୍ବର ମାସରୁ ବିଭିନ୍ନ ସ୍ଥାନ ଯଥା କାକଟପୁର, ବାଙ୍କି, କଣାସ, ନୂଆହାଟ, ହଳଦିଆ ପ୍ରଭୃତି ସ୍ଥାନରୁ ସଂଗ୍ରହ କରିଥାନ୍ତି। ସଂଗୃହିତ ସୋଲ ଗଛକୁ ଖରା କାକର ଦେଇ ସୁଖାଇଥାନ୍ତି। ଆଉ ପବିତ୍ର ଅକ୍ଷୟ ତୃତୀୟା ଠାରୁ ନିଷ୍ଠାର ସହିତ ସପରିବାର ଅରୁଆ ଅନ୍ନ ଖାଇ ବିଭିନ୍ନ ରକମର ସୋଲ ଫୁଲ ପ୍ରସ୍ତୁତରେ ଲାଗିପଡ଼ନ୍ତି। ପତଳା ସୋଲକୁ ରାଜକିଶୋର, ଭାଇ ବୀରକିଶୋରଙ୍କ ସମେତ ପରିବାର ସୂତାରେ ବାନ୍ଧି ଫୁଲ ପ୍ରସ୍ତୁତ ପରେ ଜମ୍ଫୁରା, ଡୁମୁକି ଲାଗାଇ ବିଭିନ୍ନ ରଙ୍ଗବେରଙ୍ଗ ସୋଲଫୁଲ ତିଆରି କରିଥାନ୍ତି। ଏ ବାବଦ ଟଙ୍କା ଟିଏ ପାରିଶ୍ରମିକ ନା ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ମିଳିନଥିବା ପ୍ରକାଶ କରିଛନ୍ତି। ତିନି ରଥକୁ ଅଧିକ ସୁସଜ୍ଜିତ ପାଇଁ ବହୁ ପରିମାଣରେ ସୋଲ ଫୁଲର ଆବଶ୍ୟକତା ଥିବା ବେଳେ ତାଙ୍କ ପାଇଁ ଅର୍ଥ କେତେକାଂଶରେ ସମସ୍ୟା ସୃଷ୍ଟି କରିଛି। ମହଙ୍ଗା ଯୁଗରେ ଫୁଲ ପ୍ରସ୍ତୁତି ଲାଗି ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେଲେ କାର୍ଯ୍ୟ ଅଧିକ ମାତ୍ରାରେ କରି ହୁଅନ୍ତା ବୋଲି କହିଛନ୍ତି ରାଜକିଶୋର। ଯେତେ ବାଧାବିଘ୍ନ ଆସିଲେ ମଧ ଆଉ ପଛକୁ ଫେରିନଥିବା ସେ ପ୍ରକାଶ କରିଛନ୍ତି।

୨୦୦୪ ମେ ୨୭ରେ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ତରଫରୁ ତାଙ୍କୁ ସୋଲଫୁଲ ଲଗାଇବା ପାଇଁ ଅନୁମତି ପତ୍ର ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ ମାନପତ୍ର ଦେଇ ତାଙ୍କ କାମ ସାରିଦେଇଥିବା ବେଳେ ଆର୍ଥିକ ସହାୟତା କଥା ଚିନ୍ତା କରୁନି। ପୂର୍ବର ବାପା ଓ ଜେଜେବାପା ସୋଲ ଫୁଲ ତିଆରି କରୁଥିଲେ।

# ବଣିକ ସଂଘ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ



ବାଲୁଗାଁ, ୨।୭(ସମିସ): ବାଲୁଗାଁ ଉମାମହେଶ୍ୱର ବଣିକ ସଂଘ ତରଫରୁ ସଭାପତି ରବି ନାରାୟଣ ନାୟକଙ୍କ ସଭାପତିତ୍ୱରେ ନାଗରିକ ସମ୍ବର୍ଦ୍ଧନା ଉତ୍ସବ ବଲୁଗାଁ ଅଶୋକନଗରସ୍ଥିତ ଶ୍ରୀଉମାମହେଶ୍ୱର ବଣିକ ସଂଘ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସଂଘର ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଜଗଦୀଶ ଲାଖଟିଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଥିବା ବେଳେ ସଭାପତିଙ୍କ ସହ ଉପସଭାପତି ସେକ ଗନିତ, ସମ୍ପାଦକ ସରୋଜ ପାତ୍ର, ଧୀରେନ୍ଦ୍ରନାଥ ପାତ୍ର, କୋଷାଧ୍ୟକ୍ଷ ଚୈତନ୍ୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ମୁଖ୍ୟ ଅତିଥି ଚିଲିକା ବିଧାୟକ ତଥା ରାଜ୍ୟ ସରକାରଙ୍କ ଆଇନି, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ନାଗରୀକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।ଏହି ଅବସରରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସଂଘର ସଦସ୍ୟ ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ମନ୍ତ୍ରୀ ସମସ୍ତ ସମସ୍ୟା ଶୁଣି ଖୁବଶୀଘ୍ର ସେହି ସବୁ ସମସ୍ୟା ଦୂରୀକରଣ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ସହ ନିର୍ବାଚନରେ ତାଙ୍କୁ ସହଯୋଗ କରି ଥିବାରୁ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବଣିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆ ଆଇନର କାର୍ଯ୍ୟକାରିତା ନେଇ ସଚେତନତା



ବାଲୁଗାଁ, ୨।୭(ସମିସ) : ଦେଶରେ ସୋମବାର ଠାରୁ ତିନି ଗୋଟି ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଥାନା ପକ୍ଷରୁ ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ନୂତନ ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ବାଲୁଗାଁ ଥାନା ଏସଆଇ ସୁନିତା ବେହେରା, ଏଏସଆଇ ଶ୍ରୀନିବାସ ସାମନ୍ତଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ମଦ ଜବତ; ବେପାରୀ ଗିରଫ

ବେଗୁନିଆ, ୨।୭(ସମିସ): ବେଗୁନିଆ ଅବକାରୀ ଥାନା ବରହମପୁର ଛକ ନିକଟରୁ ଜଣେ ମହିଳା ସ୍କୁଟି ଚାଳକଠାରୁ ଦେଶୀ ମଦ ଜବତ ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବେଗୁନିଆ ଅବକାରୀ ଥାନା ଉପ ନିରୀକ୍ଷକ ଏନ ଜାଗିନ ରାଓଙ୍କ ସୂଚନା ଅନୁଯାୟୀ ନୟାଗଡ଼ ଜିଲ୍ଲା ସୁରୁକାବାଡି ଗ୍ରାମର ମଞ୍ଜୁ ସାହୁ ସ୍କୁଟି ଯୋଗେ ୪୦ ଲିଟର ଦେଶୀ ମଦ ବିକ୍ରୀ କରିବା ପାଇଁ ନେଇ ଯାଉଥିଲେ। ଏଥିରେ ଅବକାରୀ ପୁଲିସ ଖବର ପାଇ ଅତର୍କିତ ଭାବେ ଚଢ଼ଉରେ ମଦ ଓ ସ୍କୁଟିକୁ ଜବତ କରି କୋର୍ଟଚାଲାଣ କରିଛି।

### ● ପାଇକତିଗିରିଆ ସୋସାଇଟି

# ଧାନ ବିହନ ବିକ୍ରି ଆରମ୍ଭ



ଖୋର୍ଦ୍ଧା, ୨।୭(ସମିସ): ଦୀର୍ଘବର୍ଷ ପରେ ପ୍ରଥମ ଥର ପାଇଁ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅଧିନରେ ଥିବା ପାଇକତିଗିରିଆ ସୋସାଇଟିରେ ଚାଷୀଙ୍କୁ ଧାନ ବିହନ ବିକ୍ରି ଆରମ୍ଭ ହୋଇଛି। ଲାଇସେନ୍ସ ପାଇବା ପରେ ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ସୋସାଇଟିର ସମ୍ପାଦକ ନିର୍ମଳ କୁମାର ରାଉତ ଏହା ଆରମ୍ଭ କରିଛନ୍ତି। ଚଳିତବର୍ଷ ଲୋକଙ୍କ ଆଗ୍ରହ ଓ ଚାହିଦାକୁ ଦେଖି ଆସନ୍ତା ବର୍ଷରୁ ଆଗୁଆ ଓ ଅଧିକ ପରିମାଣରେ ବିହନ ଆସିବାକୁ ସ୍ଥିର କରିଥିବା ବେଳେ ମଙ୍ଗଳବାର ପ୍ରଥମ ଥର ବିହନ କିଣି ନେବାକୁ ଆସିଥିବା ଚାଷୀଙ୍କୁ ସୋସାଇଟିର ସଭାପତି ପ୍ରଶାନ୍ତ ସାହୁ, ସଭ୍ୟ ପଦ୍ମଚରଣ ନାୟକ, ସୋସାଇଟିର ସହକର୍ମୀ ସ୍ୱାଧୀନ ରଣା ବିହନ ବିକ୍ରୟ କାର୍ଯ୍ୟକୁ ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ବାଉରୀବନ୍ଧୁ ବଡ଼ଜେନା, ସମୀର କୁମାର ପାତ୍ର, ବିପିନ ବିହାରୀ ପୃଷ୍ଟି, ପ୍ରଦୀପ୍ତ ସାହାଣୀ ପ୍ରମୁଖ ବିହନ ଆଣିଥିଲେ। ଏହି ସୋସାଇଟି ଅଧିନରେ ଥିବା ଟାଙ୍ଗିଆପଡ଼ା, କୁମାରବସ୍ତ, ଉଇଲକିଶନ ନଗର, ପାଇକତିଗିରିଆ, ଅରାଙ୍ଗ, ମଲ୍ଲିପୁର, ନିଆଳ, ବିଙ୍କୁଡ଼ିଆ, ପୋଡାପୁଟ ପ୍ରଭୃତି ଅଞ୍ଚଳର ଚାଷୀଙ୍କ ଦୀର୍ଘ ଦିନର ଦାବି ପରେ ସଭାପତି ପ୍ରଶାନ୍ତ କୁମାର ସାହୁ ଓ ସମ୍ପାଦକ ନିର୍ମଳ କୁମାର ରାଉତଙ୍କ ପଦକ୍ଷେପକୁ ସମସ୍ତ ଚାଷୀ ପ୍ରଶଂସା କରିଛନ୍ତି।

# ବିଦ୍ୟାଳୟସ୍ତରୀୟ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବେଗୁନିଆ, ୨।୭(ସମିସ): ବଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଅଁପୁର- କଣ୍ଟାମଳିମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ସମାଜସେବୀ ଦେବରାଜ ବେହେରା, ପରିଚାଳନା କମିଟି ସଭ୍ୟ ସନ୍ତୋଷ ପାତ୍ର, ସୁଦର୍ଶନ ସାହୁ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀ ଚାରାରୋପଣ କରିଥଲେ।

# ଫେରାର ଅଭିଯୁକ୍ତ ଗିରଫ

ବାଲୁଗାଁ, ୨।୭(ସମିସ) : ନାଟୁଣୀ ପୁଲିସକୁ ମିଳିଛି ବଡ଼ ସଫଳତା। ଦୀର୍ଘ ଦିନ ଧରି ପୋଲିସ ଆଖିରେ ଧୂଳି ଦେଇ ଫେରାର ଥିବା ମୋଷ୍ଟ ୱାଣ୍ଟେଡ ଡକାୟତ ସଞ୍ଜୀବ ପାଇକରାୟ ଓରଫ ବୁବୁକୁ ନାଟୁଣୀ ପୁଲିସର ଏକ ଟିମ୍ ଗିରଫ କରିବାରେ ସଫଳ ହୋଇଛି। ସୂଚନା ମୁତାବକ,



ନାଟୁଣୀ ଥାନା ଅନ୍ତର୍ଗତ କହେଁଇପୁର ଗ୍ରାମର ଫେରାର ଥିବା କୁଖ୍ୟାତ ଡକାୟତ ସଞ୍ଜୀବ ପେସାରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀ। ଜିଲ୍ଲାର ବିଭିନ୍ନ ଥାନାରେ ସଞ୍ଜୀବ ନାମରେ ହତ୍ୟା, ଚୋରି, ଡକାୟତି, ରାହାଜାନି ଓ ଲୁଟ ଆଦି ୨୦ରୁ ଉର୍ଦ୍ଧ୍ୱ ସଂଗୀନ ମାମଲା ରହିଛି। ସଞ୍ଜୀବ ବିଭିନ୍ନ ସଙ୍ଗୀନ ଅପରାଧରେ ଲିପ୍ତ ରହି ଦୀର୍ଘ ବର୍ଷ ଧରି ପୁଲିସକୁ ଚକମା ଦେଇ ବିଭିନ୍ନ ଅପରାଧିକ କାଣ୍ଡ ମାନ ଭିଆଇ ଏଯାବତ୍ ଫେରାର ଥିଲା। ତେବେ ସଞ୍ଜୀବ ଘରକୁ ଆସିଥିବା ଖବର ପାଇ ନାଟୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନାଙ୍କ ନିର୍ଦ୍ଦେଶକ୍ରମେ ନାଟୁଣୀ ଥାନା ପୁଲିସ ଟିମ କହେଁଇପୁର ଗ୍ରାମରେ ଚଢ଼ଉ କରି ସଞ୍ଜୀବକୁ ଗିରଫ କରି କେସ ନଂ ୧୮ ୬/୨୪ ରେ ମାମଲା ରୁଜୁ କରି ଜେଲକୁ ପଠାଇ ଦେଇଛି।

### ▶ ଚାଷ ଜମିକୁ ବାଟ ଓଗାଳୁଛି ଖୋର୍ଦ୍ଧା ବଲାଙ୍ଗୀର ନୂଆ ରାସ୍ତା

# କଲଭର୍ଟ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

ଖୋର୍ଦ୍ଧା, ୨।୭(ସମିସ): କଥାରେ ଅଛି ଚାଷ ତରତର ବଣିଜ ମଠ। ଚାଷରେ ହେଳା ହେଲେ ପୁଣି ଆରବର୍ଷକୁ ଚାଷୀ ଅନାଇ ବସିଥାଏ। ଚଳିତ ବର୍ଷ ଲଘୁଚାପ ବର୍ଷାକୁ ନେଇ ଚାଷୀ ଖୁସି ଥିବା ବେଳେ ଆଉକିଛି ଚାଷୀ ତାଙ୍କ ଜମିରେ ପାଣି ଟୋପେ ନଥିବାରୁ ମୁଣ୍ଡରେ ହାତଦେଇ ବସିଛନ୍ତି। ଖୋର୍ଦ୍ଧା ଓ ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ନିର୍ମାଣଧିନ ନୂଆ ବାଇପାସ୍ ରାସ୍ତା ଯୋଗୁ କୁମାରବସ୍ତ ଓ ଖୋର୍ଦ୍ଧା ମକୁନ୍ଦପ୍ରସାଦ ଗ୍ରାମର କେତେକ ଚାଷୀଙ୍କ ଜମିକୁ ପାଣି ଆସିବା ବାଟ ବନ୍ଦ ହୋଇଛି। ଆବଶ୍ୟକ ସ୍ଥାନରେ କଲଭର୍ଟ ନକରିବା ଯୋଗୁ ଗୋଟିଏ ପାର୍ଶ୍ୱର ଚାଷଜମି ପାଣିରୁ ବଞ୍ଚିତ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ପ୍ରାୟ ୪ଶହ ଏକର ଜମି ପାଣି ବିନା ପଡ଼ିଆ ପଡ଼ିବ ବୋଲି ଚାଷୀ ଆଶଙ୍କା କଲେଣି। ତେଣୁ ଚାଷ ଜମିକୁ ପାଣି ନିମନ୍ତେ ନିର୍ମାଣ ଚାଲିଥିବା ରାସ୍ତାରେ କଲଭର୍ଟ କରିବା ଲାଗି ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

ପ୍ରକାଶ ଥାଉକି, ୫୭ ନମ୍ବର ଜାତୀୟ ରାଜପଥ ନୂଆ ବାଇପାସ ରାସ୍ତା ନିର୍ମାଣ ଚାଲୁଥିବା ବେଳେ ଏହି ବାଇପାସ ରାସ୍ତା ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତର



କୁମାରବସ୍ତ ଓ ଖୋର୍ଦ୍ଧା ପୌରପରିଷଦ ମକୁନ୍ଦପ୍ରସାଦ ଗ୍ରାମର ଚାଷ ଜମି ଦେଇ ଯାଉଛି।ଏହି ରାସ୍ତା ଉଭୟ ମୌଜାର ଚାଷ ଜମି ମଝିରେ ଯାଉଥିବାରୁ ଏବଂ ଏହି ରାସ୍ତା ନିର୍ମାଣ ସମୟରେ ଆବଶ୍ୟକ ସ୍ଥାନରେ କଲଭର୍ଟ ନିର୍ମାଣ ହୋଇ ନଥିବାରୁ ଚଳିତବର୍ଷ ଏତେ ବର୍ଷା ସତ୍ତ୍ୱେ ଚାଷୀଙ୍କ ଚାଷ ଜମିକୁ ପାଣି ନାହିଁ।ଫଳରେ ପ୍ରାୟ ୪ଶହ ଏକର ଜମି ପାଣି ବିନା ପଡ଼ିଆ ପଡ଼ିବ ବୋଲି ଆଶଙ୍କା କଲେଣି। ରାସ୍ତାର ଗୋଟିଏ ପଟେ ପାଣିର କୃତ୍ରିମ ହ୍ରଦ ଭାସୁଥିବା ବେଳେ ଅନ୍ୟପଟେ ପାଣି ବିନା ଚାଷ ଜମି ପଡ଼ିଆ ପଡ଼ିଲାଣି।

ଏହି ସମସ୍ୟାର ସମାଧାନ ପାଇଁ ଉଭୟ ଗ୍ରାମର ଚାଷୀ ସ୍ଥାନୀୟ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କୁ ଗତ ଏପ୍ରିଲ ୨ ତାରିଖ ୨୦୨୪ରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ୩ ମାସ ବିତିଥିଲେ ମଧ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଅସନ୍ତୋଷ ବଢ଼ୁଛି। ବର୍ତ୍ତମାନ ଚାଷ କାର୍ଯ୍ୟ ଆରମ୍ଭ ହେଉଥିବା ବେଳେ ଜମିରେ ପାଣି ନଥିବାରୁ ଚାଷ କାର୍ଯ୍ୟ ଏକ ପ୍ରକାର ଠପ ହୋଇ ଯାଇଛି। ତେଣୁ ସୋମବାର ଉଭୟ ମୌଜାର ଚାଷୀ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ନୂତନ କଲଭର୍ଟ କରିବାକୁ ଦାବି କରିଛନ୍ତି। ଜିଲ୍ଲାପାଳ ଶ୍ରୀ ରାଣା ଚାଷୀଙ୍କ ଅଭିଯୋଗକୁ ଗୁରୁତର ସହ ଗ୍ରହଣ କରି ଜାତୀୟ ରାଜପଥ ଅଧିକାରୀଙ୍କୁ ଡାକି ଏହି ଘଟଣାର ସବିଶେଷ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# କୁଡୋରେ ପ୍ରିସ୍କିଲାଙ୍କୁ ସ୍ୱର୍ଣ୍ଣ ପଦକ



ବେଗୁନିଆ, ୨।୭(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାଗଙ୍କ ଝିଅ ପ୍ରିସ୍କିଲା କୁଡୋରେ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଅର୍ଜନ କରିଛନ୍ତି। ସେ ପିତା ମାତାଙ୍କ ପ୍ରେରଣାରେ ଭୁବନେଶ୍ୱର ସ୍ଥିତ କେଦାରଗୌରୀ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀରେ ପଢ଼ିବା ସହ ସୁନ୍ଦରପଦା ସ୍ଥିତ କୁଡୋ ସେଣ୍ଟରରେ କୋଚ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରୀ ରଖିଛନ୍ତି। ତେବେ କଟକର ଦୋଳ ମୁଣ୍ଡେଇସ୍ଥିତ ବାବା ସାଗର ବିଦ୍ୟାପୀଠ ପରିସରରେ ବାଳିକା ବର୍ଗର ୫ ମ ବାର୍ଷିକ କୁଡୋ ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀ ମଧ୍ୟରୁ ସ୍ୱର୍ଣ୍ଣ ପଦକ ଓ ଖୋର୍ଦ୍ଧା ଜିଲ୍ଲାର ରନର୍ସ ଅପ ଟ୍ରଫି ହାସଲ କରିଥିଲେ। ଏତଦ୍ ବ୍ୟତୀତ ଜାତୀୟସ୍ତରରେ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଶୁଭେଚ୍ଛୁ ଓ ଆତ୍ମୀୟ ସ୍ୱଜନଙ୍କ ନିକଟରୁ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି।

### ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ବୈଠକ

# ଗାଁ କଲ୍ୟାଣ ସମିତି ଯୋଗେ ହେବ ଗାଁରେ ସଫେଇ

### ଦ୍ୱାର ଦ୍ୱାର ବୁଲି ସଚେତନତା କରିବେ ଆଶା ଓ ସ୍ୱଚ୍ଛସାଥୀ / ଜୁନ ଶେଷ ସୁଦ୍ଧା ଚିହ୍ନଟ ହେଲେଣି ୬୪ ଡେଙ୍ଗୁ ରୋଗୀ

ଖୋର୍ଦ୍ଧା, ୨।୭(ସମିସ)



ଡେଙ୍ଗୁ ନିୟନ୍ତ୍ରଣ ଓ ନିରାକରଣ ଲାଗି ଜିଲ୍ଲାସ୍ତରୀୟ ଆନ୍ତଃବିଭାଗୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଚଞ୍ଚଳ ରାଣା ଏଥିରେ ଅଧକ୍ଷତା କରିଥିଲେ। ଡେଙ୍ଗୁ ନିୟନ୍ତ୍ରଣ ଲାଗି ଆଗୁଆ ପଦକ୍ଷେପ, ସ୍ୱଚ୍ଛତା, ପୌରାଞ୍ଚଳରେ ଡ୍ରେନ ସଫେଇ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ କହିଥିଲେ, ଡେଙ୍ଗୁ ଏକ ମଶା ବାହାକ ରୋଗ। ସାଧାରଣତଃ ଜୁଲାଇ ଏବଂ ଅଗଷ୍ଟ ମାସରେ ଡେଙ୍ଗୁ ବ୍ୟାପିବା ସମ୍ଭାବନା ଅଧିକ ରହିଥାଏ।ଜଣେ ଡେଙ୍ଗୁ ରୋଗୀଙ୍କ ଠାରୁ ସୁସ୍ଥ ଲୋକଙ୍କୁ ମଧ ଏହା ସଂକ୍ରମିତ ହୋଇଥାଏ। ପ୍ରାଥମିକ ଲକ୍ଷଣ ଦେଖାଦେବା ମାତ୍ରକେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଡେଙ୍ଗୁ ରୋଗର ଚିକିତ୍ସା ଲାଗି ଭୁବନେଶ୍ୱର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ରହିଛି।

ଖୋର୍ଦ୍ଧା ଜିଲ୍ଲାରେ ଜୁନ ୩୦ ସୁଦ୍ଧା ୬୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା କହିଥିଲେ।ସେଥିମଧ୍ୟରୁ କେବଳ ଭୁବନେଶ୍ୱର ମହାନଗର ନିଗମରୁ ୪୩, ଗ୍ରାମାଞ୍ଚଳରୁ ୨୧ଜଣ ରହିଛନ୍ତି ବୋଲି କହିଥିଲେ। ସେହିପରି ବିଗତ ୫ ବର୍ଷ ମଧ୍ୟରେ ଜିଲ୍ଲାରେ ୧୩ ହଜାର ୮୦୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୨୩ ମସିହାରେ ସର୍ବାଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।୨୦୧୯ ରେ ୩୧୫ ଜଣ, ୨୦୨୦ରେ ୬୩, ୨୦୨୧ରେ ୪୦୨୭, ୨୦୨୨ରେ ୩୬୬୭ ଏବଂ ୨୦୨୩ରେ ୫୬୬୭ ରୋଗି ଚିହତନଟ ହୋଇଥିଲେ। ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି।

ସହରାଞ୍ଚଳ ଓ ଗ୍ରାମାଞ୍ଚଳର କୌଣସି ସ୍ଥାନରେ ଯେପରି ପାଣି ନଜମେ ସେଥିପ୍ରତି ଧ୍ୟାନଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେହ ସକାଳେ ଓ ସନ୍ଧ୍ୟାରେ ମଶା ଧୂଆଁ ସିଞ୍ଚନ କରିବାକୁ ଉପସ୍ଥିତ ପୌରକାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଗାଁ କଲ୍ୟାଣ ସମିତି ମାଧ୍ୟମରେ ପ୍ରତି ଗାଁ ଗୁଡିକରେ ସଫେଇ କରାଯିବ। ବିଦ୍ୟାଳୟ ଗୁଡିକରେ ପ୍ରାର୍ଥନା ସଭାରେ ଏନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବ। ଏପରିକି ସବୁ ପଞ୍ଚାୟତ ମିଟିଂରେ ସ୍ୱାସ୍ଥ୍ୟକର୍ମୀ ଏସମ୍ପର୍କରେ ସଚେତନ କରାଇବେ ଏବଂ ମିଶନଶକ୍ତିର ମହିଳାମାନେ ମଧ ସଚେତନତାରେ ସାମିଲ ହେବେ। ଲିଫଲେଟ, ପୋଷ୍ଟର ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ଜୋର କରିବା ଲାଗି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ଭାରପ୍ରାପ୍ତ ଡିପିଏଚଓ ଡା. ଜୀବନ୍ତ ଆଚାର୍ଯ୍ୟ, ଡିପିଏମ ପ୍ରକାଶ କୁମାର ବାନାର୍ଜୀ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲାମଙ୍ଗଳ ଅଧିକାରୀ ଗିତାନଶୁ ମୋହନ ଦାଶ, ଜିଲ୍ଲା ଶିକ୍ଷାଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଖୋର୍ଦ୍ଧା ଓ ଜଟଣୀ ପୌରନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକକୁ ଭିବିଡି କନସଲଣ୍ଟାଣ୍ଟ ସ୍ମୃତିରଞ୍ଜନ ରାଉତ ପରିଚାଳନା କରିଥିବା ବେଳେ ଦୀପକ କୁମାର ନାୟକ, ସୁସ୍ମିତା ସାମନ୍ତରାୟ, ପ୍ରଭାତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।



# ଅବସାଦରେ କର୍ମଚାରୀ



ଏବର ସମୟରେ କେତେକ କର୍ମଚାରୀ ତଥା ଚାକିରିଆ ଚାପଗ୍ରସ୍ତ ରହୁଛନ୍ତି । ବିଶେଷକରି ଘରୋଇ କ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ଏହି ଘଟଣା ଦେଖିବାକୁ ମିଳୁଛି । ଫଳରେ ସେମାନେ ପରିବାରକୁ ସମୟ ଦେଇପାରୁ ନାହାନ୍ତି । ସେଥିପାଇଁ ସେମାନେ ଅବସାଦର ଶିକାର ହେଉଛନ୍ତି । ଏକ ସର୍ଭେ ମୁତାବକ, ଦେଶର ୮୬ ପ୍ରତିଶତ କର୍ମଚାରୀ ନିଜକୁ ପୀଡ଼ିତ ଓ ସଂଘର୍ଷରତ ବୋଲି ଭାବୁଛନ୍ତି ।



### ଖୁସି ନୁହନ୍ତି ଭାରତୀୟ କର୍ମଚାରୀ

ଆମେରିକାର ଆନାଲିଟିକ୍ସ କମ୍ପାନି ଗ୍ୟାଲପ୍‌ର ଗ୍ଲୋବାଲ ୱାର୍କପ୍ଲେସ୍ ରିପୋର୍ଟ ଅନୁସାରେ, ଭାରତୀୟ କର୍ମଚାରୀ ଖୁସି ନାହାନ୍ତି । ଗ୍ୟାଲପ୍ ସମଗ୍ର ବିଶ୍ୱର କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସେମାନଙ୍କ ହିତକୁ ନେଇ ରିପୋର୍ଟ ପ୍ରସ୍ତୁତ କରିଥାଏ । ଏହି ସର୍ଭେରେ ସାମିଲ ଲୋକଙ୍କୁ ତିନିଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଥିଲା । ତିନିଟି ଗ୍ରୁପ୍‌ର କର୍ମଚାରୀଙ୍କୁ ସମ୍ପନ୍ନ, ସଂଘର୍ଷରତ, ପୀଡ଼ିତ ବର୍ଗରେ ସାମିଲ କରାଯାଇ ଥିଲା । ରିପୋର୍ଟରେ କେବଳ ୧୪ ପ୍ରତିଶତ ଭାରତୀୟ କର୍ମଚାରୀ ନିଜକୁ ସମ୍ପନ୍ନ ବୋଲି ମାନିଛନ୍ତି । ସେହିପରି ୮୬ ପ୍ରତିଶତ କର୍ମଚାରୀ ନିଜକୁ ଚିନ୍ତାଗ୍ରସ୍ତ ବୋଲି ଭାବିଥିବା ଜଣାପଡ଼ିଛି । ଚିନ୍ତାଗ୍ରସ୍ତ କର୍ମଚାରୀମାନେ ନିଜକୁ ସଂଘର୍ଷରତ ଏବଂ ପୀଡ଼ିତ ବର୍ଗରେ ରଖିଛନ୍ତି । ଅବଶ୍ୟ ଏହି ରିପୋର୍ଟରୁ ଏକଥା ଜଣାପଡ଼ିଛି ଯେ, ଆଜିର ସମୟରେ ଭିନ୍ନ ଭିନ୍ନ ସଂସ୍ଥାନରେ କାମ କରୁଥିବା କର୍ମଚାରୀ ଅଧିକ ଚାପ ଅନୁଭବ କରୁଛନ୍ତି ।

### ଆର୍ଥିକ ସଙ୍କଟକୁ ସାମ୍ନା କରନ୍ତି

ଉକ୍ତ ରିପୋର୍ଟ ଅନୁସାରେ, ଯେଉଁମାନେ ନିଜ ପରିସ୍ଥିତିକୁ ୭ ବା ଅଧିକ ରେଟିଂ ଦେଇଛନ୍ତି, ସେମାନଙ୍କୁ ସମ୍ପନ୍ନ ବର୍ଗରେ ରଖାଯାଇଛି । ତା'ସହ ଆଗାମୀ ୫ ବର୍ଷ ମଧ୍ୟରେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିବ ବୋଲି କୁହାଯାଇଛି । ସେହିପରି ଯେଉଁ କର୍ମଚାରୀମାନେ ୪-୭ ମଧ୍ୟରେ ନିଜକୁ ରେଟିଂ ଦେଇଛନ୍ତି, ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି । ସେମାନେ ନିଜ ଜୀବନକୁ ନେଇ ଅନିଶ୍ଚିତତା ଓ ନକାରାତ୍ମକ ଚିନ୍ତାଧାରାରେ ରଖିଥାନ୍ତି । କେବଳ ସେତିକି ନୁହେଁ, ସେମାନେ ସମସ୍ତେ ଆର୍ଥିକ ସଙ୍କଟକୁ ମଧ୍ୟ ସାମ୍ନା କରିଥାନ୍ତି । ଏହାବାଦ୍ ୪ ଏବଂ ତା'ଠୁ କମ୍ ରେଟିଂ ଦେଉଥିବା କର୍ମଚାରୀଙ୍କୁ ପୀଡ଼ିତ ବର୍ଗରେ ସାମିଲ କରାଯାଇଛି । ଏପରିକି ଏ ସମସ୍ତ କର୍ମଚାରୀ ଭବିଷ୍ୟତକୁ ନେଇ ସେମାନେ ସନ୍ଦିହାନ ଅଛନ୍ତି ।

### ନେପାଳ କର୍ମଚାରୀ ଖୁସି

ଗ୍ୟାଲପ୍ ଅନୁସାରେ, ଭାରତର ପଡ଼ୋଶୀ ଦେଶ ନେପାଳର କର୍ମଚାରୀ ଅଧିକ ଖୁସି ଥିବା ଜଣାପଡ଼ିଛି । ଅଧିକାଂଶ କର୍ମଚାରୀ ଖାଦ୍ୟଦ୍ରବ୍ୟ, ଘର, ରୋଗ, ହେଲଥ୍ ଇନ୍‌ସ୍ୟୁରାନ୍ସ ଆଦି ସମସ୍ୟାକୁ ସାମ୍ନା କରିଥାନ୍ତି । ଏହାବାଦ୍ ଦକ୍ଷିଣ ଏସିଆରେ ସମ୍ପନ୍ନ କର୍ମଚାରୀ ସବୁଠୁ କମ୍ ଅଛନ୍ତି । ନେପାଳର ୨୨ ପ୍ରତିଶତ କର୍ମଚାରୀ ନିଜକୁ ଟପ୍ ବର୍ଗରେ ରଖିଛନ୍ତି । ଏହାବାଦ୍ ଭାରତର ୩୫ ପ୍ରତିଶତ କର୍ମଚାରୀ ନିତିଦିନ କ୍ରୋଧ ପ୍ରକାଶ କରିଥାନ୍ତି । ଭାରତୀୟ କର୍ମଚାରୀ ସଂଘର୍ଷ କରିବା ସତ୍ତ୍ୱେ କାମରେ ହିଁ ନିଜକୁ ନିୟୋଜିତ କରି ରଖନ୍ତି ।

# କ୍ୟାରିୟର ଉନ୍ନତିରେ ବାଧକ ବ୍ୟବହାର

ସଫଳତା ପାଇଁ କେବଳ ଭଲ କାମ ଗୁରୁତ୍ୱ ବହନ କରି ନ ଥାଏ, ବରଂ ସଫଳତା ଶିଡ଼ି ପାଇଁ ଉତ୍ତମ ବ୍ୟବହାରର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବେଳେ ବେଳେ ବ୍ୟବହାର ମଧ୍ୟ କ୍ୟାରିୟରକୁ ପ୍ରଭାବିତ କରିଥାଏ । କିଛି ଛୋଟମୋଟ ଅଭ୍ୟାସ ଅଫିସ୍‌ରେ ଖରାପ ଛବି ସୃଷ୍ଟି କରିଥାଏ । କୁହାଯାଏ, କ୍ୟାରିୟରରେ ସଫଳ ହେବା ପାଇଁ ଦକ୍ଷତାର ଭୂମିକା ୪୦ ପ୍ରତିଶତ ଥିବା ବେଳେ ୬୦ ପ୍ରତିଶତ ଭୂମିକା ଆଚରଣ ଉପରେ ନିର୍ଭର କରିଥାଏ । ନିଜ ପ୍ରତି, ନିଜ କାମ ପ୍ରତି ଓ ଆଖପାଖ ଲୋକଙ୍କ ପ୍ରତି ଆମ ବ୍ୟବହାର ହିଁ ସଫଳତା ଓ ବିଫଳତାକୁ ନିର୍ଦ୍ଧାରିତ କରିଥାଏ । ତେବେ କେଉଁ ପ୍ରକାର ବ୍ୟବହାର କ୍ୟାରିୟର ଉନ୍ନତିରେ ବାଧକ ସାଜେ, ସେ ସମ୍ପର୍କରେ ଜାଣିବା ।

- ନକାରାତ୍ମକ ଚିନ୍ତାଧାରା ଦ୍ୱାରା କ୍ୟାରିୟର ସଫଳତା ବାଧାପ୍ରାପ୍ତ ହୁଏ ।
- ସବୁ କାମରେ ବିଳମ୍ବ କରିବା ।
- ଅନ୍ୟର ଭାବନା ତଥା ମତକୁ ସମ୍ମାନ ନ ଦେବା ।
- ମିଛ କହିବା ଏବଂ କିଛି ନ ଜାଣି ବଡ଼ ବଡ଼ କଥା କହିବା ।
- କାର୍ଯ୍ୟାଳୟରେ ବିନମ୍ର ସ୍ୱଭାବ ନ ଦେଖାଇବା ଏବଂ ଅନ୍ୟକୁ ସମ୍ମାନ ନ ଦେବା ।
- ନିତିଦିନ ଅଫିସ୍ ଠିକ୍ ସମୟରେ ନ ଆସିବ ।
- ପ୍ରୋଜେକ୍ଟ ତଥା ମିଟିଂ ପାଇଁ ବିଳମ୍ବ କରିବା ।
- ସହକର୍ମୀଙ୍କୁ ସମ୍ମାନ ନ ଦେବା ।
- ବ୍ୟକ୍ତିଗତ ଫୋନ୍‌ର ବ୍ୟବହାର କମ୍ କରିବା ଏବଂ ଅଫିସ୍ ଗସିପ୍‌ରେ ନିଜକୁ ସାମିଲ କରିବା ।
- ସମାଲୋଚନାକୁ ବ୍ୟକ୍ତିଗତ ଭାବେ ଗ୍ରହଣ କରିବା ।



# ପିଲାବେଳୁ ବ୍ୟକ୍ତିତ୍ୱ ବିକାଶ



ପ୍ରତ୍ୟେକ ମାଆବାପା ଚାହାନ୍ତି, ସେମାନଙ୍କ ପିଲାମାନେ ନିଜ ଜୀବନରେ ଆଗକୁ ବଢ଼ନ୍ତୁ । ସେଥିପାଇଁ ସେମାନେ ସବୁ ପ୍ରକାର ପ୍ରୟାସ ପ୍ରାରମ୍ଭରୁ କରିଥାନ୍ତି । ତେବେ ପିଲାବେଳୁ ସେମାନଙ୍କୁ ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସରେ ଅଭ୍ୟସ୍ତ କରାଇବା ଦରକାର, ଯାହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହ ଜୀବନରେ ସଫଳତା ଲାଭ କରିବାରେ ବି ସାହାଯ୍ୟ କରିବ ।

- ପିଲାଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଜୀବନ ଜିଇଁବା ଶିଖାନ୍ତୁ । ସକାରାତ୍ମକ ଚିନ୍ତାଧାରା ହିଁ ଜଟିଳ ସମସ୍ୟାକୁ ସାମ୍ନା କରିବାରେ ସହାୟକ ହୋଇଥାଏ ।
- ଛୋଟବେଳୁ ପିଲାମାନଙ୍କ ମଧ୍ୟରେ ଶିଖିବାର କଳା ରହିବା ଜରୁରି । ଏହି ଅଭ୍ୟାସ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ ସହାୟକ ହୁଏ ।
- ପିଲାଙ୍କୁ ନିଜ ଉପରେ ଗୁରୁତ୍ୱ ଦେବା ଜରୁରି । ଅନ୍ୟ ସହ ନିଜକୁ ତୁଳନା ନ କରି ନିଜ କାମ ଉପରେ ଧ୍ୟାନ ଦେବାର କଳା ଶିକ୍ଷା ଦିଅନ୍ତୁ ।
- ମୋବାଇଲ ପିଲାଙ୍କ ଦକ୍ଷତା ବିକାଶକୁ ପ୍ରଭାବିତ କରୁଛି । ସେଥିପାଇଁ ମୋବାଇଲ ବ୍ୟତୀତ ବହି ପଢ଼ା ଅଭ୍ୟାସକୁ ଆପଣାଇବା ଭଲ ।
- ପିଲାଙ୍କ ମଧ୍ୟରେ ସେଲଫ୍ ଡିସିପ୍ଲିନ୍ ରହିବା ଜରୁରି । ଏହା ସେମାନଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ । ଏଣୁ ନିଜ ଭିତରେ ଅନୁଶାସନ ରହିବା ଭଲ ।

# ବର୍ଷାଦିନେ ଗ୍ୟାଜେଟ୍ ସୁରକ୍ଷା

ବର୍ଷାଦିନେ ବୈଦ୍ୟୁତିକ ଉପକରଣର ବିଶେଷ ଧ୍ୟାନ ଦେବା ଉଚିତ । ବର୍ଷା ପାଣି ଯୋଗୁଁ ମୋବାଇଲ, ସ୍ମାର୍ଟୱାଚ୍, ଇୟର୍ ପଡ୍ ଖରାପ ହୋଇଥାଏ । କିଛି ଉପାୟ ଅପଣାଇ ଏସବୁ ଜିନିଷକୁ ବର୍ଷାରୁ ସୁରକ୍ଷିତ ରଖିପାରିବେ ।

- ବର୍ଷାରୁ ସ୍ମାର୍ଟଫୋନ୍‌କୁ ସୁରକ୍ଷିତ ରଖିବା ସହଜ ନୁହେଁ । ବର୍ଷାରେ ବାହାରକୁ ବାହାରିବା ପୂର୍ବରୁ ଫୋନ୍‌କୁ ୱାଟର୍ ପ୍ରୁଫ୍ ପାଉଚ୍‌ରେ ରଖନ୍ତୁ । ନଚେତ୍ ୱାଟର୍ ରେପିଲେଣ୍ଟ ସ୍କ୍ରିନ୍ ଲଗାନ୍ତୁ ।
- ଟାବଲେଟ୍‌କୁ ସ୍ମାର୍ଟଫୋନ୍‌ର ବିକଳ୍ପ ଭାବେ ବ୍ୟବହାର କରାଯାଏ । ଏହାକୁ ସୁରକ୍ଷିତ ରଖିବା ପାଇଁ ୱାଟର ପ୍ରୁଫ୍ ସ୍ଲିଭ୍ ବା ଫିଲ୍ମ କଭର୍ ବ୍ୟବହାର କରିପାରିବେ ।
- ସେହିପରି ଲାପ୍‌ଟପ୍‌କୁ ପାଣିରୁ ସୁରକ୍ଷିତ ରଖିବା ପାଇଁ ୱାଟରପ୍ରୁଫ୍ ବ୍ୟାଗ୍ କିଣନ୍ତୁ ।
- ସ୍ମାର୍ଟୱାଚ୍‌କୁ ସିଲିକନ୍ କଭର୍‌ରେ ରଖିପାରିବେ ।
- ମାଇକ୍ରୋ ଫାଇବର କପଡ଼ାରେ ଗ୍ୟାଜେଟ୍‌କୁ ସଫା କରନ୍ତୁ ।





## କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



**Across**
4. a bird form Cuba that drinks nectar
8. an animal with long fingers and huge eyes
10. 2000 pound animal
11. the Jaguar does this at night

**Down**
1. the male is blue or green and the female is brown or yellow
2. the Mandrill keeps his food here
3. changes its colors to match its surroundings
5. a common food of rainforest animals
6. color of the poison arrow frog
7. excellent swimmer and climber
9. home of the goliath beetle

# ଟେକ୍ ଜିନିୟସ୍ କିଷନ

ଆସାମ ଡିବ୍ରୁଗଡ଼ର ୨୬ ବର୍ଷୀୟ କିଷନ ବାଗାରିଆ 'ଟେକ୍ସଟ୍ ଡଟ୍ କମ୍' ନାମକ ଏକ ଆପ୍ ବିକଶିତ କରିଛନ୍ତି । ଏହା ଏମିତି ଏକ ପ୍ଲାଟ୍‌ଫର୍ମ, ଯାହାକି ବିଭିନ୍ନ ମେସେଜିଂ ଆପ୍‌କୁ ଏଥିରେ ଯୋଡ଼ିଥାଏ । ସରଳ ଭାଷାରେ କହିଲେ, ଗୋଟିଏ ଇନ୍‌ବକ୍ସରେ ସମସ୍ତ ମେସେଜ୍‌ର ସୁବିଧା ବ୍ୟବହାରକାରୀଙ୍କୁ ମିଳିଥାଏ । ତାଙ୍କର ଏହି ନିଆରା ମେସେଜିଂ ଆପ୍ ୱାର୍ଡପ୍ରେସ୍ ଡଟ୍ କମ୍ ମାଲିକଙ୍କ ଦୃଷ୍ଟିଆକର୍ଷଣ କରିଛି । ତା'ସହ କିଷନଙ୍କୁ ସେ 'ଜେନେରେସନ ଟେକ୍ ଜିନିୟସ୍' ବୋଲି କହିଛନ୍ତି । କିଷନଙ୍କ ଏହି ଯାତ୍ରା ଏବେ ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିଛି ।



ପିଲାଟି ବେଳୁ ତାଙ୍କର କମ୍ପ୍ୟୁଟର ପ୍ରତି ଆଗ୍ରହ ଥିଲା । ଏକାଧିକ ମେସେଜିଂ ଆପ୍‌ରେ ସେ ସମସ୍ୟାକୁ ସାମ୍ନା କରିବା ପରେ ବ୍ୟକ୍ତିଗତ ସମାଧାନର ପନ୍ଥା ଭାବେ 'ଟେକ୍ସଟ୍ ଡଟ୍ କମ୍'ର ପରିକଳ୍ପନା କଲେ । ଯାହାକି ସମସ୍ତ ମେସେଜିଂ ଆବଶ୍ୟକତାକୁ ଏକ ସୁବିଧାଜନକ ମଞ୍ଚରେ ଏକତ୍ର କରି ଯୋଡ଼ିଲେ । ଏନେଇ କିଷନ କାହାଠୁ କିଛି ପ୍ରଶିକ୍ଷଣ ନେଇ ନାହାନ୍ତି । ସବୁକିଛି ନିଜେ କରିଥିବା କହିଛନ୍ତି । କିଷନ ପ୍ରଥମେ ଏହି ଆପ୍ ବାବଦରେ ସାଙ୍ଗ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ । ଏନେଇ ତାଙ୍କୁ ସକାରାତ୍ମକ ପ୍ରତିକ୍ରିୟା ମଧ୍ୟ ମିଳିଥିଲା । ଏହା ପରେ ସେ ଏହାର ପ୍ରୋଟୋଟାଇପ୍ ବିକଶିତ କଲେ ।

ପରବର୍ତ୍ତୀ ସମୟରେ ଏହା ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ଦ୍ୱାରା ଆଦୃତି ଲାଭ କଲା । ଏହା ପାରମ୍ପରିକ ମେସେଜିଂ ପ୍ଲାଟ୍‌ଫର୍ମର ବିପରୀତ ଭାବେ କାର୍ଯ୍ୟ କରିଥାଏ । ଏହି ଆପ୍ ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ୍, ଟ୍ୱିଟର ଏବଂ ଅନ୍ୟ ଲୋକପ୍ରିୟ ସେବାକୁ ଯୋଡ଼ିଥାଏ । ଏହାବାଦ୍ ଏହା ବ୍ୟବହାରକାରୀଙ୍କ ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରି ଅନେକ ନିଆରା ସୁବିଧା ପ୍ରଦାନ କରିଥାଏ । ସେହିପରି ଏହା ବ୍ୟବହାରକାରୀଙ୍କ ଡାଟା ସିକ୍ୟୁରିଟିକୁ ସୁରକ୍ଷିତ ରଖେ । ସମସ୍ତ କଥାବାର୍ତ୍ତା ଡିଭାଇସ୍‌ରେ ହିଁ ଘଟିଥାଏ । କୌଣସି ସମ୍ବେଦନଶୀଳ ଡାଟା ଟେକ୍ସଟ୍ ଡଟ୍ କମ୍ ସର୍ଭରରେ ଷ୍ଟୋର୍ ହୋଇ ନ ଥାଏ । ଏହି ଆପ୍ ଏବେ macOS, Windows, Linux ପାଇଁ ଉପଲବ୍ଧ ।

କିଷନଙ୍କର ଏହି ଯାତ୍ରା ଅନ୍ୟ ଯୁବ ଟେକ୍ନିସିଆନ୍‌ଙ୍କ ପାଇଁ ପ୍ରେରଣା ପାଲଟିଛି । ତେବେ କିଷନ ୧୨ ବର୍ଷ ବୟସରୁ ସ୍ମଲ୍ ୱିଣ୍ଡୋଜ୍ ଆପ୍ଲିକେସନ୍ ତିଆରି କରି ନିଜର ପୋଗ୍ରାମିଂ କୌଶଳ ଦକ୍ଷତାକୁ ଦେଖାଇ ଥିଲେ । ଅନ୍ୟପଟେ କିଷନଙ୍କ କାହାଣୀ ନବସୃଜନର ଶକ୍ତି ଏବଂ ବୈଷୟିକ ଦୁନିଆ ମଧ୍ୟରେ ଅସୀମିତ ସମ୍ଭାବନାର ପ୍ରମାଣ ଭାବେ କାର୍ଯ୍ୟ କରିଛି । ସେ ପ୍ରମାଣ କରି ଦେଖାଇଛନ୍ତି ଯେ, ଇଣ୍ଟରନେଟ୍ ଉପଲବ୍ଧ ଥିଲେ, କୌଶଳ ଶିଖିବା ପାଇଁ ପାଠ୍ୟ ଡିଗ୍ରୀ ହେଉଛି କେବଳ ଏକ ବିକଳ୍ପ ।

# 'କ୍ରିଟିକ୍ ଜିପିଟି' ଏଆଇ ଟୁଲ୍

ଓପନ୍ ଏଆଇ ନୂଆ ଏଆଇ ଟୁଲ୍ 'କ୍ରିଟିକ୍ ଜିପିଟି'କୁ ଲଞ୍ଚ୍ କରିଛି । ଏହା ଜିପିଟି- ୪ ଉପରେ ଆଧାରିତ ଏକ ନୂଆ ଏଆଇ ଟୁଲ୍ । ଯାହାକୁ ଚାଟ୍‌ଜିପିଟି ଦ୍ୱାରା ଜେନେରେଟ୍ କୋଡ୍‌ରେ ଭୁଲ୍ ଖୋଜିବା ପାଇଁ ତିଆରି କରାଯାଇଛି । ଓପନ୍ ଏଆଇ ଖୁବ୍‌ଶୀଘ୍ର ଏହାକୁ କ୍ରିଟିକ୍ ଜିପିଟିକୁ ତା'ର ରିଇନ୍‌ଫୋର୍ସମେଣ୍ଟ ଲର୍ଣ୍ଣିଂ ଫ୍ରମ୍ ହ୍ୟୁମାନ ଫିଡ୍‌ବ୍ୟାକ୍ ଲେବଲିଂ (ଆର୍‌ଏଲ୍‌ଏଚ୍‌ଏଫ୍) ମୁଖ୍ୟଧାରାରେ ଯୋଡ଼ିବ । ଏଥିରେ ବ୍ୟବହାରକାରୀଙ୍କୁ କୋଡ୍‌ରେ ଭୁଲ ଖୋଜିବା ସହଜ ହୋଇଯିବ । କ୍ରିଟିକ୍ ଜିପିଟି କୋଡ୍‌କୁ ବିଶ୍ଳେଷଣ କରିବା ଏବଂ ଭୁଲ୍‌କୁ ଚିହ୍ନଟ କରିବାରେ ଭଲ ଫଳ ଦେଖାଇଛି । ଯଦ୍ୱାରା ଏହା ମାନବ ସହଯୋଗୀଙ୍କୁ ଏଆଇ ଦ୍ୱାରା ହୋଇଥିବା ଭୁଲ୍‌କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ । ଏହାଦ୍ୱାରା ଅଧିକ ସମୟ ମଧ୍ୟ ନଷ୍ଟ ହେବ ନାହିଁ ।





# 'ୱେଲକମ୍ ଟୁ ଦ ଜଙ୍ଗଲ'

## କାଶ୍ମୀରରେ ମାସେ ସୁଟିଂ କରିବେ ଅକ୍ଷୟଙ୍କ ଟିମ୍

ଚଳିତବର୍ଷ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଅନେକ ଗୁଡ଼ିଏ ଫିଲ୍ମ ରିଲିଜ୍ ହେବ। ତେବେ ଏହି ଫିଲ୍ମଗୁଡ଼ିକ ମଧ୍ୟରୁ 'ୱେଲକମ୍ ଟୁ ଦ ଜଙ୍ଗଲ' ଫିଲ୍ମକୁ ନେଇ ଅକ୍ଷୟ ସବୁଠୁ ଅଧିକ ଚର୍ଚ୍ଚାରେ। ଏଥିରେ ଅକ୍ଷୟଙ୍କ ସହ ଲିଡ୍ ରୋଲରେ ସୁନୀଲ ସେଟ୍ଟୀ, ରବିନା ଟଣ୍ଡନ, ଜ୍ୟାକଲିନ୍ ଫର୍ଣ୍ଣାଡିଜ୍, ଲାରା ଦତ୍ତା, ଦିଶା ପଟାନି, ଅର୍ଶଦ୍ ୱାର୍ସି, ପରେଶ ରାୱଲ ଦେଖାଯିବେ। 'ୱେଲକମ୍' ଫ୍ରାଞ୍ଚାଇଜ୍‌ର ଏହି ଫିଲ୍ମକୁ ଦର୍ଶକେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। କିଛିଦିନ ପୂର୍ବରୁ ଏହି ଫିଲ୍ମ କ୍ରିସ୍‌ମାସ୍ ଅବସରରେ ରିଲିଜ୍ ହେବ ବୋଲି ଖବର ଆସିଥିଲା। ପରେ ଏଥିରେ ପରିବର୍ତ୍ତନ ନେଇ ସୂଚନା ଦିଆଗଲା। ଏବେ ଏହାର ସୁଟିଂକୁ ନେଇ ଖବର ଆସିଛି। ଏଯାବତ୍ ଏହାର ଦୁଇଟି ସିଡ୍ୟୁଲର ସୁଟିଂ ସରିଛି। ଏବେ ଏହାର ଏକ ନୂଆ ସିଡ୍ୟୁଲର ସୁଟିଂ ମାସେ କାଳ କାଶ୍ମୀରରେ ହେବ। ଏହି ସମୟରେ ଏଠାରେ ହାଇ ଆକ୍ସନ୍ ସିନ୍ ସହ ଗୀତଗୁଡ଼ିକର ସୁଟିଂ ମଧ୍ୟ କରାଯିବ। କାଶ୍ମୀର ସିଡ୍ୟୁଲ ପାଇଁ ୧୨୦୦ ଲୋକଙ୍କୁ ନେଇ ଏକ ୟୁନିଟ୍ ଓ ଏକ ବଡ଼ ପ୍ରଡକ୍ସନ୍ ଟିମ୍ ବଛାଯାଇଛି। ଏହି ସୁଟିଂରେ ମିଲିଟାରୀ ହେଲିକପ୍ଟର, ୨୫୦ ସୈନିକ, ୩୫୦ ସରକାରୀ ଅଧିକାରୀ, ୩୦୦ କାଶ୍ମୀରୀ ବାସିନ୍ଦା ସାମିଲ ହେବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅହମ୍ମଦ ଖାନ୍ ଅଛନ୍ତି।



# ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ



ପ୍ରତିବର୍ଷ ଜୁଲାଇ ମାସ ୩ ତାରିଖକୁ ବିଶ୍ୱବ୍ୟାପୀ 'ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ' ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଲୋକଙ୍କୁ ପ୍ଲାଷ୍ଟିକ୍ ବ୍ୟବହାରର ଭୟାବହତା ସମ୍ବନ୍ଧରେ ଅବଗତ କରାଯିବା ସହ ପ୍ଲାଷ୍ଟିକ୍ ବ୍ୟାଗ୍ ବର୍ଜନ ପାଇଁ ସଚେତନ କରାଯାଏ। ତେଜରାତି ଦୋକାନ ଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟରେ ପ୍ଲାଷ୍ଟିକ୍ ବ୍ୟାଗ୍ ବା ପଲିଥିନ୍‌ର ଅଧିକ ବ୍ୟବହାର ହୋଇଥାଏ। ଏହି ପ୍ଲାଷ୍ଟିକ୍ ବ୍ୟାଗ୍ ହିଁ ନାନା ରୋଗର କାରଣ ସାଜିଛି। ପରିବେଶ ବି ପ୍ରଦୂଷଣ କରୁଛି। କେବଳ ସେତିକି ନୁହେଁ, ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ୍ ମାଟିରେ ମିଶିବା ପାଇଁ ୧୦୦ରୁ ୫୦୦ ବର୍ଷ ଲାଗିଯାଏ। ପଲିଥିନ୍ ବନ୍ଦ କରିବା ପାଇଁ ଆଇନ ଅଛି, ହେଲେ ଏହାକୁ ଦୃଢ଼ ଭାବେ କାର୍ଯ୍ୟକାରୀ ହେଉନି। ୨୦୦୨ରେ ବାଂଲାଦେଶ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟାଗ୍‌ର ବ୍ୟବହାର ନିଷେଧ କରିଥିଲା। ଏହାପରେ ଭାରତ ସମେତ ଅନେକ ଦେଶ ଏହା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ୨୦୦୮ ମସିହାରେ 'ଜିରୋ ୱେଷ୍ଟ ୟୁରୋପ' ସଂଗଠନ ପକ୍ଷରୁ ଏହି ଦିବସ ପାଳନର ପରିକଳ୍ପନା କରାଯାଇଥିଲା। ଏହି ଦିବସ ପାଳିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ଲାଷ୍ଟିକ୍ ବ୍ୟାଗ୍‌ରୁ ସମାଜକୁ ଦୂରେଇ ରଖିବା। କାରଣ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ଦ୍ୱାରା ମୃତ୍ତିକା ପ୍ରଦୂଷଣ, ନୂତନ ରୋଗର ଉତ୍ପନ୍ନ ଓ ଭୂତଳ ଜଳସ୍ତରରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଦିନ ଲୋକଙ୍କୁ ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ ସୂତା ଓ କାଗଜ ବ୍ୟାଗ୍ ବ୍ୟବହାର ପାଇଁ ସଚେତନ କରାଯାଏ।

## ଆଜିର ଇତିହାସ

- ୧୭୬୦- ମରାଠା ସେନା ଦିଲ୍ଲୀ ଉପରେ କବ୍‌ଜା କଲେ।
- ୧୯୦୮: ବ୍ରିଟିଶ୍ ସରକାର ବାଲ୍ ଗଙ୍ଗାଧର ତିଲକଙ୍କୁ ଗିରଫ କଲେ।
- ୧୯୨୮ - ଲଣ୍ଡନରେ ପ୍ରଥମ ଥର ରଙ୍ଗିନ୍ ଟେଲିଭିଜନର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ବଲିଉଡ୍ ଅଭିନେତା ରାଜକୁମାରଙ୍କ ଦେହାନ୍ତ।
- ୨୦୧୨: ଇରାକ୍‌ରେ ବୋମା ବିସ୍ଫୋରଣ ଯୋଗୁଁ ୨୫ ଜଣଙ୍କ ମୃତ୍ୟୁ ଓ ୪୦ ଆହତ।



# ବୟସ୍କଙ୍କ ପାଇଁ ଧିମା ଧାଡ଼ି

ସାଧାରଣତଃ ସୁପର୍ ମାର୍କେଟ୍‌ରେ ବିଲିଂ ପାଇଁ ଲୋକଙ୍କୁ ଲମ୍ବା ଧାଡ଼ିରେ ଛିଡ଼ା ହେବାକୁ ପଡ଼ିଥାଏ। ତା'ସହ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହେବା ପରେ ବିଲିଂ ପାଇଁ ସେମାନେ ତରବର ହୋଇଥାନ୍ତି। ଯଦି ବିଲିଂ ଧାଡ଼ିରେ ବୟସ୍କ ଲୋକ ଥାନ୍ତି, ତେବେ ଏହି ପ୍ରକ୍ରିୟା ଆଉ ଟିକେ ଧୀର ହୋଇଥାଏ। କାରଣ ଅନ୍ୟମାନଙ୍କ ଭଳି ବୟସ୍କ ଲୋକମାନେ ଶୀଘ୍ର ଶୀଘ୍ର ବିଲିଂ କରି ନ ପାରି ଅଧିକ ସମୟ ନିଅନ୍ତି। ଏହାଦ୍ୱାରା ଅନ୍ୟମାନଙ୍କୁ ସମସ୍ୟା ହୋଇଥାଏ। ସେଥିପାଇଁ ଅନେକ ବରିଷ୍ଠ ନାଗରିକ ଅନିଚ୍ଛା ସତ୍ତ୍ୱେ ମଧ୍ୟ ସୁପରମାର୍କେଟ୍ ଯିବାକୁ ଇଚ୍ଛା କରନ୍ତି ନାହିଁ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଜାପାନର ଏକ ସୁପର୍‌ମାର୍କେଟ ବୟସ୍କ, ଦିବ୍ୟାଙ୍ଗ, ଗର୍ଭବତୀ ମହିଳାଙ୍କ ପାଇଁ 'ଏକ୍ସଟ୍ରା ସ୍ଲୋ ଚେକ୍ ଆଉଟ୍ ଲେନ୍' ବା ଧିମା ଧାଡ଼ିକୁ ପରିଚିତ କରାଇଛି। ଏହି ଧାଡ଼ିରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳି ନ ଥାଏ। ସେହିପରି ଏହି ଧାଡ଼ିକୁ ପରିଚିତ କରାଇବା ପରେ ସୁପରମାର୍କେଟ୍ ବ୍ୟବସାୟରେ ୧୦ ପ୍ରତିଶତ ବୃଦ୍ଧି ଘଟିଥିବା ଦେଖାଯାଇଛି। ଏହି ଧାଡ଼ି ମାଧ୍ୟମରେ ଗ୍ରାହକଙ୍କୁ ତରବର ନ ହୋଇ ୨୦ ମିନିଟ୍ ପର୍ଯ୍ୟନ୍ତ ଆରାମରେ ଚେକ୍‌ଆଉଟ୍ କରିବାର ସୁବିଧା ମିଳିଥାଏ। ତେବେ ଫୁକୁଓକା ସ୍ଥିତ ଅଲଜାଇମର ରୋଗକୁ ସମର୍ଥନ କରୁଥିବା କେନ୍ଦ୍ରର ଅବେ ନନା ନାମ୍ନୀ ଜଣେ ଯୁବତୀ ଏହି ଏକ୍ସଟ୍ରା ସ୍ଲୋ ଚେକ୍‌ଆଉଟ୍ ପ୍ରସ୍ତାବ ଦେଇଥିଲେ। ସେ ଜାଣିଥିଲେ ଯେ, ବୟସ୍କମାନେ ତରବରିଆ ଭାବେ କିଣାକିଣି କରି ନ ପାରି ନିରାଶ ଓ ଲଜ୍ଜା ଅନୁଭବ କରନ୍ତି। ଏହି ଧିମା ଧାଡ଼ି ବ୍ୟବସ୍ଥା ଯୋଗୁଁ ସେମାନଙ୍କୁ ଶାନ୍ତିରେ ଟଙ୍କା ଗଣିବା, ନିଜ ଜିନିଷକୁ ନିଜ ପାଖରେ ରଖିବା ତଥା ଦୋକାନୀଙ୍କ ସହ କଥା ହେବାର ଅନୁମତି ପ୍ରଦାନ କରିଥାଏ। ଏହି ଚେକ୍‌ଆଉଟ୍ ପଏଣ୍ଟରେ ସେମାନଙ୍କ ଉପରେ କୌଣସି ଚାପ ପଡ଼ି ନ ଥାଏ। ଦୋକାନୀ ମଧ୍ୟ ସେମାନଙ୍କ ସହ କଥାବାର୍ତ୍ତା କରି ବିଭିନ୍ନ ଅଫର୍ ବାବଦରେ ଅବଗତ କରାଇଥାନ୍ତି। ଏହି ଧିମା ଧାଡ଼ି ବ୍ୟବସ୍ଥା ଯୋଗୁଁ ଏବେ ଏହି ସୁପରମାର୍କେଟରେ ଲୋକେ କିଣାକିଣି କରିବାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ସୁପରମାର୍କେଟ୍‌ର ଏହି ପଦକ୍ଷେପକୁ ଲୋକଙ୍କ ପକ୍ଷରୁ ସକାରାତ୍ମକ ପ୍ରତିକ୍ରିୟା ମିଳିଛି। ତା'ସହ ଆଗାମୀ ଦିନରେ ଅନ୍ୟ ସୁପରମାର୍କେଟ୍ ମଧ୍ୟ ଏହି ଉପାୟ ଅବଲମ୍ବନ କରିବା ନେଇ ଆଶା କରାଯାଉଛି।




# ବାର୍ତ୍ତା ପଢ଼ନ୍ତୁ ଶୋଷ ମେଣ୍ଟାନ୍ତୁ

ଖରାଦିନେ ଲୋକଙ୍କ ତୃଷା ନିବାରଣ ପାଇଁ ସ୍ଥାନେ ସ୍ଥାନେ ଜଳଛତ୍ର ଦେଖିବାକୁ ମିଳିଥାଏ। ତେବେ ସବୁ ସ୍ଥାନରେ ଏହି ବ୍ୟବସ୍ଥା ନ ଥାଏ। ଯେଉଁଥିପାଇଁ ପଥଚାରୀଙ୍କୁ ପାଣି ପାଇଁ ହଇରାଣ ହେବାକୁ ପଡ଼ିଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ନୋଏଡାର ପଙ୍କଜ କୁମାର ଯାହା କରିଛନ୍ତି, ସେଥିପାଇଁ ତାଙ୍କୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି। ଖରାରେ ଡେଲିଭରି ସେବା ପ୍ରଦାନ କରୁଥିବା ଡେଲିଭରି ବୟଙ୍କ ପାଇଁ ସେ ତାଙ୍କ ଘର ବାହାରେ ଏକ ବାର୍ତ୍ତା ପ୍ରଦାନ କରିଛନ୍ତି। ଏହି ବାର୍ତ୍ତା ମାଧ୍ୟମରେ ସେ ତୃଷାର୍ତ୍ତଙ୍କ ତୃଷା ନିବାରଣ କାର୍ଯ୍ୟ କରୁଛନ୍ତି। ଗ୍ରୋନୋ ୱେଷ୍ଟ ସ୍ଥିତ ଏସିଇ ଏସ୍କାୟାର୍ ସୋସାଇଟିରେ ରହନ୍ତି ପଙ୍କଜ କୁମାର। ସେ କାଗଜରେ ଏକ ବାର୍ତ୍ତା ଲେଖି ତା'କୁ ନିଜ ଘର କବାଟରେ ମାରିଛନ୍ତି। ଏଥିରେ ସେ ଲେଖିଛନ୍ତି, "ପ୍ରବଳ ଗରମ ହେଉଛି। ଲାଜ କରନ୍ତୁ ନାହିଁ। ମୋ ପାଖରେ ଲେମ୍ବୁ ପାଣି ଅଛି। ମାଗିପାରିବେ, ମୋତେ ଭଲ ଲାଗିବ।" ତେବେ ଏହି ବାର୍ତ୍ତା କେବଳ ଡେଲିଭରି ବୟମାନଙ୍କ ପାଇଁ ତାହା ନୁହେଁ, ସିକ୍ୟୁରିଟି ଗାର୍ଡ ତଥା ସୋସାଇଟିରେ ରହୁଥିବା ସମସ୍ତ ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ ବୋଲି ପଙ୍କଜ କୁହନ୍ତି। ପଙ୍କଜଙ୍କ ମତରେ, ଯେହେତୁ ସେ ରାସ୍ତାକୁ ଯାଇ ଲୋକଙ୍କୁ ସେବା ଯୋଗାଇପାରିବେ ନାହିଁ, ତେଣୁ ଏହା ମାଧ୍ୟମରେ ସେ ତୃଷାର୍ତ୍ତଙ୍କ ତୃଷା ନିବାରଣ କରିପାରିଲେ ତାଙ୍କୁ ଖୁବ୍ ଭଲ ଲାଗିବ ବୋଲି ପଙ୍କଜ କହିଛନ୍ତି। ତେବେ ପଙ୍କଜ ଭୀଷଣ ଗରମରେ ବାହାରକୁ ଯିବା ବେଳେ ଏଭଳି ଚିନ୍ତାଧାରା ତାଙ୍କ ମନକୁ ଆସିଥିଲା। ଘରକୁ ଫେରିବା ବେଳେ ପଙ୍କଜଙ୍କୁ ବହୁତ ଜୋର୍‌ରେ ଶୋଷ ଲାଗିଥିଲା ଏବଂ ରାସ୍ତାଘାଟରେ କେଉଁଠି ପାଣି ପାଇ ନ ଥିଲେ। ସେଇଠୁ ଡେଲିଭରି କାମ କରୁଥିବା ଲୋକେ କିଭଳି ସମସ୍ୟା ସାମ୍ନା କରୁଥିବେ ଏବଂ ଏତେ ତାତିରେ ସେମାନଙ୍କ ଅବସ୍ଥା କ'ଣ ହେଉଥିବ, ସେ ଚିନ୍ତା କଲେ। ଏହାପରେ ସେ କାଗଜରେ ଏହି ବାର୍ତ୍ତା ଲେଖି ଘର କବାଟରେ ଲଗାଇଥିବା କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ତାଙ୍କର ଏହି ମହତ୍ କାମକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି।



# ବିଶ୍ୱର ପ୍ରଥମ ଏଟିଏମ୍ ମେସିନ୍

ବର୍ତ୍ତମାନ ସମୟରେ ଏଟିଏମ୍ କାର୍ଡ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଥିବା ଦେଖାଯାଇଛି। ଏହାଦ୍ୱାରା ଲୋକଙ୍କୁ ଆଉ ନଗଦ ଟଙ୍କା ଧରି ବାହାରକୁ ଯିବାକୁ ପଡୁନାହିଁ। ତେବେ କେଉଁ ଦେଶରେ କେବେ ପ୍ରଥମେ ଏଟିଏମ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା, ତାହା ନେଇ ମନକୁ ପ୍ରଶ୍ନ ଆସିଥାଏ। କହିବାକୁ ଗଲେ ଜୁନ୍ ୨୭ ତାରିଖ ୧୯୬୭ ମସିହାରେ ବିଶ୍ୱରେ ପ୍ରଥମେ ଏଟିଏମ୍ ମେସିନ୍ ଲଗାଯାଇଥିଲା। ଏହି ମେସିନ୍ ଲଣ୍ଡନର ଏନଫିଲ୍ଡ ହାଇ ଷ୍ଟ୍ରିଟ୍‌ରେ ଲଗାଯାଇଥିଲା। ଏଟିଏମ୍ ସମେତ ପିନକୋଡ୍ ମଧ୍ୟ ଏଠାରେ ଆରମ୍ଭ ହୋଇଥିଲା। ସେହି ସମୟରେ ଲୋକେ ପ୍ଲାଷ୍ଟିକ୍ କାର୍ଡ ବଦଳରେ ରେଡିଓ ଆକ୍ଟିଭ ଇଙ୍କରେ ଲେଖାଯାଇଥିବା ପେପର୍ ଭାଉଚରକୁ ମେସିନ୍‌ରେ ଭର୍ତ୍ତି କରୁଥିଲେ। ଯାହାକୁ ମେସିନ ପଢ଼ି ସେତିକି ପରିମାଣରେ ଅର୍ଥରାଶି ଗ୍ରାହକଙ୍କୁ ଦେଉଥିଲା। ସେ ସମୟରେ ଏହି ଏଟିଏମ୍‌ରୁ ୧୦ ଡଲାରରୁ ଅଧିକ ଟଙ୍କା ଉଠାଯିବାର ସୁବିଧା ନ ଥିଲା। ଏହି ଏଟିଏମ୍ ମେସିନକୁ ଜନ ସେଫର୍ଡ ବାରନ୍ ଉଦ୍ଭାବନ କରିଥିଲେ। ତାଙ୍କ ମୁଣ୍ଡକୁ ଏହି ବୁଦ୍ଧି ଟବ୍‌ରେ ଗାଧୋଉଥିବା ସମୟରେ ଆସିଥିଲା। ତେଣୁ ସେ ଚିନ୍ତାକଲେ, ଯଦି ଭେଣ୍ଡିଂ ମେସିନ୍‌ରୁ ଜିନିଷ ବାହାରକୁ ଆସିପାରୁଛି, ତେବେ ଟଙ୍କା କାହିଁକି ଗୋଟିଏ ମେସିନ୍‌ରୁ ବାହାର କରାଯାଇପାରିବ ନାହିଁ? ତାଙ୍କର ସେହି ଚିନ୍ତାଧାରାରୁ ଏଟିଏମ୍ ଜନ୍ମ ନେଇଥିଲା।

# ତୁଳସୀ ପୂଜା

## ମାନନ୍ତୁ ଏହି ନିୟମ

**ଆଧ୍ୟାତ୍ମିକ ଓ ବାସ୍ତୁ ଦୃଷ୍ଟିରୁ ପ୍ରତିଦିନ ତୁଳସୀ ପୂଜା କରିବା ବହୁତ ଶୁଭଦାୟକ। ଘରର ଅଗଣାରେ ସଠିକ୍ ଦିଗରେ ତୁଳସୀ ଗଛ ଲଗାଇବା ଏବଂ ତୁଳସୀ ଗଛ ସମ୍ପର୍କିତ ଅନେକ ନିୟମ ମାନିବା ଦ୍ୱାରା ବାସ୍ତୁଦୋଷ ଦୂର ହୋଇଥାଏ। ବାସ୍ତୁ ଭଳି ଆଧ୍ୟାତ୍ମିକ ଦୃଷ୍ଟିରୁ ମଧ୍ୟ ଦେଖିବାକୁ ଗଲେ, ପ୍ରତିଦିନ ତୁଳସୀ ପୂଜା କରିବା ଦ୍ୱାରା ଶ୍ରୀବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ କୃପାପ୍ରାପ୍ତ ହୋଇ ସବୁ ବାଧାବିଘ୍ନ ଦୂର ହୁଏ। ତେବେ ପ୍ରତିଦିନ ତୁଳସୀ ପୂଜା କରିବା ସମୟରେ ଅଜାଣତରେ କିଛି ଭୁଲ୍ ହୋଇଯାଏ, ଯାହାକି ନକାରାତ୍ମକ ପ୍ରଭାବ ପକାଏ। ତେଣୁ ତୁଳସୀ ପୂଜା କରିବା ସମୟରେ କିଛି ନିୟମ ମାନିବା ଉଚିତ।**

- ଘରର ପ୍ରତ୍ୟେକ ସଦସ୍ୟ ଭିନ୍ନ ଭିନ୍ନ ସମୟରେ ଯଦି ତୁଳସୀ ପୂଜା କରନ୍ତି ଏବଂ ଜଳ ଅର୍ପଣ କରିଥାନ୍ତି, ଏଭଳି କରିବା ଉଚିତ ନୁହେଁ। ତୁଳସୀ ମୂଳରେ ଅଧିକ ପାଣି ଦେବା ଦ୍ୱାରା ଗଛଟିର ଚେର ପଚି ଯାଇ ଶୁଖିଯାଏ। ତୁଳସୀ ଗଛ ଶୁଖିବା ଶୁଭ ନୁହେଁ। ତେଣୁ ଏଭଳି ଭୁଲ୍ କରିବା ଉଚିତ ନୁହେଁ।
- ତୁଳସୀ ଚଉରା ଓ ଗଛ ଉପରେ ଓଢ଼ଣୀ ରଖିଥିଲେ, ତାହାକୁ କିଛିଦିନ ବ୍ୟବଧାନରେ ବଦଳାଇବା ଉଚିତ। ପୂଜାଘରର ଦେବଦେବୀଙ୍କୁ ପିନ୍ଧାଇଥିବା ବସ୍ତ୍ରକୁ ବଦଳାଇବା ଓ ସଫା କରିବା ଭଳି ତୁଳସୀ ଗଛର ଓଢ଼ଣୀକୁ ମଧ୍ୟ ପରିବର୍ତ୍ତନ କରିବା ଜରୁରି।
- ସୂର୍ଯ୍ୟାସ୍ତ ପରେ ତୁଳସୀ ଗଛକୁ ସ୍ପର୍ଶ କରିବା ଅନୁଚିତ। ତେଣୁ ପୂଜାବିଧି ପାଇଁ ସୂର୍ଯ୍ୟାସ୍ତ ପୂର୍ବରୁ ତୁଳସୀ ଚୟନ କରନ୍ତୁ।
- ତୁଳସୀ ଚୟନ ପୂର୍ବରୁ ପ୍ରଥମେ ପ୍ରଣାମ କରନ୍ତୁ ଏବଂ ନଖ ଦ୍ୱାରା ତୁଳସୀ ତୋଳନ୍ତୁ ନାହିଁ।
- ରବିବାର ଦିନ ତୁଳସୀ ପୂଜା କରନ୍ତୁ ନାହିଁ।
- ତୁଳସୀ ଗଛ ପାଖରେ ଦୀପ ଜଳାଇବା ସମୟରେ ଅରୁଆ ଚାଉଳ ଉପରେ ଦୀପକୁ ରଖନ୍ତୁ।



- ଠାକୁର ପୂଜା ସାରିବା ପରେ ତୁଳସୀ ପୂଜା କରିବା ଜରୁରି।
- ଗୁରୁବାର ଦିନ ତୁଳସୀ ଗଛ ଲଗାଇବା ଉଚିତ। ଏହାବାଦ୍ କାର୍ତ୍ତିକ ମାସରେ ତୁଳସୀ ଲଗାଇବା ସର୍ବୋତ୍ତମ ବୋଲି କୁହାଯାଏ।
- ତୁଳସୀ ଗଛ ସବୁବେଳେ ଉତ୍ତର କିମ୍ବା ଉତ୍ତର-ପୂର୍ବ ଦିଗରେ ଲଗାଇବା ଉଚିତ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲବୁଝାମଣା ରହିବ। ଘରେ ପୂଜାପାଠର ଆୟୋଜନ କରିବେ। ଯାନବାହନ କ୍ରୟକରିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବେ। ମହିଳାଙ୍କ ଦାୟିତ୍ୱ ବଢ଼ିବ।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଯାତ୍ରାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଅଚାନକ ଖୁସି ଖବର ପାଇ ପାରନ୍ତି।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**କନ୍ୟା:** ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ବିବାହକୁ ନେଇ ଶୁଭ ସମାଚାର ମିଳିବ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ବୈବାହିକ ଜୀବନରେ ମନୋମାଳିନ୍ୟ ଆସିବ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିବ। ନିବେଶ ପାଇଁ ଭଲ ସମୟ। କାମ ପାଇଁ ପ୍ରଶଂସିତ ହେବେ।

**ମକର:** ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। ଫୋନ୍‌ରେ କଥାବାର୍ତ୍ତାରେ ଅଧିକ ସମୟ ଅତିବାହିତ କରିବେ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ବିଦେଶ ଯାତ୍ରା ଯୋଗ ରହିବ।

# କ୍ୱାର୍ଟରରେ ପାନାମା: ଆମେରିକାର ବିଦାୟ

**କୋପା ଆମେରିକା ଫୁଟବଲ**



**କାନସାସ ସିଟି,୨।୭(ଏଜେନ୍ସି):** ଆମେରିକାର ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୪୮ତମ ସଂସ୍କରଣରେ ଉରୁଗୁଏ ଓ ପାନାମା ସେମାନଙ୍କ ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗ୍ରୁପ୍ ସି'ରେ ପାନାମା, ଉରୁଗୁଏ ଯଥାକ୍ରମେ ବଲିଭିଆ ଓ ଆମେରିକାକୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ପରାସ୍ତ ହେବା ସହ ଆୟୋଜକ ଆମେରିକା ଏହି ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ମଙ୍ଗଳବାର ସକାଳେ ଅନୁଷ୍ଠିତ ମୁକାବିଲାରେ ପାନାମ ୩-୧ ଗୋଲରେ ବଲିଭିଆକୁ ପରାସ୍ତ କରିଛି। ଏଥିସହ ପାନାମା ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ରହି ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହି ପରବର୍ତ୍ତୀ ରାଉଣ୍ଡକୁ ଅଗ୍ରଗତି କରିଛି। ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନା- ଇକ୍ୱେଡର ଏବଂ ଭେନେଜୁଏଲା-କାନାଡ଼ା ପରସ୍ପରକୁ ଭେଟିବେ। ବୁଧବାର ଗ୍ରୁପ୍ ଡି'ର ଅନ୍ତିମ ଦୁଇଟି ମ୍ୟାଚ୍ ଖେଳାଯିବା ପରେ ପାନାମା ଓ ଉରୁଗୁଏ କ୍ୱାର୍ଟରରେ କେଉଁ ଦୁଇ ଦଳକୁ ଭେଟିବେ ତାହା ସ୍ପଷ୍ଟ ହେବ।

ସ୍ଥାନୀୟ ଆରୋହେଡ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚ୍‌ରେ ପାନାମାଠାରୁ ୧-୩ ଗୋଲରେ ବଲିଭିଆ ପରାସ୍ତ ହୋଇ ବିଦାୟ ନେଇଛି। ୨୨ତମ ମିନିଟ୍‌ରେ ଜୋଶ ଫଜାର୍ଡୋ ପ୍ରଥମ ଗୋଲ ଦେଇ ପାନାମାକୁ ଅଗ୍ରଣୀ କରାଇଥିଲେ। ଏହାପରେ ୬୯ତମ ମିନିଟ୍‌ରେ ବଲିଭିଆ ବ୍ରୁନୋ ମୀରାଣ୍ଡା ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। କିନ୍ତୁ ଏହାପରେ ପାନାମା ଦୁଇଟି ଗୋଲ ଦେଇ ମ୍ୟାଚ୍ ହାତକୁ ନେଇଥିଲା। ୭୯ତମ ମିନିଟ୍‌ରେ ଏଡୁଆର୍ଡୋ ଗୁଏରେରୋ ଓ ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ ଅର୍ଥାନ ୯୦+୧ତମ ମିନିଟ୍‌ରେ ସେସାର ୟାନିସ୍ ଗୋଲ ଦେଇ ପାନାମକୁ ବିଜୟୀ କରାଇଥିଲେ। ପାନାମା ସଟ୍ ଓ ସଟ୍ ଅନ୍ ଟାର୍ଗେଟ୍‌ରେ ଆଗରେ ରହିଥିଲା ଓ ସୁଯୋଗ ସୃଷ୍ଟି କରିବା ସହ ଗୋଲ ସ୍କୋର କରିଥିଲା। କିନ୍ତୁ ବଲିଭିଆ ଖେଳାଳି ଅପେକ୍ଷାକୃତ ଅଧିକ ସମୟ ବଲକୁ ଅକ୍ତିଆରରେ ରଖିବା ସହ ପାସ୍ ଓ ପାସ୍ ଆକ୍ୟୁରେସିରେ ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି କରିପାରି ନଥିଲା। ଫଳରେ ଅଧିକ ଗୋଲ ଦେବାରେ ବିଫଳ ହୋଇଥିଲା।

## ଉରୁଗୁଏ ଗ୍ରୁପ୍ ସି' ଚାମ୍ପିଅନ

ମଙ୍ଗଳବାର ଗ୍ରୁପ୍ ସି'ରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଉରୁଗୁଏ ୧-୦ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଏଥିସହ ଉରୁଗୁଏ ୩ଟି ମ୍ୟାଚ୍ ଖେଳି ୩ଟିରେ ବିଜୟ ହାସଲ କରି ୯ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହିବା ସହ ଗ୍ରୁପ୍ ଚାମ୍ପିଅନ ବିବେଚିତ ହୋଇଛି। ପୂର୍ବରୁ ଉରୁଗୁଏ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିସାରିଥିବା ବେଳେ ଆୟୋଜକ ଆମେରିକା ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛି। ଆମେରିକା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ମଧ୍ୟ ଉରୁଗୁଏରେ ଶୃଙ୍ଖଳିତ ପ୍ରଦର୍ଶନ ଆଗରେ ହାର ମାନିଥିଲା। ଆମେରିକା ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୩ ପଏଣ୍ଟ ପାଇଁ ତୃତୀୟ ସ୍ଥାନରେ ରହି ବାଦ୍ ପଡିଛି। ଉରୁଗୁଏ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲା। ଆମେରିକା ଜବରଦସ୍ତ ଟକ୍କର ଦେଇଥିଲେ ମଧ୍ୟ ଗୋଲ ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୬୬ତମ ମିନିଟ୍‌ରେ ମାଥିଆସ ଓଲିଭେରା ଗୋଲ ଦେଇ ଉରୁଗୁଏକୁ ଅଗ୍ରଣୀ କରାଇଥିଲେ। ଏହାପରେ ଗୋଲ ନ ହେବା କାରଣରୁ ଉରୁଗୁଏ ଶେଷରେ ବାଜି ମାରିଥିଲା।

**୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ୍**

# ଅର୍ଣ୍ଣବ ଓ ସୟଦଙ୍କୁ ୫ ୱିକେଟ ସଫଳତା



ଅର୍ଣ୍ଣବ ପଟ୍ଟନାୟକ



ଦେବଜ୍ୟୋତି ପଟ୍ଟନାୟକ



ସୟଦ ଟି ଅହମ୍ମଦ

**କଟକ,୨।୭(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୫୧ରନ୍‌ରେ କିଟ୍‌କୁ ପରାସ୍ତ କରିଛି। ଭୁବନେଶ୍ୱର-ବି ୧୩୨ ରନରେ ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ସୂତାର ସର୍ବାଧିକ ୨୯ ରନ କରିଥିଲେ। କିଟ୍ ଦଳର ବିବେକ ମହାରଣାଙ୍କୁ ୫ଟି ୱିକେଟ ମିଳିଥିଲା। ୧୩୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୮୧ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ୧୭ ରନ ବିନିମୟରେ ୫ଟି ୱିକେଟ ହାସଲ କରି ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ସୟଦ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଏମ୍‌ଜିଏମ୍ ସ୍ପୋର୍ଟସ ଗ୍ରାଉଣ୍ଡରେ କଟକ-ଏ ୮ ୱିକେଟରେ ସମ୍ବଲପୁର-ବି'କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର-ବି ସମସ୍ତ ୱିକେଟ ହରାଇ ୨୨୧ ରନ କରିଥିଲା। ପ୍ରେମ ଭୋଇ ୬୫ ଏବଂ ଅମରନାଥ ଭୋଇ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। କଟକ-ଏ ପକ୍ଷରୁ ଅର୍ଣ୍ଣବ ପଟ୍ଟନାୟକଙ୍କୁ ୫ ୱିକେଟ ସଫଳତା ମିଳିଥିଲା। ଜବାବରେ ୩୬.୨ ଓଭରରେ ଦୁଇ ୱିକେଟ ହରାଇ କଟକ-ଏ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅବଦୁଲ ଲତିଫ୍ ଅପରାଜିତ ୧୦୩ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଏହି ମ୍ୟାଚ୍‌ରେ ସୟଦଙ୍କୁ ଶ୍ରେଷ୍ଠ ବିବେଚିତ କରାଯାଇଛି। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ କେନ୍ଦ୍ରାପଡା ୧ ରନରେ ସୁନ୍ଦରଗଡକୁ, ନୂଆପଡା ୯୮ ରନ୍‌ରେ ବୌଦ୍ଧକୁ, ଭଦ୍ରକ ୬ ୱିକେଟରେ ମୟୂରଭଞ୍ଜକୁ, ନୟାଗଡ ୧୪୩ ରନରେ ଦେବଗଡକୁ ହରାଇଛି। ନୟାଗଡ଼ର ଦିବ୍ୟଜ୍ୟୋତି ପଟ୍ଟନାୟକ (୫୦ ରନ ଓ ୩ ୱିକେଟ୍) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

# ରୋହିତ୍‌ଙ୍କ ଫୋନ୍ କଲ୍ ଦ୍ରାବିଡଙ୍କ ସ୍ୱପ୍ନ ସାକାର କଲା

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ଗୋଟିଏ ଫୋନ୍ କଲ୍ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍‌ଙ୍କ ସ୍ୱପ୍ନ ସାକାର କରିଛି। ପ୍ରଶିକ୍ଷକ ପଦ ଛାଡିବା ପୂର୍ବରୁ ଦ୍ରାବିଡ୍ ତାଙ୍କ ବିଦାୟୀ ଭାଷଣରେ ଏ ନେଇ ଏକ ରୋଚକ କଥା କହିଛନ୍ତି ଓ ଏହା ଡ୍ରେସିଂର ରୁମ୍‌ରରେ ଉପସ୍ଥିତ ସବୁ ଭରାତୀୟ ଖେଳାଳିଙ୍କୁ ଭାବପ୍ରବଣ କରିଥିଲା। ଗତବର୍ଷ ନଭେମ୍ବରରେ ଭାରତ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ସମସ୍ତେ ନିରାଶ ହୋଇଥିଲେ। ଏହି କାରଣ ଯୋଗୁ ଦ୍ରାବିଡ୍ ପ୍ରଶିକ୍ଷକ ପଦ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏତିକି ବେଳେ ରୋହିତ ତାଙ୍କୁ ଫୋନ କରିଥିଲେ ଓ ଏପରି ନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଫୋନକଲ ଦ୍ରାବିଡ୍‌ଙ୍କ ମନୋଭାବରେ ପରିବର୍ତ୍ତନ ଆଣିଥିଲା। ଫଳରେ ସେ ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ୍ ପର୍ଯ୍ୟନ୍ତ ପ୍ରଶିକ୍ଷକ ପଦରେ ରହିବାକୁ ମନସ୍ଥ କରିଥିଲେ ବୋଲି ଦ୍ରାବିଡ କହିଛନ୍ତି। ଶେଷରେ ଭାରତକୁ ଚାମ୍ପିଅନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ଶେଷରେ ଦ୍ରାବିଡଙ୍କ ସ୍ୱପ୍ନ ସାକାର ହୋଇଥିଲା। ସେହି ଫୋନ୍‌କଲ ପାଇଁ ଦ୍ରାବିଡ ତାଙ୍କ ବିଦାୟୀ ଭାଷଣରେ ରୋହିତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବେ ଦ୍ରାବିଡ୍‌ଙ୍କ ସ୍ଥାନରେ ପୂର୍ବତନ ଓପନର ଗୌତମ୍ ଗମ୍ଭୀର ଭାରତୀୟ ଦଳ ନୂଆ ପ୍ରଶିକ୍ଷକ ନିଯୁକ୍ତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଉଲ୍ଲେଖଥାଉ କି, ଶନିବାର ଅନୁଷ୍ଠିତ ବିଶ୍ୱକପ୍ ରୋମାଞ୍ଚକ ଫାଇନାଲ ମୁକାବିଲାରେ ଭାରତ ୭ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦୀର୍ଘ ୧୭ ବର୍ଷ ପରେ ଟି-୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା।



କଟକ ଏସ୍‌ଆର୍ ଚେସ୍ ସେଣ୍ଟରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅତିଥିଙ୍କ ସହ କୃତି ପ୍ରତିଯୋଗୀମାନେ।

# ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳରେ ଭନ୍, ଫ୍ଲିଣ୍ଟଫ୍‌ଙ୍କ ପୁଅ





**ଲଣ୍ଡନ, ୨।୭ (ଏଜେନ୍ସି):** ଶ୍ରୀଲଙ୍କା କନିଷ୍ଠ ଦଳ ବିପକ୍ଷ ଆଗାମୀ ୨ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ମଙ୍ଗଳବାର ଇଂଲଣ୍ଡ ୧୯ ବର୍ଷରୁ କମ୍ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଦୁଇ କିମ୍ବଦନ୍ତୀ ଖେଳାଳି ମାଇକେଲ୍ ଭନ୍ ଓ ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅଙ୍କୁ ସୁଯୋଗ ଦିଆଯାଇଛି। ଆସେସ୍ ଟେଷ୍ଟ ସିରିଜ ବିଜୟୀ ପ୍ରାକ୍ତନ ଅଧିନାୟକ ମାଇକେଲ୍ ଭନଙ୍କ ପୁଅ ୧୮ ବର୍ଷୀୟ ଆର୍ଚି ଭନ୍ ଜଣେ ଡାହାଣହାତୀ ବ୍ୟାଟର୍। କାଉଣ୍ଟି କ୍ରିକେଟ୍‌ରେ ସେ ସମରସେଟ୍ ପକ୍ଷରୁ ଖେଳୁଛନ୍ତି। ସେହିଭଳି ୧୬ ବର୍ଷୀୟ ରକି ଫ୍ଲିଣ୍ଟଫ୍ ବାପା ଆଣ୍ଡ୍ରିଉଙ୍କ ଭଳି ଜଣେ ପ୍ରତିଭାବାନ ଅଲ୍‌ରାଉଣ୍ଡର। ସେ ଡାହାଣହାତୀ ବ୍ୟାଟିଂ ସହ ଉପଯୋଗୀ ମଧ୍ୟଗତିର ବୋଲିଂ କରିଥାନ୍ତି। ରକି ପୂର୍ବରୁ ଇଂଲଣ୍ଡ ଯୁବ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ଘୋଷିତ ୧୪ ଜଣିଆ ଦଳରେ ଆଉ ଜଣେ କ୍ରିକେଟର୍‌ଙ୍କ ଭାଇଙ୍କୁ ନିଆଯାଇଛି। ସେ ହେଲେ ଲେଗ୍-ସ୍ପିନର ରେହାନ ଅହମ୍ମଦଙ୍କ ଭାଇ ଫରହାନ ଅହମ୍ମଦ।

# ରାଜ୍ୟସ୍ତରୀୟ ଜୁଡୋ: ଖୋର୍ଦ୍ଧା ଉପ-ବିଜେତା




**ଭୁବନେଶ୍ୱର,୨।୭(ସମିସ):** କଟକଠାରେ ଦୁଇଦିନ ଧରି ଚାଲିଥିବା ୫ମ ରାଜ୍ୟସ୍ତରୀୟ ଜୁଡୋ ପ୍ରତିଯୋଗିତାରେ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସବ୍‌ଜୁନିଅର, ଜୁନିଅର ଓ ସିନିୟର ବର୍ଗରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୧୭ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ, ୨ଟି କାଂସ୍ୟ ପଦକ ପାଇଁ ଖୋର୍ଦ୍ଧା ଜିଲ୍ଲା ରନର୍ସଅପ୍ ବିବେଚିତ ହୋଇ ରନର୍ସଅପ୍ ଟ୍ରଫି ହାସଲ କରିଛି। ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜାତୀୟସ୍ତରୀ ଜୁଡୋ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜୁଡୋ ଆସୋସିଏସନ ଅଫ୍ ଓଡ଼ିଶାର ସଭାପତି ଶିବାଶିଷ କର, ସମ୍ପାଦକ ସିହାନ ନିତାଇଶଙ୍କର ଗୁଇଁ ଉପସ୍ଥିତ ରହି କୃତି ପ୍ରତଯୋଗୀମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରିଥିଲେ। ସୁନ୍ଦରପଦାର ବାପୁଜୀ କ୍ଲବ, ଚନ୍ଦ୍ରଶେଖରପୁର ବିଡିଏର କମ୍ୟୁନିଟି ହଲ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ପ୍ରତିଯୋଗୀମାନେ ବିଭିନ୍ନ ପ୍ରଶିକ୍ଷକ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରୁଛନ୍ତି। ଖୋର୍ଦ୍ଧା ଜିଲ୍ଲା ଜୁଡୋ ଆସୋସିଏସନ ସଭାପତି ଗୌରବ କର, ସମ୍ପାଦିକା ସସ୍ମିତା ବେହେରା, ଉପଦେଷ୍ଟା ବିଭୁତି ଭୂଷଣ ଚମ୍ପତି ଓ ମ୍ୟାନେଜର ରବିନାରାୟଣ ନାଗ, କୋଚ୍ ଅଭୟ କୁମାର ବେହେରା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତଯୋଗୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କ୍ରୀଡ଼ା ସାମ୍ବାଦିକ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨।୭ (ସମିସ):** ସ୍ଥାନୀୟ ସମେଇଗାଡିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ମଙ୍ଗଳବାର (ଜୁଲାଇ ୨) ପାଳିତ ହୋଇଯାଇଛି। ଏହି ଅବସରରେ ଏକୋଡେମୀର ଅଧକ୍ଷା ମୀରାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ସାମାଜିକକର୍ମୀ ସନ୍ତୋଷ ଜେନା ମୁଖ୍ୟ ଅତିଥି, ଡ. ସୁବାଷ ଚନ୍ଦ୍ର ମଲ୍ଲିକ, ଅତିଶ କୁମାର ରାଉତ, ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କ୍ରୀଡ଼ା ସାମ୍ବାଦିକଙ୍କ କାର୍ଯ୍ୟ ଉପରେ ନିଜର ମତ ରଖିଥିଲେ। ଏହି ଉପଲକ୍ଷେ ରାଜ୍ୟର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ କ୍ରୀଡ଼ା ସାମ୍ବାଦିକ ସମୀର ପ୍ରସାଦ ରାଉତ, ପ୍ରଫୁଲ୍ଲ କିଶୋର ସାହୁ, ଲୋକନାଥ ପାଣିଗ୍ରାହୀ, ତୁଷାର ସେନାପତି, ଚକ୍ରଧର ମାଝୀ, ମଳୟ କୁମାର ନାୟକ, କମଳକାନ୍ତ ନାୟକ ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।




**ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳିତ**

# 'ଖବର ପ୍ରକାଶନ ଖେଳାଳିଙ୍କୁ ପ୍ରେରଣା ଦେଇଥାଏ'



**ଭୁବନେଶ୍ୱର, ୨।୭(ସ.ମି.ସ.):** ଆଜି ହେଉଛି ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ। ସମଗ୍ର ବିଶ୍ୱର କ୍ରୀଡ଼ା ସାମ୍ବାଦିକଙ୍କ ସହ ଓଡ଼ିଶାର କ୍ରୀଡ଼ା ସାମ୍ବାଦିକମାନେ ମଧ୍ୟ ଏହି ଦିବସକୁ ଉତ୍ସାହର ସହ ପାଳନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ମହା ସମାରୋହରେ ଏହି ଦିବସ ପାଳନ କରାଯାଇଛି। ଏହି ଷ୍ଟାଡିୟମ୍ ଟେନିସ ସେଣ୍ଟରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅଲିମ୍ପିଆନ କାଟୁଲୁ ରବି କୁମାର ଖେଳାଳିଙ୍କ ଜୀବନରେ ସାମ୍ବାଦିକଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରକାଶ କରିଥିଲେ। ବିଶେଷ କରି ଖେଳରେ ଭାଗନେଲେ ଜଣେ ପିଲାର ଜୀବନ ନଷ୍ଟ ହୋଇଯାଏ ବୋଲି ତା'ଙ୍କ ମା'ଙ୍କର ବିଶ୍ୱାସ ରହିଥିଲା। ଏହି ସମୟରେ ସେ ଜିତିଥିବା ଜାତୀୟସ୍ତରର ପଦକ ଖବର ଓ ଫଟୋ ମୋ ଜୀବନ ବଦଳିଯାଇଥିଲା ଏବଂ ଆଜି ମୁଁ ଯେଉଁସ୍ଥାନରେ ପହଞ୍ଚିଛି ତାହା କେବଳ ଏହି ଖବର ପ୍ରକାଶନ ଯୋଗୁ ସମ୍ଭବ ହୋଇଛି ବୋଲି ରବିକୁମାର କହିଥିଲେ। ଏହି ଅବସରରେ ଓସ୍‌ଜାର ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ପକ୍ଷରୁ ଓସ୍‌ଜାକୁ ପ୍ରଦାନ କରାଯାଇଥିବା ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା।

ଅନ୍ୟତମ ଅତିଥିଭାବେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର ଭିନୀଲ କ୍ରିଷ୍ଣା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଓଡ଼ିଶା କିପରି ଦେଶରେ ଏକ କ୍ରୀଡ଼ା ହବ୍‌ରେ ପରିଣତ ହୋଇଛି ତାହା ସୂଚନା ଦେଇଥିଲେ। ଓଡ଼ିଶାରେ ଏପରି କିଛି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି, ତାହା ଭାରତ ବର୍ଷରେ ଆଉ କେଉଁଠି ନାହିଁ ବୋଲି ସୂଚନା ଦେଇଥିଲେ। ଏବେ ଉପକନିଷ୍ଠ ଓ କନିଷ୍ଠ ଖେଳାଳିଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ଓ ଏହା ଫଳରେ ଆମକୁ ଏବେ ସଫଳତା ମିଳିବା ଆରମ୍ଭ କରିଛି ବୋଲି ସେ କହିଥିଲେ। କେବଳ ଭୁବନେଶ୍ୱରରେ ନୁହେଁ, ବରଂ ସମଗ୍ର ରାଜ୍ୟରେ ଏବେ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରାଯାଇ ବୈଜ୍ଞାନିକ ପଦ୍ଧତିରେ ପ୍ରଶିକ୍ଷଣ ଦିଆଯାଉଛି ଓ ଏହାର ଫଳ ଖୁବ୍ ଶୀଘ୍ର ମିଳିବ ବୋଲି ସେ କହିଛନ୍ତି। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଇଛି ଓ ଏହି କାର୍ଯ୍ୟ ଜାରି ରହିବ ବୋଲି ସେ କହିଛନ୍ତି। ସେହିପରି ଅଲିମ୍ପିଆନ ଶ୍ରାବଣୀ ନନ୍ଦ ମିଡିଆକୁ ଭୂୟସୀ ପ୍ରଶଂସା କରିଥିଲେ। ବିଶେଷ କରି ରେସ୍ ଜିତିବା ପରେ କୋଚ୍ କିମ୍ବା ନିଜ ଲୋକଙ୍କୁ ଭେଟିବା ପୂର୍ବରୁ ଆମକୁ କ୍ରୀଡ଼ା ସାମ୍ବାଦିକଙ୍କ ସହ ମତ ବିନିମୟ କରିବାକୁ ପଡ଼ିଥାଏ। ଏହା ଆମକୁ ପ୍ରେରଣା ଯୋଗାଇଥାଏ ଓ ମନରେ ଅଧିକ ସଫଳତା ପାଇବାର ଆଶା ଭରିଦେଇଥାଏ ବୋଲି ଶ୍ରାବଣୀ କହିଥିଲେ।

ଏହି ଅବସରରେ ଦେଶର ଦୁଇଜଣ ଖ୍ୟାତନାମା କ୍ରୀଡ଼ା ସାମ୍ବାଦିକ, ଲେଖକ ଓ ସ୍ତମ୍ଭକାର ଯଥା ସନ୍ଦୀପ ମିଶ୍ର (ସିନିୟର) ଓ ଏନ୍ ଜଗନ୍ନାଥ ଦାସ ଏହି ଉତ୍ସବରେ ଅତିଥିଭାବେ ଯୋଗଦେଇଥିଲେ। ଦେଶରେ କ୍ରୀଡ଼ାବିତ ଓ କ୍ରୀଡ଼ା ସାମ୍ବାଦିକ ମାନେ ଯେଭଳି ସ୍ଥିତିରେ କାମ କରୁଥିଲେ ସେ ସମ୍ପର୍କରେ ଉଭୟ ସୂଚନା ଦେଇଥିଲେ। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲାବେଳେ ସମ୍ପାଦକ ସୁରେଶ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଓସ୍‌ଜାର କାର୍ଯ୍ୟକାରୀ ସଭାପତି ସମ୍ବିତ ମହାପାତ୍ର ସଭା ପରିଚାଳନ କରିଥିଲାବେଳେ କୋଷାଧ୍ୟକ୍ଷ ଦେବାଶିଷ ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବରିଷ୍ଠ ସାମ୍ବାଦିକ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁଶଲ୍ୟ, ସୁଜିତ ଦାସ, ସଞ୍ଜିବ ବିଶ୍ୱାଳ, ବିଜୟ ରଣା, ପୂର୍ବତନ ସମ୍ପାଦକ ଦେବୀପ୍ରସନ୍ନ ମହାନ୍ତିଙ୍କ ସମେତ ସଂଘର ସମସ୍ତ ସଦସ୍ୟ, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, କ୍ରୀଡ଼ା ଓ ଯୁବ ସେବା ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ମାଷ୍ଟର୍ସକପ୍ ଆୟୋଜନ କରିବ ହକି ଇଣ୍ଡିଆ

**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ପ୍ରଥମଥର ପାଇଁ ହକି ଇଣ୍ଡିଆ ମାଷ୍ଟର୍ସକପ୍ ଆୟୋଜନ କରିବାକୁ ଯାଉଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ ବୋଲି ମଙ୍ଗଳବାର ହକି ଇଣ୍ଡିଆ ତରଫରୁ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞ ତଥା ଭେଟେରାନ ଖେଳାଳିମାନେ ଅଂଶଗ୍ରହଣ କରିବେ। ହକି ପ୍ରତି ଅଭିଜ୍ଞ ଖେଳାଳିଙ୍କ ଭଲପାଇବା ଓ ଅଙ୍ଗୀକାରବଦ୍ଧତାକୁ ଦୃଷ୍ଟିରେ ରଖି ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ପୂର୍ବତନ ଖେଳାଳିମାନଙ୍କୁ ଏକାଠି କରିବା ସହ ଗୋଟିଏ ମଞ୍ଚରେ ଠିଆ କରିବା ହେଉଛି ଏହି ଟୁର୍ଣ୍ଣାମେଣ୍ଟର ମୂଳ ଲକ୍ଷ୍ୟ। ଖୁବ୍‌ଶୀଘ୍ର ଟୁର୍ଣ୍ଣାମେଣ୍ଟ ତାରିଖ ଓ ଭେନ୍ୟୁ ଘୋଷଣା କରାଯିବ। ହକି ଇଣ୍ଡିଆ ସଭାପତି ଦୀଲିପ ତିର୍କି ମାର୍ଷ୍ଟସକପ୍ ଆୟୋଜନ ନେଇ ନିଜର ଅଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ପୂର୍ବତନ ଖେଳାଳିମାନଙ୍କୁ ପୁଣି ଥରେ ପଡିଆକୁ ଆଣି ହକି ଖେଳାଇବାକୁ ଆମର ଏହା ଏକ ପ୍ରୟାସ ବୋଲି ସେ କହିଛନ୍ତି। ଏହାଦ୍ୱାରା ଦେଶର ଯୁବ ପ୍ରତିଭାସମ୍ପର୍ଣ୍ଣ ଖେଳାଳିମାନଙ୍କ ମଧ୍ୟରେ ହକିକୁ ନେଇ ଉତ୍ସାହ ବୃଦ୍ଧିପାଇବ ବୋଲି ଦିଲୀପ କହିଛନ୍ତି।



# କ୍ରୀଡ଼ା




ସକାଳ THE SAKALA

www.sakalaepaper.com


### ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ୬ରୁ

# ଆମେରିକାରୁ ସିଧା ଜିମ୍ବାୱେ ଯିବେ ଗିଲ୍









**ନୂଆଦିଲ୍ଲୀ,୨।୭(ଏଜେନ୍ସି):** ଶୁବମାନ ଗିଲ୍‌ଙ୍କ ନେତୃତ୍ୱରେ ଯୁବ କ୍ରିକେଟରଙ୍କୁ ନେଇ ଗଠିତ ଭାରତୀୟ କ୍ରିକେଟ ଦଳ ହରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଘରୋଇ ଜିମ୍ବାୱେ ବିପକ୍ଷରେ ଏକ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଆସନ୍ତା ୬ ତାରିଖରୁ ଏହି ସିରିଜ ଆରମ୍ଭ ହେବ। ତେବେ ଅଧିନାୟକ ଗିଲ୍ ଆମେରିକାରୁ ସିଧା ଜିମ୍ବାୱେ ଯାଇ ସେଠାରେ ଦଳ ସହ ଯୋଗ ଦେବେ। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଗତ ଶନିବାର ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଗିଲ୍ ରିଜର୍ଭ ଓପନର ଭାବେ ଭାରତୀୟ ଦଳରେ ସାମିଲ ରହିଥିଲେ। ସେ କିନ୍ତୁ ୱେଷ୍ଟଇଣ୍ଡିଜ ନ ଯାଇ ଆମେରିକାରେ କିଛି ଦିନ ବିଶ୍ରାମରେ ରହିଥିବା ବେଳେ ଜିମ୍ବାୱେରେ ହିଁ ଦଳରେ ଯୋଗ ଦେବେ ବୋଲି କୁହାଯାଇଛି।

ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କ ତତ୍ତ୍ୱାବଧାନରେ ଭାରତ ଏହି ସିରିଜ ଖେଳିବ। ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ କାର୍ଯ୍ୟକାଳ ଟି-୨୦ ବିଶ୍ୱକପ୍ ପରେ ଶେଷ ହୋଇଥିବାରୁ ଲକ୍ଷ୍ମଣ ଏହି ଦାୟିତ୍ୱରେ ରହିବେ। ଖୁବ୍‌ଶୀଘ୍ର ପୂର୍ବତନ ଓପନର ଗୌତମ ଗମ୍ଭୀର ମୁଖ୍ୟ କୋଚ୍‌ରୂପେ ନିଯୁକ୍ତି ପାଇବେ ବୋଲି ଆଶା କରାଯାଉଛି।

### ଜିମ୍ବାୱେ ଗସ୍ତରେ ଭାରତୀୟ କ୍ରିକେଟ ଦଳ

ଲକ୍ଷ୍ମଣଙ୍କ ସହିତ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ମଙ୍ଗଳବାର ସକାଳେ ଜିମ୍ବାୱେର ରାଜଧାନୀ ହରାରେ ଅଭିମୁଖେ ଯାତ୍ରା କରିଛି। ବିମାନରେ ବସିଥିବା କ୍ରିକେଟରମାନଙ୍କ ଫଟୋ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ସାମାଜିକ ଗଣମାଧ୍ୟମ ଏକାଉଣ୍ଟ ଏକ୍ସ'ରେ ସେୟାର କରିଛି। ବିସିସିଆଇର ଏହି ପୋଷ୍ଟରେ ଅଭିଷେକ ଶର୍ମା, ରିୟାନ ପରାଗ, ଋତୁରାଜ ଗାଏକ୍‌ୱାଡ, ଆଭେଷ ଖାନ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ତୁଷାର ଦେଶପାଣ୍ଡେଙ୍କ ଭଳି ଯୁବ କ୍ରିକେଟର ରହିଛନ୍ତି।

### ବାର୍ବାଡୋସ୍‌ରେ ଫସି ରହିଛନ୍ତି ଖେଳାଳି

ଏହି ଯୁବ ଭାରତୀୟ ଦଳରେ ସ୍ଥାନ ପାଇଥିବା ୩ଜଣ ଖେଳାଳି ବାର୍ବାଡୋସ୍‌ରେ ଘୂର୍ଣ୍ଣିବାତ୍ୟା 'ବେରିଲ' କାରଣରୁ ଫସି ରହିଛନ୍ତି। ଏହି ୩ କ୍ରିକେଟରମାନେ ହେଲେ ଅଲରାଉଣ୍ଡର ଶିବମ ଦୁବେ, ସଞ୍ଜୁ ସାମସନ, ଯଶସ୍ୱୀ ଜୟସ୍ୱାଲ। ଏମାନଙ୍କ ମଧ୍ୟରୁ ଦୁବେ, ସାମସନ ଓ ଜୟସ୍ୱାଲ ଟି-୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ। ଉଲ୍ଲେଖଥାଉ କି, ଟି-୨୦ ବିଶ୍ୱକପ୍ ବିଜୟ ପରେ ରୋହିତ ଶର୍ମା, ବିରାଟ କୋହଲି ଓ ରବିନ୍ଦ୍ର ଜାଡେଜାଙ୍କ ଭଳି ଅଭିଜ୍ଞ ଖେଳାଳି କ୍ରିକେଟର ଏହି ଛୋଟ ଫର୍ମାଟରୁ ଅବସର ନେଇ ସାରିଛନ୍ତି। ତେଣୁ ଜିମ୍ବାୱେ ଗସ୍ତରେ ଯୁବ ଖେଳାଳିମାନେ ଦମଦାର ପ୍ରଦର୍ଶନ କରି ଦଳରେ ସ୍ଥାନ ପକ୍କା କରିବାକୁ ସୁଯୋଗ ପାଇବେ ଓ ଏଥିପାଇଁ ପ୍ରୟାସ କରିବେ।

### ସୁଦର୍ଶନ, ଜିତେଶ, ରାଣା ପ୍ରଥମ ଦୁଇଟି ଟି-୨୦ ଖେଳିବେ

ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ ପାଇଁ ଦଳରେ ୩ଟି ପରିବର୍ତ୍ତନ କରିବାକୁ ବିସିସିଆଇ ବାଧ୍ୟ ହୋଇଛି। ସାମସନ, ଦୁବେ ଓ ଜୟସ୍ୱାଲ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ ଖେଳିବାକୁ ଜିମ୍ବାୱେ ଗସ୍ତରେ ସାମିଲ ହୋଇଛନ୍ତି। ତେବେ ଏହି ୩ ଖେଳାଳି ଟି-୨୦ ବିଶ୍ୱକପ୍ ଖେଳିବା ପରେ ବାର୍ବାଡୋସରେ ଫସି ରହିଛନ୍ତି। ଏମାନେ ପ୍ରଥମେ କ୍ୟାରିବିୟାନରୁ ଭାରତ ଆସିବେ ଓ ତା'ପରେ ଜିମ୍ବାୱେ ଗସ୍ତରେ ଯିବେ। କିନ୍ତୁ ଏଥିରେ ବିଳମ୍ବ ହେବାର ଆଶଙ୍କା ରହିଥିବାରୁ ଏହି ୩ ଜଣ ଖେଳାଳିଙ୍କ ସ୍ଥାନରେ ସାଇ ସୁଦର୍ଶନ, ଜିତେଶ ଶର୍ମା ଓ ହର୍ଷିତ ରାଣା ପ୍ରଥମ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବେ ବୋଲି କୁହାଯାଇଛି। ଭାରତୀୟ ଚୟନ କମିଟି ଦୁବେ, ସାମସନ ଜୟସ୍ୱାଲଙ୍କ ବଦଳ ଖେଳାଳି ଭାବେ ଏହି ୩ ଖେଳାଳିଙ୍କ ନାମ ଘୋଷଣା କରିଛି।

### ଅଲିମ୍ପିକ୍ସରେ ଓଡ଼ିଆ ପ୍ରତିଯୋଗୀ

# ପଦକ ଜିତିଛନ୍ତି ବୀରେନ୍ଦ୍ର, ଅମିତ, ପ୍ରମୋଦ

**ଭୁବନେଶ୍ୱର, ୨।୭ (ସମିସ):** ପ୍ୟାରିସ୍‌ରେ ଚଳିତମାସ ୨୬ରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା। ଏହି ପ୍ରତିଯୋଗିତାରେ ପଦକ ଜିତିବା ଅପେକ୍ଷା ଅଂଶଗ୍ରହଣ କରିବାକୁ ଗୁରୁତ୍ୱ ଦିଆଯାଇଥାଏ। ବିଶ୍ୱର ଏହି ଶ୍ରେଷ୍ଠ ପ୍ରତିଯୋଗିତାରେ ଭାରତର ପ୍ରଦର୍ଶନ ଯେପରି ନୈରାଶ୍ୟଜନକ, ଠିକ୍ ସେହିପରି ଓଡ଼ିଆ ପ୍ରତିଯୋଗୀଙ୍କ ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଛି। ୧୯୯୬ ଲସଏଞ୍ଜେଲସ ଅଲିମ୍ପିକ୍ସରେ ହକି କିମ୍ବଦନ୍ତୀ ଦିଲ୍ଲୀପ ତିର୍କୀଙ୍କ ଅଂଶଗ୍ରହଣ ପରେ ଓଡ଼ିଶା ଏହି କ୍ରୀଡ଼ା ସହ ଯୋଡି ହୋଇଯାଇଥିଲା। ଏହା ପରଠାରୁ ଭାରତୀୟ ହକି ଦଳରେ ଏକାଧିକ ଓଡ଼ିଆ ଖେଳାଳି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ତାଙ୍କ ପରେ ୨୦୦୦ରେ ଦିଲ୍‌ପ ଓ ଲାଜରୁସ୍ ବାର୍ଲା, ୨୦୦୪ରେ ଦୀଲୀପ, ଇଗ୍ନେସ ତିର୍କୀ ଓ ୱିଲିୟମ୍ ଖାଲକୋ, ୨୦୧୨ରେ ଇଗ୍ନେସ ଓ ବୀରେନ୍ଦ୍ର ଲାକ୍ରା, ୨୦୧୬ରେ ପୁରୁଷ ହକି ଦଳରେ କେହି ଓଡ଼ିଆ ସ୍ଥାନ ପାଇ ନ ଥିଲାବେଳେ ମହିଳା ହକିରେ ଦୀପଗ୍ରେସ୍ ଏକ୍କା, ସୁନୀତା ଲାକ୍ରା, ନମିତା ଟପ୍ପୋ ଓ ଲିଲିମା ମିଞ୍ଜ୍, ୨୦୨୦ରେ ବୀରେନ୍ଦ୍ର ଓ ଅମିତ ରୋହିଦାସ, ମହିଳା ବିଭାଗରେ ଦୀପଗ୍ରେସ୍ ଏକ୍କା ଭାଗ ନେଇଥିଲେ। ହକି ଖେଳାଳିଙ୍କ ପରେ ଦୌଡ଼କୁଦରୁ ସର୍ବାଧିକ ଓଡ଼ିଆ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଲେ ୨୦୦୦ ସିଡନୀ ଅଲିମ୍ପିକ୍ସରେ ରଚିତା ପଣ୍ଡା ଓ ଅନୁରାଧା ବିଶ୍ୱାଳ, ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କେ. ରବିକୁମାର, ୨୦୧୬ ରିଓ ଅଲିମ୍ପିକ୍ସରେ ଦୂତୀ ଚାନ୍ଦ ଓ ଶ୍ରାବଣୀ ନନ୍ଦ, ୨୦୨୦ ଟୋକିଓରେ ଦୂତୀ ଦ୍ୱିତୀୟଥର ଭାଗ ନେଇଥିଲେ।

### ୨୦୨୦ ଟୋକିଓରେ ପ୍ରଥମ ପଦକ



ଏହା ମଧ୍ୟରେ କେହି ପଦକ ଜିତିବାର ନିକଟତର ହୋଇ ନ ଥିଲାବେଳେ ୨୦୨୦ ଭାରତୀୟ ହକି ଓ ଓଡ଼ିଶା ଲାଗି ଗୌରବ ଆଣିଦେଇଥିଲେ ହକି ଖେଳାଳି। ଟୋକିଓରେ ଭାରତୀୟ ପୁରୁଷ ହକି ଦଳ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲା। ଏହା ଫଳରେ ଦୀର୍ଘ ୪୧ ବର୍ଷ ପରେ ଭାରତ ହକିରେ ପଦକ ଜିତିଥିଲା। ଏହି ଭାରତୀୟ ଦଳରେ ଦୁଇଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସ ସ୍ଥାନ ପାଇ ଓଡ଼ିଶାର ପଦକ ଖାତା ଖୋଲିଥିଲେ।

### ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣିମ ସଫଳତା



ଏହି ବର୍ଷ ପାରା ଅଲିମ୍ପିକ୍ସରେ ଓଡ଼ିଶା ସମସ୍ତ ରେକର୍ଡ ଭାଙ୍ଗିଦେଇଥିଲା। ରାଜ୍ୟର ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଏକକ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର କ୍ରୀଡ଼ା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲେ। ଏହା ଫଳରେ ଭାରତର ଅଲିମ୍ପିକ ଆନ୍ଦୋଳନରେ ଓଡ଼ିଶାର ଯୋଗଦାନ ଯୋଡି ହୋଇଯାଇଥିଲା।

### ପ୍ୟାରିସ୍‌ରେ ଭାଗନେବେ ୩



କିଶୋର ଜେନା



ଶ୍ରୀୟଙ୍କା ଷଡଙ୍ଗୀ

ଜୁଲାଇ ୨୬ରୁ ଅଗଷ୍ଟ ୧୧ ଯାଏ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସ କ୍ରୀଡ଼ା ଲାଗି ଭାରତୀୟ ଦଳ ଚୂଡ଼ାନ୍ତ ହୋଇନାହିଁ। ଏବେ ସୁଦ୍ଧା ୩ଜଣ ଓଡ଼ିଆ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ମହିଳା ବନ୍ଧୁକ ଚାଳିକା ଶ୍ରୀୟଙ୍କା ଷଡଙ୍ଗୀ, ପୁରୁଷ ହକି ପଦକ ବିଜେତା ଅମିତ ରୋହିଦାସ ଓ ଜାଭେଲିନ୍ ଫିଙ୍ଗାଳି କିଶୋର ଜେନା। କିଶୋର ନୂଆ ତାରକା ଭାବେ ଉଭା ହୋଇଥିଲାବେଳେ ପଦକ ଜିତିବାକୁ ଏମାନଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିବ।

# ଦୁଇଟି ଇଭେଣ୍ଟରେ ଭାଗନେବେ ପାରୁଲ

**ନୂଆଦିଲ୍ଲୀ, ୨।୭ (ଏଜେନ୍ସି):** କ୍ରୀଡ଼ାର ମହାକୁମ୍ଭ ପ୍ୟାରିସ ଅଲିମ୍ପିକ୍ସ ଆଉ ୨୨ ଦିନ ପରେ ଆରମ୍ଭ ହେବ। ଏଥିଲାଗି ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ମଙ୍ଗଳବାର ସ୍ୱୟଂକ୍ରିୟ ଓ ମାନ୍ୟତା ଆଧାରରେ ଯୋଗ୍ୟତା ଅର୍ଜନ କରିଥିବା ଆଥ୍‌ଲେଟ୍‌ଙ୍କ ତାଲିକା ପ୍ରକାଶ ପାଇଛି। ଏଥିରେ ଏକମାତ୍ର ଭାରତୀୟ ଭାବେ ପାରୁଲ ଚୌଧୁରୀ ଟ୍ରାକ୍ ଆଣ୍ଡ ଫିଲ୍ଡର ଦୁଇଟି ଇଭେଣ୍ଟରେ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଗେମ୍ସରେ ଦ୍ୱୈତ ପଦକ ବିଜୟୀ ହୋଇଥିବା ପାରୁଲ ମହିଳା ୫୦୦୦ ମିଟର ଓ ୩୦୦୦ ମିଟର ଷ୍ଟିଜଲେଚେଜ୍‌ରେ ଅଲିମ୍ପିକ୍ସରେ ଭାଗନେବେ। ପାରୁଲ ୨୦୨୩ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୩ ହଜାର ମିଟର ମହିଳା ଷ୍ଟିପଲେଚେଜ୍‌ରେ ନୂଆ ଜାତୀୟ ରେକର୍ଡ ସହ ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିଭଳି ବିଶ୍ୱ ମାନ୍ୟତା ଆଧାରରେ ସେ ମହିଳା ୫ ହଜାର ମିଟର ଇଭେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ଟ୍ରାକ୍ ଆଣ୍ଡ ଫିଲ୍ଡରେ ଓଡ଼ିଶାରୁ କିଶୋର ଜେନା ଜାଭେଲିନ୍ ଥ୍ରୋ'ରେ ଭାଗନେବେ।

**ପ୍ୟାରିସ ଅଲିମ୍ପିକ୍ସ ଆଉ ୨୨ ଦିନ**

**ଟ୍ରାକ୍ ଆଣ୍ଡ ଫିଲ୍ଡରେ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ:** କିନରଣ ପହଲ (ମହିଳା ୪୦୦ମି.), ପାରୁଲ ଚୌଧୁରୀ (୫୦୦୦ମି. ଓ ୩୦୦୦ ମି. ଷ୍ଟିପଲେଚେଜ୍), ଜ୍ୟୋତି ୟାରାଜୀ (୧୦୦ମି. ହର୍ଡଲ୍ସ), ଅନୁ ରାଣୀ (ଜାଭେଲିନ୍ ଥ୍ରୋ), ଆଭା ଖଟୁଆ (ସଟ୍ ପୁଟ୍), ପ୍ରିୟଙ୍କା ଗୋସ୍ୱାମୀ (୨୦କିମି ଚାଲି), ଅବିନାଶ ସାବଲେ (୩୦୦୦ମି. ଷ୍ଟିପଲେଚେଜ୍), ସର୍ବେଶ କୁଶାରେ (ହାଇଜମ୍ପ), ମୂରଲୀ ଶ୍ରୀଶଙ୍କର (ଲଙ୍ଗ୍ ଜମ୍ପ), ପ୍ରବୀଣ ଚିତ୍ରାଭେଲ ଓ ଅବଦୁଲ ଅବୁବକର (ପୁରୁଷ ଟ୍ରିପଲଜମ୍ପ), ତାଜିନ୍ଦରପାଲ୍ ସିଂହ ତୁର୍ (ସଟ୍ ପୁଟ୍), ନୀରଜ ଚୋପ୍ରା, କିଶୋର ଜେନା ଓ ଡିପି ମନୁ (ଜାଭେଲିନ୍ ଥ୍ରୋ), ଆକାଶଦୀପ୍, ରାମ ବାବୁ, ବିକାଶ ସିଂ (୨୦କିମି ଚାଲି), ମହିଳା ୪ଗୁଣା ୪୦୦ମି. ରିଲେ ଟିମ୍, ପୁରୁଷ ୪ଗୁଣା ୪୦୦ମି. ରିଲେ ଟିମ୍ ଓ ମାରାଥନ ରେସ୍ ମିକ୍ସଡ ରିଲେ।

# କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡସ

**ୟୁରୋକପ୍ ଫୁଟ୍‌ବଲ**



**ମ୍ୟୁନିକ, ୨।୭ (ଏଜେନ୍ସି):** ଚଳିତ ୟୁରୋକପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏକ ରାଉଣ୍ଡ-୧୬ ମ୍ୟାଚରେ ନେଦରଲାଣ୍ଡସ ୩-୦ ଗୋଲରେ ରୋମାନିଆକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ଆଲିୟାଞ୍ଜ ଏରେନାରେ ଅନୁଷ୍ଠିତ ଏହି ମ୍ୟାଚର ୨୦ତମ ମିନିଟ୍‌ରେ କୋଡେ ଗାକପୋଙ୍କ ଗୋଲ୍ ବଳରେ ନେଦରଲାଣ୍ଡସ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାପରେ ବଦଳ ଖେଳାଳି ଭାବେ ଆସିଥିବା ଡୋନିଲ ମାଲେନ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ୍ ଦେଇ ନେଦରଲାଣ୍ଡସକୁ ୩-୦ରେ ଜିତାଇଥିଲେ। ମାଲେନ ୮୩ତମ ମିନିଟ୍ ଓ ଇଞ୍ଜୁରୀ ଟାଇମ୍ (୯୦+୩ତମ)ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ବଦଳ ଖେଳାଳି ଭାବେ ଆସି ଗୋଟିଏ ମ୍ୟାଚରେ ଏକାଧିକ ଗୋଲ୍ ଦେବାରେ ସେ ୟୁରୋ କପ୍ ଇତିହାସରେ ୪ର୍ଥ ଖେଳାଳି ହୋଇଛନ୍ତି।

ପୂର୍ବରୁ ଅନୁଷ୍ଠିତ ଅନ୍ୟ ଏକ କଡ଼ା ସଂଘର୍ଷପୂର୍ଣ୍ଣ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଶକ୍ତିଶାଳୀ ପର୍ତ୍ତୁଗାଲ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୩-୦ ଗୋଲରେ ସ୍ଲୋଭେନିଆକୁ ପରାସ୍ତ କରିଛି। ପର୍ତ୍ତୁଗାଲର ମହାନ ଖେଳାଳି ତଥା ଅଧିନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ପେନାଲ୍ଟି ସୁଟ୍ ଆଉଟ୍‌ରେ ଗୋଲ୍ ମିସ୍ କରିଥିଲେ ମଧ୍ୟ ତାଙ୍କ ଦଳ ସହଜରେ ବିଜୟୀ ହୋଇଥିଲା। ଜୁଲାଇ ୫ରେ ସ୍ପେନ-ଜର୍ମାନୀ ଓ ପର୍ତ୍ତୁଗାଲ-ଫ୍ରାନ୍ସ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ସେହିଭଳି ୬ରେ ଇଂଲଣ୍ଡ-ସୁଇଜରଲାଣ୍ଡ ଏବଂ ନେଦରଲାଣ୍ଡସ ଓ ଶେଷ ରାଉଣ୍ଡ-୧୬ (ଅଷ୍ଟ୍ରିଆ-ତୁର୍କି)ର ବିଜେତା ମଧ୍ୟରେ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ୨୭ରୁ ଡୁରାଣ୍ଡ କପ୍

**କୋଲକାତା, ୨।୭ (ଏଜେନ୍ସି):** ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୩ତମ ସଂସ୍କରଣ ଚଳିତ ମାସ ୨୭ରୁ କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଆରମ୍ଭ ହେବ। ଏଥର ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍), ଆଇ-ଲିଗ୍, ସର୍ଭିସେସ୍ ଓ ଅନ୍ୟାନ୍ୟ ଆମନ୍ତ୍ରଣୀୟ ମୋଟ୍ ୨୪ ଦଳ ମଧ୍ୟରେ ଟାଇଟଲ୍ ପାଇଁ ୪୩ ମ୍ୟାଚ୍ ଖେଳାଯିବ। ଗତଥର ଭଳି ଏଥର ମଧ୍ୟ ଆମନ୍ତ୍ରଣୀୟ ଦଳ ମଧ୍ୟରେ କିଛି ବିଦେଶୀ ଦଳ ଭାଗନେବେ ବୋଲି ଜଣାପଡ଼ିଛି। ୨୪ଟି ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରଥମେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହାପରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଏବଂ ଗ୍ରୁପ୍ ପର୍ଯ୍ୟାୟର ଦୁଇଟି ଶ୍ରେଷ୍ଠ ୨ୟ ସ୍ଥାନିତ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। କୋଲକାତାରେ ୩ଟି ଗ୍ରୁପ୍‌ର ମ୍ୟାଚ୍ ଖେଳାଯିବ। ସେହିଭଳି ଜାମସେଦପୁର, ସିଲଂ ଓ କୋକ୍ରାଝରରେ ଗୋଟିଏ ଲେଖାଏ ଗ୍ରୁପ୍‌ର ମ୍ୟାଚ୍ ଆୟୋଜିତ ହେବ। ଗତ ସଂସ୍କରଣ ଫାଇନାଲରେ ଚିରପ୍ରତିଦ୍ୱନ୍ଦ୍ୱୀ ଇଷ୍ଟବେଙ୍ଗଲକୁ ପରାସ୍ତ କରି ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ରେକର୍ଡ ୧୭ଥର ଲାଗି ଚାମ୍ପିଅନ ହୋଇଥିଲା।

# ଚାମ୍ପିଅନଙ୍କୁ ହରାଇଲେ ଜେସିକା

**ୱିମ୍ବଲଡନ ଟେନିସ୍**



ଜେସିକା ବୋଉଜାସ୍ ମାନେରିଓ

**ଲଣ୍ଡନ,୨।୭(ଏଜେନ୍ସି):** ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୨ୟ ଦିବସରେ ମଙ୍ଗଳବାର ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ଏକକର ପ୍ରଥମ ରାଉଣ୍ଡର ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଚେକ୍ ଗଣରାଜ୍ୟର ମାର୍କେଟା ଭୋନ୍ଦ୍ରୋଉଶୋଭା ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ସ୍ପେନର ୨୧ ବର୍ଷୀୟା ଖେଳାଳି ବୌଜାସ ମାନେଇରୋ ୬-୪, ୬-୨ ସିଧାସଳଖ ସେଟ୍‌ରେ ୬ଷ୍ଠ ସିଡ୍ ଭୋନ୍ଦ୍ରୋଉଶୋଭାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ପ୍ରଥମ ଅନସିଡ୍ ଖେଳାଳି ଭାବେ ଭୋନ୍ଦ୍ରୋଉଶୋଭା ଗତବର୍ଷ ଫାଇନାଲରେ ଓନସ୍ ଜାବେଉର୍‌ଙ୍କୁ ପରାସ୍ତ କରି ଏଠାରେ ଚାମ୍ପିଅନ ହୋଇଥିଲେ। ଭୋନ୍ଦ୍ରୋଉଶୋଭା ପରାଜୟ ସହ ଦୀର୍ଘ ୩୦ ବର୍ଷ ପରେ ୱିମ୍ବଲଡନ ମହିଳା ଏକକରେ ଜଣେ ଡିଫେଣ୍ଡିଂ ଚାମ୍ପିଅନ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୧୯୯୪ରେ ଡିଫେଣ୍ଡିଂ ଚାମ୍ପିଅନ ଷ୍ଟେଫି ଗ୍ରାଫ୍ ପ୍ରଥମ ରାଉଣ୍ଡରେ ହାରିଥିଲେ। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଅନ୍ୟ ମହିଳା ଏକକ ମ୍ୟାଚରେ କାଜାଖସ୍ତାନର ଏଲିନା ରିବାକିନା, ଆମେରିକାର ଜେସିକା ପେଗୁଲା, ଜର୍ମାନୀ ଲୌରା ସେଗ୍‌ମଣ୍ଡ, ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି କୋକୋ ଗଫ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି।

### ଦ୍ୱିତୀୟ ରାଉଣ୍ଡରେ ଜୋକୋଭିଚ,ଜ୍ୱେରେଭ

ୱିମ୍ବଲଡନ ପୁରୁଷ ଏକକ ପ୍ରତିଯୋଗିତାରେ ସର୍ବିଆ ସୁପରଷ୍ଟାର ନୋଭାକ ଜୋଭୋଭିଚ୍, ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ, ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ପୋଲାଣ୍ଡର ହୁବର୍ଟ ହୁରକାଜ ଓ ଅନ୍ୟ ସିଡେଡ ଖେଳାଳିମାନେ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ଦ୍ୱିତୀୟ ସିଡ୍ ଜୋକୋଭିଚ୍ ୬-୧, ୬-୨, ୬-୨ ସେଟ୍‌ରେ ଚେକ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କୁ, ଚତୁର୍ଥ ସିଡ୍ ଜ୍ୱେରେଭ ୬-୨, ୬-୪, ୬-୨ ସେଟ୍‌ରେ ସ୍ପେନ୍‌ର ରୋବେର୍ଟ କର୍ବାଲେସ୍ ବାଏନାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ପୁରୁଷ ଏକକ ପ୍ରତିଯୋଗିତାରୁ ବ୍ରିଟେନର ଆଣ୍ଡି ମୁରେ ଇଞ୍ଜୁରି କାରଣରୁ ଓହରିଯାଇଛନ୍ତି। କିନ୍ତୁ ସେ ଯୁଗଳ ପ୍ରତିଯୋଗିତାରେ ନିଜ ଭାଇ ଜେମି ମୁରେଙ୍କ ସହ ସାଥି ହୋଇ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାଗ ନେବେ।

### ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

# ସ୍ୱସ୍ତିକଙ୍କ ମ୍ୟାଚ୍ ବିଜୟୀ ଶତକ







**କଟକ,୨।୭(ସମିସ):** ଓଡ଼ିଶା କ୍ରିକେଟ୍ ଲିଗ୍(ଓସିଏଲ୍) ଚଳିତ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଖେଳାଯାଉଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଓଡ଼ିଶା ପୁମାସ୍ ୬ ୱିକେଟରେ ଓଡ଼ିଶା ଲାୟନ୍ସକୁ ପରାସ୍ତ କରିଛି। ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ସ୍ୱସ୍ତିକ ସାମଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚନା କରାଯାଇଥିଲା। ସେହିପରି ବର୍ଷା ଯୋଗୁଁ ବାତିଲ ହୋଇଥିବା ଓଡ଼ିଶା ଚିତାସ୍ ଏବଂ ଓଡ଼ିଶା ଜାଗୁଆର୍ସ ବିପକ୍ଷ ମ୍ୟାଚ୍ ଆଜି ଖେଳାଯାଇଥିଲା। ଏଥିରେ ଚିତାସ୍ ୧୦ ରନ୍‌ରେ ବିଜୟ ଲାଭ କରିଛି।

ଲଗାତର ଦୁଇଟି ମ୍ୟାଚ୍‌ରେ ପରାଜୟବରଣ କରିଥିବା ଓଡ଼ିଶା ପୁମାସ୍ ପ୍ରଥମ ବିଜୟ ଲକ୍ଷ୍ୟ ନେଇ ମଙ୍ଗଳବାର ପଡ଼ିଆକୁ ଓହ୍ଲାଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧୀନ ଲାୟନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ପ୍ରାରମ୍ଭିକ ସ୍ଥିତି ସୁଦୃଢ଼ ଥିବା ସତ୍ତ୍ୱେମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା ଯୋଗୁଁ ଦଳ ଆଶାତୀତ ରନ୍ ସଂଗ୍ରହ କରି ପାରିନଥିଲା। ସମସ୍ତ ୱିକେଟ ହରାଇ ଲାୟନ୍ସ ୧୬୯ ରନ କରିଥିଲା। ଓପନର ଅନୁରାଗ ଷଡ଼ଙ୍ଗୀ ୫୮ ଏବଂ ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୨୦ ରନ କରିଥିବାବେଳେ ପ୍ରବୀଣ ଲୁହା ୨୫ ରନର ଦ୍ରୁତ ଇନିଂସ ଖେଳିଥିଲେ। ଅନ୍ୟ ଖେଳାଳିମାନେ ଫେଲ୍ ମାରିଥିଲେ। ପୁମାସ୍ ପକ୍ଷରୁ ସୌଭାଗ୍ୟ ରାଉତ, ଈଶକାନ୍ତ ସାହୁ, କାର୍ତ୍ତିକ ବିଶ୍ୱାଳ ଏବଂ ସେଖ ଆଝାରୁଦ୍ଦିନ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପୁମାସ୍ ଓପନର ସ୍ୱସ୍ତିକ ସାମଲ ୫୮ ବଲରୁ ୧୦୦ ରନ୍ ସଂଗ୍ରହ କରି ଦଳକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଥିଲେ। ୪ ୱିକେଟ ହରାଇ ୧୯.୧ ଓଭରରେ ପୁମାସ୍ ବିଜୟୀ ହୋଇଥିଲା। ସ୍ୱସ୍ତିକଙ୍କ ଶତକୀୟ ପାଳିରେ ୬ଟି ଚୌକା ଏବଂ ୭ଟି ଛକା ରହିଥିଲା। ବିଜୟୀ ଦଳ ତରଫରୁ ମରୋଜୁ ପ୍ରଶାନ୍ତ ୨୨, ଅଧିନାୟକ କାର୍ତ୍ତିକ ବିଶ୍ୱାଳ ୧୬ ରନ କରିଥିଲେ। ଲାୟନ୍ସ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ୨ଟି ୱିକେଟ ମିଳିଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଓସିଏ ସଦସ୍ୟ ନୃସିଂହ ଚରଣ ଚୌଧୁରୀ ଅତିଥି ଭାବେ ଯୋଗ ଦେଇଥିଲେ।

ବର୍ଷା ଯୋଗୁଁ ବାତିଲ ହୋଇଥିବା ଓଡ଼ିଶା ଚିତାସ୍ ଏବଂ ଓଡ଼ିଶା ଜାଗୁଆର୍ସ ବିପକ୍ଷ ମ୍ୟାଚ୍ ଆଜି ଖେଳାଯାଇଥିଲା। ଚିତାସ୍ ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶ୍ରେୟାଂଶ ଭରଦ୍ୱାଜଙ୍କ ୪୪, ଆଶୀର୍ବାଦ ସ୍ୱାଇଁଙ୍କ ୩୨ ଏବଂ ଶାଶ୍ୱତ ମହାନ୍ତିଙ୍କ ୨୦ ରନ ବଳରେ ଦଳ ୫ ୱିକେଟ ବିନିମୟରେ ୧୪୦ ରନ କରିଥିଲା। ଜାଗୁଆର୍ସ ପକ୍ଷରୁ ସ୍ପିନର ଶୁଭମ ନାୟକ ୨ଟି ଏବଂ ସମ୍ବିତ ବରାଳ ଗୋଟିଏ ୱିକେଟ ହାସଲ କରିଥିଲେ। ୧୪୧ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଜାଗୁଆର୍ସ ୮ ୱିକେଟ ବିନିମୟରେ ୧୩୦ ରନ କରିବାକୁ ସକ୍ଷମ ହୋଇଥିଲା। ଧୀମା ଗତିରେ ରନ୍ ସଂଗ୍ରହ କରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଜାଗୁଆର୍ସ ଅଧିନାୟକ ଶାନ୍ତନୁ ମିଶ୍ର ସର୍ବାଧିକ ୪୬ ରନ କରିଥିଲେ। ଚିତାସ୍ ପକ୍ଷରୁ ସର୍ବେଶ୍ୱର ମହାନ୍ତି ୨ଟି, ମିଳନ ସାମଲ, ବିପ୍ଳବ ସାମନ୍ତରାୟ ଏବଂ ସୁଶୀଲ ବାରିକ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶ୍ରେୟାଂଶଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ଓସିଏ ସଦସ୍ୟ ବୀରେନ୍ଦ୍ର କୁମାର ବେହେରା ଏବଂ ସୁଧାଂଶୁ ଭୂଷଣ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର

EDITOR: UMAKANT MISHRA